RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

# ନିତିଦିନ
NITIDIN

www.nitidin.com
twitter.com/nitidintoday
facebook.com/nitidintoday

THURSDAY
19 JUNE 2025
ଗୁରୁବାର
୧୯ ଜୁନ୍ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 35 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୫ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

DADLS-33
OIPR-1500/13/0712/2526
ବର୍ଷ ଏକ ଉପଲବ୍ଧି ଅନେକ
ବିକଶିତ ଓଡ଼ିଶା ପାଇଁ ସମୁନ୍ନତ ଶିକ୍ଷା ବ୍ୟବସ୍ଥା
• ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଶୁଭାରମ୍ଭ
• ୪୫୦୦୦ରୁ ଅଧିକ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଶିଶୁ ବାଟିକା କାର୍ଯ୍ୟକ୍ଷମ
• ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାକୁ ଗୁରୁତ୍ୱ


ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶ

# ଡବଲ୍ ଇଞ୍ଜିନ୍ ସରକାର ଜନଜାତି କଲ୍ୟାଣ ପାଇଁ ପ୍ରତିବଦ୍ଧ

ଭୁବନେଶ୍ୱର,ବାରିପଦା, ୧୮।୬/ଏନ୍ଏନ୍ଏସ୍:



କେନ୍ଦ୍ର ସରକାରଙ୍କ ସହିତ ଓଡ଼ିଶା ରାଜ୍ୟ ସରକାର ଜନଜାତି କଲ୍ୟାଣ ପାଇଁ ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧିନରେ ରାଜ୍ୟର ଜନଜାତି ସମୁଦାୟର ଜୀବିକା ବିକାଶକୁ ପ୍ରୋତ୍ସାହନ କରାଯାଉଛି। କୃଷି, ଜଳସେଚନ ଓ

## ଭାରତୀୟ ସଂସ୍କୃତି ଓ ପରମ୍ପରା ଜନଜାତିଙ୍କ ବିନା କଳ୍ପନା କରିବା ଅସମ୍ଭବ : ମୁଖ୍ୟମନ୍ତ୍ରୀ

ପଶୁପାଳନ ମାଧ୍ୟମରେ ୧.୪୫ ଲକ୍ଷ ଜନଜାତି ପରିବାରର ଜୀବିକା ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆସିଛି। ୫ ହଜାର ଆଦିବାସୀ ଯୁବକ ଓ ଯୁବତୀମାନେ ପ୍ରତ୍ୟେକେ ୧ ଲକ୍ଷ ଟଙ୍କା ସହଯୋଗ ରାଶି ପାଇ ଲଘୁ ଉଦ୍ୟୋଗ ଆରମ୍ଭ କରି ଉପକୃତ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଆବାସିକ ଶିକ୍ଷାକୁ ସହଜ କରିବା ପାଇଁ ୨୦୨୪ ଆର୍ଥିକ ବର୍ଷରେ ୮୩ ନୂତନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରାବାସ, ୨୩ ଅନ୍ୟାନ୍ୟ ପଛୁଆବର୍ଗ ଛାତ୍ରାବାସ ଏବଂ ୨୨୯ ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ପାଇଁ ମୋଟ ୭୩୨.୪୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବାରିପଦାର ଛଉ ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶକୁ ଉଦ୍‌ଘାଟନ କରି ଏହି ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ ଓଡ଼ିଶା ସାଂସ୍କୃତିକ ବୈଭବ ଚିତ୍ରପଟରେ ଜନଜାତି ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି। ତେଣୁ ଏହି ସଂସ୍କୃତିର ବିକାଶ ପାଇଁ ଆଗାମୀ ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ଓଡ଼ିଶାରେ ପରିଣତ କରିବାକୁ ହେବ। ଆଗାମୀ ୧୧ବର୍ଷ ଭିତରେ ଏହି ଲକ୍ଷ୍ୟକୁ ସାକାର କରିବାକୁ ହେଲେ ରାଜ୍ୟର ୪୦ ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ବିକାଶ କରିବାକୁ ହେବ। ଏହି 'ଆଦିବାସୀ ଶକ୍ତି ସମାବେଶ'ରେ ସଂସ୍କୃତି ଓ ପରମ୍ପରାର ଏକ ଅପୂର୍ବ ମିଳନ ହେଉଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ମେଳା ରାଜ୍ୟର ସମସ୍ତ ଆଦିବାସୀ ସମ୍ପ୍ରଦାୟଙ୍କୁ ଏକାଠି କରିବାର ଓ ସେମାନଙ୍କୁ ପରସ୍ପରର ସଂସ୍କୃତି ସହ ପରିଚିତ କରାଇବାର ଏକ ସୁଯୋଗ ସୃଷ୍ଟି କରି ଆସୁଛି । ଏହି ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଦିବାସୀ ସମ୍ପ୍ରଦାୟର ସମସ୍ତ ସମସ୍ୟା ଓ ଆବଶ୍ୟକତାକୁ ସୁନିଶ୍ଚିତ କରିବା। ଆମେ ତାଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଓ ସାମାଜିକ ସୁରକ୍ଷାରେ ଉନ୍ନତି କରିବା ପାଇଁ ପ୍ରତିବଦ୍ଧ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ପ୍ରାଣ ହେଉଛନ୍ତି ଏହାର ଜନଜାତି। ରାଜ୍ୟର ପ୍ରାୟ ଏକ ଚତୁର୍ଥାଂଶ ହେଉଛନ୍ତି ଆଦିବାସୀ ସଂପ୍ରଦାୟ। ଆଦିବାସୀ ଜନଜାତି ଆଜି ଭାରତର ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଛନ୍ତି ଏବଂ ମୟୂରଭଞ୍ଜରୁ ୭ ଜଣ ଆଦିବାସୀ ସମ୍ପ୍ରଦାୟର ବିଧାୟକମାନେ ଆଜି ଏହି ଜିଲ୍ଲାର ପ୍ରତିନିଧିତ୍ୱ କରୁଛନ୍ତି, ଏହା ଆମ ପାଇଁ ଗୌରବର ବିଷୟ। ଯେତେବେଳେ ▶▶ ୫

ବଢୁଛି ଇରାନ୍ ଉପରେ ଆମେରିକାର ଆକ୍ରମଣ ଆଶଙ୍କା

# ଦ୍ୱନ୍ଦ୍ୱରେ ଡୋନାଲ୍ଡ ଟ୍ରମ୍ପ୍

ୱାଶିଂଟନ୍, ତେହରାନ୍, ୧୮।୬/ଏଜେନ୍ସି:



ଅସ୍ତବ୍ୟସ୍ତ କରୁଛି 'ମଧ୍ୟସ୍ଥି ଓ ଶାନ୍ତି ଦୂତ' ଛବି ଖରାପ ହେବା ଡର

ଇସ୍ରାଏଲ୍ ଏବଂ ଇରାନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଘନଘଟା ମଧ୍ୟରେ ଆମେରିକା ଯେକୌଣସି ମୁହୂର୍ତ୍ତରେ ପ୍ରବେଶ କରିପାରେ। ସମଗ୍ର ବିଶ୍ୱରେ ଏପ୍ରକାର ଆଶଙ୍କା କରାଯାଉଛି। ବର୍ତ୍ତମାନ ସୁଦ୍ଧା ଇରାନ୍ ବିପକ୍ଷରେ ଆମେରିକା ସିଧାସଳଖ ପ୍ରବେଶ କରିନଥିଲେ ମଧ୍ୟ ଇସ୍ରାଏଲ୍ ପ୍ରତି ପୂର୍ଣ୍ଣ ସମର୍ଥନ ବ୍ୟକ୍ତ କରିଆସୁଛି ଯାହାକି ଇରାନ୍‌କୁ ଅଧିକ କ୍ରୋଧିତ କରିଛି। ଏସବୁ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ସେନାକୁ ମଧ୍ୟ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି। ଆମେରିକୀୟ ସେନା ମଧ୍ୟ ଏବେ ସୀମାବର୍ତ୍ତୀ ଅଞ୍ଚଳରେ ଜୋରଦାର୍ ଅଭ୍ୟାସ ଆରମ୍ଭ କରିଛନ୍ତି। ତେବେ ଏସବୁ ମଧ୍ୟରେ ଟ୍ରମ୍ପ୍‌ଙ୍କ ମାନସିକତା ଉପରେ ସମସ୍ତଙ୍କ ନଜର ରହିଛି।

ଆମେରିକା ସେନା ଇରାନ୍ ସହ ସିଧାସଳଖ ଯୁଦ୍ଧ ଲଢ଼ିବାକୁ ନେଇ ଟ୍ରମ୍ପ୍ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ଗୋଟିଏ ପଟେ ବିଶ୍ୱସ୍ତରରେ ସେ ନିଜକୁ ଜଣେ ଶାନ୍ତି ଦୂତ ତଥା ମଧ୍ୟସ୍ଥି ବୋଲି ଦର୍ଶାଇବାକୁ ଚେଷ୍ଟା କରୁଥିବା ବେଳେ ଏବେ ଯଦି ଇରାନ୍ ବିପକ୍ଷରେ ନିଜ ସେନାକୁ ସେ ଆକ୍ରମଣ ନିର୍ଦ୍ଦେଶ ଦିଅନ୍ତି ତେବେ ତାଙ୍କର ଏହି ଛବି ଖରାପ ହୋଇଯିବାର ଭୟ ତାଙ୍କୁ ଭୟଭୀତ କରିପକାଇଛି। ଟ୍ରମ୍ପ୍ ବର୍ତ୍ତମାନ ସୁଦ୍ଧା ଯଦିଓ ଇରାନ୍ ଉପରେ ଆକ୍ରମଣ କରିବା ନେଇ ସିଧାସଳଖ କୌଣସି ବିବୃତ୍ତି ଦେଇନାହାନ୍ତି କିନ୍ତୁ ସେ ଆଲୋଚନା ପାଇଁ ଇରାନ୍‌ର ସମୟ ଶେଷ ହୋଇସାରିଥିବା କହିଛନ୍ତି ଯାହାକି ଇରାନ୍ ପାଇଁ ସିଧାସଳଖ ଆକ୍ରମଣ ଧମକ ବୋଲି ବିବେଚନା କରାଯାଉଛି। ଟ୍ରମ୍ପ୍ ନିୟମିତ ଭାବେ ଇରାନ୍‌କୁ ସିଧାସଳଖ ଆଣବିକ ଚୁକ୍ତି ସ୍ୱାକ୍ଷର କର ନଚେତ୍ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଆସୁଛନ୍ତି। ଏପରିକି ସେ ଇରାନ୍‌ର ସର୍ବୋଚ୍ଚ ନେତା ଅୟାତୋଲ୍ଲା ଖାମେନେଇଙ୍କୁ ମଧ୍ୟ ପ୍ରତ୍ୟକ୍ଷ ଧମକ ଦେଇଛନ୍ତି। ଏସବୁ ବ୍ୟତୀତ ଟ୍ରମ୍ପ୍ ଏକଥା ମଧ୍ୟ କହିଛନ୍ତି ଯେ, ଇରାନ୍ କୁଆଡ଼େ ଏବେ ଆଲୋଚନା ପାଇଁ ରାଜି ହୋଇଛି। କିନ୍ତୁ ଇରାନ୍‌ର ବିବୃତ୍ତିରୁ ସେପରି କିଛି ଆଭାସ ମିଳୁନାହିଁ।

ଉଭୟ ଆମେରିକା ଏବଂ ଇସ୍ରାଏଲ୍ ଚାହୁଁଛନ୍ତି ଇରାନ୍ ଆଣବିକ ଚୁକ୍ତି ସ୍ୱାକ୍ଷର କରୁ ଏବଂ ଜାରି ରଖିଥିବା ଆଣବିକ କାର୍ଯ୍ୟକ୍ରମକୁ ବନ୍ଦ କରୁ। କିନ୍ତୁ ଇରାନ୍ ଏପ୍ରକାର ପ୍ରସ୍ତାବରେ ରାଜି ନୁହେଁ। ଏହାକୁ ନେଇ ଇସ୍ରାଏଲ୍ ନିଜ ପ୍ରତି ବିପଦ ଆଶଙ୍କା କରୁଛି। ସୁତରାଂ ଇସ୍ରାଏଲ୍ ଏବେ ଇରାନ୍ ଉପରେ ଆକ୍ରମଣ କରିବା ଆରମ୍ଭ କରିଦେଇଛି। ଅନ୍ୟପକ୍ଷେ ଆମେରିକା ମଧ୍ୟ ଇରାନ୍ ଯେପରି ଆଣବିକ ଶକ୍ତି ହାସଲ ନକରୁ ସେନେଇ ▶▶ ୫

# ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ୨୨ରେ ମୁମ୍ବାଇ ଯିବେ ନବୀନ



ଭୁବନେଶ୍ୱର, ୧୮।୬/ଏନ୍ଏନ୍ଏସ୍:

ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସନ୍ତା ୨୨ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁମ୍ବାଇ ଯିବେ। ସେ ନିଜେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ


## ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେ କହିଛନ୍ତି ଯେ ନବୀନ ବାବୁଙ୍କ ଅସୁସ୍ଥତା ବିଷୟରେ ଜାଣି ଚିନ୍ତିତ। ତାଙ୍କର ଚିକିତ୍ସା ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ ହେଉ। ଆଶୁ ଆରୋଗ୍ୟ ଲାଭକରି ଉତ୍ତମ ସ୍ୱାସ୍ଥ୍ୟ ଲାଭ କରନ୍ତୁ ବୋଲି ମହାପ୍ରଭୁ ▶▶ ୫

ନନ୍ଦନକାନନ ସରୀସୃପ ଉଦ୍ୟାନରେ ପ୍ରଥମ

# ଜନ୍ମନେଲେ ୫ ନୀଳ ଇଗୁଆନା

ବାରଙ୍ଗ,୧୮।୬/ଏନ୍ଏନ୍ଏସ୍:


୩୩ବର୍ଷ ପରେ ପ୍ରଜନନ ସଫଳ

ନନ୍ଦନକାନନର ସରୀସୃପ ଉଦ୍ୟାନରେ ପ୍ରଥମକରି ପାଞ୍ଚଟିନୀଳ ଇଗୁଆନା ଜନ୍ମ ନେଇଛନ୍ତି। ୩୩ ବର୍ଷର ବ୍ୟବଧାନ ପରେ ପ୍ରଥମ କରି ପ୍ରଜନନ ସଫଳ ହୋଇଛି। ନନ୍ଦନକାନନରେ ଦୁଇଟି ବୟସ୍କ ଅଣ୍ଡିରା ଇଗୁଆନା ରହିଥିଲେ। ସମବଂଶ ଜନିତ ବା ରକ୍ତଜ ମିଳନରୁ ପ୍ରଜନନ ସଫଳ ହେଉନଥିଲା। ସମବଂଶୀ ମିଳନ ପ୍ରଥା ଉଚ୍ଛେଦ କରି ବଂଶ ବୃଦ୍ଧି କରିବା ଲାଗି ଗତବର୍ଷ ଅଗଷ୍ଟ ମାସ ୨୬ ତାରିଖରେ କଲିକତାର ଆଲିପୁରସ୍ଥ ଚିଡ଼ିଆଖାନାରୁ ୪ଟି ଅଣ୍ଡିରା ଓ ୪ ମାଈଙ୍କୁ ମିଶାଇ ମୋଟ ୮ଇଗୁଆନାଙ୍କୁ ଅଣାଯାଇଥିଲା। ସେହିଭଳି ଗତବର୍ଷ ନଭେମ୍ବର ୨୫ ତାରିଖରେ ହାଇଦ୍ରାବାଦସ୍ଥିତ ନେହରୁ ଜୁଲୋଜିକାଲ୍ ପାର୍କରୁ ଦୁଇଟି ମାଈ ଇଗୁଆନା ଆସିଥିଲେ। କିଛିଦିନ ତଳେ ସରୀସୃପ ଉଦ୍ୟାନରେ ନୀଳ ଇଗୁଆନା କିଛି ଅଣ୍ଡା ଦେଇଥିଲେ। ସେ ଅଣ୍ଡା ମଧ୍ୟରୁ ଆଜି ୫ଟି ଶାବକ ବାହାରିଛନ୍ତି। ଶାବକଙ୍କ ମଧ୍ୟରୁ ଗୋଟିଏ ରୁଗ୍ଣ ଓ ଅନ୍ୟ ଦୁଇଟିଙ୍କ ଅବସ୍ଥା ଦୁର୍ବଳ ରହିଛି। ନନ୍ଦନକାନନର ମୋଟ ଇଗୁଆନା ସଂଖ୍ୟା ୧୭କୁ ବୃଦ୍ଧି ହୋଇଛି। ଏମାନଙ୍କ ମଧ୍ୟରେ ୬ଟି ଅଣ୍ଡିରା ଓ ୬ଟି ମାଈ ଥିବା ବେଳେ ଲିଙ୍ଗ ଚିହ୍ନଟ ହେଇନଥିବା ନବଜାତ ଶାବକ ୫ଟି ଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।




# ଶାଶୂ-ବୋହୂ ମୃତ, ପୁଅ ଗୁରୁତର

କଟକ,୧୮।୬/ଏନ୍ଏନ୍ଏସ୍:

କଥାରେ ଅଛି ଘର କରିଥିଲେ ପଥର ପଡ଼ିଲେ ସହି ଅର୍ଥାତ୍ ଧୈର୍ଯ୍ୟ ହିଁ ସବୁ ସମସ୍ୟା ସମାଧାନର ଚାବିକାଠି। ପାରିବାରିକ କଳହରେ ଧୈର୍ଯ୍ୟହରା ହୋଇ ଗୋଟିଏ ପରିବାର ୩ ଜଣ ବିଷ ପିଇଥିଲା ବେଳେ ଶାଶୂ ଓ ବୋହୂଙ୍କର ମୃତ୍ୟୁ ଘଟିଛି, ପୁଅ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ବଡ଼ମ୍ବା ବଡ଼ବାରସିଂ ଗାଁରେ ଘଟିଛି ଏହି ଦୁଃଖଦ ଘଟଣା। ମୃତକମାନେ ହେଲେ ଶାଶୂ ନିବାସୀ ସେନାପତି (୫୫) ଏବଂ ବୋହୂ ସଙ୍ଗୀତା ସେନାପତି (୨୯)। ବିଷ ପିଇବା ସମ୍ପର୍କରେ ଜଣାପଡ଼ିବା ପରେ ପଡ଼ିଶା ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶାଶୂ ଓ ବୋହୂଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୁଅ ଭାଗିରଥିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଠଗଡ଼ ମେଡିକାଲ୍ ପରେ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ବଡ଼ମ୍ବା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ବଡ଼ମ୍ବା ଥାନାରେ ଦୁଇଟି ପୃଥକ୍ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ କହିଛନ୍ତି।

## ପାରିବାରିକ କଳହରୁ ବିଷ ପିଇଲେ

# ୨୦ରେ ଟ୍ୱିନ୍ ସିଟିରେ ବନ୍ଦରହିବ ସବୁ ସ୍କୁଲ୍

ଭୁବନେଶ୍ୱର,୧୮।୬/ଏନ୍ଏନ୍ଏସ୍:



ଆସନ୍ତା ୨୦ ତାରିଖରେ ଭୁବନେଶ୍ୱର, କଟକ ମହାନଗରରେ ବନ୍ଦ ରହିବ ସମସ୍ତ ସ୍କୁଲ୍ । ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଖୋର୍ଦ୍ଧା ଓ କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଦୃଷ୍ଟିରୁ ସ୍କୁଲ୍ ଛୁଟି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ପାଇଁ ବିପୁଳ ଜନ ସମାଗମ ହେବ। ଟ୍ରାଫିକ୍ ସମସ୍ୟା ଆଶଙ୍କା କରି ସ୍କୁଲ୍ ଛୁଟି ପାଇଁ ନିଷ୍ପତ୍ତି ନେଇଛି ବିଭାଗ। ଏହି ନିଷ୍ପତ୍ତି ସହରରେ ଯାତାୟାତ ବ୍ୟବସ୍ଥାକୁ ସୁଗମ ରଖିବା ଏବଂ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ନିଆଯାଇଛି। ସମାବେଶ ସମ୍ପର୍କରେ ଅଧିକ ତଥ୍ୟ ସାମ୍ନାକୁ ଆସିନଥିବା ବେଳେ ଏହାକୁ ରାଜ୍ୟ ସରକାରଙ୍କ ଏକ ବର୍ଷର କାର୍ଯ୍ୟକାଳର ସଫଳତା ପ୍ରଦର୍ଶନ ଏବଂ ଆଗାମୀ ଯୋଜନାର ରୂପରେଖ ଉପସ୍ଥାପନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ବୋଲି ବିବେଚନା କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ସହରରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି।

# ୭ ଦିନ ଯାଏ ମଧ୍ୟମରୁ ପ୍ରବଳ ବର୍ଷା

ଭୁବନେଶ୍ୱର,୧୮।୬/ଏନ୍ଏନ୍ଏସ୍:


୨୪ଘଣ୍ଟା ପାଇଁ ବଜ୍ରପାତଜନିତ ଆଲର୍ଟ

ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ତୀବ୍ର ରୂପନେବା ପରେ ଏହାର ପ୍ରଭାବରେ ବିଶେଷ କରି ଉତ୍ତର ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷାହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଆସନ୍ତା ସାତ ଦିନ ଯାଏ ଦକ୍ଷିଣ ଓଡ଼ିଶାରେ ମଧ୍ୟ ମଧ୍ୟମରୁ ପ୍ରବଳ ବର୍ଷା ବୋଲି ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ତେବେ ଆସନ୍ତା ୨୪ଘଣ୍ଟା ପାଇଁ ସାରା ରାଜ୍ୟକୁ ବଜ୍ରପାତଜନିତ ଚେତାବନୀ ଦେଇଛି ବିଭାଗ। ଏହି ସମୟ ମଧ୍ୟରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ମଧ୍ୟ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବର୍ଷା, ଘଡ଼ଘଡ଼ି ସହ ପବନ ମଧ୍ୟ ୩୦ରୁ ୪୦କିମି ବେଗରେ ଘଣ୍ଟାପ୍ରତି ବହିବ। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ବାଲେଶ୍ୱରରେ ମଧ୍ୟ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ। କିଛି ସ୍ଥାନରେ ବଜ୍ରପାତର ଆଲର୍ଟ ସହ ପବନ ଘଣ୍ଟା ପ୍ରତି ୩୦ରୁ ୪୦କିମି ବେଗରେ ବହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଆସନ୍ତାକାଲି ପାଇଁ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେଉଁଝର ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ସହ ସତର୍କ ରହିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ। ▶▶ ୫

## ଜି-୭ ଶିଖର ସମ୍ମିଳନୀ: ଆତଙ୍କବାଦ ପ୍ରସଙ୍ଗ ଉଠାଇଲେ ମୋଦୀ

# 'ସମଗ୍ର ମାନବଜାତି ଉପରେ ଥିଲା ପହଲଗାମ୍ ଆକ୍ରମଣ'



**ଓଟାୱା, ୧୮।୬/ଏଜେନ୍ସି:** କାନାଡାରେ ଅନୁଷ୍ଠିତ ୫୧ତମ ଜି-୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ଅଭିଭାଷଣ ରଖିଛନ୍ତି। ନିଜ ଭାଷଣରେ ମୋଦୀ ସମଗ୍ର ବିଶ୍ୱ ପାଇଁ ବଡ଼ ସୁରକ୍ଷା ଚ୍ୟାଲେଞ୍ଜ ସୃଷ୍ଟି କରୁଥିବା ଆତଙ୍କବାଦ ପ୍ରସଙ୍ଗରେ ମୋଦୀ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଆତଙ୍କବାଦ ବିରୁଦ୍ଧରେ ବିଶ୍ୱ ଲଢେଇକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହାସହିତ ଆତଙ୍କବାଦଙ୍କ ବିରୋଧରେ ଲଢେଇରେ ଭାରତକୁ ଦିଆଯାଇଥିବା ଦୃଢ ସମର୍ଥନ ପାଇଁ ବିଶ୍ୱ ସମ୍ପ୍ରଦାୟକୁ ଧନ୍ୟବାଦ ଜଣାଇଛନ୍ତି। ମୋଦୀ କହିଛନ୍ତି ଯେ 'ପହଲଗାମ ଆତଙ୍କବାଦୀ ଆକ୍ରମଣ କେବଳ ଭାରତ ଉପରେ ନୁହେଁ, ବରଂ ସମଗ୍ର ମାନବତା ଉପରେ ଆକ୍ରମଣ ଥିଲା। ମୋଦୀ ଏହି ଅବସରରେ କୌଣସି ଦେଶର ନାମ ନ ଧରି ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶ (ପାକିସ୍ତାନ)କୁ ବିଶ୍ୱର ଅନ୍ୟତମ ବଡ଼ ଦେଶ (ଚୀନ୍) କରିଥିବା ସହାୟତା ପ୍ରସଙ୍ଗରେ ମଧ କହିଥିଲେ। ସେହିପରି ତୁର୍କୀକୁ ମଧ ମୋଦୀ ପରୋକ୍ଷରେ ତୀବ୍ର ସମାଲୋଚନା କରିଥିଲେ। ମୋଦୀ କହିଥିଲେ ଯେ, ବିଶ୍ୱରେ ଶାନ୍ତି ଏବଂ ସମୃଦ୍ଧି ପାଇଁ ଆମର ଚିନ୍ତାଧାରା ଏବଂ ନୀତି ସ୍ପଷ୍ଟ ହେବା ଉଚିତ। ଭାରତର ପଡୋଶୀ ଦେଶରେ ଆତଙ୍କବାଦ ପାଇଁ ପ୍ରୋତ୍ସାହନ ଦିଆଯାଉଛି। ତେବେ ସମସ୍ତେ କେବଳ ଗୋଟିଏ କଥା ମନେ ରଖିବା ଉଚିତ୍ ଯେ, ଯଦି କୌଣସି ଦେଶ ଆତଙ୍କବାଦକୁ ସମର୍ଥନ କରେ ତେବେ ତାକୁ ଏହାର ମୂଲ୍ୟ ଦେବାକୁ ପଡିବ। ସମ୍ମିଳନୀରୁ ସମୟ ବାହାର କରି ପ୍ରଧାନମନ୍ତ୍ରୀ ମୋଦୀ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ ପାର୍ଡୋ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍ ଏବଂ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମାଫୋସାଙ୍କୁ ମଧ ଭେଟିଛନ୍ତି। ଏସମସ୍ତ ନେତା ଗ୍ଲୋବାଲ ସାଉଥ୍ (ଦକ୍ଷିଣ ଦେଶ)ର ପ୍ରାଥମିକତା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ଏବଂ ଆଞ୍ଚଳିକ ପ୍ରସଙ୍ଗ ଉପରେ ନିଜ ନିଜ ମତ ବ୍ୟକ୍ତ କରିଥିଲେ।

### ● ୩୫ ମିନିଟ୍ ଧରି ଫୋନ୍‌ରେ କଥା ହେଲେ ମୋଦୀ ଓ ଟ୍ରମ୍ପ୍ 'ମଧ୍ୟସ୍ଥତା' ଭାରତର ନୀତି ନୁହେଁ, କେବେ ବି ଗ୍ରହଣ କରିନୁ'

କାନାଡାରେ ଆୟୋଜିତ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଟେଲିଫୋନ୍‌ରେ କଥାବାର୍ତ୍ତା ହୋଇଛନ୍ତି। ଏହି ସମୟରେ ଉଭୟ ନେତାଙ୍କ ମଧ୍ୟରେ ପାକିସ୍ତାନ-ଭାରତ ତିକ୍ତତା ସମୟରେ ଆମେରିକାର ମଧ୍ୟସ୍ଥତା ଦାବି ଠାରୁ ଆରମ୍ଭ କରି ଆତଙ୍କବାଦ ପର୍ଯ୍ୟନ୍ତ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ରିପୋର୍ଟ ଅନୁସାରେ ମୋଦୀ, ଟ୍ରମ୍ପ୍‌ଙ୍କ ସହ ସାକ୍ଷାତକାର ସମୟରେ ମୁଖ୍ୟତଃ ୫ଟି କଥା ସ୍ପଷ୍ଟ କରିଛନ୍ତି।

ପ୍ରଥମତଃ ଭାରତ-ପାକିସ୍ତାନ ତିକ୍ତତା ପ୍ରସଙ୍ଗରେ ଆମେରିକା କରୁଥିବା ମଧ୍ୟସ୍ଥତା ଦାବିକୁ ମୋଦୀ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି। ମୋଦୀ କହିଛନ୍ତି ଯେ ଦ୍ୱିପାକ୍ଷିକ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ପାଇଁ ଆଲୋଚନା ସିଧାସଳଖ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିଲା। ପାକିସ୍ତାନର ଅନୁରୋଧ କ୍ରମେ ଦୁଇ ସେନାର ବିଦ୍ୟମାନ ଚ୍ୟାନେଲ ମାଧ୍ୟମରେ ଯୁଦ୍ଧବିରତି ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଦ୍ୱିତୀୟରେ ମୋଦୀ କାଶ୍ମୀର ପ୍ରସଙ୍ଗରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ତୃତୀୟ ପକ୍ଷର ଆବଶ୍ୟକତା ନଥିବା କହିଛନ୍ତି। କାଶ୍ମୀର ପ୍ରସଙ୍ଗରେ ଭାରତର ପକ୍ଷ ସବୁବେଳେ ସ୍ପଷ୍ଟ ରହିଆସିଛି। ଭାରତ କେବେ ମଧ୍ୟସ୍ଥତା ଗ୍ରହଣ କରିନାହିଁ କିମ୍ବା ଏହା ଭାରତର ନୀତି ମଧ ନୁହେଁ ବୋଲି ମୋଦୀ କହିଛନ୍ତି। ତୃତୀୟରେ ମୋଦୀ କହିଛନ୍ତି, ଭାରତ ଏବଂ ଆମେରିକା ପ୍ରତିନିଧିସ୍ତରୀୟ ଆଲୋଚନାରେ କେବଳ ପାକିସ୍ତାନ ସହ ଉତ୍ତେଜନା ପ୍ରସଙ୍ଗ ଏବଂ ଦ୍ୱିପାକ୍ଷିକ ଡିଜିଏମ୍‌ଓ ସ୍ତରୀୟ ହୋଇଥିବା ବୈଠକ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସମୟରେ ଆମେରିକାର ନୂଆ ଟାରିଫ୍ ନୀତି ସମ୍ପର୍କରେ ଭାରତ-ଆମେରିକୀୟ ପ୍ରତିନିଧିମାନେ କୌଣସି ଆଲୋଚନା କରିନାହାନ୍ତି। ଚତୁର୍ଥରେ ମୋଦୀ, ଟ୍ରମ୍ପ୍‌ଙ୍କୁ ସିଧାସଳଖ କହିଛନ୍ତି ଯେ, ଭାରତ ପାକିସ୍ତାନର ଗୁଳିର ଜବାବ ଗୁଳିରେ ଦେବ। ଭାରତର ନୂଆ ନୀତି ଅନୁସାରେ ଆତଙ୍କବାଦକୁ ଏବେ ଯୁଦ୍ଧ ରୂପରେ ଦେଖାଯାଉଛି। ସେହିପରି ଅପରେସନ୍ ସିନ୍ଦୂର ଏବେ ସମାପ୍ତ ହୋଇନାହିଁ। ଅନ୍ତିମ ତଥା ୫ମ ପ୍ରସଙ୍ଗ ଭାବେ ମୋଦୀ, ପହଲଗାମ୍




ଆତଙ୍କବାଦୀ ଆକ୍ରମଣ, ଏହା ପଛରେ ଥିବା ଆତଙ୍କବାଦୀ ସଂଗଠନର ପୃଷ୍ଠଭୂମି ଏବଂ ଭାରତ ପକ୍ଷରୁ ଗ୍ରହଣ କରାଯାଇଥିବା ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ୍ ସିନ୍ଦୂର' ସମ୍ପର୍କରେ ଟ୍ରମ୍ପ୍‌ଙ୍କୁ ବିସ୍ତୃତ ସୂଚନା ଦେଇଥିଲେ। ଭାରତ ଏବଂ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ୍ କରିବା ଉପରେ ଜୋର ଦେଇଥିଲେ। ଟ୍ରମ୍ପ୍ ମଧ ମୋଦୀଙ୍କ ସମସ୍ତ ପ୍ରସଙ୍ଗକୁ ଧ୍ୟାନର ସହ ଶୁଣିଥିଲେ ଏବଂ ଶେଷରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମୟରେ ପଚାରିଥିଲେ, ସେ କାନାଡାରୁ ଫେରିବା ସମୟରେ ଆମେରିକାରେ ରହିପାରିବେ କି ? କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀ ନିଜର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକୁ ଧ୍ୟାନରେ ଏପରି କରିବାରେ ଅସମର୍ଥତା ପ୍ରକାଶ କରିଥିଲେ।

ସରକାରୀ ସୂଚନାନୁସାରେ ଦୁଇ ନେତାଙ୍କ ମଧ୍ୟରେ ପ୍ରାୟ ୩୫ ମିନିଟ୍ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ, କାନାଡାର କାନାନାସକି‌ସରେ ହିଁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭେଟିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଟ୍ରମ୍ପ୍‌ଙ୍କ ଶୀଘ୍ର ଆମେରିକା ଫେରିଯିବା ଯୋଗୁଁ ଉଭୟ ନେତା ପ୍ରତ୍ୟକ୍ଷ ସାକ୍ଷାତକାର କରିପାରିନଥିଲେ। କିନ୍ତୁ ଟ୍ରମ୍ପଙ୍କ ଅନୁରୋଧରେ, ଆଜି ଦୁଇ ନେତାଙ୍କ ମଧ୍ୟରେ ଫୋନ୍ ମାଧ୍ୟମରେ ଆଲୋଚନା ହୋଇଥିଲା।

### ● ମୋଦୀଙ୍କୁ ଭେଟିଲେ ଜର୍ଜିଆ ମେଲୋନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ। ଏହି ଅବସରରେ ମେଲୋନୀ ମୋଦୀଙ୍କ କହିଛନ୍ତି ଯେ, ସେ (ମୋଦୀ) ଅନ୍ୟ ସମସ୍ତ ବିଶ୍ୱସ୍ତରୀୟ ନେତାଙ୍କ ଠାରୁ ସମ୍ପୂର୍ଣ୍ଣ ଅଲଗା। ମୋଦୀଙ୍କୁ ସେ ସର୍ବଶ୍ରେଷ୍ଠ ବୋଲି କହିଛନ୍ତି। ଏପରିକି ସେ (ମେଲୋନୀ ନିଜେ) ତାଙ୍କ (ମୋଦୀ) ଭଳି ହେବାକୁ ଚେଷ୍ଟା କରୁଛନ୍ତି। କାନାଡାର କାନାନାସକି‌ସରେ



ଅନୁଷ୍ଠିତ ୫୧ତମ ଜି୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ସାମିଲ ହୋଇଥିଲେ। ଏହି ଅବସରରେ ଉଭୟ ନେତା ପରସ୍ପରକୁ ଭେଟି କଥାବାର୍ତ୍ତା ହୋଇଛନ୍ତି।

### ● ମୋଦୀ-କାର୍ଣ୍ଣିଙ୍କ ମଧ୍ୟରେ ଡିଲ୍: ଟେନ୍‌ସନ୍‌ରେ ଖଲିସ୍ତାନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କାନାଡାର ନୂଆ ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ମଧ୍ୟରେ ପ୍ରଥମ ଆନୁଷ୍ଠାନିକ ବୈଠକ ହୋଇଯାଇଛି। ଉଭୟ ନେତା କାନାଡାର କାନାନାସକି‌ସରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀରେ ଏକତ୍ର ହୋଇଥିବା ବେଳେ ଏହି ସାକ୍ଷାତକାର ବୈଠକ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି। ତେବେ ଏହି ସମୟରେ ଉଭୟ ନେତା ନିଜ ନିଜ ଦେଶରେ ରାଜଧାନୀରେ ଉଚ୍ଚାୟୁକ୍ତଙ୍କ ପୁନରୁଦ୍ଧାର ଉପରେ ସହମତ ହୋଇଥିଲେ। ସେମାନେ ପାରସ୍ପରିକ ସହଯୋଗକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆଲୋଚନାରେ ଅନ୍ତର୍ଜାତୀୟ ଆତଙ୍କବାଦ ଏବଂ ବିଦେଶୀ ଦମନ ଭଳି ପ୍ରସଙ୍ଗରେ ସହଯୋଗର ପ୍ରତିଶ୍ରୁତି ଦିଆଯାଇଥିଲା। ମୋଦୀ ଏହି ବୈଠକକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଥିଲେ। ଅପରପକ୍ଷରେ କାର୍ଣ୍ଣି ଏହାକୁ ସମ୍ମାନଜନକ ବୋଲି କହିଥିଲେ। ଏହି ବୈଠକ କୂଟନୈତିକ ଅଚଳାବସ୍ଥା ଦୂର କରିବା ଏବଂ ବିଶ୍ୱାସ ପୁନଃସ୍ଥାପନ କରିବା ଦିଗରେ ପ୍ରଥମ ଦୃଢ଼ ପଦକ୍ଷେପ ପ୍ରମାଣିତ ହୋଇଥିବା କାର୍ଣ୍ଣି କହିଛନ୍ତି।

ରିପୋର୍ଟ ଅନୁସାରେ ଭାରତ ଏବଂ କାନାଡାର ପ୍ରଧାନମନ୍ତ୍ରୀଙ୍କ ସହ ବୈଠକ ପାରସ୍ପରିକ ପ୍ରଯୁକ୍ତିବିଦ୍ୟା, ଶିକ୍ଷା, କୃଷି ଏବଂ ଶକ୍ତି ସୁରକ୍ଷା କ୍ଷେତ୍ରରେ ବିପୁଳ ସମ୍ଭାବନା ଉପରେ କାମ କରିବାକୁ ସହମତ ହୋଇଛି। କାର୍ଣ୍ଣି ନିଜେ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ଏବଂ ଶକ୍ତି କ୍ଷେତ୍ରରେ ସହଯୋଗର ସମ୍ଭାବନା ପ୍ରକାଶ କରିଛନ୍ତି। ଏହା ବ୍ୟତୀତ, ଖଲିସ୍ତାନ ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ସ୍ପଷ୍ଟ ଏବଂ ଦୃଢ଼ କୂଟନୈତିକ ବୁଝାମଣା ଏହି ଅଞ୍ଚଳର ସୁରକ୍ଷା ସୁନିଶ୍ଚିତ କରିବାରେ ସହାୟକ ହୋଇପାରିବ ବୋଲି କାର୍ଣ୍ଣି କହିଛନ୍ତି। କାର୍ଣ୍ଣିଙ୍କ କହିବାନୁସାରେ ଶକ୍ତି ସୁରକ୍ଷା, ଶକ୍ତି ପରିବର୍ତ୍ତନ, ଇଓ ଭବିଷ୍ୟତ, ଅନ୍ତର୍ଜାତୀୟ ଦମନ ଏବଂ ଆତଙ୍କବାଦ ବିରୁଦ୍ଧରେ ଲଢ଼େଇ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ସହିତ କାନାଡା ଭାରତ ସହ ଏକାଠି କାର୍ଯ୍ୟ କରିବାକୁ ଚାହୁଁଛି।

ଖଲିସ୍ତାନ ସମର୍ଥକଙ୍କ ସବୁପ୍ରକାର ଚାପ ତଥା ଧମକକୁ ଅଣଦେଖା କରି ଜି-୭ ପାଇଁ ମୋଦୀଙ୍କୁ ମାର୍କ କାର୍ଣ୍ଣିଙ୍କ ନିମନ୍ତ୍ରଣ ସ୍ପଷ୍ଟ କରୁଛି ଯେ, କାନାଡାରେ ନବଗଠିତ ସରକାର ଏବେ ଭାରତକୁ ଏକ ରଣନୈତିକ ସହଯୋଗୀ ଭାବରେ ଦେଖୁଛି। ବିଶ୍ୱସ୍ତରରେ ଭାରତର ବଢୁଥିବା ପ୍ରଭାବକୁ କାନାଡା ଚାହିଁକରି ମଧ ଅଣଦେଖା କରିପାରିନାହିଁ। କାନାଡାର ପୂର୍ବ ସରକାର (ତତ୍କାଳୀନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ନେତୃତ୍ୱାଧୀନ ସରକାର) ଭାରତ ସହ ସମ୍ପର୍କକୁ ତିକ୍ତ କରିଥିଲେ। ବିଶେଷକରି ୧୮ ସେପ୍ଟେମ୍ବର ୨୦୨୩ରେ, ଯେତେବେଳେ କାନାଡାର ଖଲିସ୍ତାନ ସମର୍ଥକ ହରଦୀପ ସିଂହ ନିଜ୍ଜରଙ୍କ ହତ୍ୟାକାଣ୍ଡରେ ଭାରତକୁ ସାମିଲ ବୋଲି ଅଭିଯୋଗ କରିଥିଲେ, ସେତେବେଳେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। ଏହି ବିବାଦ ଯୋଗୁ ଭାରତ ଛଅ ଜଣ କାନାଡା ଅଧିକାରୀଙ୍କୁ ବହିଷ୍କାର କରିଥିଲା। କାନାଡା ଭାରତୀୟ ହାଇକମିଶନରଙ୍କ ସମେତ ଅଧିକାରୀଙ୍କ କୂଟନୈତିକ ପ୍ରତିରକ୍ଷା ମଧ ସମାପ୍ତ କରିଥିଲା। ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ଉଭୟ ଦେଶରେ କୌଣସି ହାଇକମିଶନରଙ୍କୁ ନିଯୁକ୍ତି ଦିଆଯାଇ ନଥିଲା। ଏହି ଘଟଣା ଦଶନ୍ଧି ପୁରୁଣା ସମ୍ପର୍କରେ ଅସ୍ଥିରତା ଏବଂ ଅବିଶ୍ୱାସର ବାତାବରଣ ସୃଷ୍ଟି କରିଥିଲା। କିନ୍ତୁ ଏବେ କାର୍ଣ୍ଣି ସରକାର ଭାରତ ଏବଂ କାନାଡା ମଧ୍ୟରେ ସମ୍ପର୍କକୁ ସ୍ୱାଭାବିକ କରିବାକୁ ଚେଷ୍ଟା ଚଳାଇଛନ୍ତି।



# ଆଇଏନ୍‌ଏସ୍ ଅର୍ଣ୍ଣଲା ନୌସେନାରେ ସାମିଲ




**ବିଶାଖାପଟନମ୍, ୧୮।୬/ଏଜେନ୍ସି:** ଭାରତୀୟ ନୌସେନାକୁ ଅଧିକରୁ ଅଧିକ ସଶକ୍ତ ତଥା ସୁଦୃଢ଼ କରିବା ଦିଗରେ ଭାରତ ସରକାର ନିୟମିତ ଭାବେ କାମ କରୁଛନ୍ତି। ଏହିକ୍ରମେ ବୁଧବାର ନୌସେନାରେ ଆଣ୍ଟି-ସବମେରିନ୍ ୱାରଫେୟାର୍ ଆଇଏନ୍‌ଏସ୍ ଅର୍ଣ୍ଣଲାକୁ ସାମିଲ କରାଯାଇଛି। ବିଶାଖାପଟନମ୍‌ର ନୌସେନା ଡକ୍‌ୟାର୍ଡରେ ଆୟୋଜିତ ଏହି ଉତ୍ସବରେ ଆଇଏନ୍‌ଏସ୍ ଅର୍ଣ୍ଣଲାକୁ କମିଶନିଂ କରାଯାଇଛି। ଭାରତର ପ୍ରତିରକ୍ଷା ମୁଖ୍ୟ ସିଡିଏସ୍ ଜେନେରାଲ ଅନୀଲ ଚୌହାନ ମଧ ଏହି ଅବସରରେ ଉପସ୍ଥିତ ଥିଲେ।

ଆଇଏନଏସ ଅର୍ଣ୍ଣଲାକୁ ଆଣ୍ଟି-ସବମେରିନ୍ ଯୁଦ୍ଧ ଶ୍ୟାଲୋ ୱାଟର କ୍ରାଫ୍ଟ ଅପରେସନ୍ ସିରିଜ୍ ପାଇଁ ଡିଜାଇନ୍ ଏବଂ ନିର୍ମାଣ କରାଯାଇଛି। ଏହି ଯୁଦ୍ଧଜାହାଜ ଗୁଇନ୍ଦା ନିରୀକ୍ଷଣ, ଉପକୂଳ ସୁରକ୍ଷା ପାଇଁ ସକ୍ଷମ। ଏହା ଉପକୂଳ ସୁରକ୍ଷାକୁ ମଜବୁତ କରିବ ଏବଂ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭାରତ ମହାସାଗର କ୍ଷେତ୍ରରେ ଏକ ଆତ୍ମନିର୍ଭରଶୀଳ ସାମୁଦ୍ରିକ ଶକ୍ତି ଭାବରେ ଭାରତର ସ୍ଥିତିକୁ ଆହୁରି ମଜବୁତ କରିବ। ନୌସେନା ନୌବାହିନୀରେ ଆଇଏନଏସ ଅର୍ଣ୍ଣଲା ଜାହାଜକୁ ସାମିଲ କରିବା ଦ୍ୱାରା ଭାରତର ନୌସେନା କ୍ଷମତାରେ ପରିବର୍ତ୍ତନ ଆସିବ। ଆଇଏନ୍‌ଏସ୍ ଅର୍ଣ୍ଣଲାକୁ ଶତ୍ରୁ ଦେଶ ପାଇଁ ସଂକଟ ବୋଲି ବିବେଚନା କରାଯାଉଛି। ଆଇଏନ୍‌ଏସ୍ ଅର୍ଣ୍ଣଲା ଯୁଦ୍ଧଜାହାଜର ନାମକରଣ ମହାରାଷ୍ଟ୍ରର ଭାସାଇରେ ଅବସ୍ଥିତ ଐତିହାସିକ ଅର୍ଣ୍ଣଲା ଦୁର୍ଗ ନାମରେ ରଖାଯାଇଛି, ଯାହା ଭାରତର ସମୃଦ୍ଧ ସାମୁଦ୍ରିକ ଐତିହ୍ୟକୁ ପ୍ରତିଫଳିତ କରେ।

ଆଇଏନ୍‌ଏସ୍ ଅର୍ଣ୍ଣଲା ସମୁଦ୍ରରେ ବିଭିନ୍ନ ବିପଦ ବିରୁଦ୍ଧରେ ଏକ ଦୃଢ଼ ଦୁର୍ଗ ପରି ନିଜର ଉପସ୍ଥିତିକୁ ସୂଚିତ କରିବ। ପ୍ରକାଶ, ଆଇଏନ୍‌ଏସ୍ ଅର୍ଣ୍ଣଲା ୮୦% ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ସହାୟତାରେ ନିର୍ମିତ ହୋଇଛି। ଏହି ଯୁଦ୍ଧଜାହାଜଟି ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍, ଏଲ୍‌ଆଣ୍ଡ୍‌ଟି, ମହିନ୍ଦ୍ରା ଡିଫେନ୍ସ ଏବଂ ମେଘା ଇଞ୍ଜିନିୟରିଂ ଏବଂ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ ସମେତ ପ୍ରମୁଖ ଭାରତୀୟ ପ୍ରତିରକ୍ଷା ଫାର୍ମଗୁଡ଼ିକର ଉନ୍ନତ ସିଷ୍ଟମ ସହିତ ସୁସଜ୍ଜିତ। ଏହି ଯୁଦ୍ଧଜାହାଜଟି ୧୪୯୦ ଟନ୍‌ରୁ ଅଧିକ ଓଜନ ଏବଂ ୭୭.୬ ମିଟର ଲମ୍ବା। ଏହା ଡିଜେଲ ଇଞ୍ଜିନ୍-ୱାଟରଜେଟ୍ ମିଶ୍ରଣ ଦ୍ୱାରା ଚାଳିତ ଭାରତୀୟ ନୌସେନାର ସର୍ବବୃହତ ଯୁଦ୍ଧଜାହାଜ। ଏହାର ନିର୍ମାଣରେ ୫୫ରୁ ଅଧିକ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ସାମିଲ ହୋଇଛନ୍ତି।

## କ୍ରୋଏସିଆରେ ପ୍ରଧାନମନ୍ତ୍ରୀ ମୋଦୀ

# ବହୁପାକ୍ଷିକ ପ୍ରସଙ୍ଗ ଉପରେ ହେବ ଆଲୋଚନା

**ଜାଗ୍ରେବ,୧୮।୬/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଅପରାହ୍ନରେ ଜାଗ୍ରେବରେ ପହଞ୍ଚିଛନ୍ତି। କାନାଡାରେ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବା ପରେ ସେଠାରୁ ସିଧାସଳଖ ମୋଦୀ କ୍ରୋଏସିଆ ଗସ୍ତ କରିଛନ୍ତି। ମୋଦୀଙ୍କ ଏହି କ୍ରୋଏସିଆ ଗସ୍ତ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏକ ପ୍ରଥମ ଐତିହାସିକ ଗସ୍ତ, ଯାହା ଦ୍ୱିପାକ୍ଷିକ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। କ୍ରୋଏସିଆ ପ୍ରଧାନମନ୍ତ୍ରୀ ଆଣ୍ଡ୍ରେଜ୍ ପ୍ଲେନକୋଭିକ୍ ମୋଦୀଙ୍କୁ ଫ୍ରାଞ୍ଜୋ ଟୁଡ୍‌ମାନ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ସେହିପରି କ୍ରୋଏସିଆ ସରକାରଙ୍କ ପକ୍ଷରୁ ବିମାନବନ୍ଦରରେ ହିଁ ପାରମ୍ପରିକ ସାଂସ୍କୃତିକ ପ୍ରଦର୍ଶନ ସହିତ ମୋଦୀଙ୍କୁ ସ୍ୱାଗତ କରାଯାଇଥିଲା। ସ୍ୱାଗତ ସମୟରେ, କ୍ରୋଏସିଆର ପିଲାମାନେ ତାଙ୍କୁ 'ନମସ୍ତେ' ଅଭିବାଦନ ସହିତ ସ୍ୱାଗତ କରିଥିଲେ, କ୍ରୋଏସିଆର ଆଧ୍ୟାତ୍ମିକ ଲୋକଙ୍କ ଗୋଷ୍ଠୀ ବୈଦିକ ମନ୍ତ୍ର ଉଚ୍ଚାରଣ କରିଥିଲେ ଏବଂ ସ୍ଥାନୀୟ ନୃତ୍ୟଶିଳ୍ପୀମାନେ କଥକ ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀ ମୋଦୀ ଭାରତୀୟ ପ୍ରବାସୀ ଏବଂ ଭାରତର କ୍ରୋଏସିଆନ ବନ୍ଧୁଙ୍କୁ ଭେଟିଥିଲେ।



ନିଜ ଗସ୍ତ ଅବକାଶରେ ପ୍ରଧାନମନ୍ତ୍ରୀ ମୋଦୀ କ୍ରୋଏସିଆ ପ୍ରତିପକ୍ଷଙ୍କ ସହ ଏକ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା କରିବେ। ସେହିପରି ମୋଦୀ ଏବଂ ପ୍ଲେନ କୋଭିକ୍ ସେଣ୍ଟ ମାର୍କସ୍ ସ୍କୋୟାରରେ ଏକ ସ୍ୱାଗତ ଉତ୍ସବରେ ଅଂଶଗ୍ରହଣ କରିବେ ଏବଂ ଇମ୍ପ୍ରେସନ୍ସ ପୁସ୍ତକରେ ସ୍ୱାକ୍ଷର କରିବେ। ଆଲୋଚନାରେ ରଣନୈତିକ ସହଯୋଗ ଏବଂ ବହୁପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ଆଲୋଚନା ପରେ ଗସ୍ତ ସମୟରେ ଏକ ଶୃଙ୍ଖଳା ଚୁକ୍ତିନାମା ସ୍ୱାକ୍ଷରିତ ହେବ। ପରେ, ଦୁଇ ପ୍ରଧାନମନ୍ତ୍ରୀ ସ୍ୱଦେଶର ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିବେ ଏବଂ ସହରର କେନ୍ଦ୍ର ପରିଦର୍ଶନ କରିବେ, ଯାହା ବର୍ଦ୍ଧିତ ଲୋକ ସମ୍ପର୍କର ପ୍ରତୀକ। ଏହି ଗସ୍ତ ସମୟରେ ଭାରତ ଏବଂ କ୍ରୋଏସିଆ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, କୃଷି, ଶିକ୍ଷା ଏବଂ ସଂସ୍କୃତି କ୍ଷେତ୍ରରେ ପ୍ରମୁଖ ଚୁକ୍ତିନାମା ସ୍ୱାକ୍ଷର କରିବେ। ସାଂସ୍କୃତିକ ଆଦାନପ୍ରଦାନ କାର୍ଯ୍ୟକ୍ରମର ୨୦୩୦ ପର୍ଯ୍ୟନ୍ତ ସମ୍ପ୍ରସାରଣ ଉପରେ ଏକ ଚୁକ୍ତିନାମା ମଧ ସ୍ୱାକ୍ଷର କରାଯିବ ଯାହା ପ୍ରଦର୍ଶନ କଳା, ସଂଗ୍ରହାଳୟ, ପ୍ରତ୍ନତତ୍ତ୍ୱ ଏବଂ ଗଣମାଧ୍ୟମକୁ ବିସ୍ତାର କରିବ। ଉଲ୍ଲେଖନୀୟ ଯେ, ଜାଗ୍ରେବ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଚେୟାରକୁ ମଧ ସମ୍ପ୍ରସାରିତ କରାଯିବ, ଯାହା ଭାରତର ଭାଷାଗତ ଏବଂ ଶିକ୍ଷାଗତ ପ୍ରସାରକୁ ବୃଦ୍ଧି କରିବ। ଏହାପରେ ପ୍ରଧାନମନ୍ତ୍ରୀ ମୋଦୀ କ୍ରୋଏସିଆ ରାଷ୍ଟ୍ରପତି ଜୋରାନ ମିଲାନୋଭିଚଙ୍କୁ ଭେଟିବେ ଏବଂ ତାଙ୍କ ସମ୍ମାନରେ ଆୟୋଜିତ ରାତ୍ରୀ ଭୋଜନରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଆତଙ୍କବାଦ ଉପରେ ଭାରତର ସ୍ଥିତି ଏବଂ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ଆସନ ପାଇଁ ଏହାର ଦାବି ପାଇଁ କ୍ରୋଏସିଆର ସମର୍ଥନ ମଧ୍ୟରେ ଏହି ଗସ୍ତ ହୋଇଛି। ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଏବଂ ୟୁରୋପ, ମଧ୍ୟପ୍ରାଚ୍ୟ ଏବଂ ଭାରତକୁ ସଂଯୋଗ କରୁଥିବା ବ୍ୟାପକ ସଂଯୋଗ କରିଡର ପରିପ୍ରେକ୍ଷୀରେ ଉଭୟ ରାଷ୍ଟ୍ର ସମନ୍ୱୟ ଅନୁସନ୍ଧାନ କରିବେ ବୋଲି ମଧ ଆଶା କରାଯାଉଛି।

# ରେଲ୍‌ୱେ ଟ୍ରାକ୍ ଉଡ଼ାଇଲେ ବଲୁଚ୍ ବିଦ୍ରୋହୀ

## ଲାଇନଚ୍ୟୁତ ହେଲା ଜାଫର ଏକ୍ସପ୍ରେସ୍‌ର ୬ ବଗି

**ଇସଲାମାବାଦ୍,୧୮।୬/ଏଜେନ୍ସି:** ବୁଧବାର ପାକିସ୍ତାନର ସିନ୍ଧ ପ୍ରଦେଶ ଅନ୍ତର୍ଗତ ଜାକୋବାବାଦରେ ରେଳ ଟ୍ରାକ୍‌ରେ ବିସ୍ଫୋରଣ ହୋଇଥିବା ଏବଂ ଏଥିରେ ଜାଫର ଏକ୍ସପ୍ରେସନ ନାମକ ଏକ ଟ୍ରେନ୍‌ର ପ୍ରାୟ ୬ଟି ବଗି ଲାଇନଚ୍ୟୁତ ହୋଇଥିବା ସମ୍ବାଦ ହସ୍ତଗତ ହୋଇଛି। ସ୍ଥାନୀୟ ପୁଲିସ୍ ରିପୋର୍ଟ ଅନୁସାରେ ଦୁର୍ଘଟଣାର ଶିକାର ହୋଇଥିବା ଏହି ଟ୍ରେନ୍‌ଟି କ୍ୱେଟାରୁ ପେଶାୱାର ଯାଉଥିଲା। ପୁଲିସ୍ ବିଭାଗ ଦର୍ଶାଇଛି ଯେ, ବିସ୍ଫୋରଣ ଯୋଗୁ ଏକ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି, ପ୍ରାୟ ୬ଫୁଟ୍ ଲମ୍ବ ରେଳ ଟ୍ରାକ୍ କ୍ଷତିଗ୍ରସ୍ତ ହୋଇଛି। ସନ୍ଦେହ କରାଯାଉଛି ଯେ ଟ୍ରେନ୍ ଲାଇନରେ ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍ (ଆଇଇଡି) ଲଗାଯାଇ ଏହି ବିସ୍ଫୋରଣ କରାଯାଇଛି। ତେବେ ୬ଟି ରେଳ ବଗି ଲାଇନ୍‌ଚ୍ୟୁତ ହୋଇଥିଲେ ମଧ ସୌଭାଗ୍ୟବଶତଃ ଏଥିରେ କେହି ମୃତାହତ ହୋଇନାହାନ୍ତି। ସୂଚନାଯୋଗ୍ୟ ଜାଫର ଏକ୍ସପ୍ରେସ୍ ନାମକ ଏହି ଟ୍ରେନ୍‌କୁ କିଛି ଦିନ ପୂର୍ବରୁ ସଶସ୍ତ୍ର ବଲୁଚ ବିଦ୍ରୋହୀ ଗୋଷ୍ଠୀ ହାଇଜ୍ୟାକ୍ କରିନେଇଥିଲେ। ଅନ୍ୟପକ୍ଷେ ଏହି ବିସ୍ଫୋରଣ ପାଇଁ ସଶସ୍ତ୍ର ବଲୁଚ୍ ବିଚ୍ଛିନ୍ନତାବାଦୀ ସଂଗଠନ, ବଲୁଚ୍ ରିପବ୍ଲିକାନ୍ ଗାର୍ଡସ୍ ନିଜକୁ ଦାୟୀ କରିଛି। ପ୍ରକାଶ, ପାକିସ୍ତାନରେ କୌଣସି ଟ୍ରେନକୁ ଟାର୍ଗେଟ କରିବା ଏହା ପ୍ରଥମ ଥର ନୁହେଁ। ମାର୍ଚ୍ଚ ମାସରେ, ବଲୁଚିସ୍ତାନ୍ ଲିବରେସନ୍ ଆର୍ମି କ୍ୱେଟା ନିକଟରେ ଟ୍ରେନକୁ ହାଇଜାକ୍ କରି ଶହ ଶହ ଯାତ୍ରୀଙ୍କୁ ବନ୍ଧକ ରଖି ଦୁଇ ଡଜନରୁ ଅଧିକ ସୁରକ୍ଷା କର୍ମୀଙ୍କୁ ହତ୍ୟା କରିଥିଲା।

## କେଦାରନାଥ ଯାତ୍ରା ବେଳେ ଅଘଟଣ

# ୨ ତୀର୍ଥଯାତ୍ରୀ ମୃତ, ୩ ଗୁରୁତର

**ଡେରାଡୁନ/ ରୁଦ୍ରପ୍ରୟାଗ,୧୮।୬/ଏଜେନ୍ସି:** ବୁଧବାର ଦେବଭୂମି ଉତ୍ତରାଖଣ୍ଡରୁ ଏକ ଦୁର୍ଭାଗ୍ୟଜନକ ଘଟଣା ସମ୍ପର୍କରେ ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଗୌରୀକୁଣ୍ଡ ଏବଂ ରାମବାଡ଼ା ମଧ୍ୟରେ ପଡୁଥିବା ଜଙ୍ଗଲ ଚଟ୍ଟି ଠାରେ କେଦାରନାଥ ଯାଉଥିବା କିଛି ତୀର୍ଥଯାତ୍ରୀଙ୍କ ଉପରେ ପାହାଡରୁ ପଥର ଖସିଛି। ଏହି ଘଟଣାରେ କିଛି ତୀର୍ଥଯାତ୍ରୀମାନେ ପାହାଡ଼ ତଳକୁ ଖସି ପଡିଛନ୍ତି। ଘଟଣାସ୍ଥଳରେ ୨ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ବ୍ୟକ୍ତି ଏବେ ବି ନିଖୋଜ ରହିଛନ୍ତି। ସେହିପରି ଜଣେ ମହିଳାଙ୍କ ସମେତ ୩ ତୀର୍ଥଯାତ୍ରୀ ଏହି ଘଟଣାରେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।



ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ପାଦଚଲା ରାସ୍ତାରେ ତୀର୍ଥଯାତ୍ରୀ, କୁଲି ଏବଂ ପାଲକିନ ଚାଳକମାନେ ଯାଉଥିବା ବେଳେ ଅକସ୍ମାତ ପାହାଡର ଶିଖରରୁ ପଥରଖଣ୍ଡ ସବୁ ଖସିବା ଆରମ୍ଭ କରିଥିଲା। ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏସ୍‌ଡିଆରଏଫ୍), ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନ୍‌ଡିଆର୍‌ଏଫ୍) ଏବଂ ପୁଲିସ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ସ୍ଥାନାନ୍ତର ଏବଂ ଚିକିତ୍ସା ସହାୟତା ଆରମ୍ଭ କରିଛନ୍ତି। ଦୁର୍ଘଟଣାର ସୂଚନା ମିଳିବା ଘଟଣାସ୍ଥଳକୁ ଉଦ୍ଧାରକାରୀ ଟିମ୍ ସେଠାରେ ପହଞ୍ଚିଥିଲେ। ଆଜି ଦିନ ୧୨ ଟା ବେଳେ ଏହି ଘଟଣା ଘଟିଥିବା ବେଳେ ସଙ୍ଗେସଙ୍ଗେ ଉଦ୍ଧାର କାମ ଆରମ୍ଭ ହୋଇଥିଲା। ଉଦ୍ଧାରକାରୀ ଟିମ୍ ୨ ତୀର୍ଥଯାତ୍ରୀଙ୍କ ମୃତଦେହ ଏବଂ ୩ ଆହତଙ୍କୁ ଉଦ୍ଧାର କରିଛନ୍ତି। ଆହତ ପୁରୁଷଙ୍କୁ ଅଧିକ ଚିକିତ୍ସା ପାଇଁ ଗୌରୀକୁଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ଏବଂ ପ୍ରଶାସନକୁ ତୁରନ୍ତ ରିଲିଫ୍ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ମୃତକଙ୍କ ଆତ୍ମାର ଶାନ୍ତି ଏବଂ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ପ୍ରକାଶ, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଉତ୍ତରାଖଣ୍ଡର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ଆଲର୍ଟ ଜାରି କରିଛି। ଅଧିକାରୀମାନେ ତୀର୍ଥଯାତ୍ରୀ ଏବଂ ବାସିନ୍ଦାଙ୍କୁ ସତର୍କ ରହିବାକୁ, ଅନାବଶ୍ୟକ ଯାତ୍ରା ଏଡାଇବାକୁ ଏବଂ ପ୍ରଭାବିତ ଅଞ୍ଚଳରେ ବନ୍ୟା ଏବଂ ଭୂସ୍ଖଳନର ବିପଦ ପ୍ରତି ସତର୍କ ରହିବାକୁ ଅନୁରୋଧ କରିଛନ୍ତି। ଏହି ସଦ୍ୟତମ ଦୁଃଖଦ ଘଟଣା ଗୌରୀକୁଣ୍ଡ ନିକଟରେ ଏକ ହେଲିକପ୍ଟର ଦୁର୍ଘଟଣାର କିଛି ଦିନ ପରେ ଘଟିଛି ଯେଉଁଥିରେ ୭ଜଣ ପ୍ରାଣ ହରାଇଥିଲେ। ମୃତକଙ୍କ ମଧ୍ୟରେ ଜଣେ ୨୩ ମାସର ଶିଶୁ ମଧ ଅନ୍ତର୍ଭୁକ୍ତ। କେଦାରନାଥ ଧାମରୁ ଗୁପ୍ତକାଶୀ ଯାଉଥିବା ହେଲିକପ୍ଟରଟି ଏକ ଜଙ୍ଗଲିଆ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁ ଲାଗିଯାଇଥିଲା।

## ଇରାନ୍-ଇସ୍ରାଏଲ୍ ଯୁଦ୍ଧକୁ ୬ଷ୍ଠ ଦିନ ବିତିଲା

# ଇରାନ୍‌ରେ ମୃତ୍ୟୁସଂଖ୍ୟା ୫୮୫, ଇସ୍ରାଏଲ୍‌ରେ ୨୪

**ତେଲ ଅଭିଭ, ତେହରାନ୍,୧୮।୬:** ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିମାନ ଆକ୍ରମଣ ଓ କ୍ଷେପଣାସ୍ତ୍ର ହମଲାରେ ଉଭୟ ଦେଶରେ ବହୁ ସଂଖ୍ୟାରେ ଲୋକଙ୍କର ମୃତ୍ୟୁ ଘଟିଛି। ଇସ୍ରାଏଲ ଇରାନର ସାମରିକ ଏବଂ ପରମାଣୁ ପ୍ରତିଷ୍ଠାନ ବିରୁଦ୍ଧରେ ଅଧିକରୁ ଅଧିକ ବିମାନ ଆକ୍ରମଣ କରୁଛି। ଇରାନ ମଧ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରି ଜବାବ ଦେଉଛି। ରବିବାର ଠାରୁ ଇରାନ ଯଦିଓ ନିଜ ଦେଶରେ ମୃତ୍ୟୁବରଣ କରୁଥିବା ମୃତକଙ୍କ ସଂଖ୍ୟା ଅପଡେଟ୍ କରିନାହିଁ, କିନ୍ତୁ ଏକ ମାନବାଧିକାର କର୍ମୀ ଗୋଷ୍ଠୀ ଆକଳନ



କରିଛି ଯେ ସାରା ଦେଶରେ ଇସ୍ରାଏଲୀ ବିମାନ ଆକ୍ରମଣରେ ଅତି କମରେ ୫୮୫ ଇରାନୀ ନିହତ ହୋଇଛନ୍ତି ଏବଂ ୧,୩୨୬ ଜଣ ଆହତ ହୋଇଛନ୍ତି। ଏହି ଗୋଷ୍ଠୀ କହିଛି ଯେ, ଏହା ମୋଟ୍ ୫୮୫ ମୃତକଙ୍କ ମଧ୍ୟରୁ ୨୩୯ ଜଣଙ୍କୁ ସାଧାରଣ ନାଗରିକ ଏବଂ ୧୨୬ ଜଣଙ୍କୁ ସୁରକ୍ଷା କର୍ମୀ ଭାବରେ ଚିହ୍ନଟ କରିଛି। ଅନ୍ୟପକ୍ଷେ ଇସ୍ରାଏଲ ନିଜେ ସ୍ୱୀକାର କରିଛି ଯେ ଇରାନର ଆକ୍ରମଣରେ ଏପର୍ଯ୍ୟନ୍ତ ୨୪ ଜଣ ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଆହତ ହୋଇଛନ୍ତି। ରିପୋର୍ଟ ଅନୁସାରେ ଇରାନ ବର୍ତ୍ତମାନ ସୁଦ୍ଧା ଇସ୍ରାଏଲ ଉପରେ ୪୦୦ରୁ ଅଧିକ ବାଲିଷ୍ଟିକ୍ ମିସାଇଲ ମାଡ଼ କରିସାରିଥିବା ବେଳେ ଏଥିମଧ୍ୟରୁ ଅଧିକାଂଶ ମିସାଇଲ୍‌କୁ ଇସ୍ରାଏଲ ସେନା ନିଜ ପ୍ରତିରକ୍ଷା ପ୍ରଣାଳୀ ଆଇରନ୍ ଡୋମ୍ ଜରିଆରେ ଆକାଶ ମାର୍ଗରେ ହିଁ ନିଷ୍କ୍ରିୟ କରିସାରିଛି। ଅଳ୍ପ କିଛି କ୍ଷେପଣାସ୍ତ୍ର ଇସ୍ରାଏଲର ତେଲ ଅଭିଭ୍ ଭଳି ସହରଗୁଡ଼ିକରେ କ୍ଷତିଗ୍ରସ୍ତ କରିବାରେ ସଫଳ ହୋଇଛି।

କେନ୍ଦୁଝରରେ ନାବାଳିକା ଗଣଦୁଷ୍କର୍ମ ଓ ହତ୍ୟା ଘଟଣା

# ଏସ୍‌ପିଙ୍କୁ ବିଜେଡିର ସ୍ମାରକପତ୍ର

**କେନ୍ଦୁଝର,୧୮/୬/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲାର ହରିଚନ୍ଦପୁର ବ୍ଲକ ଅନ୍ତର୍ଗତ ତଥା ପଣ୍ଡାପଡ଼ା ଥାନାର ତେନ୍ତେଳାପଶି ଗାଁରେ ଜଣେ ୧୭ ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ଗଣଦୁଷ୍କର୍ମ ପରେ ନିର୍ମମ ହତ୍ୟା କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଆସାମୀମାନଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଆଜି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ପୀଡ଼ିତାଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଜଣାଇବା ସହ କେନ୍ଦୁଝର ଏସପିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଘଟଣା କେନ୍ଦୁଝର ଜିଲ୍ଲାବାସୀଙ୍କ ସମ୍ମାନକୁ ଗଭୀର ଆଘାତ ଦେଇଛି। ସମଗ୍ର ଜିଲ୍ଲାରେ ଯୁବତୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ମୃତ ୧୭ ବର୍ଷୀୟ ନାବାଳିକାର ପରିବାରକୁ ନ୍ୟାୟ ପ୍ରଦାନ ସହିତ ଆଇନ ଶୃଙ୍ଖଳା ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ ଫେରାଇ ଆଣିବା ପାଇଁ ପୁଲିସ୍ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛି ବିଜେଡି ପ୍ରତିନିଧି ମଣ୍ଡଳୀ। ଏହାଛଡ଼ା ପୀଡ଼ିତାର ପରିବାରକୁ ସୁରକ୍ଷା ଯୋଗାଇ ଦେବା ସହ ନ୍ୟାୟିକ ସହଯୋଗ ପ୍ରଶାସନ ତରଫରୁ କରାଯିବାକୁ ଦାବି କରାଯାଇଛି। ବିଜୁ ଜନତା ଦଳ ଏହି ଘଟଣା ଉପରେ ନଜର ରଖିବା ସହିତ ପୀଡ଼ିତାର ପରିବାରକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ପୀଡ଼ିତାର ପରିବାର ସହିତ ଦୃଢ଼ ଭାବରେ ଛିଡ଼ା ହେବ ବୋଲି ପ୍ରତିଶ୍ରୁତି ଦେଇଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଜୁ ଜନତା ଦଳ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ ପାଟଣା ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଜଗନ୍ନାଥ ନାୟକ, ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ମିନା ମାଝୀ, ହରିଚନ୍ଦନପୁର ବ୍ଲକ ଅଧ୍ୟକ୍ଷା ସୁନେଲୀ ନାୟକ, ଅମର କୁଅଁର, ପ୍ରମୋଦ ପଟ୍ଟନାୟକ ଓ ରଞ୍ଜନ ଦାସ ପ୍ରମୁଖ ସାମିଲ ଥିଲେ।

୨୦ରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ

# 'ଓଡ଼ିଶାର ବିକାଶ ପାଇଁ ଘୋଷଣା ହେବ ୨୦୩୬ର ରୋଡ୍‌ମ୍ୟାପ୍'




**ଭୁବନେଶ୍ୱର,୧୮/୬/ଏନ୍‌ଏନ୍‌ଏସ୍:** ଭାରତୀୟ ଜନତାପାର୍ଟି ନେତୃତ୍ୱାଧୀନ ସରକାର ଓଡ଼ିଶାରେ ୧ବର୍ଷ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରକୁ ୧୧ବର୍ଷ ପୂରଣ ହୋଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ଜୁନ ୨୦ ତାରିଖ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସୁଛନ୍ତି। ଏହି ଅବସରରେ ଓଡିଶାର ବିକାଶ ପାଇଁ ୨୦୩୬ର ରୋଡ୍‌ମ୍ୟାପ୍ ଘୋଷଣା ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ, ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ। ଏନେଇ ଜୋରଦାର ପ୍ରୟାସ ଆରମ୍ଭ ହୋଇଯାଇଥିବାବେଳେ ପ୍ରଧାନମନ୍ତ୍ରୀ ଏଥିପାଇଁ ପୂର୍ଣ୍ଣ ସହଯୋଗ କରୁଛନ୍ତି। ଓଡ଼ିଶାର ସାମଗ୍ରିକ ବିକାଶରେ ମୋଦୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ନେତୃତ୍ୱରେ ରାଜ୍ୟରେ ରେଳ, ସଡକ, ବିମାନ ସେବା ଏବଂ ଭିତ୍ତିଭୂମିକୁ ସୁଦୃଢ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ନିର୍ଭର ପ୍ରତିଶ୍ରୁତି କାରଣରୁ ଓଡ଼ିଶାକୁ ଆଜି ବଡ଼ ବଡ଼ ଶିଳ୍ପଦ୍ୟୋଗୀମାନେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗଭର ହୋଇଛନ୍ତି। ପ୍ରଧାନମନ୍ତ୍ରୀ ବୟୋବନ୍ଦନା ଯୋଜନା ଜରିଆରେ ୭୦ ଏବଂ ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେଇ ମୋଦିଜୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଦେଇଛନ୍ତି। ମୋଦୀଙ୍କ ଗ୍ୟାରେଣ୍ଟି, ଓଡିଶାର ଉନ୍ନତି। ରାଜ୍ୟ ତଥା ରାଜ୍ୟବାସୀଙ୍କ ସାମୁହିକ ବିକାଶ ପାଇଁ ମୋଦିଜୀ ସଂକଳ୍ପ ନେଇଛନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଭୁବନେଶ୍ୱର ଏୟାରପୋର୍ଟରେ ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ନିକଟ ବିଜୁ ପଟ୍ଟନାୟକ ଛକରୁ ଏକ ବିରାଟ ରୋଡ୍ ଶୋ ମାଧ୍ୟମରେ ଏଜି ଛକ, ରାଜଭବନ ଛକ, କଳିଙ୍ଗ ଷ୍ଟାଡିୟମ ଛକ, ଜୟଦେବ ଭବନ ଛକ ଦେଇ ସଭାସ୍ଥଳ ଜନତା ମଇଦାନରେ ପହଞ୍ଚିବେ। ଏହି ଅବସରରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବ ଏବଂ ପାଖାପାଖି ୧୦ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯିବ । ସଭାସ୍ଥଳରେ ପହଁଚିବା ପରେ ସେଠାରେ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଓଡିଶା ଭିଜନ - ୨୦୩୬ ଓ ୨୦୪୭ ପୁସ୍ତିକାକୁ ଉନ୍ମୋଚନ କରିବେ। ବିଭିନ୍ନ ଶିଳାନ୍ୟାସ ଓ ପ୍ରକଳ୍ପଗୁଡିକୁ ଭିସି ଜରିଆରେ ଲୋକାର୍ପଣ କରିବେ। ଏଥି ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଲାଭାର୍ଥୀ ଏବଂ ସାମାଜିକ କ୍ଷେତ୍ରରେ ନେତୃତ୍ୱ ନେଉଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବେ। ଅପରାହ୍ଣ ୪.୩୦ ମିନିଟରେ ପ୍ରଧାନମନ୍ତ୍ରୀ ଜନସଭାକୁ ସମ୍ବୋଧନ କରିବେ। ଏହା ପରେ ମୋଦିଜୀ ବିମାନବନ୍ଦରରୁ ଦିଲ୍ଲୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ ସୂଚନା ଦେଇଛନ୍ତି। ଏହି ଅବସରରେ ରାଜ୍ୟ ମୁଖପାତ୍ର ସଜନ ଶର୍ମା, ରାଜ୍ୟ ମୁଖପାତ୍ର ସୁଦିପ୍ତ ରାୟ, ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ ଓ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଓ ନାରୀ ସୁରକ୍ଷା ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା କଂଗ୍ରେସ



**ଭୁବନେଶ୍ୱର,୧୮/୬/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲାର ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଓ ରାଜ୍ୟରେ ନାରୀ ସୁରକ୍ଷା ପ୍ରସଙ୍ଗକୁ ନେଇ ବୁଧବାର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ପ୍ରଦେଶ କଂଗ୍ରେସ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଥିଲା। ଏଥିରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ସାମିଲ ହୋଇ କହିଥିଲେ ଯେ ସାରା ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ମହିଳାମାନଙ୍କ ପ୍ରତି ଘଟୁଥିବା ଅପରାଧ ସମସ୍ତ ଜାତୀୟ ରେକର୍ଡକୁ ଭାଙ୍ଗି ସାରିଲାଣି। ଏହା ଡବଲ ଇଞ୍ଜିନ ସରକାରର ସବୁଠାରୁ ବଡ଼ ସଫଳତା କି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ମହିଳା ନିର୍ଯାତନା ବଢିଚାଲିଥିବାରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ବଦଳରେ ଉତ୍ସବ ମନାଇବା ପରିତାପର ବିଷୟ ବୋଲି ଶ୍ରୀ ଲଲ୍ଲୁକହିଥିଲେ। ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ ଯେ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ କଂଗ୍ରେସ ଅନବରତ ଲଢ଼େଇ କରିଆସୁଛି। ମନୁବାଦୀ ଚିନ୍ତାଧାରାର ଦଳ ବିଜେପି ମହିଳାମାନଙ୍କୁ ବସ୍ତୁ ଭାବରେ ବିବେଚନା କରେ । କଂଗ୍ରେସ ଦଳ ଏ ଘଟଣାକୁ ନେଇ ବିଧାନସଭା ଭିତରେ ପୁନର୍ବାର ପ୍ରଶ୍ନ ଉତ୍‌ଥାପନ କରିବ । ଗୋପାଳପୁରରେ ଜଣେ +୩ ଛାତ୍ରୀଙ୍କୁ ୧୦ ଜଣ ଗଣଦୁଷ୍କର୍ମ କଲେ। ଘଟଣା ଘଟିବାର ୪ଦିନ ପରେ ଏହା ଲୋକଲୋଚନକୁ ଆସିଲା ବୋଲି ସେ କହିଥିଲେ।

ପ୍ରକାଶ ଯେ କଂଗ୍ରେସ ଭବନରୁ ସହସ୍ରାଧିକ କଂଗ୍ରେସ କର୍ମୀ ଓ ନେତା ବାହାରି ସରକାର ବିରୋଧୀ ସ୍ଲୋଗାନ ଦେଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଶୋଭାଯାତ୍ରାରେ ବ୍ୟାରିକେଡ ଭାଙ୍ଗି ଆଗକୁ ବଢୁଥିବା ବେଳେ ପୁଲିସ ଅଟକାଇଥିଲା। ଶ୍ରୀ ଲଲ୍ଲୁ ଓ ଅନ୍ୟ କଂଗ୍ରେସ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଧାରଣାରେ ବସିଥିବା ବେଳେ ପୁଲିସ ଜୋର୍ ଜବରଦସ୍ତ ସେମାନଙ୍କୁ ଉଠାଇ ଗାଡ଼ିରେ ନେଇ ଅନ୍ୟତ୍ର ଛାଡ଼ିଥିଲା।

ଏହି ଘେରାଉ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ସୁରେଶ ରାଉତରାୟ, ରଞ୍ଜୀବ ବିଶ୍ୱାଳ, ବିଧାୟକ ଅଶୋକ ଦାସ, ସମୀର ରାଉତରାୟ, ସୋଫିଆ ଫିର୍ଦ୍ଦୋଶ, ମିନାକ୍ଷୀ ବାହିନୀପତି, ନବଜ୍ୟୋତି ପଟ୍ଟନାୟକ, ରଣଜିତ ପାତ୍ର, ୟାସିର ନୱାଜ, ନଗେନ୍ଦ୍ର ପ୍ରଧାନ, ଲଲାଟେନ୍ଦୁ ମହାପାତ୍ର, ମାନସ ରଞ୍ଜନ ଆଚାର୍ଯ୍ୟ, ଗୀତାଞ୍ଜଳି ମହାନ୍ତି, ଶିଳ୍ପଶ୍ରୀ ହରିଚନ୍ଦନ, ଅନିମା ମିଞ୍ଜ, ପ୍ରଣତି ମିଶ୍ର, କବିତା ଦାସ, ଶ୍ରିୟାସ୍ମିତା ପଣ୍ଡା, ପ୍ରାଚୀ ରାଉତରାୟ, ମାମିନା ବେହେରା, ଅଭୟ ସାହୁ, ମହମ୍ମଦ ଇମଦାଦ, ଉଦିତ ପ୍ରଧାନ, ସୁବ୍ରତ ମହାପାତ୍ର, ପ୍ରକାଶ ମିଶ୍ର, ସୁଦିପ ସାମଲ, କୁସୁମ ପ୍ରଧାନ, ଅରବିନ୍ଦ ଦାସ, ରଜନୀ ମହାନ୍ତି, ଶାନ୍ତନୁ ସାହୁ, ବିଜୟାନନ୍ଦ ଚାଉଳିଆ, ମନୋରଞ୍ଜନ ଦାଶ, ସୁଧାଂଶୁ ଦେଓ, ମାନସ ମଲ୍ଲିକ, ମନୋଜ ବିଶ୍ୱାଳ, ଅଶୋକ ଦାସ, ପ୍ରଦୀପ ମହାପାତ୍ର, ସୁଶାନ୍ତ ତ୍ରିପାଠୀଙ୍କ ସମେତ ଅନ୍ୟ ନେତୃବର୍ଗ ଓ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ।

## 'ବର୍ଷ ପୂର୍ତ୍ତି ନେଇ ଡ୍ରାମା କରୁଛନ୍ତି ରାଜ୍ୟ ସରକାର'

**ଭୁବନେଶ୍ୱର,୧୮/୬/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ରାଜ୍ୟର ବିଜେପି ସରକାର ଉପରେ କଂଗ୍ରେସ ନେତା ସୁର ରାଉତରାୟ ବର୍ଷିଛନ୍ତି। ରାଜ୍ୟରେ ବଢୁଥିବା ଦୁଷ୍କର୍ମ ମାମଲା ଓ ନାରୀ ସୁରକ୍ଷା ପ୍ରସଙ୍ଗରେ କଡ଼ା ସମାଲୋଚନା କରି ସୁର କହିଛନ୍ତି ଯେ ରାଜ୍ୟରେ ଗୋଟିଏ ପଟେ ଦୁଷ୍କର୍ମ ବଢୁଛି। ଆଉ ଏପଟେ ରାଜ୍ୟ ସରକାର ବର୍ଷ ପୂର୍ତ୍ତି ନେଇ ଡ୍ରାମା କରୁଛନ୍ତି। ସୁର ଆହୁରି ମଧ୍ୟ କହିଛନ୍ତି ଯେ ଖାଲି ଗୋପାଳପୁରରେ ନୁହେଁ ଆନନ୍ଦପୁର, ବଲାଙ୍ଗୀର, ସମ୍ବଲପୁର ଭଳି ଓଡ଼ିଶାର ଅନେକ ସ୍ଥାନରେ ଦୁଷ୍କର୍ମ ଭଳି ଘଟଣା ସାମ୍ନାକୁ ଆସିଛି। ପ୍ରତିଦିନ ହତ୍ୟା, ଚୋରି, ଡକାୟତି ବଢ଼ିବାରେ ଲାଗିଛି। ରାଜ୍ୟ ସରକାର ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ସୁର କହିଛନ୍ତି।



ବିଜେଡିର ଯୁବ ଛାତ୍ର ନେତୃମଣ୍ଡଳୀଙ୍କୁ ନବୀନଙ୍କ ପରାମର୍ଶ

# ସରକାରଙ୍କ ମିଛ ପ୍ରଚାରକୁ ରାଜ୍ୟବାସୀଙ୍କ ପାଖରେ ପହଞ୍ଚାଅ



**ଭୁବନେଶ୍ୱର,୧୮/୬/ଏନ୍‌ଏନ୍‌ଏସ୍:** ରାଜ୍ୟବାସୀଙ୍କୁ ବିଭିନ୍ନ ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଭିନ୍ନ ଜନ କଲ୍ୟାଣ ଯୋଜନା ଓ ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକର ନାମ ଓ ରଙ୍ଗ ପରିବର୍ତ୍ତନ କରୁଛନ୍ତି। ବିଏସ୍‌କେୱାଇ ଭଳି ଲୋକପ୍ରିୟ ଯୋଜନା ବଦଳରେ ଆୟୁଷ୍ମାନ ଯୋଜନା ଲାଗୁ କରାଯାଇଛି, ଯାହା ଯୋଗୁଁ ରୋଗୀମାନେ ଚିକିତ୍ସା ପାଇବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ମିଛ ପ୍ରଚାରକୁ ପ୍ରତିଟି ରାଜ୍ୟବାସୀଙ୍କ ପାଖରେ ପହଞ୍ଚାଇବା ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜେଡିର ଯୁବ ଛାତ୍ର ନେତୃମଣ୍ଡଳୀଙ୍କୁ ପରାମର୍ଶ ଦେଇଛନ୍ତି। ବୁଧବାର ପୁରୀ ଠାରେ ଆୟୋଜିତ ଯୁବ ଛାତ୍ର ଜନଜାଗରଣ ଅଭିଯାନ କାର୍ଯ୍ୟକ୍ରମକୁ ଶ୍ରୀ ପଟ୍ଟନାୟକ ଭିଡିଓ ବାର୍ତ୍ତା ମାଧ୍ୟମରେ ଉଦ୍‌ଘାଟନ କରି ଏଭଳି କହିଛନ୍ତି।

ଦଳର ଯୁବ ନେତା ବିଧାୟକ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟଙ୍କ ପୌରହିତ୍ୟରେ ଦଳର ଯୁବ ଛାତ୍ର ସଂଗଠନର ବରିଷ୍ଠ କର୍ମକର୍ତ୍ତାମାନଙ୍କ ବ୍ୟତୀତ ଦଳର ବରିଷ୍ଠ ନେତା ଯଥା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ପ୍ରମିଳା ମଲ୍ଲିକ ଓ ଡ଼ ଅରୁଣ କୁମାର ସାହୁ ପ୍ରମୁଖ ଏହି ବିଶାଳ ଜନଜାଗରଣ ଅଭିଯାନକୁ ସମ୍ବୋଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଏକ ବର୍ଷର ଓ କେନ୍ଦ୍ର ସରକାରଙ୍କ ଏଗାର ବର୍ଷର ବିଫଳତାକୁ ନେଇ ସମସ୍ତେ ବର୍ଷିଥିଲେ।ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ସଂତୃପ୍ତ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଞ୍ଜନ ପୂଜାରୀ, କଳିକେଶ ସିଂହଦେଓ, ପ୍ରଣବ ବଳବନ୍ତରାୟ, ବିଭୂତି ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ରାଜଶ୍ରୀ ମଲ୍ଲିକ, ଟୁକୁନି ସାହୁ, ରାହିତ ପୂଜାରୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

ଯୁବ ଛାତ୍ର ଜନଜାଗରଣ ଅଭିଯାନ କାର୍ଯ୍ୟକ୍ରମ

ଏହି କାର୍ଯ୍ୟକ୍ରମରେ ପ୍ରତାପ କୁମାର ଜେନା, ଡ଼ ଅମର ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ଅତନୁ ସବ୍ୟସାଚୀ ନାୟକ, ଅଶୋକ କୁମାର ପଣ୍ଡା, ଧ୍ରୁବ ସାହୁ, ପ୍ରଦୀପ ସାହୁ, ସଞ୍ଜିବ ମଲ୍ଲିକ, 1 ଉମାକାନ୍ତ ସାମନ୍ତରାୟ, ରୋମାଞ୍ଚ ବିଶ୍ୱାଳ, ପ୍ରୀତିରଞ୍ଜନ ଘଡ଼େଇ, ସୁଧୀର କୁମାର ସାମଲ, ଶର୍ମିଷ୍ଠା ସେଠୀ ଓ ଦୀପାଳି ଦାସ ଉପସ୍ଥିତ ଥିଲେ ।


ଦଳର ଯୁବ ନେତୃତ୍ୱ ଯଥା ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ସୁନୀଲ ମହାନ୍ତି, ଦେବୀ ରଞ୍ଜନ ତ୍ରିପାଠୀ, ତୁଷାରକାନ୍ତି ବେହେରା, ବୈକୁଣ୍ଠ ନାୟକ, ଶୁଭେନ୍ଦୁ ମଙ୍ଗରାଜ, ଧୃତୀ ମାର୍ଥା, ଏଲିନା ଦାଶ ଏବଂ ଛାତ୍ର ନେତା ବିଶ୍ୱ ପ୍ରତାପ ସାହୁ, ମିକୁ ପ୍ରଧାନ, ରାଜେଶ ରାଜ ସ୍ୱାଇଁ, ଅଭିନାଶ ଠାକୁର, ଇପ୍ସିତା ସାହୁ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଦଳର ଯୁବ ବିଧାୟକ ଶ୍ରୀ ସୌଭିକ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଡାଇରିଆରେ ମହିଳାଙ୍କ ମୃତ୍ୟୁ

**ସୋର,୧୮/୬/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲଶ ସୋର ବ୍ଲକ ସରଶଙ୍କ ପଞ୍ଚାୟତ ସରଶଙ୍କ ଗ୍ରାମର ମାମିନୀ ମହାପାତ୍ର (୩୯)ଙ୍କ ଡାଇରିଆରେ ମୃତ୍ୟୁ ହୋଇଛି। ତାଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଓ ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ବାଲେଶ୍ୱର ଜିଲ୍ଲା ଜନ ସ୍ୱାସ୍ଥ୍ୟ ବିଭାଗ ଅଧିକାରିଣୀ ଡାକ୍ତର ସୁମିତ୍ରା ଦେ, ମହାମାରୀ ରୋଗ ବିଶେଷଜ୍ଞ ଡାକ୍ତର ଅରୂପ ଅଭିଷେକ, ସୋର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଲକ୍ଷ୍ମୀ ପ୍ରସାଦ ରାଉତ ପ୍ରମୁଖ ମୃତ୍ୟୁବ୍ୟକ୍ତିଙ୍କ ଘରୁ ଜଳ ନମୁନା ସଂଗ୍ରହ କରିଥିଲେ। ଏହି ଟିମ୍ ଶରସଙ୍କରେ ପହଞ୍ଚି ଘଟଣା ବାବଦରେ ତଦନ୍ତ କରି ଫେରିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସମାନ ଶିକ୍ଷା ପ୍ରଦାନ ପାଇଁ ତ୍ରିପାକ୍ଷିକ ଏମ୍‌ଓୟୁ

# ସମାନ ଶିକ୍ଷା ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ବିଚାର: ଧର୍ମେନ୍ଦ୍ର



**ନୂଆଦିଲ୍ଲୀ,ଭୁବନେଶ୍ୱର,୧୮/୬/ଏନ୍‌ଏନ୍‌ଏସ୍:** ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଏବଂ ସମାନ ଶିକ୍ଷା ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ବିଚାର ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଦିବ୍ୟାଙ୍ଗଜନଙ୍କ ପାଇଁ ସମାନ ଶିକ୍ଷା ସୁନିଶ୍ଚିତ କରିବା ଏବଂ ସମାବେଶୀ ଭାରତ ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ବୁଧବାର ନୂଆଦିଲ୍ଲୀ ଠାରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। ଶ୍ରୀ ପ୍ରଧାନ ଏବଂ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ଡ. ବୀରେନ୍ଦ୍ର କୁମାରଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷର ହୋଇଥିଲା। ଡିପାର୍ଟମେଣ୍ଟ ଅଫ୍ ଏମ୍ପାୱାରମେଣ୍ଟ ଅଫ୍ ପର୍ସନ ୱିଥ୍ ଡିଜାବିଲିଟି (ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ), ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ (ଏନଆଇଓଏସ) ଏବଂ ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (ଏନସିଇଆରଟି), ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର ବୁଝାମଣାପତ୍ର ଜାତୀୟ ଶିକ୍ଷା ନୀତିର ଏହି ଭାବନାକୁ ଆଗକୁ ବଢ଼ାଇବା ଦିଗରେ ଏକ ଭଲ ପ୍ରୟାସ । ଏହି ବୁଝାମଣାପତ୍ର ଦିବ୍ୟାଙ୍ଗ ପିଲାମାନଙ୍କୁ ଶିକ୍ଷାର ସମାନ ସୁଯୋଗ ପ୍ରଦାନ କରିବା, ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବା, ଶିକ୍ଷାରେ ସମସ୍ତଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଏବଂ ଏକ ସମାବେଶୀ ଭାରତ ଗଠନ କରିବାରେ ଏକ ମାଇଲଖୁଣ୍ଟ ପ୍ରମାଣିତ ହେବ। ଦିବ୍ୟାଙ୍ଗ ପିଲାମାନଙ୍କୁ ଏକ ସମ୍ମାନଜନକ ଜୀବନ ପ୍ରଦାନ କରିବା ଏବଂ ସେମାନଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ସେମାନଙ୍କ ଶିକ୍ଷା ପାଇଁ ପ୍ରଭାବଶାଳୀ ବିକଳ୍ପ ପ୍ରସ୍ତୁତ କରିବା ଆମର ଦାୟିତ୍ୱ । ଏହି ଦାୟିତ୍ୱକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ଶିକ୍ଷା ମନ୍ତ୍ରଣାଳୟ ଏବଂ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟର ଦାୟିତ୍ୱ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଉଲ୍ଲେଖନୀୟ ଯେ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ ଶିକ୍ଷାକୁ ଆଗକୁ ବଢାଇବାରେ ଏହି ବୁଝାମଣାପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏହା ଭିନ୍ନକ୍ଷମ ବ୍ୟକ୍ତି ଅଧିକାର ଆଇନ, ୨୦୧୬ଏବଂ ଜାତୀୟ ଶିକ୍ଷା ନୀତି ସମନ୍ୱୟରେ ଦିବ୍ୟାଙ୍ଗଜନଙ୍କ ପାଇଁ ସୁଲଭ, ଉଚ୍ଚ-ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ସହଯୋଗୀ ଢାଞ୍ଚା ସ୍ଥାପନ କରିବ।

DSPL-129

ଡାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ୱ କଲେ ବିପଦ ଅଛି।

OIPR-10003/13/0207/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

## ବୁଗୁଡ଼ା ଏନ୍‌ଏସିରେ ବୁଲିଲା ବିକାଶ ବାହନ

**ବୁଗୁଡା,୧୮।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂରଣ ଅବସରରେ ଅନେକ ଉପଲବ୍ଧିର ପ୍ରଚାର ଉଦ୍ଦେଶ୍ୟରେ ବିକାଶ ବାହନ ଆଜି ବୁଗୁଡା ଏନ୍‌ଏସିର ବିଭିନ୍ନ ୱାର୍ଡକୁ ପରିକ୍ରମା କରିଛି। ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପତାକା ଦେଖାଇ ଉକ୍ତ ବିକାଶ ବାହନ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଏଥି ପୂର୍ବରୁ ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣୀ ମଣ୍ଡପ ପରିସରରେ ବିକାଶ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀଙ୍କ ସମେତ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା , ସିଡିପିଓ ବବିତା କୁମାରୀ ପଣ୍ଡା ମଞ୍ଚାସୀନ ରହିଥିଲେ। ଏ ଅବସରରେ ସରକାରଙ୍କ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ, ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ପାଇଁ ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ତ୍ୱରାନ୍ୱିତ, ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଦୁଗ୍ଧ ଚାଷୀ ଉପକୃତ, ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ରାସନ ପ୍ରଦାନ, ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗମାନଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ପ୍ରଦାନ ଆଦି ଉପଲବ୍ଧି ଉପରେ ଆଲୋକପାତ କରିଥିଲେ। ଏଥି ସହ ବୁଗୁଡା ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ହେବାକୁଥିବା ଉନ୍ନୟନମୂଳକ କାର୍ଯ୍ୟର ଫଳକଗୁଡିକୁ ଉନ୍ମୋଚନ କରାଯାଇଥିଲା।



## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ପାତ୍ରପୁର,୧୮।୬/ଏନ୍‌ଏନ୍‌ଏସ୍:** ପାତ୍ରପୁର ଗ୍ରାମ ସାଗର ବ୍ରାହ୍ମଣ ସାହିର ଜଣେ ବୃଦ୍ଧ ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡିଛି । ମୃତକ ଜଣକ ହେଲେ ଅଲେଖ ନାୟକ (୬୫) । ବୃଦ୍ଧ ଜଣକ ଆଜି ସକାଳେ ଗୋପାଳ ବନ୍ଧକୁ ଗାଧୋଇବାକୁ ଯାଇଥିଲେ କିନ୍ତୁ ଗୋଡ଼ ଖସି ବୁଡି ଯାଇଥିବା ଅନୁମାନ କରାଯାଉଛି । ଦିନ ୧୦ଟା ସମୟରେ କିଛି ଲୋକ ବୃଦ୍ଧଙ୍କ ଶରୀର ପୋଖରୀରେ ଭାସୁଥିବା ଦେଖିଥିଲେ। ଘଟଣା ସ୍ଥଳରେ ପାତ୍ରପୁର ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ପାତ୍ରପୁର ମେଡ଼ିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଜରଡ଼ା ଥାନା ପୁଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

## ସ୍ତ୍ରୀର ଟାଙ୍ଗିଆ ଆକ୍ରମଣରେ ସ୍ୱାମୀ ମୃତ

**ଫୁଲବାଣୀ,୧୮।୬/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଅଞ୍ଚଳରେ ସୋମବାର ସ୍ତ୍ରୀଙ୍କ ଟାଙ୍ଗିଆ ଚୋଟରେ ଗୁରୁତର ସ୍ୱାମୀଙ୍କ ରାତିରେ ମୃତ୍ୟୁ ଘଟିଛି। ନିର୍ଯାତନା ଅସହ୍ୟ ହେବାରୁ ସ୍ତ୍ରୀ ଟାଙ୍ଗିଆରେ ଝାଞ୍ଜି ଗାଁର ସ୍ୱାମୀ ପ୍ରଶାନ୍ତ କହଁରଙ୍କୁ ଆକ୍ରମଣ କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଝାଞ୍ଜି ଗାଁର ପ୍ରଶାନ୍ତ ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ଆସି ସ୍ତ୍ରୀ ଅହଲ୍ୟାଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଉଥିଲେ। ଏପରିକି ସେ ପରକୀୟା ପ୍ରୀତିରେ ମଧ ଥିଲେ। ଫଳରେ ୬ ପୁଅଙ୍କୁ ଧରି ଅହଲ୍ୟା ଦୁଃଖରେ ରହୁଥିଲେ। ଏହାକୁ ନେଇ ସବୁବେଳେ ପରିବାରରେ ଅଶାନ୍ତି ଲାଗିରହୁଥିଲା। ଘଟଣାଦିନ ରାତିରେ କୌଣସି କଥାକୁ ନେଇ ପ୍ରଶାନ୍ତ ସ୍ତ୍ରୀଙ୍କ ସହ କଳହ କରି ଟାଙ୍ଗିଆ ଧରି ଅହଲ୍ୟାଙ୍କୁ ହାଣିବା ପାଇଁ ଗୋଡ଼ାଉଥିଲେ। ପରେ ସ୍ୱାମୀଙ୍କ ହାତରୁ ଟାଙ୍ଗିଆ ଛଡ଼େଇନେଇ ଅହଲ୍ୟା ସେଥିରେ ତାଙ୍କୁ ପିଟି ଦେଇଥିଲେ। ଗୁରୁତର ଅବସ୍ଥାରେ ପ୍ରଶାନ୍ତଙ୍କୁ ଖଜୁରିପଡ଼ା ମେଡିକାଲକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସେଠାରୁ ଫୁଲବାଣୀ ମେଡିକାଲକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଛି। ବାପାଙ୍କୁ ମାରି ଦିଆଯାଇଥିବା ନେଇ ପ୍ରଶାନ୍ତଙ୍କ ପୁଅ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ନଂ.୧୩୮/୨୫ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। କିଛି ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଥିବା ଥାନା ଅଧିକାରୀ ଗଦାଧାରୀ ପ୍ରଧାନ କହିଛନ୍ତି।

## ୫ ଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**ଛତ୍ରପୁର,୧୮।୬/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ସାନ ଆର୍ଯ୍ୟପଲ୍ଲୀ ସମୁଦ୍ର କୂଳ ଲଙ୍ଘୁଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମର ଜନସାଧାରଣ ସେମାନଙ୍କ ଗ୍ରାମକୁ ସମୁଦ୍ରର ଭାଉରୁ ସୁରକ୍ଷା କରିବା ପାଇଁ ଆଜି ଗଞ୍ଜାମ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କୁ ଭେଟି ୫ ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ଗ୍ରାମଠାରୁ ସମୁଦ୍ର ବହୁ ଦୂରରେ ଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ୩୦ ମିଟର ସମୁଦ୍ର କୂଳ ଲଙ୍ଘିବା ଫଳରେ ଦୁଇଟି ମନ୍ଦିର ସମୁଦ୍ର ଭିତରେ ଲୀନ ହୋଇଯାଇଛି। ଏବେ ଆଉ ଏକ ମନ୍ଦିର ଲୀନହେବାକୁ ଯାଉଛି। ଗଙ୍ଗାଦେବୀ ଓ ଠାକୁରାଣୀ ମନ୍ଦିର ଲୀନ ହୋଇଥିବା ବେଳେ ମା' ହରଚଣ୍ଡୀ ଠାକୁରାଣୀ ମନ୍ଦିର ଏବଂ ବିଶ୍ୱାମିତ୍ର ମଧ୍ୟ ସମୁଦ୍ର ଆଁରେ ଲୀନ ହେବାକୁ ଯାଉଛି। ବର୍ତ୍ତମାନ ଶୁଖୁଆ ଶୁଖାଉଥିବା ପ୍ଲାଟଫର୍ମ ଠାରୁ ସମୁଦ୍ର ଆଉ ମାତ୍ର ଅଳ୍ପ ଦୂରରେ ରହିଛି। ଗାଁ ଠାରୁ ସମୁଦ୍ର ୫୦ ମିଟର ଦୂରରେ ରହିଥିବା ବେଳେ ବର୍ତ୍ତମାନ ୩୦ ମିଟର କୂଳ ଲଙ୍ଘିଛି। ଜିଲା ସଦର ମହକୁମା ଛତ୍ରପୁର ବ୍ଲକ ଅନ୍ତର୍ଗତ ସାନ ଆର୍ଯ୍ୟପଲ୍ଲୀ ଗ୍ରାମରେ ପ୍ରାୟ ୩୦ ମିଟର ସମୁଦ୍ର କୂଳ ଲଙ୍ଘିଥିବା ଦେଖିବାକୁ ମିଳିଛି। ଗତ ୩ ବର୍ଷ ମଧ୍ୟରେ ସମୁଦ୍ର ୨ କିଲୋମିଟର ଦୂରତା କୂଳ ଲଙ୍ଘିଥିବା ବେଳେ ଆଗାମୀ ଦିନରେ ସମୁଦ୍ର ଆସି ସମ୍ପୂର୍ଣ୍ଣ ଗ୍ରାମଟି ଲୀନ ହୋଇଯିବ ବୋଲି ମତ୍ସ୍ୟଜୀବୀ ମାନେ କହିଛନ୍ତି। ଗ୍ରାମଠାରୁ ଏବେ ସମୁଦ୍ର ଆଉ ମାତ୍ର ୩୦ ମିଟର ଦୂରରେ ରହିଛି। ଏଣୁ ଗ୍ରାମକୁ ସୁରକ୍ଷା ପ୍ରଦାନ କରିବା ଲାଗି ଗାର୍ଡ ୱାଲ ନିର୍ମାଣ କରିବା, ବେଳାଭୂମିରେ ପଥର ପାଚେରି ନିର୍ମାଣ କରିବା, ନଷ୍ଟ ହୋଇ ରହିଥିବା ଗୋପାଳପୁର ପୋର୍ଟର ଫିସେରି ଜେଟିର ପୁନରୁଦ୍ଧାର ଓ ପୂର୍ଣ୍ଣ ନିର୍ମାଣ କରିବା, ବର୍ଷ ତମାମ ମତ୍ସ୍ୟଜୀବୀମାନଙ୍କ ଡଙ୍ଗା ରହିବା ପାଇଁ ଡ୍ରେଜିଂ କରିବା, ମତ୍ସ୍ୟଜୀବୀମାନଙ୍କୁ ଖରା, ବର୍ଷା, ଶୀତ ଓ ବାତ୍ୟା ଭଳି ପ୍ରମୁଖ ସାମୁଦ୍ରିକ ଝଡ଼ ,ଜାଲ ଓ ଡ଼ଙ୍ଗା ରହିବା ପାଇଁ ସମୁଦ୍ର କୂଳ ନିକଟରେ ଆଶ୍ରୟସ୍ଥଳୀ ସ୍ଥାପନ କରି ପାନୀୟ ଜଳ, ଶୌଚାଳୟ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଅବସରରେ ଗ୍ରାମର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

### ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଧନ୍ୟବାଦ ସଭା

# କେନ୍ଦ୍ର, ରାଜ୍ୟ ସରକାରଙ୍କ ସୁଶାସନ ସମ୍ପର୍କରେ ବଖାଣିଲେ ଯୁବ ନେତା

**ବ୍ରହ୍ମପୁର,୧୮।୬/ଏନ୍‌ଏନ୍‌ଏସ୍:** ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଏବଂ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂରଣ ଅବସରରେ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଗାନ୍ଧୀନଗରଠାରେ ଧନ୍ୟବାଦ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସୁଶାସନ, ଗରିବ କଲ୍ୟାଣ, ସବୁବର୍ଗର ଲୋକଙ୍କ ସାମୂହିକ ଉନ୍ନତି ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଯୁବଶକ୍ତି ହେଉଛନ୍ତି ଆମ ବିକାଶ ରଥର ସାରଥି। ଯୁବଶକ୍ତିଙ୍କ ମଧ୍ୟରେ ଥିବା ଶକ୍ତି, ସାମର୍ଥ୍ୟ ଓ ଉତ୍ସାହକୁ ରାଜ୍ୟର ବିକାଶ ସହିତ ସମାଜକଲ୍ୟାଣରେ ଉପଯୋଗ କରିବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରାଧାନ୍ୟ ଦେଉଥିବା ସେ କହିଥିଲେ।



ରାଜ୍ୟରେ ବିଜେପି ସରକାର ଆସିବା ଦିନଠାରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରୋଜଗାର ସୃଷ୍ଟିକୁ ଗୁରୁତ୍ୱ ଦିଆଯାଇଛି । ପାଞ୍ଚବର୍ଷ ମଧ୍ୟରେ ଦେଢ଼ ଲକ୍ଷ ସରକାରୀ ପଦବୀ ପୂରଣ ଲକ୍ଷ୍ୟ ରଖାଯାଇଛି। ଆଉ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ସରକାରୀ ଚାକିରୀରେ ଆବେଦନ ପାଇଁ ପୂର୍ବରୁ ଥିବା ବୟସ ସୀମାକୁ ୩୨ ପରିବର୍ତ୍ତେ ୪୨ ବର୍ଷକୁ ବୃଦ୍ଧି କରାଯାଇଛି । ରାଜ୍ୟ ବିଜେପି ସରକାର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ହୋଇ ଓଡ଼ିଶାର ଯୁବଶକ୍ତିଙ୍କ ପାଇଁ ଅନେକ ଯୋଜନା ଆରମ୍ଭ କରିଛନ୍ତି ବୋଲି ଶ୍ରୀ ପଣ୍ଡା କହିଥିଲେ। କେବଳ ସରକାରୀ କ୍ଷେତ୍ରରେ ନୁହେଁ, ଶିଳ୍ପାୟନ ମାଧ୍ୟମରେ ମଧ୍ୟ ରାଜ୍ୟ ସରକାର ଯୁବଶକ୍ତିଙ୍କ ପାଇଁ ବିପୁଳ ନିଯୁକ୍ତି ସୁଯୋଗ କାର୍ଯ୍ୟକାରୀ କରିଛନ୍ତି । ମୁଖ୍ୟମନ୍ତ୍ରୀ ୨୦୨୫ ଆୟୋଜନରେ ରାଜ୍ୟରେ ପ୍ରାୟ ୧୭ ଲକ୍ଷ କୋଟି ପୁଞ୍ଜି ନିବେଶ ସହ ପ୍ରାୟ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି । ଉତ୍କର୍ଷ ଓଡ଼ିଶା ଆୟୋଜନର ମାତ୍ର ୫ ମାସ ମଧ୍ୟରେ ୧.୭୮ ଲକ୍ଷ କୋଟି ମୂଲ୍ୟର ୫୬ଟି ବିଭିନ୍ନ ଶିଳ୍ପାନୁଷ୍ଠାନର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିଲେ । ପ୍ରଥମ ବର୍ଷରେ ରାଜ୍ୟ ସରକାର ୯ଟି ପର୍ଯ୍ୟାୟରେ ପ୍ରାୟ ୨୮,୦୦୦ ରୁ ଅଧିକ ପଦବୀ ପୂରଣ କରିଛନ୍ତି । ଦ୍ୱିତୀୟ ବର୍ଷରେ ପ୍ରାୟ ୪୦,୦୦୦ ପଦବୀ ପୂରଣ କରାଯିବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି । ଆଜି ରାଜ୍ୟ ସରକାର ୫ ଟି ବିଭାଗରେ ଏକକାଳୀନ ୯୬୪ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି । ଯାହା ଆମ ପାଇଁ ଏକ ଶୁଭ ସୂଚନା ବୋଲି ସେ କହିଛନ୍ତି। ଏହି ଧନ୍ୟବାଦ ଶୋଭାଯାତ୍ରାରେ ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଟୁଟୁନ ପାତ୍ର, ଜିଲ୍ଲା ସଭାପତି ଶିବଶଙ୍କର ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ରବି ରାଓ, ସୋମନାଥ ପାତ୍ର, ଜିଲ୍ଲା ସମ୍ପାଦକ କମଲ ପାତ୍ର , କିଶୋର ସାହୁ , ବିଜୟ ପାତ୍ର ଓ ମଣ୍ଡଳ ସଭାପତି ସୁମିତ୍ ପାତ୍ର, ଶକ୍ତି ପଟ୍ଟନାୟକ , ଅଖିଳ ବେହେରା, ଆମର ସାହୁ, ଶିରିଡ଼ି ବିକ୍ରମ, ଦେବୁନ୍ ପଟ୍ଟନାୟକ, ନାରାୟଣ ଶରାବ, ନାରାୟଣ ରେଡ୍ଡୀ, କୃଷ୍ଣ ପୋଲାଇ, ସୁଧୀର ପାଲୋ, ମନୋଜ ପଟ୍ଟନାୟକ, ମନୋଜ ମହାରଣା ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଗୋପାଳପୁର ଗଣଦୁଷ୍କର୍ମ ଘଟଣାସ୍ଥଳ ବୁଲି ଦେଖିଲେ ଖଣି ମନ୍ତ୍ରୀ

## 'ନିଆଯିବ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ବେଳାଭୂମିରେ ବଢ଼ିବ ସୁରକ୍ଷା ବ୍ୟବସ୍ଥା'

**ବ୍ରହ୍ମପୁର,୧୮।୬/ଏନ୍‌ଏନ୍‌ଏସ୍:** ବହୁ ଚର୍ଚ୍ଚିତ ଗୋପାଳପୁର ଥାନା ଅନ୍ତର୍ଗତ ବେଳାଭୂମିରେ ଘଟିଥିବା ଗୁଣଦୁଷ୍କର୍ମ ମାମଲାକୁ ନେଇ ସରକାର କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ୨୪ ଘଣ୍ଟା ମଧ୍ୟରେ ପୁଲିସ୍ ଗିରଫ କରିଛି। ଅଭିଯୁକ୍ତଙ୍କ ବିରୋଧରେ ଖୁବ୍‌ଶୀଘ୍ର ଦୃଷ୍ଟାନ୍ତମୂଳକ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଆଜି ମନ୍ତ୍ରୀ ଶ୍ରୀ ଜେନା ଘଟଣାସ୍ଥଳ ବୁଲି ଦେଖିଥିଲେ। ଏନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍‌ଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏଭଳି ଅଭାବନୀୟ ଘଟଣାକୁ ନେଇ କଡା ଭାଷାରେ ମୁଖ୍ୟମନ୍ତ୍ରୀ ନିନ୍ଦା କରିଥିବା ମନ୍ତ୍ରୀ ଶ୍ରୀ ଜେନା କହିଥିଲେ। ସଙ୍ଗେ ସଙ୍ଗେ ଘଟଣାର ତଦନ୍ତ ଭାର କ୍ରାଇମ୍ ବ୍ରାଞ୍ଚକୁ ଦିଆଯାଇଛି। ବିରୋଧୀ କେବଳ ଘଟଣାକୁ ନେଇ ରାଜନୀତି ରୁଟି ସେକୁଛନ୍ତି। ପୂର୍ବରୁ ଏଭଳି ବହୁ ଘଟଣା ଘଟିଥିଲେ ମଧ୍ୟ ଅଭିଯୁକ୍ତ ଗିରଫ ହେବା ତ ଦୂରର କଥା ଅଭିଯୁକ୍ତ ଚିହ୍ନଟ ମଧ୍ୟ ହୋଇପାରୁନଥିଲେ। ଏ କ୍ଷେତ୍ରରେ ବିରୋଧୀଙ୍କ ପାଟି ଚୁପ୍ ରହୁଥିଲା। କିନ୍ତୁ ବର୍ତ୍ତମାନର ସରକାର ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ଘଟଣା ଘଟିବାର କମ୍ ସମୟ ମଧ୍ୟରେ ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରାଯାଇଛି। ପୀଡିତାଙ୍କୁ ନ୍ୟାୟ ଏବଂ ଅଭିଯୁକ୍ତଙ୍କ ବିରୋଧରେ ଯେଭଳି ଦୃଢ କାର୍ଯ୍ୟାନୁଷ୍ଠାନ ହେବ ସେଥିନେଇ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ଗୋପାଳପୁର ବେଳାଭୂମି ପର୍ଯ୍ୟଟକଙ୍କ ପାଇଁ ସୁରକ୍ଷିତ ସ୍ଥାନ। ଏହାର ମଜା ନେବା ସହ କେହି ଭୟଭୀତ ନ ହେବାକୁ ମନ୍ତ୍ରୀ ଶ୍ରୀ ଜେନା ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ବେଳାଭୂମିକର ଉନ୍ନତିକରଣ ପାଇଁ ୩୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଖୁବ୍‌ଶୀଘ୍ର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହେବା ସହ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବେଳାଭୂମିରେ ବଢିବ ପୁଲିସ୍ ସୁରକ୍ଷା ବ୍ୟବସ୍ଥା ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।



## ଆୟୁଷ୍ମାନ୍ ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ ମେଳା

**ଆସିକା,୧୮।୬/ଏନ୍‌ଏନ୍‌ଏସ୍:** ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବାଣିବିହାର ସ୍ଥିତ କଲ୍ୟାଣ ମଣ୍ଡପ, ଏନ୍‌ଏସି କାର୍ଯ୍ୟାଳୟ ଓ ତାଲୁକା ଛକ କଲ୍ୟାଣ ମଣ୍ଡପ ପରିସରରେ ଆୟୁଷ୍ମାନ୍ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ମେଳା, ରାସନ୍ କାର୍ଡ ବଣ୍ଟନ ମେଳା, ବର୍ଦ୍ଧିତ ଭତ୍ତା ବଣ୍ଟନ ମେଳା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) କାର୍ଯ୍ୟାଦେଶ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି । ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ୍ କୁମାର ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାଧନାରେ ଅନୁଷ୍ଠିତ ଜନହିତକର ଓ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢୀ ଯୋଗଦେଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଏହି ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆସିକା ଏନ୍‌ଏସି ଅଞ୍ଚଳର ବିଭିନ୍ନ ସାହିବସ୍ତିର ପ୍ରାୟ ୬୦୦ ଯୋଗ୍ୟ ହିତାଧିକାରୀମାନଙ୍କୁ ଆୟୁଷ୍ମାନ୍ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଥିଲେ। ରାଜ୍ୟବାସୀଙ୍କ ସକାଶେ ଉନ୍ନତ ଚିକିତ୍ସା ସୁବିଧାକୁ ସୁନିଶ୍ଚିତ କରିବା ନିମନ୍ତେ ଓଡିଶାରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ ହେବା ପରେ ଓଡିଶାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂତନ ଯୁଗର ଶୁଭାରମ୍ଭ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୯୦ ଜଣ ନୂତନ ହିତାଧିକାରୀଙ୍କୁ ରାସନ୍ କାର୍ଡ, ୫୧ ଜଣ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା, ୨୨ ଜଣ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)ରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ଏହି ଅବସରରେ ଆସିକା ଏନ୍‌ଏସି ପକ୍ଷରୁ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ଆସିକା ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବାଲ୍‌ଗୋପାଳ ବେହେରା, ଯୋଗାଣ ନୀରିକ୍ଷକ ସର୍ମିଷ୍ଠା ଦଳବେହେରା, ଏନ୍‌ଏସି କାଉନସିଲର ସରୋଜ କୁମାର ଭଞ୍ଜ, ରାଘବ ସିୟ, ରୀନା ବେହେରା, ଦୁର୍ଗାବାଇ ବୈଠାରୁ, ଆସିକା ଏନ୍‌ଏସିର ଗୋଷ୍ଠୀ ସଂଗଠିକା ମାନସୀରାଣୀ ସାହୁ, ଏନ୍‌ଏସି କର୍ମଚାରୀ ବି.ସନ୍ଦୀପ ରାଓ, ରାଜେନ୍ଦ୍ର କୁମାର ମିଶ୍ର, ହରଜିତ୍ ସାଠୁଆ, ଇଂ ଲକ୍ଷ୍ମୀ ସିଂ, ଜଗନ୍ନାଥ ବାଡତ୍ୟା, ଅଜିତ୍ କୁମାର ପଟ୍ଟନାୟକଙ୍କ ସମେତ ବହୁ କାଉନସିଲର୍, ଏନ୍‌ଏସି କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



## କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ଅଭିଯାନ



**ଫୁଲବାଣୀ, ୧୮।୬/ଏନ୍‌ଏନ୍‌ଏସ୍:** ଜିଲ୍ଲା କଂଗ୍ରେସ କମିଟି କନ୍ଧମାଳ ରାଜ୍ୟ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ସମ୍ବିଧାନ ବଞ୍ଚାଅ ଅଭିଯାନ ପାଇଁ ଏକ ବିଶାଳ ବାଇକ ଶୋଭାଯାତ୍ରା କରାଯାଇଛି। ରାଜ୍ୟ କଂଗ୍ରେସର ଉପ ସଭାପତି ତଥା ସାନ ଖେମୁଣ୍ଡି ବିଧାୟକ ରମେଶ ଜେନା (କନ୍ଧମାଳ ଜିଲ୍ଲା ପ୍ରଭାରୀ) ଙ୍କ ନେତୃତ୍ୱରେ ଫୁଲବାଣୀ ସର୍କିଟ ହାଉସ ଠାରୁ ଏକ ବିଶାଳ ବାଇକ ରାଲି ସହର ପରିକ୍ରମା କରିଥିଲା। କେନ୍ଦ୍ର ଓ ରାଜ୍ୟ ସରକାର ବିରୋଧରେ ସ୍ଲୋଗାନ ଦେଇ ଥିଲେ ଶତାଧିକ କଂଗ୍ରେସ କର୍ମୀ। ଏକ ସୁସଜିତ ଗାଡ଼ିରେ ପ୍ରଭାରୀ ରମେଶ ଜେନା, ଜି ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ,ରାୟଗଡା ବିଧାୟକ ଆପ୍ଲସ୍ୱାମୀ କଡାରକା, ପିସିସି ସମ୍ପାଦକ, ପୂର୍ବତନ ସାଂସଦ ରାଧା କାନ୍ତ ଦିଗାଲ, ନକୁଳ ନାୟକ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ପୂର୍ବତନ କଂଗ୍ରେସ ପ୍ରାର୍ଥୀ ଅମୀର ଚାନ୍ଦ ନାୟକ ବାଲିଗୁଡା ବିଧାୟକ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ, ପୂର୍ବତନ ଜିଲ୍ଲା କଂଗ୍ରେସ ଜିଲ୍ଲା ସଭାପତି ଅନାମ ନାୟକ, ଛାତ୍ର କଂଗ୍ରେସ ସଭାପତି ଅନୁପମ କହ୍ନର, ଯୁବକଂଗ୍ରେସର ବସନ୍ତ ପାଢ଼ୀ ଓ ଏଆଇ ସିସିର ସଭ୍ୟ ଘନ କୁମାର ଶବର ଶିବ ଶଙ୍କର ବେହେରା ପ୍ରମୁଖ ରାଲିରେ ଯାଇଥିଲେ। ପାରିଜାତ ମଣ୍ଡପରେ ସମ୍ବିଧାନ ବଞ୍ଚାଅ ସଭା ହୋଇଥିଲା। ପ୍ରଭାରୀ ରମେଶ ଜେନା ଭାଷଣ ପ୍ରସଙ୍ଗରେ କହିଲେ ଯେ ରାଜା ରାଜୁଡା ଶାସନର ଅବସାନ ଘଟିବା ପରେ ଇଷ୍ଟ ଇଣ୍ଡିଆ କମ୍ପାନୀ ବ୍ୟବସାୟ କରିବାକୁ ଆସି କାଳକ୍ରମେ ଭାରତକୁ ଶାସନ କଲେ। ସ୍ୱାଧୀନତା ପାଇଁ ମହାତ୍ମା ଗାନ୍ଧୀ ବାହାରିଲେ। ସ୍ୱାଧୀନତା ହାସଲ ହେଲା ପରେ ଏକ ସମ୍ବିଧାନର ଆବଶ୍ୟକତା ଦେଖାଦେଲା। ଡ଼ ଭୀମ ରାଓ ଆମ୍ବେଦକର ସମ୍ବିଧାନ ପ୍ରଣୟନ କଲେ। ସମ୍ବିଧାନ ନାଗରିକ ମାନଙ୍କୁ ଅଧିକାର ଦେଲା। କିନ୍ତୁ ସମ୍ବିଧାନକୁ ବିକଳାଙ୍ଗ କରି ନିଜର ଦଳୀୟ ସ୍ୱାର୍ଥ ପାଇଁ ବ୍ୟବହାର କଲା କେନ୍ଦ୍ର ବିଜେପି ସରକାର। ସମ୍ବିଧାନର ପବିତ୍ରତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ କୁଠାରଘାତ କରିଚାଲିଛି ବିଜେପି। ଲୋକେ ଏଣିକି ସୁଶାନ ପାଇବେ ନାହିଁ। ଦାରିଦ୍ର୍ୟତା ହଟିବ ନାହିଁ। ଏକ ଦେଶ, ଏକ ନିର୍ବାଚନ ରୁଷିଆ ଓ ୟୁକ୍ରେନ ଭଳି ଶାସନ ପ୍ରଚଳନ ପାଇଁ ମସୁଧା ଚାଲିଛି ବୋଲି ଶ୍ରୀ ଜେନା ମତବ୍ୟକ୍ତ କରିଥଲେ। କଂଗ୍ରେସ ଦଳକୁ ସୁଦୃଢ ରଖିବା ସହ କେନ୍ଦ୍ର ଓ ରାଜ୍ୟର ଦୁର୍ନୀତି ଗ୍ରସ୍ତ ସରକାରକୁ ହଟାଇବା ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେତା ଅମୀର ଚାନ୍ଦ ନାୟକ, ନକୁଳ ନାୟକ, ରାଧାକାନ୍ତ ଦିଗାଲ, ଅଭିମନ୍ୟୁ ବେହେରା, ଘନ କୁମାର ଶବର, ଚନ୍ଦ୍ରଶେଖର ପରିଡା, ହଳଧର ସେଠି, ପି ସି ସି ସମ୍ପାଦକ, ଉପେନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ବିଧାନକୁ ବଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ସଭାକାର୍ଯ୍ୟ ରଜତ ମହାନ୍ତି, ବସନ୍ତ ପାଢ଼ୀ, ପରିଚାଳନା କରିଥିଲେ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଓ ପଦଯାତ୍ରା ଶୁଭାରମ୍ଭ

**ଫୁଲବାଣୀ, ୧୮।୬/ଏନ୍‌ଏନ୍‌ଏସ୍:** ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଅନୁକୁଲ୍ୟରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ୧୮.୬.୨୦୨୫ରେ ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଏବଂ ଜିଲ୍ଲାପାଳ କନ୍ଧମାଳଙ୍କ ନିର୍ଦ୍ଦେଶ କ୍ରମେ ଏକ ସଚେତନତା ପଦଯାତ୍ରା ଓ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଅଛି। ଏହି ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସକାଳ ୯.୩୦ରେ ବାହାରି ମାଦିକୁଣ୍ଡା ଛକ ନିକଟରେ ପହଞ୍ଚିଥିଲା। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ (ଭାରପ୍ରାପ୍ତ), ବିଶ୍ୱ ରଞ୍ଜନ କହଁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସଚେତନତା ପଦଯାତ୍ରାରେ ବିଜୁ ଦକ୍ଷତା ବିକାଶ କେନ୍ଦ୍ର ଫୁଲବାଣୀର ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମୀ, ଶ୍ରମିକ ସଂଗଠନର କର୍ମକର୍ତ୍ତା, ସମାଜସେବୀ ଏବଂ ଜନ ସାଧାରଣ ଏଥିରେ ଭାଗ ନେଇଥିଲେ। ଅଧିକ୍ଷକ ଅବକାରୀ ବିଭାଗ, କନ୍ଧମାଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସଦସ୍ୟ ଶିଶୁ କଲ୍ୟାଣ କମିଟି, ଚାଇଲଡ ହେଲ୍ପ ଲାଇନ, ସହକାରୀ ଶ୍ରମ ଅଧିକାରୀ, ବିଭୁ ପ୍ରସାଦ ସ୍ୱାଇଁ, ସ୍ୱିନିତା କୁମାରୀ ଦେବୀ ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ଏହି ସଚେତନତା ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜନ ସାଧାରଣ ଓ ବାଣିଜ୍ୟ ପ୍ରତିଷ୍ଠାନର ସତ୍ତ୍ୱାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଅଛି । ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରାରେ ସମସ୍ତ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ଜିଲ୍ଲାକୁ କିଭଳି ଶିଶୁ ଶ୍ରମିକ ମୁକ୍ତ କରାଯାଇପାରିବ ତଥା ଶିଶୁ ମାନଙ୍କର ଅଧିକାର, ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ନିୟୋଜନରେ ଦଣ୍ଡବିଧାନର ପ୍ରାବଧାନ ସମ୍ପର୍କରେ ସର୍ବ ସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରଯାଇଥିଲା । ଉକ୍ତ ସଚେତନତା ରଥ କନ୍ଧମାଳ ଜିଲ୍ଲାର ଅନ୍ୟ ସହରାଞ୍ଚଳରେ ମଧ ପରିକ୍ରମା କରି ସଚେତନତା ସୃଷ୍ଟି କରିବ ।

### କେଟିଏସ୍ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକଙ୍କ ବଦଳି

## ଦାବି ପୂରଣ ପରେ ଆନ୍ଦୋଳନରୁ ହଟିଲେ ବିଦ୍ୟାର୍ଥୀ

**କୁକୁଡାଖଣ୍ଡି,୧୮।୬/ଏନ୍‌ଏନ୍‌ଏସ୍:** କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଆଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦିକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଓ ଅଧ୍ୟାପିକାଙ୍କ ମନମୁଖୀ ଶାସନରେ ଅତିଷ୍ଠ ବିଦ୍ୟାର୍ଥୀ ଦୀର୍ଘଦିନ ଧରି ଚଳାଇଥିବା ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ଆୟୁର୍ବେଦିକ ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ ବିହାରୀ ଖୁଣ୍ଟିଆ, ଅଧ୍ୟାପିକା ସ୍ୱପ୍ନା ସ୍ୱୟଂପ୍ରଭା ଏବଂ ଅଧ୍ୟାପକ ସୁବ୍ରତ କୁମାର ଓଝାଙ୍କ କାର୍ଯ୍ୟକଳାପକୁ ବିରୋଧ କରି ୩ ଅଧିକାରୀଙ୍କ ବଦଳୀ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୂର୍ବରୁ ଦାବିପତ୍ର ଦେଇଥିଲେ ବିଦ୍ୟାର୍ଥୀ। ଦାବି ପୂରଣ ନ ହେବାରୁ ସେମାନେ କଲେଜ ସମ୍ମୁଖରେ ଗତ ୩ ତାରିଖରୁ ଧାରଣାରେ ବସି ରହିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ବଦଳି ତାଲିକା ବାହାରିବା ପରେ ଛାତ୍ରଛାତ୍ରୀ ସନ୍ତୁଷ୍ଟ ପ୍ରକାଶ କରି ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି। ଅଧ୍ୟକ୍ଷ ବିପିନ ବିହାରୀ ଖୁଣ୍ଟିଆ ଏବଂ ଅଧ୍ୟାପିକା ସ୍ୱପ୍ନା ସ୍ୱୟଂପ୍ରଭାଙ୍କୁ ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟକୁ ବଦଳି ହୋଇଥିବା ବେଳେ ପୁରୀରେ କାର୍ଯ୍ୟରତ ଅଧ୍ୟକ୍ଷ ଅରୁଣ କୁମାର ଦାସ ଏବଂ ସୁବ୍ରତ ଜୟସିଂଙ୍କୁ ବ୍ରହ୍ମପୁର କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ମହାବିଦ୍ୟାଳୟକୁ ବଦଳି କରିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରାଳୟ। ବଦଳିକୁ ନେଇ ବିଦ୍ୟାର୍ଥୀ ଖୁସି ବ୍ୟକ୍ତ କରିଛନ୍ତି। କୁକୁଡାଖଣ୍ଡି ତହସିଲଦାର ରାଜ କିଶୋର ପଟ୍ଟନାୟକ, ସଦର ଥାନା ଅଧିକାରୀ ରାମ ସୁବ୍ରମନ୍ୟମ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ମତାମତ ବୁଝିବା ସହ ଆଗାମୀ ଦିନରେ ଛାତ୍ରଛାତ୍ରୀ ଏବଂ କଲେଜ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ବଜାୟ ରହିବ ସେ ଦିଗରେ ଆଲୋଚନା କରିଥିଲେ।

### ପୁରୀରେ ବିଜୁ ଯୁବ-ଛାତ୍ର ଜନତା ଦଳର ଜାଗରଣ ଅଭିଯାନ

# ଆସିକାରୁ ଯୋଗଦେଲେ ୪୦ରୁ ଊର୍ଦ୍ଧ୍ୱ ଦଳୀୟ ନେତା ଓ କର୍ମୀ

**ଆସିକା,୧୮।୬/ଏନ୍‌ଏନ୍‌ଏସ୍:** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପରାମର୍ଶକ୍ରମେ ଆଜି ପୁରୀ-କୋଣାର୍କ ବେଳାଭୂମି ରାସ୍ତାର ବାଲିଗୁଆଳି ସ୍ଥିତ ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ବିଜୁ ଯୁବ-ଛାତ୍ର ଜନତା ଦଳର ରାଜ୍ୟସ୍ତରୀୟ ଜନଜାଗରଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ମଂଜୁଳା ସ୍ୱାଇଁ ଓ ଗଞ୍ଜାମ ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁଙ୍କ ମାର୍ଗଦର୍ଶନରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, ଜିଲ୍ଲା ପରିଷଦ ସଦସ୍ୟା ବି.ମନୋଜ କୁମାର ଦୋରା, ବିଜୁ ଯୁବ ଛାତ୍ର ଜନତା ଦଳର ନେତା ନିଗମାନନ୍ଦ ରାଉତ, ଜିତେନ୍ଦ୍ର କୁମାର ମହାରଣା, କେଶବ ଦାଶ, ପ୍ରତାପ ଚନ୍ଦ୍ର ପ୍ରଧାନ, ବିମଳ ପ୍ରଧାନ, ସାଇରାଜ ଦଳେଇ, ଆକାଶ ସ୍ୱାଇଁ, ସଂଜୀବ ମହାରଣା, ଶ୍ୱେତବସନ୍ତ ଲେଙ୍କା, ସାଗର ପାତ୍ର, ସିମାଂଚଳ ସ୍ୱାଇଁ, ଭଗବାନ ବିଶ୍ୱାଳ, ବାପିନା ଜେନା, ଶିବରାମ ପାଣିଗ୍ରାହୀ, ପ୍ରଣବ କୁମାର ପାଢୀ, ଶଙ୍କର ନାହାକ, ସନ୍ତୋଷ ନାହାକ, ନିଳାଞ୍ଚଳ ମହାରଣା, ରାଜଗୋପାଳ ବିଷୋୟୀ, ମନୋଜ ପ୍ରଧାନଙ୍କ ସମେତ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଦଳୀୟ ନେତା ଓ କର୍ମୀ ଏଥିରେ ସାମିଲ୍ ହୋଇଥିବା ଜଣାପଡିଛି। ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ଆହୁରି ସୁଦୃଢ କରିବା ସାଙ୍ଗକୁ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରୂପରେଖ ପ୍ରସ୍ତୁତ କରିବା ସକାଶେ ଗତକାଲି ବାଲିସିରା ଗ୍ରାମର ସିଦ୍ଧେଶ୍ୱର ଶୈବପୀଠରେ ବିଜେଡି ଏକ ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଆୟୋଜିତ ହୋଇଥିଲା। ସେଠାରେ ନିଜର ଶକ୍ତି ପ୍ରଦର୍ଶନ କରିବାରେ ସକ୍ଷମ ହୋଇଥିବା ବେଳେ ଆଜି ପୁରୀରେ ଅନୁଷ୍ଠିତ ବିଜୁ ଯୁବ ଛାତ୍ର ଜନତା ଦଳର ଜାଗରଣ ଅଭିଯାନରେ ବହୁ ଦଳୀୟ ନେତା ଓ କର୍ମୀ ସ୍ୱେଚ୍ଛାକୃତ ଭାବେ ଉତ୍ସାହର ସହ ଯୋଗଦେବା ବିଜୁ ଜନତା ଦଳ ପାଇଁ ଶୁଭ ସଙ୍କେତ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମହଲରେ ଆଲୋଚିତ ହେଉଛି।



## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

**ମାହାଙ୍ଗା,୧୮।୬/ଏନ୍ଏନ୍ଏସ୍:** ମାହାଙ୍ଗା ଥାନା ଅଧିନ ଭେଡା ପଞ୍ଚାୟତ ଭେଡା ଗ୍ରାମର ଯୁଧିଷ୍ଠିର ସାମଲଙ୍କ ପତ୍ନୀ ଶକୁନ୍ତଳା ସାମଲ (୭୦)ସାପ କାମୁଡାରେ ମୃତ୍ୟୁବରଣ କରିଥିବା ଜଣାଯାଇଛି । ପ୍ରକାଶ ଯେ ଗତ ୧୨ ତାରିଖ ବିଳମ୍ବିତ ରାତିରେ ଶକୁନ୍ତଳାଙ୍କୁ ଏକ ବିଷଧର ସାପ କାମୁଡି ଥିଲା । ପରିବାର ଲୋକେ ତାଙ୍କୁ କଟକ ମେଡିକାଲରେ ଚିକିତ୍ସା କରୁଥିବାବେଳେ ଗତକାଲି ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ଆଜି ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଛି । ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ଖୋର୍ଦ୍ଧାରେ ସାମୂହିକ ପାଠାଗାର ଏବଂ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

# କମ୍ପିଟେଟିଭ୍ ପରୀକ୍ଷା ଲାଗି ପିଲାଙ୍କୁ ପଢ଼ାଇବେ ଭୁବନେଶ୍ୱର ସାଂସଦ

**ଖୋର୍ଦ୍ଧା,୧୮।୧/ଏନ୍ଏନ୍ଏସ୍:** ଏଣିକି ଅର୍ଥାଭାବରୁ କୌଣସି ମେଧାବୀ ପିଲା ଉଚ୍ଚଶିକ୍ଷା ଏବଂ ବିଭିନ୍ନ ପ୍ରକାରର ସରକାରୀ କି ବେସରକାରୀ ଚାକିରି ପାଇବାରୁ ବଞ୍ଚିତ ହେବେ ନାହିଁ । ରେଲୱେ, ବ୍ୟାଙ୍କିଂ ଭଳି କମ୍ପିଟିଟିଭ୍ ପରୀକ୍ଷା ଲାଗି ଅଧିକ ଟଙ୍କା ଖର୍ଚ୍ଚ କରି କେଉଁ ବେସରକାରୀ କୋଚିଂ ସେଣ୍ଟରକୁ ବି ଯିବାକୁ ପଡ଼ିବନି । ନିଜ ଅଞ୍ଚଳର ଆର୍ଥିକ ଅନଗ୍ରସର ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀଙ୍କ ଲାଗି ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକ ସାମୁହିକ ପାଠାଗାର ଏବଂ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଗରିବ ପିଲାଙ୍କ ଲାଗି ଏଭଳି ସାମୁହିକ ଲାଇବ୍ରେରି କମ୍ କୋଚିଂ ସେଣ୍ଟର ନିର୍ମାଣ ଚିନ୍ତାଧାରାଟି ଦେଶରେ ପ୍ରଥମ ବୋଲି କହିଛନ୍ତି ସାଂସଦ । ୧୭୫୦ ବର୍ଗଫୁଟର ଏହି ଲାଇବ୍ରେରି କମ୍ କୋଚିଂ ସେଣ୍ଟର ନିର୍ମାଣ ଲାଗି ମୋଟ୍ ୫୩ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି ।

ଆଗାମୀ ବର୍ଷେ ଭିତରେ ଏହାର କାର୍ଯ୍ୟ ସମାପନ ଲାଗି ସମୟ ଧାର୍ଯ୍ୟ କରାଯାଇଥିବା ବେଳେ, ନିର୍ମାଣ କାର୍ଯ୍ୟ ସରିଲେ ଅଭିଜ୍ଞ ପ୍ରଶିକ୍ଷକମାନଙ୍କ ଦ୍ୱାରା ସ୍ଥାନୀୟ ମେଧାବୀ ତଥା ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କୁ ରେଲୱେ, ବ୍ୟାଙ୍କିଂ ଭଳି ବିଭିନ୍ନ ପ୍ରକାରର କମ୍ପିଟିଟିଭ୍ ପରୀକ୍ଷା ଲାଗି ମାଗଣାରେ କୋଚିଂ ବା ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏମିତିକି କାର୍ଯ୍ୟ ସମାପନ ସରିଲେ କୌଣସି ଏକ ଅଗ୍ରଣୀ ଅନୁଷ୍ଠାନ ସହ ଚୁକ୍ତିନାମା କରି ପିଲାମାନଙ୍କୁ କୋଚିଂ ପ୍ରଦାନ କରାଯିବ ବୋଲି କହିଛନ୍ତି ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା । ଖାଲି ଏତିକି ନୁହେଁ । ପାଠାଗାର କମ୍ କୋଚିଂ ସେଣ୍ଟରରେ ପିଲାଙ୍କ ପଢ଼ିବା ଲାଗି ସମସ୍ତ ପ୍ରକାରର ବହି ମିଳୁଛି କି ନାହିଁ, ପ୍ରଶିକ୍ଷଣରେ କଣ ତ୍ରୁଟି ରହୁଛି




ତାହାକୁ ବ୍ୟକ୍ତିଗତ ଭାବେ ତଦାରଖ କରିବା ସହ ସମୟ ସମୟରେ ନିଜେ ମଧ୍ୟ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ସାଂସଦ ଅପରାଜିତା । ଯେତେବେଳେ ମୁଁ ମଧ୍ୟ ଆଇଏଏସ୍ ପାଇଥିଲି, ସେତେବେଳେ ଏସବୁ ମୋତେ ବହୁତ ବ୍ୟଥିତ କରିଥିଲା । ଆଉ ସେତେବେଳଠୁ ଏଭଳି ଏକ ଚିନ୍ତାଧାରା ମୋ ମସ୍ତିଷ୍କରେ ପ୍ରବେଶ କରିଥିଲା । ଯାହାକି ଆଜି ବାସ୍ତବ ରୂପ ନେବାକୁ ଯାଉଛି ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ । ସେହିଭଳି ପ୍ରତି ଘରେ ଝିଅଙ୍କୁ ପାଠ ପଢ଼ାଇବା ଦରକାର ବୋଲି ଅଭିଭାବକମାନଙ୍କୁ ଅପିଲ କରିଛନ୍ତି ଅପରାଜିତା । ପ୍ରଥମେ ଖୋର୍ଦ୍ଧାରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଆଗକୁ ଭୁବନେଶ୍ୱର, ଜଟଣୀ, ବାଲିଅନ୍ତା, ବାଲିପାଟଣା, ବେଗୁନିଆ, ବୋଲଗଡ଼, ଓ ଟାଙ୍ଗି ଭଳି ଅପରାଜିତାଙ୍କ ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ଅନ୍ୟ ୭ଟି ବ୍ଲକରେ କାର୍ଯ୍ୟକାରୀ ହେବ । ଯେଉଁଥିଲାଗି ମୋଟ ୪କୋଟି ୨୪ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଯେଉଁଥିରୁ ଏମପି ଲ୍ୟାଡରୁ ୨ କୋଟି ୪୦ ଲକ୍ଷ ଏବଂ ବାକିତକ ପଞ୍ଚମ ରାଜ୍ୟ ଅର୍ଥ କମିଶନ, ଏମ୍.ଜି.ଏନ୍.ଆର୍.ଜି.ଏ., ଜିଲ୍ଲା ଖଣିଜ ପାଣ୍ଠି ଓ ଏସ୍.ବି.ଏମ୍ ଭଳି ସମନ୍ୱିତ ପାଣ୍ଠିରୁ ଖର୍ଚ୍ଚ କରାଯିବ । ଯାହାଦ୍ୱାରା ମୋ ଅଞ୍ଚଳର ମେଧାବୀ ପିଲା ଆଗକୁ ଦେଶ ବିଦେଶରେ ନାଁ କମାଇପାରିବେ ବୋଲି କହିଛନ୍ତି ମ୍ୟାଡମ୍ ଅପରାଜିତା । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଆଗକୁ ସାରା ଦେଶ ଏହି ମଡେଲକୁ ଆପଣାଇବ ବୋଲି କହିଛନ୍ତି ସେ । କାର୍ଯ୍ୟକ୍ରମରେ ସାଂସଦ ଅପରାଜିତାଙ୍କ ସମେତ ସିଡିଓ ଜ୍ୟୋତିଶଙ୍କର ସାହୁ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଜିଲ୍ଲା ପରିଷଦ ପ୍ରଫୁଲ୍ଲ ଦଳାଇ, ଖୋର୍ଦ୍ଧା ଏକଜିକ୍ୟୁଟିଭ ଇଞ୍ଜିନିୟର ତପନ କୁମାର ସାହୁ, ସହକାରୀ ଏକଜିକ୍ୟୁଟିଭ ଇଞ୍ଜିନିୟର ମାନସ ରଞ୍ଜନ ନାୟକ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ରଶ୍ମୀରଞ୍ଜନ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ବିଭୁପ୍ରସାଦ ବଳିୟାରସିଂହ, ଦିଲିପ କୁମାର ହୋତା, ପ୍ରତାପ ମହାପାତ୍ର, ନିକୁଞ୍ଜ ପଟ୍ଟନାୟକ ଏବଂ ସାଂସଦଙ୍କ ଓଏସଡି ଶଶାଙ୍କ ଶେଖର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

### ଅନ୍ତର୍ଜାତୀୟ ବିଶ୍ୱ ଯୋଗ ଦିବସ ପାଇଁ ପ୍ରସ୍ତୁତି

## ସୂର୍ଯ୍ୟମନ୍ଦିରରେ ଯୋଗ କରିବେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍

**କୋଣାର୍କ,୧୮।୬/ଏନ୍ଏନ୍ଏସ୍:** ଅଗାମୀ ୨୧ ତାରିଖ ଶନିବାର ଅନ୍ତର୍ଜାତୀୟ ବିଶ୍ୱ ଯୋଗ ଦିବସ ସମଗ୍ର ବିଶ୍ୱରେ ପାଳିତ ହେବାକୁ ଥିଲାବେଳେ ଅନୁରୂପ ଭାବେ ପ୍ରତ୍ନତତ୍ତ୍ୱ ବିଭାଗ ଓ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ପୁରୀ ସର୍କଲ ଏଏସ୍ଆଇଙ୍କ ତତ୍ତ୍ୱବଧାନରେ ବିଶ୍ୱଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଯୋଗ ଦିବସ ପାଳନ କରାଯିବ ।

ଏହି ଯୋଗ ଦିବସରେ ଜିଲ୍ଲା ସ୍ପୋର୍ଟସ ବିଭାଗ, ଖୋର୍ଦ୍ଧା ଆଇଟିବିପି ଓ କୋଣାର୍କର ସମସ୍ତ ସରକାରୀ ବିଭାଗର ଅଧିକାରୀ, ମିଡିଆ, ବିଭିନ୍ନ ଯୋଗ ଅନୁଷ୍ଠାନର ସଦସ୍ୟ ସ୍ଥାନୀୟ ସ୍କୁଲର ଛାତ୍ରଛାତ୍ରୀଙ୍କ ସମେତ ୮୦୦ରୁ ଉର୍ଦ୍ଧ୍ୱ ଜଣ ଭାଗନେଇ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଯୋଗ କରିବା ପାଇଁ ସ୍ଥିର ହୋଇଛି । ସରକାରୀ ନିୟମ ଅନୁଯାୟୀ ସକାଳ ୫ଟା ୩୦ମିନିଟ୍‌ରେ ସମସ୍ତେ ଯୋଗରେ ଭାଗନେଇ ୬ଟାରେ ଯୋଗ ଆରମ୍ଭ କରିବେ । ଏ ନେଇ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ବଡ଼ ବଡ଼ ଏଲ୍ଇଡି ଲାଇଟ୍ ଲଗାଯାଇ ପ୍ରଧାନମନ୍ତ୍ରୀଙ୍କ ଯୋଗକୁ ବିଏସ୍ଏନ୍ଏଲ୍ ପକ୍ଷରୁ ଲାଇଭ୍ ପ୍ରସାରଣ କରାଯିବ ।

ଏହି ଯୋଗ ଦିବସରେ ମୁଖ୍ୟଅତିଥି ଭାବେ ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରାଳୟ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଯୋଗ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ତାଙ୍କ ସହିତ ଅତିଥିଭାବେ ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା, କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଏଏସ୍ଆଇ ପୁରୀ ସର୍କଲ ସୁପେରିଣ୍ଟେଣ୍ଡେଣ୍ଟ୍ ଡି.ବି. ଗଡ଼ନାୟକ ସୂଚନା ଦେଇଛନ୍ତି । ଏଥିନେଇ ପ୍ରସ୍ତୁତି ଜୋରଦାର୍ ଚାଲିଛି । ପୁରୀ ଜିଲ୍ଲାର ସମସ୍ତ ଏଏସ୍ଆଇର ଅଧିକାରୀ ଓ କର୍ମଚାରୀ ଏହି ଯୋଗ ଦିବସରେ ଭାଗନେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ।

## ଡେଲାଙ୍ଗରେ ରଜପର୍ବ ଉଦ୍‌ଯାପିତ



**ଡେଲାଙ୍ଗ,୧୮।୬/ଏନ୍ଏନ୍ଏସ୍:** ଡେଲାଙ୍ଗ କୋଠବାଡ ପଞ୍ଚାୟତର ପୁରୁଣା ଡେଲାଙ୍ଗ ଗ୍ରାମରେ ଡେଲାଙ୍ଗ ଯୁବକ ସଂଘ ପକ୍ଷରୁ ରଜପର୍ବ ଉଦ୍‌ଯାପିତ ହୋଇଯାଇଛି । ରଜକୁ ରାଜ୍ୟର ପ୍ରଧାନ ଗଣପର୍ବ ବୋଲି କୁହାଯାଇଥାଏ । ଏହି ଗଣପର୍ବ ସହିତ ଓଡିଆଙ୍କ କଳା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ । ଏହି ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଡେଲାଙ୍ଗ ଯୁବକ ସଂଘ ପକ୍ଷରୁ ୩ ଧରି ରଜ ପର୍ବ ଆୟୋଜିତ ହୋଇଥିବା ବେଳେ ସୋମବାର ଏହାର ଉଦ୍‌ଯାପିତ ହୋଇଯାଇଛି । ଚାରିସାହି ତଥା ପୁରୁଣା ଡେଲାଙ୍ଗ, ଗୁଣ୍ଡୁଚି ପାଟଣା, ଗୋଲାସାହି ଓ ମଲିକ୍ ସାହିକୁ ନେଇ ଏହି ସମାବେଶ ଆୟୋଜିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଦୀପକ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭଉଦଘାଟନ କରିଥିଲେ । ପ୍ରଥମ ଦିନରେ କୁନୁକୁନି ପିଲାମାନଙ୍କୁ ନେଇ ରଜଦୋଳି, ପୁଚି, ଚିତ୍ରାଙ୍କନ, ଅଖାଦୌଡ଼ ଓ ରଜପାନ ସହିତ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ସେହିପରି ଦ୍ୱିତୀୟ ଦିନରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତା କରାଯାଇଥିବା ବେଳେ ଅଧ୍ୟାପକ ତ୍ରିନାଥ ପରିଡା ଓ ଅର୍ଜୁନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୋମବାର ସମାଜସେବୀ ନିର୍ମଳ ପରିଡା, କୃଷ୍ଣଚନ୍ଦ୍ର ସାହୁ, ଆଇନଜୀବୀ ବିଚିତ୍ରଭୂଷଣ ମହାପାତ୍ର, ବସନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗଣପର୍ବ ରଜ ପାଳନର ମୁଖ୍ୟଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ । ଯୁବକସଂଘ ସଦସ୍ୟ ରବିନ୍ଦ୍ର ଖଟୋଇ, ଲକ୍ଷ୍ମୀକାନ୍ତ ବାରିକ୍, ଗଙ୍ଗାଧର ମଲ୍ଲିକ୍, ଅନନ୍ତ ସାହୁ, ଅର୍ଜୁନ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ପହଲଗାମ୍ ସ୍ମୃତିରେ ‘ମାଆ ପାଇଁ ଗଛଟିଏ’

**ପୁରୀ,୧୮।୬/ଏନ୍ଏନ୍ଏସ୍:** ପହଲଗାମ୍ ଘଟଣାରେ ଜୀବନ ହରାଇଥିବା ଭାରତୀୟଙ୍କ ସ୍ମୃତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ପୁରୀ ସଦର, ସତ୍ୟବାଦୀ, ବ୍ରହ୍ମଗିରି, ପିପିଲି ଓ କାକଟପୁରରେ ଚାଲିଛି ‘ମାଆ ପାଇଁ ଗଛଟିଏ’ । ପ୍ରକୃତିବନ୍ଧୁ ଡକ୍ଟର ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଓ ପ୍ରକୃତିମିତ୍ର ମିଶନ ଓଡ଼ିଶାର ସଂପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିମ, ପଣସ, କଦମ୍ବ ବୃକ୍ଷରୋପଣ କରାଯାଇଛି । ଏଥିରେ ରଶ୍ମିରଞ୍ଜନ ଦାଶ, ଅଜୟ ପ୍ରଧାନ, ଶିବରାମ ପ୍ରଧାନ, କେଦାରନାଥ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର, ପ୍ରଣବ ମହାପାତ୍ର, ଗୋବିନ୍ଦ ପାତ୍ରଙ୍କ ସମେତ ବିଭିନ୍ନ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ ।



## ଦିଶାନ୍ତ ରଜ ମହୋତ୍ସବ ଉଦ୍‌ଯାପିତ



**ଖୋର୍ଦ୍ଧା,୧୮।୧/ଏନ୍ଏନ୍ଏସ୍:** ଭାରତର ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧାର ବରୁଣେଇ ମହୋତ୍ସବ ୧୭ ମଧ୍ୟରେ ସଫଳତାର ବିକାଶ ଏବେ ଗଣ ଉତ୍ସବରେ ହୋଉଛି । ଏହା ଖୋର୍ଦ୍ଧା ଜିଲ୍ଲା ସମେତ ଓଡିଶାର ବିଭିନ୍ନ ପୁରପଲ୍ଲୀରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଐତିହାସିକ ପୀଠ ବରୁଣେଇରେ ଅନୁଷ୍ଠିତ ରଜ ମହୋତ୍ସବ ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି । ଐତିହ୍ୟ ସଂସ୍କୃତି ଏହି ଲୋକକଳାକୁ ପୁନଃଜୀବିତ କରିଛି । ଆଜି ଏଭଳି କିଛି ମତପ୍ରକାଶ ପାଇଥିବା ଦିଶାନ୍ତ ଦ୍ୱାରା ଆୟୋଜିତ ବରୁଣେଇ ରଜ ମହୋତ୍ସବର ୧୭ତମ ସଂସ୍କରଣ ଉଦଯାପିତ ଦିବସରେ ଦିଶାନ୍ତର ସମ୍ପାଦକ ଦିଲୀପ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବୋଧନ ସଭାରେ ମୁଖ୍ୟ ଅତିଥି ଭାବେ ପୌରାଦୀକ୍ଷା କନକଲକ୍ଷ୍ମୀ ମହାନ୍ତି, ମୁଖ୍ୟବକ୍ତା ରୂପେ ବାସନ୍ତୀ ମହାପାତ୍ର, ସମାଜସେବୀ ଉମାକାନ୍ତ ପଟ୍ଟନାୟକ, ପୌର ପରିଷଦ ଉପାଧ୍ୟକ୍ଷା ସୌର୍ଯ୍ୟ ରଞ୍ଜନ ମହାନ୍ତି, ସଂସଦ ପ୍ରତିନିଧି ଦିଲ୍ଲୀପ ହୋତା, ନିକୁଞ୍ଜ ପଟ୍ଟନାୟକ ଯୋଗଦେଇ, ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ । ଦିଶାନ୍ତର ସହ ସମ୍ପାଦକ ସଂଜୀବ କୁମାର ପରିଡା ଧନ୍ୟବାଦ ସଭା ସାଙ୍ଗ କରିଥିଲେ । ସଭା ପରିଚାଳନାରେ ନିରଞ୍ଜନ ନାୟକ, ଯଶସ୍ୱୀନି ସାହୁ, ରାଧାମୋହନ ମହାପାତ୍ର, ଦୀନବନ୍ଧୁ ବାଲିଆରସିଂହ, ଜୟ ନାଥ ରଣସିଂହ, ଶୁଭମ ମହାପାତ୍ର ଆଦି ସହଯୋଗ କରିଥିଲେ ।

### ଗଣମାଧ୍ୟମରେ ଖବର ପ୍ରସାରଣକୁ ନେଇ ସାମ୍ବାଦିକଙ୍କୁ ଧମକ

# ଚତୁର୍ଥସ୍ତମ୍ଭର କଣ୍ଠରୋଧ ଉଦ୍ୟମକୁ ନିନ୍ଦା

**ଜଟଣୀ,୧୮।୬/ଏନ୍ଏନ୍ଏସ୍:** ଜଟଣୀ ପୌରପରିଷଦରେ ବ୍ୟାପକ ଦୁର୍ନୀତି ଓ ଚଞ୍ଚକତା ନେଇ ବିଭିନ୍ନ ମହଲରେ ଅଭିଯୋଗ ଉଠିଥିବା ବେଳେ ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ତେବେ ଏହି ଖବର ପ୍ରକାଶ ପାଇବା ପରେ ପରିଷଦର ଅଧ୍ୟକ୍ଷ ଉତ୍‌କ୍ଷିପ୍ତ ହୋଇ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭର କଣ୍ଠରୋଧ କରିବାକୁ ଉଦ୍ୟମ କରିବା ଘଟଣାକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି । ଏହି ପୌରପରିଷଦର ସମସ୍ତ ୱାର୍ଡର ରାସ୍ତାରେ ଫେବର ବ୍ଲକ୍ ପକାଇବା, ପୁରୁଣା ଡ୍ରେନ୍‌ର ପୁନଃରୁଦ୍ଧାର, ନୂତନ ଡ୍ରେନ୍ ନିର୍ମାଣ, ୱାଲ ପେଣ୍ଟିଙ୍ଗ, ଜଳଛତ୍ର, ଖୋଲା ବ୍ୟାୟାମ ଶାଳା, ପାର୍କର ଉନ୍ନତିମୂଳକ କାର୍ଯ୍ୟ ଓ ପରିମଳ ବ୍ୟବସ୍ଥା ପରି ପ୍ରତ୍ୟକ କାର୍ଯ୍ୟରେ ସରକାରୀ ଅର୍ଥ ହଡପ୍ କରାଯାଉଥିବା ନେଇ ଅଭିଯୋଗ ଉଠିଛି । ସହରର ପରିମଳ ପାଇଁ ପୌରପରିଷଦ ଏକ ଠିକାସଂସ୍ଥା ମାଧ୍ୟମରେ ମାସିକ ୨୨ରୁ ୨୫ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସହରର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଏଠାରେ ପୌରାଧ୍ୟକ୍ଷଙ୍କ ଏକଛତ୍ରବାଦ ଶାସନ ଚାଲିଥିବା ଅଭିଯୋଗରୁ ଜଣାଯାଏ । ଗତ ୩୦ ମାର୍ଚ୍ଚ ୨୦୨୨ ମସିହାରେ ପୌରାଧ୍ୟକ୍ଷ ଦାୟିତ୍ୱ ନେବା ଦିନଠାରୁ ଆଜିଯାଏ ଏନ୍ଏସି ଅଞ୍ଚଳରେ ସେଭଳି କୌଣସି ଆଖିଦୃଶିଆ ଉନ୍ନୟନ କାର୍ଯ୍ୟ ହୋଇପାରି ନାହିଁ । କେବଳ ନିଜର ଆଧିପତ୍ୟ ବିସ୍ତାରକରି କୁଦିଆରୀ ମହତାବ ନାଗରୀରେ ଜଗନ୍ନାଥ ଜମିରେ ବେଆଇନ ଭାବେ ଘର ଏବଂ ଦୋକାନ ଘର ନିର୍ମାଣ କରି ଭଡ଼ାରେ ଦିଆଯାଇଥିବା ଜଣାଯାଏ । ପୌରପରିଷଦର ବିଭିନ୍ନ ଟେଣ୍ଡର କାର୍ଯ୍ୟରେ ଠିକାଦାରଙ୍କଠାରୁ ପିସି ଖାଇବା, ପୌର କର୍ମଚାରୀଙ୍କୁ ଧମକ ଚମକ ଦେଇ ବିଭିନ୍ନ ବେଆଇନ କାର୍ଯ୍ୟରେ ନିୟୋଜିତ କରିବା ଭଳି ଅଭିଯୋଗ ହୋଇଛି । ତେବେ ପୌରପାଳିକାର ୮ନଂ ୱାର୍ଡର ସର୍ଦ୍ଦାର ପଟେଲ ମାର୍ଗର ଏକ ନୂତନ ଡ୍ରେନ କାର୍ଯ୍ୟରେ ଅନିୟମିତତାକୁ ନେଇ ଖବର ପ୍ରସାରଣ ହୋଇଥିଲା । ପରେ ଖବରଟିକୁ ସମସ୍ତ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିଲା । ଏ ସମ୍ପର୍କରେ ଜାଣିବାକୁ ପରେ ସକାଳ ୮ଘଟିକା ସମୟରେ ପୌରାଧ୍ୟକ୍ଷ ଏକ ଫୋନ୍ କଲ୍‌କରି ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ କ୍ରୋଧାନ୍ୱିତ ହୋଇ ଧମକ ଦେବା ସହ ଗଣତନ୍ତ୍ରର କଣ୍ଠରୋଧ କରିବାକୁ ଚେଷ୍ଟା କରିଥିବା ଜଣାପଡ଼ିଛି । ପ୍ରଶାସନର ଦୁର୍ନୀତିମୂଳକ କାର୍ଯ୍ୟକୁ ଲୋକଙ୍କ ସମ୍ମୁଖକୁ ଆଣି ସଚେତନତା କରିବା ହେଲା ଗଣମାଧ୍ୟମର କାର୍ଯ୍ୟ । ତେବେ ଖବର ପ୍ରସାରଣ ପରେ ପ୍ରକୃତ ରହସ୍ୟ ପଦାରେ ପଡ଼ିଯିବ ଭାବି ପୌରାଧ୍ୟକ୍ଷ ସାମ୍ବାଦିକଙ୍କ କଣ୍ଠରୋଧ କରିବା ଘଟଣାକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି ।

## ଖଣ୍ଡପଡ଼ାରେ ରଥଯାତ୍ରା ପ୍ରସ୍ତୁତି ବୈଠକ

**ଖଣ୍ଡପଡ଼ା,୧୮।୬/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ଶ୍ରୀଜିଉଙ୍କ ଘୋଷଯାତ୍ରା ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଲାଷ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହଙ୍କ ସମେତ ପୂର୍ତ୍ତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ସ୍ୱାସ୍ଥ୍ୟବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ପୋଲିସ ଓ ଅଗ୍ନିଶମ ବିଭାଗର ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ । ଆସନ୍ତା ୨୭ ତାରିଖରେ ପ୍ରଭୁଙ୍କର ପବିତ୍ର ରଥଯାତ୍ରା ଓ ବାହୁଡା ଯାତ୍ରା କିଭଳି ଶାନ୍ତିଶୃଙ୍ଖଳାର ସହ ସଂପନ୍ନ ହେବ ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ବିଭିନ୍ନ ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି । ଖଣ୍ଡପଡା ସହରାଂଚଳର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା, ଯାତ୍ରା ସମୟରେ ସନ୍ତଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ସହ ଯାନବାହନ ପାର୍କିଂ ନିମନ୍ତେ ଆବଶ୍ୟକୀୟ ସ୍ଥାନ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି ଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାର ଦାୟିତ୍ୱ ପୁଲିସ ପ୍ରଶାସନ ଉପରେ ନ୍ୟସ୍ତ କରାଯାଇଥିଲା । ଯାତ୍ରା ସମୟରେ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟରେ ସହଯୋଗ କରିବାକୁ ନିଷ୍ପତି ନିଆଯାଇଥିଲା । ରାସ୍ତାର ଉଭୟପାର୍ଶ୍ୱରେ ଉଜ୍ୱଳ ଆଲୋକୀକରଣର ବ୍ୟବସ୍ଥା ସହ ରାସ୍ତା ଉପରୁ ବୁଲା ଗାଈଗୋରୁ, କୁକୁରଙ୍କୁ ହଟାଇବା ନିମନ୍ତେ ଏନଏସି କର୍ତ୍ତୃପକ୍ଷଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ବୈଠକରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ ।



## ଖୋଲିଲା ମା’ ଭଗବତୀଙ୍କ ଭିତର ହୁଣ୍ଡି

**ବାଣପୁର,୧୮।୬/ଏନ୍ଏନ୍ଏସ୍:** ଆଜି ପୂର୍ବାହ୍ନ ରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା’ଭଗବତୀଙ୍କ ଭିତର ହୁଣ୍ଡି ଖୋଲାଯାଇ ହୁଣ୍ଡିରୁ ଆଦାୟ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ସହିତ ସୁନାରୂପାର କିଛି ଦ୍ରବ୍ୟ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ଥିବା ମନ୍ଦିର ଜମା ଖାତାରେ ଜମା କରାଯାଇଛି । ମନ୍ଦିର ପରିଚାଳନା କମିଟିର ସଭାପତି, ସ୍ଥାନୀୟ ତହସିଲଦାର ଟି ପଦ୍ମନାଭ ଦୋରା, ବିଡ଼ିଓ ଶୀତଳ ଅଗ୍ରୱାଲ, କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ମନ୍ଦିର କର୍ମଚାରୀ, ସେବାୟତ ଓ ସ୍ଥାନୀୟ ପୋଲିସ୍ ଙ୍କ ଉପସ୍ଥିତିରେ ମା’ଭଗବତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଭିତର ହୁଣ୍ଡି ଖୋଲିଥିଲା । ଖୋଲାଯାଇଥିବା ହୁଣ୍ଡିରୁ ସଂଗୃହୀତ ଅର୍ଥ ଗଣତି ପରେ ୧,୧୮,୪୯୦ (ଏକ ଲକ୍ଷ ଅଠର ହଜାର ଚାରିଶହ ନବେ) ଟଙ୍କାର ନୋଟ ଏବଂ ୧୮,୯୩୮ (ଅଠର ହଜାର ନଅଶହ ଅଠତିରିଶି) ଟଙ୍କାର ମୁଦ୍ରା ସର୍ବମୋଟ ୧,୩୭,୪୨୮ (ଏକ ଲକ୍ଷ, ସତତିରିଶି ହଜାର ,ଚାରିଶହ ଅଠେଇଶି) ଟଙ୍କା ସହିତ ୧ ଗ୍ରାମର ଏକ ରୂପାମୁଦ୍ରା, ୨୯୦ ମିଲିଗ୍ରାମର ଦୁଇଟି ରୁପା ଆଖି ସଂଗ୍ରହ କରାଯାଇ ମନ୍ଦିର ନାମରେ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ଥିବା ଜମା ଖାତାରେ ଜମା କରାଯାଇଛି ।କାର୍ଯ୍ୟାଳୟର କର୍ମଚାରୀ ସୁରେନ୍ଦ୍ର ସାହୁ, ଅକ୍ଷୟ ମିଶ୍ର, ଅଶ୍ୱିନୀ ମିଶ୍ର, ପାଳିଆ ମାଳି ସଂଜୟ ମହାପାତ୍ର ଓ ସ୍ଥାନୀୟ ପୋଲିସ୍ ଏହି କାର୍ଯ୍ୟରେ ସହଯୋଗ କରିଥିଲେ । ଶ୍ରଦ୍ଧାଳୁମାନଙ୍କ ଦାନ ଏହି ଅର୍ଥ ମା’ଙ୍କ ଦୈନନ୍ଦିନ ନୀତିକାନ୍ତି ସେବାରେ ଲାଗିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ ପ୍ରକାଶ ।

## କ୍ରୀଡ଼ା ସଂଗଠକଙ୍କ ବିୟୋଗରେ ଶୋକ



**ସାଲେପୁର,୧୮।୬/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ଗୋପୀ ନାଥ ପୁର ଗ୍ରାମର କ୍ରୀଡା ସଂଗଠକ ତଥା ସମାଜସେବୀ ବୀରବର ଭୂୟାଁଙ୍କର ୮୦ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଏକ ମାସରୁ ଉର୍ଦ୍ଧ୍ୱ ହେବ ବ୍ରେନ୍ ଷ୍ଟ୍ରୋକରେ ପୀଡ଼ିତ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ସ୍ୱର୍ଗତ ବୀରବର ଜଣେ ମିଷ୍ଟଭାଷୀ, ପରୋପକାରୀ, ସ୍ନେହୀ, ମେଳାପି, ସମାଜସେବୀ, କ୍ରୀଡା ସଂଗଠକ, ପରିବେଶ ପ୍ରେମୀ ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ ।ସେ ଫୁଟବଲ ଖେଳିବା ସହ ଫୁଟ ବଲ୍ ଖେଳାଳିଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ ।ସ୍ଥାନୀୟ ଫୁଟବଲ ଟିମ୍ ର ଜଣେ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିଥିଲେ । ଏଥିସହ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବଡ଼ ପୁଅ ତଥା ଗୋପୀନାଥପୁର ସାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ତଥା ସମାଜସେବୀ ପ୍ରଶାନ୍ତ କୁମାର ଭୂୟାଁ,ପୁଅ ସୁଶାନ୍ତ କୁମାର ଭୂୟାଁ, ଶ୍ରୀକାନ୍ତ କୁମାର ଭୂୟାଁ, ରଞ୍ଜିତ କୁମାର ଭୂୟାଁଙ୍କ ସମେତ ଝିଅ, ଜ୍ୱାଇଁ, ବୋହୂ, ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ ମାନେ ଉପସ୍ଥିତ ଥିଲେ ।ତାଙ୍କ ମରଶରୀରକୁ ସ୍ଥାନୀୟ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିବା ବେଳେ ବଡ ପୁଅ ପ୍ରଶାନ୍ତ କୁମାର ଭୂୟାଁ ମୁଖାଗ୍ନୀ ଦେଇଥିଲେ ।ତାଙ୍କ ବିୟୋଗରେ ସାଇ ସମୀକ୍ଷା ଚାରିଟେବୁଲ ଟ୍ରଷ୍ଟ ର ପ୍ରତିଷ୍ଠାତା ତଥା ସମାଜସେବୀ ହରିବନ୍ଧୁ ଶତପଥୀ, କଟକ ଜିଲ୍ଲା ସାମ୍ବାଦିକ ସଂଘ ର ସାଧାରଣ ସମ୍ପାଦକ ଶିଶିର କୁମାର ଦାଶ, ଗୋପୀ ନାଥପୁର ପଞ୍ଚାୟତ ର ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ରାଉତ, ଇଞ୍ଜିନିୟର ଉଦ୍ଧବ ଚରଣ ନାୟକ, ସମ୍ବିତ ସାମ୍ବାଦିକ ଶାରଦା ପ୍ରସନ୍ନ ପଣ୍ଡା,ଚିତ୍ତ ରଞ୍ଜନ ମୁଦୁଲି,କବି ଚନ୍ଦ୍ରମଣି ଭୂୟାଁ ପ୍ରମୁଖ ଗଭୀର ଶୋକପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ ।

### ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଚିନ୍ତାଜନକ ଅବସ୍ଥା

## ୨ ଠିକା ଡାକ୍ତରଙ୍କୁ ନିଯୁକ୍ତି, ୪୨ ପଦବୀ ଖାଲି

**ଆଠଗଡ଼,୧୮।୬/ଏନ୍ଏନ୍ଏସ୍:** ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାବସ୍ଥା ଏବେ ଚିନ୍ତାଜନକ ହୋଇପଡ଼ିଛି । କ୍ରମଶଃ ଡାକ୍ତର ସଂଖ୍ୟା ହ୍ରାସ ପାଉଥିବା ବେଳେ ଆଜି ଦୁଇଜଣ ନବ ନିଯୁକ୍ତ ଡାକ୍ତରଙ୍କ ନିଯୁକ୍ତି ହେବାରେ ଡାକ୍ତର ସଂଖ୍ୟା ୧୨କୁ ବୃଦ୍ଧିପାଇଛି । ଚିକିତ୍ସାଳୟଟି ଏକ ରେଫେରାଲ୍ ଚିକିତ୍ସାଳୟ ହୋଇଥିବା ବେଳେ ସାରା ଉପଖଣ୍ଡର ରୋଗୀମାନେ ଏହା ଉପରେ ଭରସା କରିଥାନ୍ତି । ଏହାକୁ ଦୃଷ୍ଟି ରଖି ସରକାରଙ୍କ ପକ୍ଷରୁ ଏଠାରେ ବିଭିନ୍ନ ବିଭାଗରେ ୫୪ଜଣ ଡାକ୍ତର ପଦବୀ ରଖାଯାଇଛି । ଏହାସହିତ ରୋଗୀର ବିଭିନ୍ନ ପରୀକ୍ଷା ନିରୀକ୍ଷା ପାଇଁ କୋଟି କୋଟି ଟଙ୍କାର ଯନ୍ତ୍ରାଂଶ ଉପଲବ୍ଧ କରିଛନ୍ତି । ହେଲେ କେବଳ ସ୍ତ୍ରୀ ଓ ପ୍ରସୂତି, ଶିଶୁ, ଦାନ୍ତ, ଅର୍ଥପେଡ଼ିକ ଓ ଇଏନ୍‌ଟି ବିଭାଗକୁ ଛଡିଦେଲେ ଅନ୍ୟ ସମସ୍ତ ବିଭାଗ ବିଶେଷକରି ଭେଷଜ ଏବଂ ସର୍ଜରୀ ବିଭାଗ ଭଳି ମୁଖ୍ୟ ତଥା ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ ଖାଲି ପଡ଼ିଥିବା ବେଳେ ଏହି ଅତ୍ୟାଧୁନିକ ଯନ୍ତ୍ରାଂଶକୁ ଚଳାଇବା ପାଇଁ ଅଭିଜ୍ଞ କର୍ମଚାରୀ ମଧ୍ୟ ନାହାନ୍ତି । ଯାହାକି ଚିକିତ୍ସା କ୍ଷେତ୍ରରେ ରୋଗୀମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଚିକିତ୍ସାଳୟର ଭିତ୍ତିଭୂମି ସଜଡ଼ା ଯାଇ କେବଳ କାୟାକଳ୍ପ ପ୍ରମାଣପତ୍ର ହାସଲ କରିବାରେ ବ୍ୟସ୍ତ ରହିଛି ଏଠାକାର ପ୍ରଶାସନ ।

ରାଜ୍ୟ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଡାକ୍ତର ମଦନମୋହନ ଦତ୍ତ ଏବଂ ଡାକ୍ତର ଏସ୍ ଘୋଷ ଚିକିତ୍ସାଳୟରେ ଯୋଗଦେବା ପରେ ଚିକିତ୍ସା କ୍ଷେତ୍ରରେ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି । ଏବେ ମଧ୍ୟ ଚିକିତ୍ସାଳୟରେ ଏତେ କମ୍ ସଂଖ୍ୟକ ଡାକ୍ତର ଥିବା କାରଣରୁ ଛୋଟ ଛୋଟ ଚିକିତ୍ସା ପାଇଁ ରୋଗୀଙ୍କୁ କଟକ ପଠାଇ ଦିଆଯାଉଛି । ଏବେ ଦୁଇଜଣ ନୂତନ ଡାକ୍ତରଙ୍କ ନିଯୁକ୍ତି ପରେ ଚିକିତ୍ସାରେ ଅଧିକ ସୁଧାର ଆସିବ ବୋଲି ରୋଗୀମାନେ ଆଶା ରଖିଥିବା ବେଳେ ନବ ନିଯୁକ୍ତ ଡାକ୍ତରଙ୍କୁ ରୋଗୀକଲ୍ୟାଣ ସମିତି ଓ ଜନଜାଗରଣ ମଞ୍ଚ ପକ୍ଷରୁ ସ୍ୱାଗତ କରାଯାଇଛି ।


## ମା’ ତାରିଣୀଙ୍କ ୨୫ତମ ଜନ୍ମବାର୍ଷିକୀରେ ନାଟକ ମଞ୍ଚସ୍ଥ

**କଣ୍ଟିଲୋ,୧୮।୬/ଏନ୍ଏନ୍ଏସ୍:** ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମା’ ତାରିଣୀଙ୍କ ୨୫ତମ ଜନ୍ମବାର୍ଷିକ ଉତ୍ସବ ପାରମ୍ପରିକ ରୀତି ନୀତି ଅନୁସାରେ ଖୁବ୍ ଧୁମ୍‌ଧାମରେ ମଙ୍ଗଳବାର ପାଳିତ ହୋଇଯାଇଛି । ଏହି ଅବସରରେ ସର୍ବସାଧାରଣଙ୍କ ମନୋରଞ୍ଜନ ପାଇଁ ରାତ୍ରରେ ସଂସ୍କୃତିକ କାର୍ଯ୍ୟକ୍ରମ ‘ମହି ରାବଣ ବଧ’ ନାଟକ ମଞ୍ଚସ୍ଥ ହୋଇଥିଲା । ସକାଳୁ ମହିଳା ଓ ପୁରୁଷ ନଦିଆ କୀର୍ତ୍ତନ ମଣ୍ଡଳୀ, ଖୋଳ ତାଳ, ଘଣ୍ଟ ଘଣ୍ଟା ବଜାଇ ଶହେରୁ ଉର୍ଦ୍ଧ୍ୱ ଲୋକଙ୍କ ଦ୍ୱାରା ମହାନଦୀ ଘାଟରୁ ଜଳ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମା’ଙ୍କ ପୀଠରେ କଳସ ସ୍ଥାପନା କରି ହୋମଯଜ୍ଞ କାର୍ଯ୍ୟ ହୋଇଥିଲା । ଅପରାହ୍ନ ପ୍ରାୟ ସାଢ଼େ ୪ରେ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହି କାର୍ଯ୍ୟ ପାଇଁ କର୍ତ୍ତା ଭାବେ ସମୀର ମହାପାତ୍ର ଓ ପୁରୋହିତ ଭାବେ ପଦି କର ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ଖଣ୍ଡପଡ଼ା ବ୍ଲକ ବଳରାମପ୍ରସାଦ ଗ୍ରାମର ଓଁ ଶ୍ରୀ ଶ୍ରୀ ବାବା ବିଶ୍ୱନାଥ ବାଳିକା ରାମ ନାଟ୍ୟ ସଂସଦ ଦ୍ୱାରା ନାଟକ ‘ମହି ରାବଣ ବଧ’ ମଞ୍ଚସ୍ଥ ହୋଇଥିଲା । କଳାକାର ମାନଙ୍କ ଅଭିନୟରେ ମୁଗ୍ଧ ହୋଇ ଉପସ୍ଥିତ ଦର୍ଶକମାନେ ବହୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ବର୍ଣ୍ଣାଢ଼୍ୟପୂର୍ଣ୍ଣ ଉତ୍ସବକୁ ଦୀପ୍ତିରଞ୍ଜନ ଶିରୋମଣି, ମିଥୁନ ବେହେରା, ରଶ୍ମିରଞ୍ଜନ ମହାପାତ୍ର, ନିରଞ୍ଜନ ବେହେରା, ପ୍ରଶାନ୍ତ ବେହେରା, ରବୀନ୍ଦ୍ର ଦଳେଇ, ସୋମନାଥ ମହାରଣା, ଦେବୁ, ଅବିନାଶ, ମଦନ, ସମୀର ଦଳେଇ ଓ ଶୁଭଙ୍କ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ ।

**ନିତି ଭାରତୀ** | କ୍ରୋଧ ପାଇଁ ନୁହେଁ, କ୍ରୋଧଦ୍ୱାରା ମନୁଷ୍ୟ ଦଣ୍ଡିତ ହୋଇଥାଏ।
- ଗୌତମ ବୁଦ୍ଧ

# ଅନ୍ତିମ ବିମାନ ଯାତ୍ରା

ସତେ ଯେମିତି ଆଜିକାଲି ପୃଥିବୀ ପାଇଁ ଖୁବ୍ ଖରାପ ସମୟ ଚାଲିଛି ଏବଂ ଗ୍ରହ ଗନ୍ଧନ ଠିକ୍ ହେଉନାହିଁ। କିଛି ଦିନ ହେବ କେବଳ ଖରାପ ଖବର କାନରେ ପଡୁଛି, ଯାହା ମାନସିକ ଶାନ୍ତିକୁ ଭଙ୍ଗ କରିବାରେ ଲାଗିଛି। ଚାରିପଟେ ଅଶାନ୍ତ ବାତାବରଣ, ମାନବୀୟ ହିଂସ୍ରତା, ଅଘଟଣ କିମ୍ବା ଉତ୍ପାତ ଖବର। ରୁଷ୍-ୟୁକ୍ରେନ, ଭାରତ-ପାକିସ୍ତାନ କିମ୍ବା ଇସ୍ରାଏଲ-ଇରାନ ଯୁଦ୍ଧ ଖବର ହେଉ, ଆତଙ୍କବାଦୀ ଆକ୍ରମଣ କିମ୍ବା ସଦ୍ୟ ଘଟିଥିବା ଇଣ୍ଡିଆନ ଏୟାର ଲାଇନସ୍ ବ୍ୟୋମଯାନ ଦୁର୍ଘଟଣା, ସେଥିରେ କେବଳ ସାଥୀ ମଣିଷର ମୃତାହତ ଖବର ଟିଭି, ଖବରକାଗଜରୁ ଦେଖି ମନ ବିଚଳିତ ହୋଇଉଠେ। ଏପରି ସ୍ଥିତିରେ କେତେ ଯେ ଲୋକ ନିଜ ଆତ୍ମୀୟଙ୍କୁ ସବୁ ଦିନ ପାଇଁ ହରେଇବା ସହିତ ବିଭିନ୍ନ ପ୍ରକାର ହଇରାଣର ସମ୍ମୁଖୀନ ହୋଇଥିବେ, ତା'ର କଳନା କରିବା କଷ୍ଟକର। ଯେହେତୁ ସାଧାରଣ ଭାବେ ମଣିଷ ଶାନ୍ତିପ୍ରିୟ, ଏସବୁ ଘଟଣା ମାନସିକ ସ୍ତରରେ ବିଶେଷ ମର୍ମାହତ ବା ବ୍ୟତିବ୍ୟସ୍ତ କରି ପକାଏ। ଅନ୍ୟ ଶେଷ କଥା ଛାଡ଼ନ୍ତୁ, 'ଅପରେସନ ସିନ୍ଦୁର' ପ୍ରତୀକ ଭାରତୀୟଙ୍କ ପାଇଁ ଭାବାବେଗର ପ୍ରଶ୍ନ ହୋଇଥିଲେ ମଧ୍ୟ ଏଥିରୁ ଜନିତ କ୍ଷୟକ୍ଷତି ଅହମଦାବାଦଠାରେ ଘଟିଥିବା ବିମାନ ଦୁର୍ଘଟଣାଠାରୁ କମ୍



**ମାନସ ରଞ୍ଜନ ଶତପଥୀ**

ଥିଲା। ନିକଟ ଅତୀତରେ ଏପରି ଘଟଣା ଶୁଣା ଯାଇ ନଥିବା ବେଳେ ଜୁନ୍ ୧୨, ୨୦୨୫ର ଅବର୍ଣ୍ଣନୀୟ ମର୍ମନ୍ତୁଦ ଚିତ୍ର ପ୍ରତ୍ୟେକ ଭାରତୀୟଙ୍କୁ ମାନସିକ ଯନ୍ତ୍ରଣା ଦେବା ସହିତ କେତେ ଯେ ଦୁଃଖଦ ପରିସ୍ଥିତି ଓ ଭୟର ବାତାବରଣ ଆଣି ଦେଇଛି, ତାହା ଭାଷାରେ ବ୍ୟକ୍ତ କରାଯାଇ ନପାରେ।

କଥାରେ ଅଛି 'ଯାକୋ ରାଖେ ସାଇଆଁ ମାର୍ ସକେ ନା କୋଇ, ଯାକୋ ମାରେ ...।' କିଏ କେତେ ସ୍ୱପ୍ନ ନେଇ ଶିଳ୍ପ ନଗରୀ ଅହମଦାବାଦରୁ ଲଣ୍ଡନ ପ୍ରାୟ ୧୧ ଘଣ୍ଟାର ଯାତ୍ରା ଆରମ୍ଭ ହେବାର ପାଞ୍ଚ ଦଶ ମିନିଟ ମଧ୍ୟରେ ଯବନିକା ଆଣିଦେବ, କାହାର ବି କଳ୍ପନାତୀତ ଥିଲା। ଘଟଣା ଘଟିବାର କିଛି ଦିନ ଗଡ଼ି ଗଲାଣି। ଆଖିରୁ ଲୁହ ଶୁଖିଗଲାଣି ସତ, କିନ୍ତୁ ହୃଦୟ ଅଦ୍ୟାବଧି ଲହୁଲୁହାଣ। କେତେ ଯେ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ବ୍ୟବସାୟୀ, ରାଜନେତା, ଆଡଭୋକେଟ, ପ୍ରଫେସର, ଛାତ୍ରଛାତ୍ରୀ, କୁନି କୁନି ପିଲା ସେଦିନ ନିଜର ସୁନେଲି ସ୍ୱପ୍ନ ଦୁର୍ଭାଗ୍ୟ କରି ଅକାଳରେ ପ୍ରାଣ ହରାଇଲେ। ସେଥିରୁ ଜଣାପଡ଼େ, ଏ ଜଗତିର ସଂସାରରେ ସର୍ବୋପରି ଶକ୍ତି ହିଁ ସର୍ବଶକ୍ତିମାନ। ମଣିଷ ମିଛରେ ବାହାସ୍ଫୋଟ ମାରି ନିଜ ଦ୍ୱାରା ସ୍ଥାପିତ ବିଜ୍ଞାନ ସାଧନାକୁ ବଳରେ ଅହଙ୍କାରକୁ ଦେଖାଇ ହୋଇ ଭଗବାନଙ୍କୁ ଅମାନ୍ୟ କରୁଥିବା ବେଳେ ସେଦିନ ପ୍ରମାଣିତ ହୋଇଗଲା ଯେ ମନୁଷ୍ୟର ସତ୍ତା ହଜିବା ପାଇଁ ଈଶ୍ୱରଙ୍କ ଫୁଙ୍କ ହିଁ ଯଥେଷ୍ଟ। ଯଦି ଏହା ମିଛ, ତେବେ ସବୁ ପ୍ରଫେସର ମଣିଷ ସେହି ବିମାନରେ ଥାଇ ମଧ୍ୟ ସେଦିନ ମର୍ମନ୍ତୁଦ ପରିସ୍ଥିତିକୁ ଏଡ଼ାଇ ଦେଇ ପାରିଲେ ନାହିଁ କାହିଁକି? ଏସବୁକୁ ଆଲୋଚନା କଲେ ଅନୁଭବ ହୁଏ ଯେ ଈଶ୍ୱରୀୟ ସତ୍ତା ଆଗରେ ମାନବୀୟ ଜ୍ଞାନ, ପରିକଳ୍ପନା, ସଂରଚନା, ଅନୁସନ୍ଧାନ- ସବୁ ତୁଚ୍ଛ।

ମଣିଷ ଗୋଟିଏ ପ୍ରକାର ଚିନ୍ତା କରେ, କିନ୍ତୁ ଈଶ୍ୱରଙ୍କ ବରାଦ ଅନ୍ୟ କିଛି ହୋଇଥାଏ। ସେଦିନ ୨୪୨ ଜଣ ଯାତ୍ରୀଙ୍କୁ ନେଇ ଉଡ଼ାଣ ଭରିଥିବା ବୋଇଂ ବିମାନରେ କେବଳ ସେମାନଙ୍କ ଭବିଷ୍ୟତ ସମାଧିସ୍ଥ ହୋଇଥିଲା କହିବା ଠିକ୍ ହେବନାହିଁ, ବରଂ ତାଙ୍କ ସହିତ ଯୋଡ଼ି ହୋଇଥିବା ବାପା, ମା', ନିର୍ଭରଶୀଳ ପରିବାର, ଜ୍ଞାତି କୁଟୁମ୍ବ ସମସ୍ତଙ୍କ ଭବିଷ୍ୟତ ଯୋଜନା ଧୂଳିସାତ୍ ହୋଇଥିଲା। ଚାକିରି ଛାଡ଼ି ଏଥର ତୁମ ପାଖକୁ ସବୁଦିନ ପାଇଁ ଚାଲି ଆସିବି ବୋଲି ନିଜର ୯୦ ବର୍ଷୀୟ ବାପାଙ୍କୁ କଥା ଦେଇଥିବା ବିମାନ ଚାଳକ କ୍ୟାପ୍ଟେନ୍ ସାବରୱାଲ ଆଜି ସବୁଦିନ ପାଇଁ ବୃଦ୍ଧଙ୍କୁ ଏକଲା ଛାଡ଼ି ଚାଲି ଯାଇଛନ୍ତି। ଶୁଣିବା କଥା ଯେ ସେ କୁଆଡ଼େ ନିଜ ପଡ଼ୋଶୀଙ୍କ ଭରସାରେ ବାପାଙ୍କୁ ଛାଡ଼ି ନିଜ କାର୍ଯ୍ୟ କ୍ଷେତ୍ରକୁ ଯାଉଥିଲେ। ତାଙ୍କର ପ୍ରାୟ ୩୦ ବର୍ଷର ଅଭିଜ୍ଞତା ଥିବା ବେଳେ ସେ ଅତ୍ୟନ୍ତ କୁଶଳୀ, ସରଳ ଓ ମେଳାପି ଲୋକ ଥିଲେ। ସେଦିନ ଉଡ଼ାଣ କରୁଥିବା ୧୦ ଜଣ କର୍ମଚାରୀଙ୍କ ମଧ୍ୟରେ ଅନେକ ଘରର ଏକମାତ୍ର ରୋଜଗାରିଆ ସଦସ୍ୟ ହୋଇଥିଲେ ମଧ୍ୟ ସମସ୍ତ ପରିବାରକୁ ତ୍ରିଶଙ୍କୁ ଅବସ୍ଥାରେ ଛାଡ଼ିଦେଇ ସେମାନେ ଇହଧାମ ପରିତ୍ୟାଗ କଲେ। ଲଣ୍ଡନରେ ବସବାସ କରୁଥିବା ସଫ୍ଟୱେର ଇଞ୍ଜିନିୟର ନିଜ ଡାକ୍ତରାଣୀ ସ୍ତ୍ରୀ ଓ ତିନି କୁନି ପୁତ୍ର ପୁତ୍ରୀଙ୍କୁ ନେଇ ସେଠାରେ ବସବାସ କରିବାକୁ ସ୍ୱପ୍ନ ଦେଖି ଅଧାରେ ରହିଗଲେ। ଭଗବାନଙ୍କ ବରାଦ ଆଗରେ ବଳଶାଳୀ, ବିତ୍ତଶାଳୀ କିମ୍ବା ପ୍ରଭାବଶାଳୀଙ୍କର କୌଣସି ନିୟନ୍ତ୍ରଣ ନଥାଏ ଯାହା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନିଙ୍କ ଅବସ୍ଥାରୁ ପ୍ରମାଣିତ। ସେ ୧୨୦୬ ନମ୍ବରକୁ ଅତ୍ୟନ୍ତ ଶୁଭ ଭାବି ଜୀବନରେ ଅନେକ କାର୍ଯ୍ୟ ଏହି ନମ୍ବର ଦ୍ୱାରା ସାଧ୍ୟତ୍ କରିଥିଲେ। ସେଇ ନିୟତି ସେହି ନମ୍ବର ତାଙ୍କର ଅନ୍ତିମ ଯାତ୍ରା ପାଇଁ ନିର୍ଦ୍ଦିଷ୍ଟ କରିବା ଅତ୍ୟନ୍ତ ଦୁଃଖଦ ଘଟଣା। ସେ ଏହି ତାରିଖ ପୂର୍ବରୁ କୁଆଡ଼େ ୨-୩ ଥର ଟିକଟ ବାତିଲ କରି ଘଟଣା ଦିନ ଯାତ୍ରା କରୁଥିଲେ। ଜାନୁଆରୀ ମାସରେ ବିବାହିତ ଡାକ୍ତର ସ୍ୱାମୀ ପାଖରେ ରହିବା ପାଇଁ ମେହେନ୍ଦି ଛାଡ଼ି ନଥିବା ରାଜସ୍ଥାନୀ ଝିଅ ବିମାନ ଆରୋହଣ ଯାତ୍ରା ଆରମ୍ଭ କରିଥିବା ବେଳେ ତାହା ଅନ୍ତିମ ଯାତ୍ରାରେ ପରିଣତ ହେଲା। ଶବ ସମ୍ପୂର୍ଣ୍ଣ ଦଗ୍ଧ ହୋଇଥିବାରୁ ଯାତ୍ରୀଙ୍କ ନିକଟ ସମ୍ପର୍କୀୟଙ୍କ ଡିଏନ୍ଏ ସାହାଯ୍ୟରେ ପରିଚୟ ନିରୂପଣ କରାଯାଉଛି।

ପ୍ରଚଣ୍ଡ ସୌଭାଗ୍ୟଶାଳୀ ଭାବେ ଏକମାତ୍ର ୪୦ ବର୍ଷୀୟ ବ୍ରିଟିଶ ନାଗରିକ ବିଶ୍ୱାସ କୁମାର ରମେଶ ଏହି ଦୁର୍ଘଟଣାକୁ ବର୍ଣ୍ଣନା କରିବା ପାଇଁ ଜୀବିତ ରହିଛନ୍ତି। ସେ କିପରି ଜୀବିତ ରହିଲେ, ନିଜେ ମଧ୍ୟ ଜାଣି ନଥିବା କହିଛନ୍ତି। ଏହା ଏକ ବିଧ୍ୱଂସକାରୀ ଘଟଣା, କାରଣ ବିମାନରେ ପ୍ରାୟ ଏକ ଲକ୍ଷ ୨୫ ହଜାର ଲିଟର ଇନ୍ଧନ ଥିବା ଯୋଗୁଁ ଅଗ୍ନିକାଣ୍ଡ ଘଟି ୨୪୧ ଜଣ ଯାତ୍ରୀ ଜଳି ପୋଡ଼ି ପାଉଁଶ ହୋଇ ବିମାନର ଅଧିକାଂଶ ଭାଗରେ ଅଗ୍ନି ସଂଯୋଗ ହୋଇ ଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ହିନ୍ଦୁ ଧର୍ମର ଗ୍ରନ୍ଥ 'ଭାଗବତ ଗୀତା' ପାଉଁଶ ଗଦା ମଧ୍ୟରୁ ଅକ୍ଷତ ଅବସ୍ଥାରେ ଉଦ୍ଧାର ହୋଇଛି। ୨୮ ବର୍ଷୀୟ ସୌଭାଗ୍ୟଶାଳୀ ଛାତ୍ରୀ ଭୂମି ଚୌହାନ ନିଜର ୧୦ ମିନିଟ ଡେରି ଯୋଗୁଁ ଏହି ଯାତ୍ରାରେ ସାମିଲ ହୋଇ ପାରି ନଥିଲେ। ତାଙ୍କୁ ନିରାପତ୍ତା କର୍ମଚାରୀ ବାରଣ କରିଥିବାରୁ



ସେ ନିଜ ଜୀବନ ଆଜି ବଞ୍ଚାଇ ପାରିଛନ୍ତି। ତେଣୁ ଈଶ୍ୱରଙ୍କର କାହା ପାଇଁ କ'ଣ ବରାଦ ରହିଛି କେବଳ ସେହି ବିଶ୍ୱ ନିୟନ୍ତା ହିଁ କହି ପାରିବେ। ଏହା ନ ହୋଇଥିଲେ ଆଜି ୧୬୯ ଭାରତୀୟଙ୍କ ସହିତ ୫୩ ବ୍ରିଟିଶ, ୧ ପର୍ତ୍ତୁଗୀଜ , ୧ କାନାଡୀୟ ନାଗରିକ ମୃତ୍ୟୁମୁଖୀ ହେବାକୁ ପଡ଼ି ନଥାନ୍ତା। ବିଜେ ମେଡିକାଲ କଲେଜ, ଅହମଦାବାଦ ହଷ୍ଟେଲ ଉପରେ ପଡ଼ିଥିବା ଉଡ଼ାଜାହାଜ ଯୋଗୁଁ ପ୍ରାୟ ୩୨ ଜଣ ଭବିଷ୍ୟତ ଡାକ୍ତରୀ ଛାତ୍ର-ଛାତ୍ରୀ ଆହତ ହୋଇଥିଲେ ଏବଂ ସେଥିରୁ ୯ ଜଣ ଅକାରଣେ ମୃତ୍ୟୁବରଣ କରିଛନ୍ତି। ଏହାକୁ ଦୁର୍ଭାଗ୍ୟର ଏକ ନିଚ୍ଛକ ଉଦାହରଣ କହିବା ଅତ୍ୟୁକ୍ତି ହେବନାହିଁ, କାରଣ ମଧ୍ୟାହ୍ନ ଭୋଜନ ନିମନ୍ତେ ନିଜର ଖାଇବା ଟେବୁଲ ଉପରେ ଖାଇବା ବେଳେ ଛାତ ଉପରେ ଉଡ଼ାଜାହାଜ ଖସିପଡ଼ି ବିସ୍ଫୋରଣ ଘଟଣାକୁ କ'ଣ କୁହାଯାଇ ପାରିବ?

ସେପଟେ ଦୁର୍ଘଟଣା ଘଟିଥିବା ବୋଇଂ ଡ୍ରିମଲାଇନର ୭୮୭-୮ ଏକ ଅତ୍ୟନ୍ତ ଉନ୍ନତ ମାନର ଉଡ଼ାଜାହାଜ, ଯେଉଁଥିରେ ସମସ୍ତ ସୁବିଧା ଉପଲବ୍ଧ। ସାଧାରଣ ଭାବେ କୌଣସି ତ୍ରୁଟି ରହିତ ଏପରି ପ୍ରାୟ ୨୦-୨୫ଟି ବିମାନ ଏୟାର ଇଣ୍ଡିଆ ପାଖରେ ଯାତ୍ରୀ ଉଡ଼ାଣ ପାଇଁ ରହିଛି। କିନ୍ତୁ କ'ଣ ସେଦିନ ଦୁର୍ଘଟଣା ଘଟିଲା, ଉଡ଼ାଣ ନେବାର ପାଞ୍ଚ ମିନିଟ ମଧ୍ୟରେ ଏହା ତଳକୁ ତଳକୁ ଖସିବାରେ ଲାଗିଲା ଏବଂ କ୍ୟାପଟେନ୍ ସାବରୱାଲ ମେ ଡେ... ମେ ଡେ... ଆର୍ତ୍ତ ଚିତ୍କାର କରିବା ସହିତ ଏୟାର ଟ୍ରାଫିକ କଣ୍ଟ୍ରୋଲ ରୁମକୁ ଜଣାଇ ଦେଇଥିଲେ। କିନ୍ତୁ ସେପଟୁ ସାହାଯ୍ୟ ଆସିବା ବେଳକୁ ବିମାନ ଦ୍ୱାରା ୨୭୦ଟି ଜୀବନ ଜୀବନ୍ତ ଦଗ୍ଧ ହୋଇ ସାରିଥିଲା।

ବେଳେ ବେଳେ ମନୁଷ୍ୟ ସାଧାରଣ ଜୀବନରେ ଏପରି ଘଟଣାକୁ ଦେଖିଲା ପରେ ବିଚଳିତ ହୋଇ ଈଶ୍ୱରଙ୍କ ଉପରେ ନିଜର କ୍ଷୋଭ ଜାହିର କରିଥାଏ। ଅନ୍ତତଃ, ଆଘାତପ୍ରାପ୍ତ ପରିବାର ସଦସ୍ୟମାନେ ଏପରି ନିଜର ଆକ୍ରମଣାତ୍ମକ ପ୍ରତିକ୍ରିୟା ପ୍ରକାଶ କରିବା ସ୍ୱାଭାବିକ। ହେଲେ, ଏକବିଂଶ ଶତାବ୍ଦୀର ବିକଶିତ ମଣିଷ ଈଶ୍ୱରଙ୍କ ନିୟମଠାରୁ ଆଜି ମଧ୍ୟ ବହୁତ ଦୂରରେ, ଯେଉଁଥିପାଇଁ ତ ସୋଧେ ଆଧୁନିକ ମଣିଷ 'ଗଡ୍ ପାର୍ଟିକଲ'କୁ ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ନଜର ଅଧୀନ କରି ପାରୁନାହିଁ। ହେଲେ ମଧ୍ୟ ୨୭୦ ଜଣଙ୍କୁ ଏକ ଭାଗ୍ୟରେ ଜୀବନ ଗଲା ସାଥୀ ମଣିଷ ବ୍ୟଥିତ ଓ ଦୁଃଖିତ ହୋଇ ସେହି ପରମାତ୍ମାଙ୍କ ପାଖରେ ପ୍ରାର୍ଥନା କରୁଛି ଆତ୍ମାଗୁଡ଼ିକୁ ଶାନ୍ତି ଦିଅନ୍ତୁ ଏବଂ ସେମାନେ ଛାଡ଼ି ଯାଇଥିବା ଶୋକସନ୍ତପ୍ତ ପରିବାରକୁ ଶକ୍ତି ଦିଅନ୍ତୁ। ଟାଟା କମ୍ପାନୀ ଓ ଏୟାର ଇଣ୍ଡିଆ ଯଥାକ୍ରମେ ଏକ କୋଟି ଓ ୨୫ ଲକ୍ଷ ଟଙ୍କା ପ୍ରତି ମୃତକଙ୍କ ପରିବାରକୁ ଦେଉଥିବା ବେଳେ ଈଶ୍ୱରଙ୍କ ଆଶୀର୍ବାଦ ସେମାନଙ୍କ ଭବିଷ୍ୟତ ଜୀବନ ସୁଧାରିବା ପାଇଁ ଅତ୍ୟାବଶ୍ୟକ। ❒

**ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ**
**ନୟାଗଡ଼, ମୋ: ୯୪୩୭୪୭୯୦୪୫**

# ଠଣା ପାଇଁ ବଣା

ଠଣା ଏକ ଦେଶଜ ଶବ୍ଦ, ଯାହାର ଆଭିଧାନିକ ଅର୍ଥ ହେଉଛି 'କାନ୍ଥକୁରା' ବା ନିର୍ଦ୍ଦିଷ୍ଟ ସ୍ଥାନ। ଆଜିର ଯୁବ ପିଢ଼ି ଏହି ଶବ୍ଦ ଶୁଣିଲେ ବିସ୍ମିତ ହେବେ। ବୟସ୍କମାନଙ୍କ କାନରେ ପଡ଼ିଲେ ମୁରୁକି ହସିବେ। ଅତୀତର ପୁରୁଣାକାଳିଆ ଘର ତ ଆଉ ଦେଖିବାକୁ ମିଳୁନି, ଠଣା ଦେଖିବାକୁ ଆସିବ କୁଆଡୁ? ଅତୀତରେ ଲୋକମାନଙ୍କର ଏହି ଠଣା ବ୍ୟବହାର, ଆବଶ୍ୟକତା ଓ ମୂଲ୍ୟବୋଧ ଏତେ ଅଧିକ ଥିଲା ଯେ ଏବେ ଭାବିଲେ ବିସ୍ମିତ ହେବାକୁ ପଡୁଛି। ବୟସ୍କମାନେ ନିଜର ଜରୁରୀ, ନିତ୍ୟ ବ୍ୟବହାର୍ଯ୍ୟ, ଅତ୍ୟାବଶ୍ୟକ ଜିନିଷଗୁଡ଼ିକୁ ନିରାପଦରେ ସାଇତି ରଖିବାର ଏକମାତ୍ର ସ୍ଥାନ ଥିଲା ଏଇ 'ଠଣା'। ଆଧୁନିକ ଜୀବନ ଶୈଳୀରେ ଜିନିଷଗୁଡ଼ିକୁ ସାଇତି ରଖିବାର ମାଧ୍ୟମ ବଦଳି ଯାଇଛି। କିନ୍ତୁ ଏବେ ବୟସ୍କ ବ୍ୟକ୍ତିଙ୍କ ପାଇଁ ଘର ଭିତରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ, ଯେଉଁଠି ସେମାନେ ନିଜର ଆବଶ୍ୟକୀୟ ଜିନିଷକୁ ସାଇତି ରଖି ପାରିବେ। ପାରମ୍ପରିକ ଭାବରେ ବ୍ୟବହୃତ ହୋଇ ଆସୁଥିବା ଏଇ 'ଠଣା' ଏବେ ଅଦୃଶ୍ୟ ଯେଉଁଥିପାଇଁ ସେମାନେ 'ବଣା' ହୋଇ ଯାଉଛନ୍ତି ଅତୀତର ସେଇ ଠଣାକୁ ମନେ ପକେଇ।



**ଅର୍ଜୁନ ଘଡ଼େଇ**

ଅତୀତରେ ମୋଟା କାନ୍ଥ ମାଟିରେ ତିଆରି ହେଉଥିଲା ଘର ପାଇଁ। କାହାର କାହାର ଦୋପଟି ଘର ଥିଲା। ଘର ଉପରେ ଆଟୁଟିଏ ଥିଲେ ତ ସେ ଥିଲାବାଲା ଭାବେ ବିବେଚିତ ହେଉଥିଲେ। ମାଟି ଘର ଉପରେ ଚାଳ ଛପର, ବତା ଭିଡ଼ା ଘର ଭିତରେ କଟୁଥିଲା ଜୀବନ। ଆଜିର ଏୟାର କଣ୍ଡିସନ୍ ଘରଠାରୁ ଏହାର ଗୁଣ କମ୍ ନଥିଲା। ଖରା କି ଗୁଳୁଗୁଳି ହେଲେ ଘର ଭିତରେ ତାଳପତ୍ର ବିଞ୍ଚଣାଟାଏ ଧରି ହଲେଇ ଦେଲେ ଆଖିକୁ ଆପେ ଆପେ ନିଦ ଆସି ଯାଉଥିଲା। ଯାହାହେଉ, ସେଇ ମୋଟା ମାଟି କାନ୍ଥଗୁଡ଼ିକରେ ଅଭିନବ ଶୈଳୀରେ ତିଆରି ହୋଇଥାଏ ଗୁଡ଼ିଏ ଠଣା। ଘର ଭିତରେ, ଦାଣ୍ଡ କାନ୍ଥରେ ବି ଠଣା ରହିଥାଏ ବିଭିନ୍ନ ଆବଶ୍ୟକତାର ପୂରଣ ପାଇଁ। ଗଠନରେ ମୁହଁ ବାହାରକୁ ଦେଖାଗଲେ ବି ତା' ତଳକୁ ଆହୁରି ଗାତ କରି ଦିଆଯାଇଥାଏ ସୁରକ୍ଷା ଦୃଷ୍ଟିରୁ। ତା' ଉପରେ କିଛି ଆବରଣ ପକେଇ ଦିଆ ଯାଇଥାଏ ସମସ୍ତଙ୍କ ଦୃଷ୍ଟିରୁ ଦୂରେଇବା ପାଇଁ।

ଟିକିଏ ଖରାପ ପାଗ କିମ୍ବା ପବନ ଥିଲେ ବାରି ଦାଣ୍ଡରେ ଥିବା ଠଣା ଭିତରେ ଦୀପ କିମ୍ବା ସଞ୍ଜବତୀ ଦିଆ ହୁଏ। ପୋଲାଙ୍ଗ କିମ୍ବା ଜଡ଼ା ତେଲରେ ଜଳୁଥିବା କଳା ବଳିତାଟିକୁ ପବନର ଆଘାତ ଲିଭାଇ ପାରି ନଥାଏ। ଆଉ ଘର ଭିତରେ କାନ୍ଥରେ ଥିବା ଠଣାଗୁଡ଼ିକ ସେ ସମୟର ଲକର୍ କହିଲେ ଅତ୍ୟୁକ୍ତି ହେବନି। ସୁନା ନିର୍ମିତ ଅଳଙ୍କାରର ଏତେ ବ୍ୟବହାର ତ ନଥିଲା, ତମ୍ବା କିମ୍ବା ରୁପାରେ ନିର୍ମିତ ଅଳଙ୍କାର ସବୁ କନାରେ ବାନ୍ଧି କିମ୍ବା ଡବାରେ ରଖି ଏହି ଠଣାଗୁଡ଼ିକରେ ସାଇତି ରଖା ଯାଉଥିଲା। ସହଜରେ ଚୋରମାନେ ଜାଣି ପାରିବେନି କିମ୍ବା ଅଗ୍ନିର ପ୍ରକୋପରେ ନଷ୍ଟ ହୋଇଯିବାର ଭୟ କମ୍ ଥିଲା। ଦାନ୍ତରେ ଦୁଇ ଚାରିଟା ଠଣା ଦେଖି ହଠାତ୍ ଚୋରଟିଏ ଜାଣି ପାରିବନି କେଉଁ ଠଣାରେ ଜିନିଷପତ୍ର ଅଛି। ସେମିତି ଘରେ ନିଆଁ ଲାଗିଗଲେ ଜିନିଷଗୁଡ଼ିକ ତରଳି ଯାଇ ନଥାଏ। ଯଦି ବା ତରଳି ଥିବ, ତେବେ ସେଇ ନିର୍ଦ୍ଦିଷ୍ଟ ଜାଗାରେ ହିଁ ତାହା ଗୋଟା ହୋଇ ରହିଥିବ। ଏମିତି ନିରାପଦ, ନିର୍ଦ୍ଦିଷ୍ଟ ସ୍ଥାନଟିଏ ନିଜ ହାତରେ ତିଆରି କରି ଘରର ମୁରବି ଆତ୍ମସନ୍ତୋଷ ଲାଭ କରିଥାଏ। ତା' ଜିନିଷ ସୁରକ୍ଷିତ ଭାବେ ଅଛି। ଯେବେ ଚାହିଁବ, ଯେତେବେଳେ ଚାହିଁବ; ନିଜେ ହାତରେ ବାହାର କରି କାମରେ ଲଗେଇ ପାରିବ। ଆଜି ଆମେ ମୂଲ୍ୟବାନ ଅଳଙ୍କାର ସବୁ ବିଭିନ୍ନ ଭୟ ଯୋଗୁଁ ଯେଉଁଠି ରଖିଲେ ବି ସୁରକ୍ଷିତ ଭାବୁନାହୁଁ, ଏହା ହିଁ ବିଡ଼ମ୍ବନାର ବିଷୟ। ଅତୀତର ସରଳ, ସାଧାରଣ ଜୀବନ ନିର୍ବାହ କରୁଥିବା ମଣିଷମାନେ ଏଇ 'ଠଣା' କଥା ମନେ ପକେଇଲେ ସେମାନେ ଆମକୁ ଉପହାସ କରିବେ ଆମର ବିଜ୍ଞତାକୁ ଦେଖି। ମୂଲ୍ୟବାନ ଜିନିଷ ଘରେ ଥାଉ କିମ୍ବା ବ୍ୟାଙ୍କ୍ ଲକ୍‌ରରେ ଥାଉ, ଆମର କିନ୍ତୁ ତା'ର ସୁରକ୍ଷା ପ୍ରତି ସନ୍ଦେହ ରହିଥାଏ। ବେଳେବେଳେ ରାତିରେ ଆଖିକୁ ନିଦ ଆସେନି। ରାତିସାରା ବିଛଣାରେ ଛଟପଟ ହୋଇ କଡ଼ ଲେଉଟାଇବାକୁ ପଡ଼େ। ଏଇ ଭୟ କିନ୍ତୁ ଅତୀତରେ ଠଣାରେ ନଥିଲା, ଯାହା ପୁରୁଣାକାଳିଆ ଲୋକମାନେ କୁହନ୍ତି। ଅତୀତର ସେଇ ସ୍ୱଳ୍ପ ଶିକ୍ଷିତ, ସରଳ ବିଶ୍ୱାସୀ ଲୋକମାନଙ୍କର ବିଶ୍ୱାସଯୋଗ୍ୟ ସ୍ଥାନ ଥିଲା କାନ୍ଥରେ ଗଢ଼ା ଯାଇଥିବା କେତୋଟି ଠଣା। ନିଜର ଅଭ୍ୟସ୍ତ ଜିନିଷ ଯଥା, ବଟି, ଦିଆସିଲି, ନିଶାଦ୍ରବ୍ୟ, ତାସ୍ ମୁଠା ଇତ୍ୟାଦି ପିଲା ବା ଅନ୍ୟମାନଙ୍କ ଅଗୋଚରରେ ସାଇତା ହୋଇ ରହିଥାଏ ସେଇଠି। କେତେବେଳେ ମନ ହେଲେ ଲୁଚେଇ ଚୋରେଇ ସେ ସବୁର ବ୍ୟବହାର ହୁଏ। ମୋର ମନେପଡୁଛି ମୋ ଜେଜେ ମୋତେ ଅନେକ ଥର ନିର୍ଦ୍ଦେଶ ଦେଇଛନ୍ତି- 'ଆରେ ନାତି, ସେ ଠଣାରୁ ତାସ୍ ମୁଠାଟା ଆଣି ଦେଲୁ।' ମୋତେ ବି ଖୋଜିବାକୁ ପଡ଼େନି। ଖୁବ୍ ଶୀଘ୍ର ଠଣାରୁ କାଢ଼ି ତାଙ୍କ ହାତକୁ ବଢ଼େଇ ଦିଏ।' ଜେଜେମା'ଙ୍କୁ ଚୁପ୍‌ଚୁପ୍ କହନ୍ତି, 'ସେ ଠଣାରୁ ଅଫିମ କରାଟଟା ଦେଲୁ। ଦେହଟା ଶରପୀଡ଼ା ଲାଗୁଛି।' ଜେଜେମା' ବି ସଙ୍ଗେ ସଙ୍ଗେ କରାଟଟା ବଢ଼େଇ ଦିଅନ୍ତି। ଆଉ ବି ଦେଖିଛି ଜେଜେଙ୍କ ଧଳା ଲୁଗାପଟା, ଗାମୁଛା ସାଥୀରେ ମୋଡ଼ା ହୋଇ ଠଣା ଭିତରେ ପଶି ରହିଥାଏ। କୁଆଡ଼େ କୁଣିଆ ଘର କି ବାହାରକୁ ଯିବାକୁ ପଡ଼ିଲେ ବୋଉକୁ ଡାକି କହିବେ, 'ବୋହୂମା'! ସେ ଠଣାରୁ ଲୁଗାଟା ଆଣିଲୁ।' ବୋଉର ଖୋଜିବାରେ ବି କଷ୍ଟ ହୁଏନି। ସଙ୍ଗେ ସଙ୍ଗେ ଠଣାରୁ ଆଣି ତାଙ୍କ ହାତକୁ ବଢ଼େଇ ଦିଏ। କବିରାଜଙ୍କଠାରୁ ଆସି ଜରୁରୀ ସମୟରେ ବ୍ୟବହାରରେ ହେବାକୁ ଥିବା ଜଡ଼ିବୁଟି ବି ଏଇ ଠଣାରେ ଖୁବ୍ ସୁରକ୍ଷିତ ଅବସ୍ଥାରେ ଥାଆନ୍ତି। ଖାଲି ସେତିକି ନୁହେଁ, ସେ ସମୟରେ ଚଳୁଥିବା ବିଭିନ୍ନ ଧାତୁରେ ନିର୍ମିତ ମୁଦ୍ରା ବି ଗଚ୍ଛିତ ଥାଏ ଏଇ ଠଣା ଭିତରେ। ଗାଁକୁ ଯେତେବେଳେ ବୁଲା ବିକାଳୀ, ପେଁକାଳି କି କମଳା ମିଠେଇ ବିକିବାକୁ ଆସନ୍ତି, ଆମେ ଜେଜେମା'ଙ୍କ ପାଖରେ ଅଝଟ କରୁ କିଣିଦେବା ପାଇଁ। କାହାକୁ କିଛି ନକହି ଜେଜେମା' ଯାଇ ସେଇ ଠଣାରୁ ହାତ ପୂରେଇ ପଇସା ଆଣନ୍ତି। ଆମକୁ ସେସବୁ କିଣି ଖାଇବାକୁ ଦିଅନ୍ତି। ବେଳେବେଳେ ବିଶେଷ ଦିବସମାନଙ୍କରେ ଘର ମାଟି ଗୋବରରେ ଲିପାପୋଛା ହେବାବେଳେ ଏଇ



ଠଣାଗୁଡ଼ିକ ଉପରେ ସ୍ୱତନ୍ତ୍ର ରଙ୍ଗର ନାଳିମାଟି ଲିପା ଯାଇଥାଏ। ବୋଧହୁଏ ଚିହ୍ନଟ କରିବା ପାଇଁ ସହଜ ହୁଏ। ଘର କାନ୍ଥର ସୌନ୍ଦର୍ଯ୍ୟ ବି ବଢ଼ିଥାଏ।

ଆଉ ଗୋଟାଏ କାନକୁହା କଥା ମନେ ପଡୁଛି। କନ୍ୟାପକ୍ଷ ଲୋକ ବରପାତ୍ର ଠିକ୍ କରିବାକୁ ଆସିବା ବେଳେ ଆଗେ ଦାଣ୍ଡରେ ବଳଦ ବନ୍ଧା ହୋଇଛନ୍ତି କି ନାହିଁ, ଗୁହାଳରେ ଗାଈ ଅଛନ୍ତି କି ନାହିଁ, ବାଡ଼ିପଟେ ପାଳଗଦା କି ଧାନଗଦା ମରିଛି କି ନାହିଁ ଦେଖି ସ୍ଥିର କରୁଥିଲେ ବନ୍ଧୁଘର କରିବେ କି ନାହିଁ। ସେଥିରୁ ସେମାନେ ଘରର ଆର୍ଥିକ ଅବସ୍ଥା ଓ ଘରର ପୁରୁଷ ଲୋକଙ୍କ ପାରିବାପଣିଆ ଜାଣି ପାରୁଥିଲେ। ଯଦି ଏସବୁ ଠିକ୍‌ଠାକ୍ ଥାଏ, ତେବେ ମନ ବଳିଯାଏ। ଆଉ ଊଣା ଥିଲେ ମନ ଭାଙ୍ଗିଯାଏ। ବାଟରେ ଗଲାବେଳେ କଥା ହୁଅନ୍ତି- 'ଆରେ ଭାଇ, ତମେ ଦେଖିଛ, ତା'ଘରେ ଗୋଟାଏ ଠଣା କ'ଣ ଅଛି? ସେଇଟା ଭଲ ବନ୍ଧୁ ହେବନି। ନିହାତି ମୂଳିଆଟାଏ!' ଏକଥା ଶୁଣିଲେ କି ଜାଣିଲେ ଆଜିର ପିଲାଏ ନ ହସି ରହି ପାରିବେନି ସତ। କିନ୍ତୁ ଏସବୁ ଯେ ଅତୀତର ଘର ବା ପରିବାରର ଆର୍ଥିକ ଅବସ୍ଥାର ସାକ୍ଷୀ ସବୁ ଥିଲେ, ପରିବାର ଲୋକେ କର୍ମଠ କିମ୍ବା ଅଳସୁଆ ଥିଲେ, ତାହା ସୂଚୀତ କରୁଥିଲା।

ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଘରର, ବୁଢ଼ୀମାନଙ୍କ ପାଇଁ ଠଣା ବି ଥିଲା ଏକ ନିରାପଦ ସ୍ଥାନ। ସେଇଠି ନାତି, ନାତୁଣୀଙ୍କ ପରି ଛୋଟ ପିଲାମାନଙ୍କ ତେଲଘଷା, ହଳଦୀ କାଠୁଆ, କଜଳପାତି ସାଇତା ହେଇ ରହିଥାଏ। ଗୋଡ଼ ଲମ୍ବେଇ, ଛୋଟ ପିଲାଙ୍କୁ ଶୋଇ ଦେଇ ଜେଜେମା' ରଡ଼ି ଛାଡ଼ନ୍ତି- 'ବୋହୂମା! ଠଣା ଭିତରୁ ହଳଦୀ ପେଡ଼ା, ତେଲ ଗିନାଟା ଦେଲୁ। ଛୁଆଟାକୁ ଟିକେ ଘଷି ଦେବି।' ବୋଉ ସେ ସବୁ ବାହାର କରି ଦେଇଦିଏ। ଆଉ ଜେଜେମା' ଗୀତ ଗାଇ, ଗୋଡ଼ରେ ନଚେଇ ଘଣ୍ଟାଏ କାଳ ଏତେ ଘଷାମଜା, ମାଲିସ୍ କରି ଦିଅନ୍ତି ଯେ ପିଲାମାନେ ଗେଁ, ଗେଁ ହୋଇ ସେଇ ଗୋଡ଼ ଉପରେ ଆରାମରେ ଶୋଇଯାନ୍ତି। ବାଡ଼ିପଟ କାନ୍ଥ ଠଣାରେ ଜେଜେମା'ଙ୍କର କରଞ୍ଜ ଦାନ୍ତ କାଠି, ଘସି ପାଉଁଶ ସାଇତା ହୋଇ ରହିଥାଏ ଦାନ୍ତ ଘଷିବା ପାଇଁ। କାହାର ଅଭ୍ୟାସ ଥିଲେ ଗୁଡ଼ାଖୁ ଡବା କିମ୍ବା ବାଇଗଣିପତ୍ର ମକଚା ହୋଇ ଏଇ ବାଡ଼ିପଟ କାନ୍ଥ ଠଣାରେ ସାଇତା ହୋଇଥାଏ ନିରାପଦରେ। ସମୟ, ସଭ୍ୟତା, ସଂସ୍କୃତିରେ ଅନେକ ପରିବର୍ତ୍ତନ ଆସିଛି। ଆସିବା ବି ସ୍ୱାଭାବିକ। ଆମକୁ ମାନିବାକୁ ବି ପଡ଼ିବ ପରିବର୍ତ୍ତିତ ବ୍ୟବସ୍ଥାକୁ। କିନ୍ତୁ ଏସବୁ ଭିତରେ ଠଣା ସିନା କାନ୍ଥ ବାଡ଼ରେ ଆଉ ଦେଖିବାକୁ ମିଳୁନି, କିନ୍ତୁ ହୃଦୟ କାନ୍ଥରେ ଅନେକ ଠଣା ଏବେ ବି ନିର୍ଦ୍ଦିଷ୍ଟ ସ୍ଥାନ ଗ୍ରହଣ କରିଛନ୍ତି। ଏହାକୁ ଅସ୍ୱୀକାର କରିହେବ ନାହିଁ। ଅତୀତର ସେଇ ଠଣା ଏବେ ମନ ଭିତରେ ସ୍ମୃତି ହୋଇ ରହିଛି, ଯାହା ଆମର ନିର୍ଦ୍ଦିଷ୍ଟତାକୁ ସୂଚନା ଦେବାରେ ସହାୟକ ହେଉଥିଲା। ଆବଶ୍ୟକତା ସମୟରେ ଶୀଘ୍ର ହାତପାଆନ୍ତାରେ ମିଳି ଯାଉଥିଲା। ଏବେ ଘରର ବୟସ୍କମାନଙ୍କର ନିର୍ଦ୍ଦିଷ୍ଟ ଠିକଣା କିଛି ଅଛି କି? ସେମାନଙ୍କର ଦୈନନ୍ଦିନ ଜୀବନରେ ବ୍ୟବହାର କରିବାକୁ ଥିବା ନିତ୍ୟକର୍ମ ଠାରୁ ଆରମ୍ଭ କରି ବିଶ୍ରାମ କିମ୍ବା ଶୋଇବା ସ୍ଥାନ ପର୍ଯ୍ୟନ୍ତ କେଉଁଥିରେ ଯେ ନିର୍ଦ୍ଦିଷ୍ଟତା ନାହିଁ, ଏହା ଅନେକ ବୟସ୍କ ଅନୁଭବ କରୁଥିବେ। ସତେ ଯେମିତି ସେମାନଙ୍କ ଜୀବନର ଅପରାହ୍ଣରେ ଆଉ କୌଣସି ନିର୍ଦ୍ଦିଷ୍ଟ ଠିକଣାର ଆବଶ୍ୟକତା ନାହିଁ! ତାଙ୍କର ବ୍ୟବହାର ପାଇଁ ଜିନିଷପତ୍ର ରଖିବାର ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ। ଯିଏ ଯେଉଁଠି ପାରିଲେ, ଫୋପାଡ଼ି ଦେବେ। ଖୋଜି ଖୋଜି ବ୍ୟସ୍ତ ହେଲେ ବି କେହି ଖୋଜି ଦେବାକୁ ପାଖରେ ନଥିବେ। ଏହା ହିଁ ବିଡ଼ମ୍ବନା ଆଜିକା ସମୟରେ। ଠଣା କଥା ମନେ ପକେଇ ଯେତେ ବଣା ହେଲେ ବି କିଏ କ'ଣ ବୁଝି ପାରିବ ସେମାନଙ୍କ ମାନସିକ ଅବସ୍ଥାକୁ। ପାକୁଆ ପାଟିରେ ପାନ ଟିକେ ପୂରେଇ ପାକୁଳେଇବାକୁ ମନେ ହେଲେ କାନ୍ଥକୁ ଚାହିଁଲେ ନା ଦେଖାଯିବ ଠଣା, ନା ତା' ଭିତରେ ଥିବା ପାନ ଛେଚା କି ପାନ ପୁଡ଼ିଆ! ଉହଳ ବିକଳ ହୋଇ ଶେଷ ଜୀବନ କଟେଇ ଦେଲେ ଗଲା। ମରିବା ସମୟର କୋଉ ନିର୍ଦ୍ଦିଷ୍ଟତା ଅଛି ଯେ ବଞ୍ଚିବାର ମୋହରେ 'ନିର୍ଦ୍ଦିଷ୍ଟ' କାନ୍ଥ କୁରାର ଆବଶ୍ୟକତା ପଡ଼ିବ। ତଥାପି ସମାଜର ଆଜିର ମଣିଷମାନଙ୍କ ପାଇଁ 'ଠଣା' ଏକ ସଂସ୍କୃତି ନହୋଇ ସ୍ମୃତି ହେଉ ପଛେ ସଠିକ୍‌ତା, ନିର୍ଦ୍ଦିଷ୍ଟତା ପାଇଁ ବ୍ୟାକୁଳ ହେଉଥିବା ବୟୋବୃଦ୍ଧମାନଙ୍କୁ ହାତ ପାଆନ୍ତରେ ଆବଶ୍ୟକତା ଅନୁଯାୟୀ ଜିନିଷ ସବୁ ଯୋଗାଇ ଦେଲେ ସେମାନେ ଖୁସିରେ ଜୀବନର ଅବଶିଷ୍ଟ ସମୟ ବିତେଇ ଦେବେ। ସନ୍ତୁଳିତ ଜୀବନ ଭୋଗ କରିବାକୁ ପଡ଼ିବ ନାହିଁ, ଏହା ହିଁ ଆମର ବିଶ୍ୱାସ। ଠଣା ପାଇଁ ବଣା ନ ହେବା ଭଲ। ❒

**ଅବସରପ୍ରାପ୍ତ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ**
**ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ**
**ମୋ: ୯୪୩୮୦୪୮୬୧୫**

ନିତିଦିନ NITIDIN
ଗୁରୁବାର, ୧୯ ଜୁନ୍ ,୨୦୨୫

# ଗରିବୀର ରଙ୍ଗ

ନିକଟରେ ବିଶ୍ୱ ବ୍ୟାଙ୍କ ତରଫରୁ ପ୍ରକାଶ ପାଇଛି ଭାରତରେ ଗରିବୀ ହ୍ରାସ ସମ୍ବନ୍ଧିତ ରିପୋର୍ଟ। ଏହା ଉଲ୍ଲେଖ କରିଛି ଯେ ଭାରତର ମୁଣ୍ଡ-ଗଣତି ଗରିବୀ ଗଣନା ୨୦୨୨-୨୩ରେ ମୋଟ ଜନସଂଖ୍ୟାର ୫.୩ ପ୍ରତିଶତ। ୨୦୧୧-୧୨ରେ ଏହି ସଂଖ୍ୟା ଥିଲା ୨୭.୧ ପ୍ରତିଶତ। ଏ ଦୁଇଟିଯାକ ସଂଖ୍ୟା ଦର୍ଶାଉଛି ଯେ ମାତ୍ର ଏକ ଦଶନ୍ଧିର ସମୟ ଭିତରେ ୧୭୧ ମିଲିଅନ୍ ଭାରତୀୟଙ୍କୁ ଉତ୍କଟ ଦାରିଦ୍ର୍ୟର ପଞ୍ଝାରୁ ଭିଡ଼ି ବାହାର କରାଯାଇଛି। ମୋଟାମୋଟି ସଂଖ୍ୟାରେ କହିଲେ, ଦଶ ବର୍ଷ ପୂର୍ବେ ଭାରତରେ ୨୩ କୋଟି ଲୋକ ଅତି ଗରିବ ଥିବା ବେଳେ ଏବେ ସେମାନଙ୍କ ସଂଖ୍ୟା ମାତ୍ର ୩.୩ କୋଟି। ପୁନଶ୍ଚ, ବିଶ୍ୱ ବ୍ୟାଙ୍କର ଏହି ସ୍ପ୍ରିଙ୍ଗ୍ ୨୦୨୫ ପଭର୍ଟି ଆଣ୍ଡ୍ ଇକ୍ୱିଟି ବ୍ରିଫ୍ ରିପୋର୍ଟ ଅନୁସାରେ, ନିମ୍ନ-ମଧ୍ୟବିତ୍ତ-ଆୟ ସ୍ତର - ଯାହା ଦିନକୁ ୩.୬୫ ଡଲାର ଭାବରେ ହିସାବ କରାଯାଇଥିଲା- ତାହା ୬୧.୮ ପ୍ରତିଶତରୁ ୨୮.୧ ପ୍ରତିଶତକୁ ହ୍ରାସ ପାଇଛି, ଯାହାର ଅର୍ଥ, ୩୭୮ ମିଲିଅନ୍ ଲୋକ ଦାରିଦ୍ର୍ୟରୁ ଉପରକୁ ଉଠିଛନ୍ତି। ଏହିସବୁ ତଥ୍ୟ ନିଃସନ୍ଦେହରେ ଏକ ଦେଶ ପାଇଁ ଗର୍ବର ବିଷୟ ହୋଇଥିବା ବେଳେ ଆହୁରି କେତେକ ପ୍ରଶ୍ନ ରହିଛି, ଯାହା ଏବେ ବି ଅବୁଝା ରହିଛି। ପ୍ରଥମ ପ୍ରଶ୍ନଟି ଏକ ଅଟକଳ ସହିତ ସମ୍ପର୍କିତ, ଯାହା କୋଭିଡ୍-୧୯ ମହାମାରୀର ଅବ୍ୟବହିତ ପରେ କରାଯାଇଥିଲା ଯେ ଆୟ ଏବଂ ଜୀବିକାର୍ଜନରେ ହାନି ଘଟିବା କାରଣରୁ ପ୍ରାୟ ୨୩୦ ମିଲିଅନ୍ ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଖସି ଯାଇଥିଲେ। ୨୦୨୨-୨୩ ବେଳକୁ କୋଭିଡ୍-୧୯ ମହାମାରୀର କୋପ କମିଗଲା; ତେଣୁ ବିଶ୍ୱ ବ୍ୟାଙ୍କର ଆକଳନ ମହାମାରୀ ପରେ ଏକ ଦୀର୍ଘ ସମୟର ହିସାବକୁ ଅନ୍ତର୍ଭୁକ୍ତ କରିନାହିଁ, ଯେତେବେଳେ କି ଲୋକମାନଙ୍କ ଆୟର ପୁନରୁଦ୍ଧାର ହୋଇଥାଇପାରେ ଏବଂ ଦାରିଦ୍ର୍ୟ ହ୍ରାସ ପାଇଥାଇପାରେ। ଅର୍ଥାତ୍, ମହାମାରୀ ଉପରାନ୍ତ ଏତେ କମ୍ ସମୟ ଭିତରେ ଲୋକମାନଙ୍କ ଆୟର ସ୍ତରରେ ହଠାତ୍ ଦ୍ରୁତ ବୃଦ୍ଧି ଘଟି ସେମାନଙ୍କୁ ଉତ୍କଟ ଦାରିଦ୍ର୍ୟରୁ ସାମାନ୍ୟ ସ୍ୱଚ୍ଛଳ ଅବସ୍ଥାକୁ ନେଇଯିବା କେମିତି ଅସହଜ ମନେହୁଏ। ଏବେ ଆସିବା ଦ୍ୱିତୀୟ ପହେଲିକୁ। ଏହା ହେଉଛି ବିଶ୍ୱ ବ୍ୟାଙ୍କର ଦାରିଦ୍ର୍ୟ ସୀମାରେଖାର ସଂଶୋଧନ ଯାହା ଦୈନିକ ମୁଣ୍ଡପିଛା ୨.୧୫ ଆମେରିକୀୟ ଡଲାରରୁ ୩ ଡଲାରକୁ ବୃଦ୍ଧି କରାଯିବା। ଦାରିଦ୍ର୍ୟ ରେଖାରେ ଯେତେବେଳେ ଉତ୍‌ଥାନ କରାଯାଏ ଅଧିକ ସଂଖ୍ୟକ ଲୋକଙ୍କୁ ଗରିବ ବର୍ଗରେ ଅନ୍ତର୍ଭୁକ୍ତ କରାଯିବା ଆଶା କରାଯାଏ, କମ୍ ଲୋକଙ୍କୁ ନୁହେଁ। ଆନ୍ତର୍ଜାତିକ ପରିସଂଖ୍ୟାନ ଯେତେବେଳେ ସୁହାଇବା ଭଳି ହୋଇ ନଥାଏ, ଭାରତ ସରକାର ସାଧାରଣତଃ ଏଥିରେ ପଦ୍ଧତିଗୁଡ଼ିକ ଭୁଲ୍ ଥିବା ଦର୍ଶାଇଥାନ୍ତି। କିନ୍ତୁ ଯେତେବେଳେ ଏହାର ବିପରୀତ କିଛି ଘଟେ, ସେତେବେଳେ ଏଥିପାଇଁ ଗ୍ରହଣ କରାଯାଇଥିବା ପ୍ରଣାଳୀ ବା ବ୍ୟବହାର କରାଯାଇଥିବା ଡାଟାବେସ୍ ବିଷୟରେ କୌଣସି ପ୍ରକାରର ସମାଲୋଚନା କରାଯାଏ ନାହିଁ।

ଯଦି ବି ଉପରୋକ୍ତ କଥାଗୁଡ଼ିକରେ ସହମତି ପ୍ରକାଶ କରାଯାଏ, ଯେ ଏକ ଉଲ୍ଲେଖନୀୟ ସଂଖ୍ୟକ ଭାରତୀୟଙ୍କୁ ଉତ୍କଟ ଦାରିଦ୍ର୍ୟର ହାତମୁଠାରୁ ମୁକୁଳା ଯାଇ ପାରିଛି, ତଥାପି ଏହା ଦାରିଦ୍ର୍ୟ ରୂପକ ଆହ୍ୱାନର ଅନ୍ୟାନ୍ୟ ଅନେକ ଦିଗକୁ ସ୍ପଷ୍ଟ ଶବ୍ଦରେ ଉଲ୍ଲେଖ କରେନାହିଁ। ମୁଣ୍ଡପିଛା ଆୟ, ମାନବ ବିକାଶ ସୂଚକାଙ୍କ ଏବଂ ବିଶ୍ୱ କ୍ଷୁଧା ସୂଚକାଙ୍କ ଭଳି ବିକାଶ ଓ କଲ୍ୟାଣର କେତେକ ଆନ୍ତର୍ଜାତିକ ସ୍ତରରେ ଗୃହୀତ ମାପ ଦର୍ଶାଇ ଥାଏ ଯେ ଏସବୁ ସୂଚକାଙ୍କରେ ଭାରତର ପ୍ରଦର୍ଶନ ଅତି ଦୁର୍ବଳ ଏବଂ ଏସବୁ ବାବଦ ତାଲିକାରେ ଭାରତର ସ୍ଥାନରେ ସେପରି ବିଶେଷ ଉନ୍ନତି ଘଟିନାହିଁ। ସଦ୍ୟତମ ତଥ୍ୟ ଅନୁସାରେ ଉପରୋକ୍ତ ସୂଚକାଙ୍କ ତାଲିକାଗୁଡ଼ିକରେ ଭାରତର ସ୍ଥାନ ଯଥାକ୍ରମେ ୧୪୪,୧୩୦ ଏବଂ ୧୦୫ ରହିଥିବା ଦେଖିବାକୁ ମିଳେ। ତେଣୁ ଦେଶ ଏକ ଉଲ୍ଲେଖନୀୟ ମାତ୍ରା ପର୍ଯ୍ୟନ୍ତ ଉତ୍କଟ ଦାରିଦ୍ର୍ୟକୁ ହ୍ରାସ କରିବାରେ ସମର୍ଥ ହୋଇଥିବା ନେଇ ଦେଶ ଆଶ୍ୱସ୍ତିର ନିଃଶ୍ୱାସ ମାରିବା କଦାଚିତ୍ ସମୀଚୀନ ହେବ ବୋଲି କୁହାଯାଇପାରେ। ଆହୁରି ଅନେକ ଗୁଣାତ୍ମକ ମାନର ଜୀବନ ବଞ୍ଚିବା ଭଳି ପ୍ରସଙ୍ଗମାନ ରହିଛି, ଯେଉଁଗୁଡ଼ିକର ସମାଧାନ କରାଯିବା ଆବଶ୍ୟକ। ସାମାଜିକ ଏବଂ ଅର୍ଥନୀତିକ କଲ୍ୟାଣର ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ ହେଉଛି ଜୀବିକାର୍ଜନର ନିରାପତ୍ତା ଏବଂ ସ୍ଥିର ଓ ସୁସ୍ଥ ଆୟ ବା ଉପାର୍ଜନ। ଭାରତରେ ଏସବୁର ଅଭାବ ରହିଛି ଏବଂ ଅର୍ଥନୀତିକ ଉତ୍‌ଥାନ ପତନ ଯୋଗୁଁ ଅନେକ ଲୋକ ଗରିବୀର ପଞ୍ଝାରୁ କେତେବେଳେ ମୁକୁଳୁଛନ୍ତି ତ ଆଉ କେତେବେଳେ ତା' ମଧ୍ୟକୁ ପଶି ଆସୁଛନ୍ତି। ଏଥିପାଇଁ ଆବଶ୍ୟକ ଆର୍ଥିକ ସୁରକ୍ଷା ଜାଲ ପରିସରଭୁକ୍ତିକରଣ ଏବଂ ପହଞ୍ଚ ଦୃଷ୍ଟିରୁ ବ୍ୟାପକ ହେବାଠାରୁ ଏବେ ବି ବହୁ ଦୂରରେ ରହିଛି। ଭାରତର ଦାରିଦ୍ର୍ୟ ନକ୍ସାରେ ଲିଙ୍ଗ ଏବଂ ଜାତି ତଥା ଆଞ୍ଚଳିକ ଅସମାନତା ଧାରାରେ ଭେଦଭାବ ଏବେ ବି ତିଷ୍ଠି ରହିଛି, ଯେଉଁଥିପାଇଁ ସମସ୍ତଙ୍କ ଆୟ ସମାନ ହୋଇ ନଥାଏ।

ବିଶ୍ୱ ବ୍ୟାଙ୍କର ଉପରୋକ୍ତ ରିପୋର୍ଟ ଉପରେ ଏଥିରେ ପରିସରଭୁକ୍ତ ସବୁ ଦେଶ ସନ୍ତୋଷ ବ୍ୟକ୍ତ କରି ନାହାନ୍ତି ଯେ ଦାରିଦ୍ର୍ୟ ଭଲ ଭାବରେ ଏବଂ ପ୍ରକୃତରେ ହ୍ରାସ ପାଇଛି- ସେତିକି ପରିମାଣ ପର୍ଯ୍ୟନ୍ତ, ଯେତିକି ଏହାର ପରିସଂଖ୍ୟାନ ଦର୍ଶାଉଛି। ସେଥିପାଇଁ ବେଶ୍ କେତେକ ଦେଶ ଏହାର ଭଲ ଭାବରେ ଯାଞ୍ଚ କରାଯିବା ନିମନ୍ତେ ଆହ୍ୱାନ ଦେଇଛନ୍ତି। ସମାଲୋଚକମାନେ ଏହାର ପ୍ରତିବାଦ କରିବାକୁ ଯାଇ କହିଛନ୍ତି ଯେ ଏହାକୁ ନେଇ ବାହାସ୍ଫୋଟ ମାରିବା ଭଳି କିଛି ନାହିଁ କି କହିବାର ଆବଶ୍ୟକତା ନାହିଁ ଯେ ଏହାକୁ ବିଶ୍ୱାସ କରନାହିଁ କି ଏହାକୁ ତୃଣମୂଳ ବାସ୍ତବତା ଭାବରେ ଗ୍ରହଣ କରନାହିଁ। ତେଣୁ ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ଭାବରେ ପରିଚିତି ଲାଭ କରିବାକୁ ହେଲେ ଦାରିଦ୍ର୍ୟ ଦୂରୀକରଣ ଅର୍ଥପୂର୍ଣ୍ଣ ହେବା ଆବଶ୍ୟକ ଏବଂ ଏହାକୁ ଦୂର କରିବାର ପ୍ରଣାଳୀଗୁଡ଼ିକ ସମାନ ଭାବରେ ବିସ୍ତାରିତ ହେବା ଜରୁରୀ। ବିକାଶର ଅଳ୍ପ କେତେକ ସୂଚକରେ ପରିସଂଖ୍ୟାନ ଦୃଷ୍ଟିରୁ ଆକର୍ଷଣୀୟ ହୋଇଯିବା କେବଳ ଯଥେଷ୍ଟ ନୁହେଁ। ❒

# ଭଲ ହେବା ପାଇଁ ସୁଯୋଗଟିଏ

କେବେକେବେ ସ୍ୱାର୍ଥ ଓ ସୁବିଧା ପାଇଁ ମଣିଷ ଠିକ୍ ରାସ୍ତାକୁ ଛାଡ଼ିଦିଏ। ଅବାଟରେ ଚାଲିଯାଏ। ଅବାଟରେ ଯାଉଥିବା ଲୋକଟି ନିଜ ଦୋଷ ଦିଏ ନାହିଁ। ବରଂ ସେ ତା' ଆଗରେ ଯାଉଥିବା ଲୋକର ଦୋଷ ଦିଏ। କୁହେ- ସେ ଏମିତି କଲାଠାରୁ ମୁଁ କରିଛି। ଏହି ଗୁଣ ପାଇଁ ଯୌଥ ପରିବାରେ ଦ୍ୱନ୍ଦ୍ୱ ଦେଖା ଯାଇଥାଏ। ବଡ଼ ବୋହୂର କୁଗୁଣକୁ ଅନ୍ୟ ବୋହୂମାନେ ସହଜରେ ଅନୁସରଣ କରନ୍ତି। କିନ୍ତୁ ଭଲ ଗୁଣକୁ ଅନୁକରଣ କରିବା ଲୋକ ଖୁବ୍ କମ୍ ଥାଆନ୍ତି। ଭଲ କାମଟିଏ କରିବାର ଅର୍ଥ, ପୁରୁଣା ସଂସ୍କାରକୁ ବଦଳାଇ ନୂଆ ସଂସ୍କାରଟିଏ ଆଣିବା। ଏହା ଏକ ଆନ୍ଦୋଳନ ସହିତ ସମାନ। ଏ ନେଇ ଉଦାହରଣଟିଏ।

ଜଣେ ମହାଜନଙ୍କର ପାଞ୍ଚ ପୁଅ। ମହାଜନ ଘରକୁ ଚାରିଟି ବୋହୂ ଆଣିଲେ। ସବା ବଡ଼ବୋହୂ ଘରର କୌଣସି କାମ ନ କରି ଦ୍ୱିତୀୟ ବୋହୂକୁ କାମ ବରାଦ କରିଦିଏ। ଦ୍ୱିତୀୟ, ତୃତୀୟ ମଧ୍ୟ ସେହିପରି କରନ୍ତି। ଚତୁର୍ଥ ବୋହୂ ଦେଖିଲା ବଡ଼ ଯାଆମାନେ ଆରାମ କରୁଛନ୍ତି। ସେ ମଧ୍ୟ କାମ କଲାନାହିଁ। କିଛି ମାସ ପରେ ଘର କାମ ପାଇଁ ଜଣେ କାମବାଲିକୁ ନିଯୁକ୍ତି ଦିଆଗଲା। ପଞ୍ଚମ ପୁଅର ବିବାହ ପରେ ସାନବୋହୂ ଆସିଲା। କିଛି ଦିନ ପରେ ସବା

ପଦାରବିନ୍ଦ

ସାନବୋହୂ ରୋଷେଇବାସ କଲା। ଦିନେ ସାନବୋହୂ ବିଶ୍ରାମ କଲାବେଳେ ଶାଶୂ ଆସି କହିଲେ- 'ବୋହୂ, ଅନ୍ୟମାନେ ବାବୁଆଣୀଙ୍କ ପରି ଆରାମ୍ କରୁଛନ୍ତି, ତୁ କାହିଁକି ଖଟୁଛୁ?'

ବୋହୂ ଉତ୍ତର ଦେଲା- 'ମାଆ, ଦିନକୁ ଅତି କମ୍‌ରେ ଦୁଇଘଣ୍ଟା କଠୋର ଶାରୀରିକ ପରିଶ୍ରମ କଲେ ଦେହ ସୁସ୍ଥ ରୁହେ। ପୁଣି ଅନ୍ୟମାନଙ୍କୁ ଭୋଜନ ଦେଲେ ପୁଣ୍ୟ ହୁଏ। ଏଇଠି ଅଛି ରୋଷେଇ ସାମଗ୍ରୀ। କେବଳ ପ୍ରସ୍ତୁତ କରିବା ଦାୟିତ୍ୱ ମୋର। ଖାଲିଟାରେ ବସି ରହିଲେ ମନରେ ଦୁଶ୍ଚିନ୍ତା ବଢ଼ିଥାଏ। କାମବାଲି କାମ କଲେ ଘରର ଆର୍ଥିକ ସ୍ଥିତି ବି ଦୁର୍ବଳ ହୋଇଥାଏ। ଯେଉଁ କାମ ଆମେ କରିବା କଥା, ସେହି କାମ କାମବାଲିକୁ କାହିଁକି ଦେବା? ଯଦି ଗୋଟିଏ କାମରୁ ମୋତେ ପୁଣ୍ୟ, ସ୍ୱାସ୍ଥ୍ୟ, ଫୁର୍ତ୍ତି, ମାନସିକ ଶାନ୍ତି ଆଦି ମିଳୁଛି, ତେବେ ଅନ୍ୟମାନଙ୍କ ଦେଖାଦେଖି ମୁଁ ଏସବୁ ସୁଯୋଗ କାହିଁକି ହାତଛଡ଼ା କରିବି?'

ବୋହୂ କଥାର ରହସ୍ୟ ବୁଝିଗଲେ ଶାଶୂ। ସେ ମଧ୍ୟ ରୋଷେଇ ଘରେ ଯୋଗ ଦେଲେ। ଅନ୍ୟ ବୋହୂମାନେ ମଧ୍ୟ ବାସ୍ତବତାକୁ ବୁଝିଲେ। ପରସ୍ପର ପ୍ରତି ଈର୍ଷା ଭାବ ଛାଡ଼ି ଘରକାମ କଲେ। ସାନବୋହୂ ରୋଷେଇ ଛାଡ଼ି ପାଣି ଆଣିବା, ବାଡ଼ି, ବଗିଚା କାମ ଆରମ୍ଭ କଲା। ଘରର କୌଣସି କାର୍ଯ୍ୟ ଛୋଟ ନୁହେଁ। ସାମର୍ଥ୍ୟ ଅନୁସାରେ ପ୍ରତିଟି କାମ କରାଯାଇପାରେ। ଏହା ବୁଝିଲା ପରେ ଘରର ସମସ୍ତ କାର୍ଯ୍ୟ ବୋହୂମାନଙ୍କ ଦ୍ୱାରା ସମ୍ପାଦିତ ହେଲା।

ଦୁନିଆରେ ଅନେକ ଭଲ ଲୋକ ଅଛନ୍ତି। ସେମାନଙ୍କୁ ଭଲ କାମ କରିବାକୁ ପ୍ରେରଣା ଓ ସୁଯୋଗ ମିଳେନାହିଁ। ତେଣୁ ସେମାନେ ଖରାପ କାମ କରିବାକୁ ଆଗ୍ରହୀ ହୋଇ ଥାଆନ୍ତି। ଭଲ ମଣିଷ ହେବା ଯେତିକି ବଡ଼ କଥା, ତା'ଠାରୁ ଆହୁରି ବଡ଼ କଥା ହେଲା ଭଲ ମଣିଷ କରିବାକୁ ସୁଯୋଗଟିଏ ସୃଷ୍ଟି କରିବା। ❒

## ଧର୍ମଶାଳାରେ କଟକଣା ଆଇନ୍‌କୁ ଆଖିଠାର

# ମାଛ, ଚିକେନ୍ ଖୁଲମଖୁଲା ବିକ୍ରି



**ଧର୍ମଶାଳା,୧୮।୬/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକରେ ଝାଡ଼ାବାନ୍ତି ସ୍ଥିତିରେ କିଛିଟା ରୋକ ଲାଗିଛି । ହେଲେ ଏବେବି ସ୍ଥିତି ଗମ୍ଭୀର ରହିଛି । ଗତକାଲି ଅପେକ୍ଷା ଆଜି କମ ଆକ୍ରାନ୍ତ ଡାକ୍ତରଖାନାକୁ ଆସି ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି । ଗତ କିଛିଦିନ ତୁଳନାରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା କମିଥିବା ବେଳେ ଗତକାଲି ରାତିରୁ ଆଜି ସନ୍ଧ୍ୟା ପର୍ଯ୍ୟନ୍ତ ୨୧ ଜଣ ନୂଆ ଆକ୍ରାନ୍ତ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସମସ୍ତଙ୍କ ଠାରେ ମାଇଲ୍ଡ ଝାଡ଼ାବାନ୍ତି ଦେଖାଦେଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସୂଚନା ଦେଇଛନ୍ତି । ଧର୍ମଶାଳା ବ୍ଲକରେ ସର୍ବ ପ୍ରଥମ ଏହି ଝାଡ଼ାବାନ୍ତି ରୋଗ ବ୍ୟାପିଥିବା ବେଳେ କେହି ମୃତାହତ ହୋଇନଥିବା ଜଣାଯାଇଛି । ଗତକାଲି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରୁ ୧୭ଜଣଙ୍କୁ ଆଜି ଡିସଚାର୍ଜ କରାଯାଇଥିବା ବେଳେ ଏବେ ଡାକ୍ତରଖାନାରେ ୪୧ ଜଣ ଆକ୍ରାନ୍ତ ଚିକିତ୍ସାଧିନ ଥିବା ଜଣାପଡିଛି । ତେବେ ପାଣି ଯୋଗୁଁ ଏହି ରୋଗ ବ୍ୟାପୁଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି । ତେବେ ଆଗ ଅପେକ୍ଷା ସ୍ଥିତିରେ କିଛିଟା ସୁଧାର ଆସୁଥିବା ଜଣାଯାଉଛି । ଡାକ୍ତରଖାନାକୁ ଆସୁଥିବା ରୋଗୀ ମାନେ ମାଇଲ୍ଡ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଆସୁଛନ୍ତି । ତେବେ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ମେଡିକାଲରେ ଆଡମିଟ କରାଯାଇ ଅବଜର୍ଭେସନରେ ରଖାଯାଉଥିବା ଡାକ୍ତର ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି । ଝାଡ଼ାବାନ୍ତିର ସଂକ୍ରମଣକୁ ରୋକିବା ଲାଗି ପ୍ରଶାସନ ପକ୍ଷରୁ ସବୁ ଅଞ୍ଚଳକୁ ବିଶୋଧନ କରାଯାଉଛି । ସେହିପରି ଧର୍ମଶାଳା ଅଞ୍ଚଳରେ ସମସ୍ତ ହୋଟେଲ, ଗୁପଚୁପ, ଚାର୍ଟ, ଫାଷ୍ଟଫୁଡ, ପଣି ପାଉଚ ତିଆରି କାରଖାନା, ଅଇସକ୍ରିମ ତିଆରି କାରଖାନାକୁ ବନ୍ଦ ପାଇଁ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ହେଲେ ଏହି ବନ୍ଦ ଆଦେଶକୁ ଆଖି ଠାର ସଦୃଶ୍ୟ ହୋଇଛି । ଆଜି ଆଇଁଶ ବାର ଥିବା ବେଳେ ଗାଁ ଗହଳି ଓ ଛକ ମାନଙ୍କରେ ଖୁଲମ ଖୁଲା ଚିକେନ, ମାଛ ଓ ମଟନ ବିକ୍ରି ହେଉଥିବା ବେଳେ ଅନେକ ଜଳଖିଆ ଦୋକାନ, ଢାବା ଓ ହୋଟେଲ ଚାଲିଥିବା ଦେଖିବାକୁ ମିଳିଛି । ସରକାରଙ୍କ କଟକଣା ନମାନିବା ଯୋଗୁଁ ଏହି ରୋଗ ଅପ୍ରତ୍ୟକ୍ଷ ନେଇ ଅଲୋଚନା ହେଉଛି । ତେବେ ପ୍ରଶାସନ କଣରେ ଭାବେ ନିୟମ ପାଳନ କରିବାକୁ ତାଗିଦ ନକରିବା ସାର୍ଥେ ଏଭଳି ଅବସ୍ଥା ଉପୁଜୁଥିବ ବୋଲି ସାଧାରଣରେ ଆଲୋଚନା ହେଉଛି । ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ବିଭିନ୍ନ ହୋଟେଲ ଢାବାରେ ଚଢ଼ାଉ କରାଯାଉଥିବା ନେଇ ବାହାସ୍ପୋର୍ଟ ମାରୁଥିବା ବେଳେ ପ୍ରକୃତସ୍ଥିତି କିନ୍ତୁ ଭିନ୍ନ ଦେଖିବାକୁ ମିଳିଛି । ଆଜି ଜିଲ୍ଲାପାଳ ପି ଅନିଭେଶା ରେଡ୍ଡି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ପରଖିବା ସହିତ ଏହି ବ୍ଲକର ମିର୍ଜାପୁର ଗ୍ରାମରେ ଝାଡାବାନ୍ତି ରୋଗ ବ୍ୟାପିଥିବାରୁ ବିଡିଓ ଓ ଡାକ୍ତର ଟିମ୍ ସହିତ ଉକ୍ତ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ।

## ଶୁଦ୍ଧିକ୍ରିୟା ମୁଣ୍ଡନକୁ ନେଇ ଆକ୍ରମଣ, ୬ ଗୁରୁତର


**ପରଜଙ୍ଗ,୧୮।୬/ଏନ୍‌ଏନ୍‌ଏସ୍:** ପରଜଙ୍ଗ ଥାନା ରୋଡ୍ ଗ୍ରାମରେ ସବର୍ଣ୍ଣ ଓ ଅସବର୍ଣ୍ଣ ମଧ୍ୟରେ ବିବାଦ । ଅସବର୍ଣ୍ଣଙ୍କ ଅତର୍କିତ ଆକ୍ରମଣରେ ଛଅ ସବର୍ଣ୍ଣ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ପ୍ରକାଶ, ରୋଡ ଗ୍ରାମର ସୂର୍ଯ୍ୟକାନ୍ତ ସାହୁଙ୍କ ଜେଜେବାପାଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ପରିବାର ଲୋକ ଗ୍ରାମ ନିକଟରେ ଥିବା ନଦୀ କୂଳରେ ମୁଣ୍ଡନ ହେଉଥିଲେ । ସେହି ସମୟରେ ହଟାତ ପ୍ରବଳ ବର୍ଷା ହେବା ଯୋଗୁଁ ପରିବାର ଲୋକ ନଦୀ ନିକଟରେ ଥିବା ଏକ ସର୍ବସାଧାରଣ ବିଶ୍ରାମ ସ୍ଥଳୀରେ ମୁଣ୍ଡନ ହେଉଥିଲେ ।ସେହି ସମୟରେ ଗ୍ରାମର ଅସବର୍ଣ୍ଣ ସାହିର କବିରାଜ ନାଏକ ସେଠାରେ ପହଞ୍ଚି ମୁଣ୍ଡନ ହେଉଥିବା ସୂର୍ଯ୍ୟକାନ୍ତ ଓ ତାଙ୍କ ପରିବାର ଲୋକଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଫୋନ କରି ନିଜ ସାହିର କିଛି ଲୋକଙ୍କୁ ଡକାଇଥିଲେ । ପରେ ଅସବର୍ଣ୍ଣ ସାହିର କିଛିଲୋକ ସେଠାରେ ପହଞ୍ଚି ନାନା ପ୍ରକାରର ମାରଣାସ୍ତ୍ର ଧରି ସବର୍ଣ୍ଣଙ୍କ ଉପରେ ଆକ୍ରମଣ କରିଥିଲେ । ଆକ୍ରମଣ ଫଳରେ ସବର୍ଣ୍ଣ ଗୋଷ୍ଠୀର ୬ ଜଣଙ୍କ ମୁଣ୍ଡଫାଟି ଯାଇଥିବା ବେଳେ ଶରୀରର ଅନେକ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ଗୁରୁତରମାନଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ସୁଜିତ ସାହୁଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପର୍ଣ୍ଣ ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଏ ସମ୍ପର୍କରେ ସୂର୍ଯ୍ୟକାନ୍ତ ପରଜଙ୍ଗ ଥାନାରେ ଅଭିଯୋଗ କରିବା ପରେ ପରଜଙ୍ଗ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ରୋଡ଼ ଗ୍ରାମରେ ଭୟର ବାତାବରଣ ଦେଖାଯାଇଥିବା ବେଳେ ତୁରନ୍ତ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି ହୋଇଛି ।

## କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣକୁ ନେଇ ବିବାଦ



**ହିନ୍ଦୋଳ,୧୮।୬/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ କେନ୍ଦ୍ରୀୟବିଦ୍ୟାଳୟ ନିର୍ମାଣକୁ ନେଇ ଦେଖାଦେଇଛି ବିବାଦ । ଗତ ସାଧାରଣ ନିର୍ବାଚନରେ ହିନ୍ଦୋଳ ସଦର ମହକୁମାରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପ୍ରତିଶ୍ରୁତି ଦେଇ ବିଜେପି ଆସିଥିଲା କ୍ଷମତାକୁ ଯାହାକୁ ନେଇ ବିଜେପି ଓ ଜନସାଧାରଣ ଥିଲେ ଆଶାବାଦୀ । ମାତ୍ର ଏବେ କିଛି ମୁଷ୍ଟିମେୟ କୁଚକ୍ରୀଙ୍କ ପ୍ରରୋଚନାରେ ଭୋଟରଙ୍କୁ ଚକମାଦେଖାଇ ସମସ୍ତ ଆନୁସଙ୍ଗିକ ସୁବିଧା ଥାଇମଧ୍ୟ ହିନ୍ଦୋଳ ସଦର ମହକୁମାରେ ନକରି ଅନ୍ୟତ୍ର ବିଦ୍ୟାଳୟ କରାଯିବାକୁ ମସୁଧା ହେଉଥିବା ସୂଚନାପାଇ ଦେଖାଦେଇଛି ତୀବ୍ର ପ୍ରତିକ୍ରିୟା । ହିନ୍ଦୋଳ ସଦର ମହକୁମାକୁ ଅଣଦେଖାକୁ ନେଇ ହିନ୍ଦୋଳ ବିଜେପି ମହଲରେ ମଧ୍ୟ ଦେଖାଦେଇଛି ତୀବ୍ର ଅସନ୍ତୋ । କର୍ମୀ କାର୍ଯ୍ୟକର୍ତ୍ତା କରିଛନ୍ତି ଜୋରଦାର ବିରୋଧ । ଦଳମତ ନିର୍ବିଶେଷରେ କରାଯାଇଛି ଜୋରଦାର ବିରୋଧ ଏବଂ ପ୍ରତିଶ୍ରୁତି ପାଳନ କରି ସଦର ମହକୁମାରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ଦାବି କରିଛନ୍ତି ବିଜେପି, ବିଜେଡ଼ି, କଂଗ୍ରେସ ସମେତ ସବୁଦଳ ଏବଂ ଜନସାଧାରଣ । ଆଜି ଏଥିପାଇଁ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ, ହିନ୍ଦୋଳ ବିଧାୟିକା ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜନସାଧାରଣଙ୍କ ତରଫରୁ ଏକ ଦାବିପତ୍ର ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବିପୂରଣ ନହେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

## ମକଡ୍ରିଲ୍ ପାଇଁ ପ୍ରସ୍ତୁତି ବୈଠକ




**ରାଜନଗର,୧୮।୬/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ସଦଭାବନା ସଭାଗୃହରେ ମକଡ୍ରିଲ୍ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ତହସିଲଦାର ସନ୍ଦୀପ କୁମାର ଖାଡଙ୍ଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିପିଇଓ ଧର୍ମେନ୍ଦ୍ର କୁମାର ଦାଶ, ଏସ୍ଆଇ ଚନ୍ଦ୍ରିକା ମହାପାତ୍ର ଯୋଗଦେଇ ମକଡ୍ରିଲ୍ ପାଇଁ ପ୍ରସ୍ତୁତିର ସମୀକ୍ଷା କରିଥିଲେ ।ଏହି ଅବସରରେ ବୈଠକରେ ଯୋଗଦେଇଥିବା ସରପଞ୍ଚମାନେ ମକଡ୍ରିଲ୍‌ରେ ସହଯୋଗ କରିବେ ନାହିଁ ବୋଲି ରୋକଠୋକ ମନା କରିଦେଇଥିଲେ । ସେମାନେ ବାତ୍ୟାଶ୍ରୟ କେନ୍ଦ୍ରଗୁଡିକର ସଭାପତି ଥିବା ବେଳେ ବାତ୍ୟାଶ୍ରୟସ୍ଥଳୀ ମରାମତି ପାଇଁ ଆସିଥିବା ଅନୁଦାନ ସମ୍ପର୍କରେ ସେମାନଙ୍କୁ ଏପରିକି କମିଟିକୁ ନଜଣାଇ କିଛି ଲୋକଙ୍କ ଦ୍ୱାରା ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ କାମ କରାଉଛନ୍ତି । ସବୁ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି । କାମ ନା'ରେ ରଙ୍ଗମାରି ଟଙ୍କା ହରିଲୁଟ୍ କରିବା ଯୋଜନାରେ ଅଛନ୍ତି । ଯାହାକୁ ବିରୋଧ କରି ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କ ନିକଟରେ ଲିଖିତ କରାଯାଇଛି । ସରପଞ୍ଚ ସଂଘର ସଭାପତି ଅଶୋକ କୁମାର ମହାନ୍ତି, ସରପଞ୍ଚ ନିରଞ୍ଜନ ରାଉତ, ଚିତ୍ତରଞ୍ଜନ ପଣ୍ଡା, ସସ୍ମିତା ମହାନ୍ତି, ବିଣାପାଣୀ ପ୍ରଧାନ, ରାଣୀମଞ୍ଜରୀ ସେଠୀ, ଇତିଶ୍ରୀ ମହାପାତ୍ର, ସମୀର ସେଠୀ, ପ୍ରସନ୍ନ ପରିଡା ପ୍ରମୁଖ ମତାମତ ପ୍ରଦାନ କରିବା ସହ ମକଡ୍ରିଲ ବର୍ଜନ କରିବୁ ବୋଲି କହିଥିଲେ । ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେବା ଚେତାବନୀ ଦେଇଛନ୍ତି । ଅପରପକ୍ଷରେ ସରପଞ୍ଚ ଦିଲ୍ଲୀପ କୁମାର ରାଉତ ଏବେ ନୁହେଁ, ପୂର୍ବରୁ ବିଧାୟକଙ୍କ ଚିଠାରେ ବାତ୍ୟାଶ୍ରୟସ୍ଥଳୀ ମରାମତି କରାଯାଇଥିଲା । ଏ ପରମ୍ପରା ଆଗରୁ ଚାଲି ଆସିଛି ବୋଲି କହିଥିଲେ । ଏବିଇଓ ଚତ୍ତରଞ୍ଜନ ଜେନା ଏହି ମକଡ୍ରିଲ ଲୋକଙ୍କୁ ସଚେତନ କରିବା ପାଇଁ ଉର୍ଦ୍ଦିଷ୍ଟ ଥିବାରୁ ସମସ୍ତ ଲୋକ ପ୍ରତିନିଧିମାନଙ୍କୁ ମକଡ୍ରିଲରେ ସହଯୋଗ କରିବାକୁ ନିବେଦନ କରିଥିଲେ ।

## ବର୍ଷାରେ ଭୁଶୁଡିଲା ରାସ୍ତାକଡ଼ ୱାଲ୍

**ବଇଣ୍ଡା,୧୮।୬/ଏନ୍‌ଏନ୍‌ଏସ୍:** କିଶୋନଗର ବ୍ଲକ୍ କଣ୍ଟେଇକୁଳିଆ ଗ୍ରାମ ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ହେଇଥିବା ନୂତନ ରାସ୍ତା ତିନି ମାସ ଶେଷ ହୋଇଥିବା ବେଳେ ଆଜି ରାସ୍ତାରେ ସାଧାରଣ ବର୍ଷାରେ ରାସ୍ତା କଡ଼ରେ ଦିଆଯାଇଥିବା ୱାଲ୍ ଭୁଶୁଡ଼ି ପଡ଼ିଛି । ଲୋକଙ୍କ କହିବା ମୁତାବକ ରାସ୍ତା ମଧ୍ୟ ଠିକ୍ ଭାବେ କାମ ହୋଇନାହିଁ ଏବଂ ଦିଆଯାଇଥିବା ୱାଲ୍ ମଧ୍ୟ ନୂତନ ନାହିଁ । କେବଳ ପୁରୁଣା ୱାଲ୍‌ରେ ଗୋଟାଏ ଫୁଟ ଉଠାଇ ନୂଆଁ ବିଲ୍ କରିଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି । ଏହାର ଯଥାଶୀଘ୍ର ପ୍ରତିକ୍ରିୟା ରଖି କାର୍ଯ୍ୟ ପୁର୍ନବାର ହେଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।

## ଡାଇରିଆ ନିୟନ୍ତ୍ରଣରେ ପ୍ରଶାସନର ପଦକ୍ଷେପ



**ଯାଜପୁର,୧୮।୬/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ସଂକ୍ରମଣ ଓ ଡାଇରିଆ ରୋକିବା ପାଇଁ ସରକାରୀ ବେସରକାରୀ ଟିଉବୱେଲ,କୂପ,ପାଇପ ୱାଟର ସପ୍ଲାଏ ଗୁଡ଼ିକୁ ବିଶୋଧନ କରାଯାଉଅଛି । ହଟସ୍ପଟ ଅଞ୍ଚଳ ଏବଂ ଯେଉଁଠାରେ ଏବେ ଡାଇରିଆ କେସ୍ ବାହାରିବାର ତଥ୍ୟ ଆସୁଛି ଏବଂ ପାଇପ୍ ୱାଟର ସପ୍ଲାଏ ଉପଭୋକ୍ତା ପ୍ରାନ୍ତରେ ଏବଂ ବ୍ୟାସନଗର ପୌରାଞ୍ଚଳ ଓ ଯାଜପୁର ଟାଉନ ପୌରାଞ୍ଚଳରେ ପାନୀୟଜଳ ପରୀକ୍ଷା କରୁଛନ୍ତି । ନଦୀ କୂଳରୁ ୧୦୦ ମିଟର ଦୂରତା ମଧ୍ୟରେ ଥିବା ନଳକୂପ, କୂପ ଓ ପାଇପ୍ ୱାଟର ସପ୍ଲାଏ ଟାଙ୍କୀ ଗୁଡ଼ିକର ପାଣି ଏଚ୍୨ଏସ୍ କିଟ୍ ମାଧ୍ୟମରେ ପରୀକ୍ଷା କରାଯାଉଅଛି । କ୍ଲୋରିନେସନ ପରେ ଯେଉଁଠି ପଜିଟିଭ ବାହାରୁଚି ତାହାକୁ ଚିହ୍ନଟ କରାଯାଇ ସେଠାରେ ଟାଙ୍କି ମାଧ୍ୟମରେ ପାନୀୟଜଳ ଯୋଗାଇ ଦିଆଯାଉଛି । ଏହା ସହିତ ଆଶା, ଅଙ୍ଗନବାଡ଼ିକର୍ମୀ, ଏଏନ୍ଏମ୍, ଏନ୍‌ଜିଓମାନଙ୍କ ଦ୍ୱାରା ଓଆରଏସ, ହାଲୋଜିନ ବଟିକା ଇତ୍ୟାଦି ଘରେ ଘରେ ବଣ୍ଟନ କରାଯାଉଛି । ଝାଡ଼ା ବାନ୍ତି ତଥା ଡାଇରିଆ ପ୍ରତି ସତର୍କ ଓ ସଚେତନ ରହିବାକୁ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ମାଇକ୍ ଓ ସାମାଜିକ ଗଣମାଧ୍ୟମ ଦ୍ୱାରା ବାରମ୍ବାର ସଚେତନ କରାଯାଉଛି । ପାଣିକୁ ଫୁଟାଇ ଛାଣି ପିଇବା, ଘରେ ପ୍ରସ୍ତୁତ ଗରମ ରନ୍ଧା ଖାଦ୍ୟ ଖାଇବା, ଖାଇବା ପୂର୍ବରୁ ସାବୁନ୍‌ରେ ଭଲଭାବେ ହାତ ଧୋଇବା, ଅସ୍ୱାସ୍ଥ୍ୟକର ପରିବେଶରେ ଥିବା ଦୋକାନ, ଷ୍ଟ୍ରିଟ ଫୁଡ୍, ଫାଷ୍ଟଫୁଡ୍ ନଖାଇବାକୁ ଜନସାଧାରଣଙ୍କୁ ସଚେତନ କରାଯାଉଛି । ଫୁଟା ଯାଇଥିବା ୧ଲିଟର ପାଣିରେ ହାଲୋଜିନ ବଟିକା ମିଶାଇ ପିଅନ୍ତୁ । ଖୋଲା ସ୍ଥାନରେ ମଳତ୍ୟାଗ ନକରି ଶୌଚାଳୟ ବ୍ୟବହାର କରିବା ସଙ୍ଗେ ସଙ୍ଗେ ସାବୁନ୍‌ରେ ହାତ ଧୋଇବାକୁ ପରାମର୍ଶ ଦିଆଯାଉଛି ଏବଂ ନଦୀ, ନାଳ, ପୋଖରୀ ପାଣିକୁ ବ୍ୟବହାର ନକରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଛି । ଜିଲ୍ଲାପାଳ ଜିଲ୍ଲାର ସମସ୍ତ ଅଞ୍ଚଳ ବୁଲି ସମସ୍ତ ବିଷୟ ତଦାରଖ କରୁଛନ୍ତି । ଜିଲ୍ଲାର ବରିଷ୍ଠ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଭିନ୍ନ ବ୍ଲକରେ ଜଳ ବିଶୋଧନ ପ୍ରକ୍ରିୟା, ଜଳ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ତଦାରଖ କରୁଛନ୍ତି । ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, କର୍ମଚାରୀ ବିଡିଓ, ତହସିଲଦାର, ଆର୍ଆଇ, ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀ, କର୍ମଚାରୀ ଆଶା, ଅଙ୍ଗନବାଡ଼ିକର୍ମୀ, ଜନପ୍ରତିନିଧିମାନେ ଡାଇରିଆ ନିୟନ୍ତ୍ରଣ କାର୍ଯ୍ୟରେ ଲାଗିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଆଦି ୧୦୪ ଟି ନୂତନ ରୋଗୀ ଆଡମିଟ ହୋଇଥିବା ବେଳେ ୯ ଜଣଙ୍କୁ ରେଫର୍ କରାଯାଇଛି । ସୁସ୍ଥ ହେବା ପରେ ୧୧୨ ଜଣଙ୍କୁ ଡିସଚାର୍ଜ କରାଯାଇଥିବା ବେଳେ ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଚିକିତ୍ସାଳୟରେ ମୋଟ ୧୭୪ ଜଣ ଚିକିତ୍ସିତ ହେଉଛନ୍ତି ।

## ବିଦ୍ୟୁତ୍ ଆଘାତରେ ପମ୍ପ୍ ଅପରେଟର୍‌ଙ୍କ ମୃତ୍ୟୁ



**କେନ୍ଦ୍ରାପଡ଼ା,୧୮।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଚକ୍ରୋଡା ଗ୍ରାମ ପଞ୍ଚାୟତର ନରିଲୋ ଗ୍ରାମରେ ଜନୈକ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଯାଇଛି । ମୃତ ଯୁବକ ଜଣକ ହେଉଛନ୍ତି ହରିହର ମଲ୍ଲିକ (୩୩) । ହରିହର ଏହି ପଞ୍ଚାୟତ ଅଧିନରେ ପମ୍ପ ଅପରେଟର(ଏସଇଏମ) ଭାବେ କାର୍ଯ୍ୟ କରୁଥିଲେ । ବୁଧବାର ସକାଳ ପ୍ରାୟ ସାଢେ ୧୦ଟାରେ ହରିହର ପଞ୍ଚାୟତରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଛାତ ଉପରେ ଥିବା ପାଣି ଟାଙ୍କି ସଫା କରୁଥିଲେ । ସେହି ଛାତ ଉପରେ ନୂତନ ନିର୍ମାଣଧିନ ଆରୋଗ୍ୟ କେନ୍ଦ୍ରକୁ ଜନୈକ ଠିକାଦାର ଚୋରାରେ ବିଦ୍ୟୁତ ସଂଯୋଗ ନେଇଥିଲେ । ଏ ନେଇ କୌଣସି ସୁରକ୍ଷା ବ୍ୟବସ୍ଥା ସେ କରି ନଥିଲେ । ଫଳରେ ଏହା ଅନ୍ୟମାନଙ୍କ ପଇଁ ବିପଦ ସୃଷ୍ଟି କରିଥିଲା । ହରିହର ଯେଉଁ ଛାତରେ କାମ କରୁଥିଲେ ସେହି ଛାତ ଉପର ଦେଇ ଚୋରା ବିଦ୍ୟୁତ ତାର ଯାଇଥିଲା । ହରିହର ପାଣି ଟଙ୍କି ସଫା କରୁଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ସେ ଗୁରୁତର ହୋଇ ଛାତ ଉପରେ ଜମିଥିବା ବର୍ଷା ପାଣିରେ ପଡିଯାଇଥିଲେ । ତାଙ୍କ ଚିତ୍କାର ଶୁଣି ସ୍ଥାନୀୟଲୋକେ ଘଟଣାସ୍ଥଳକୁ ଯାଇଥିଲେ । କିନ୍ତୁ ଉଦ୍ଧାର କରିବାକୁ ଯାଇଥିବା ଲୋକ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ । ପରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇ ହରିହରଙ୍କୁ ସେଠାରୁ ଉଦ୍ଧାର କରାଯାଇ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗ୍ରାମବାସୀ ମୃତଦେହକୁ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ସଂପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଏଥିସହ ପିଡିତ ପରିବାରକୁ କ୍ଷତିପୂରଣ ଓ ମୃତକଙ୍କ ପତ୍ନୀଙ୍କୁ ଚାକିରି ଦାବିରେ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶବ ରଖି ଧାରଣା ଦେଇଥିଲେ । ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ଓ ପତ୍ନୀଙ୍କୁ ଚାକିରୀ ମିଳିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହି ମୃତ୍ୟୁକୁ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥରବା ପୋଲିସ କହିଛି । ହରିହରଙ୍କ ଏକ ୬ ବର୍ଷର ପୁଅ ଓ ୩ ବର୍ଷର ଝିଅ ଅଛନ୍ତି । ତାଙ୍କ ଅସହାୟ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ୧୦ମାସ ହେଲା ସ୍ୱାମୀ ନିଖୋଜ

## ଅନ୍ଧାରରେ ଦୁଇ ଝିଅଙ୍କ ଭବିଷ୍ୟତ



**ଆଳି,୧୮।୬/ଏନ୍‌ଏନ୍‌ଏସ୍:** ଦିନେ ନୁହେଁ କି ମାସେ ନୁହେଁ ପ୍ରାୟ ୧୦ ମାସ ହେବ ବାପା ନିଖୋଜ ଥିବାରୁ ଦୁର୍ଦ୍ଦିନରେ ପରିବାର ଚାଲିଥିବା ବେଳେ ଦୁଇ ପାଠପଢ଼ା ଝିଅଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯିବାକୁ ବସିଛି । ଓଳିଏ ଖାଇଲେ ଆର ଓଳି ଓପାସ ରହୁଥିବା ଏହି ଅଭାବି ପରିବାର କେଉଁଠୁ ଟଙ୍କା ଆଣିବ ଦୁଇ ଝିଅଙ୍କ ଭବିଷ୍ୟତ ଗଢିବା ପାଇଁ ବୋଲି ମା' କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି । ପ୍ରକାଶ, ଆଳି ଥାନା ଅନ୍ତର୍ଗତ କୁମାରଟଙ୍କା ଗ୍ରାମର ଶରତ କୁମାର ନାୟକ (୫୨)ବର୍ଷ ପେଷାରେ ଜଣେ ବ୍ୟବସାୟୀ । ସେ ଗାଁ ଗାଁ ବୁଲି ପୂଜା ସାମଗ୍ରୀ ବିକ୍ରି କରିବା ସହ ନିଆଳ ହାଟରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରନ୍ତି । ଶରତ ନାୟକଙ୍କ ପରିବାର କହିଲେ ପତ୍ନୀ ଅନୁପମା ନାୟକ, ଦୁଇ ଝିଅ ଶ୍ରଦ୍ଧାଞ୍ଜଳି ନାୟକ (୧୮), ଶ୍ରାବଣୀ ରାଧା ନାୟକ (୧୫) । ବଡ଼ଝିଅ ଶ୍ରଦ୍ଧାଞ୍ଜଳି ଭୁବନେଶ୍ୱରର ଏକ ଇଞ୍ଜିନିୟରିଂ କଲେଜରେ ବିଟେକ୍ ପାଠ ପଢୁଥିବା ବେଳେ ସାନ ଝିଅ ଚଳିତ ଥର ମାଟ୍ରିକ୍ ପାସ୍ କରିଛି । ଶରତଙ୍କ ରୋଜଗାରରେ ଏହି ପରିବାରଟି ହସଖୁସିରେ ଚାଲିଥିବା ବେଳେ ଗତ ସେପ୍ଟେମ୍ବର ମାସରେ ଶରତ ଘରୁ କେଉଁଆଡେ ପଳାଇ ଯାଇଥିଲେ । ଏ ନେଇ ଘରଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିବା ବେଳେ ପ୍ରାୟ ୧୦ମାସ ହେବ ଶରତ ନା ଘରକୁ ଫେରୁଛନ୍ତି ନା ପରିବାର ସହିତ କୌଣସି ଯୋଗାଯୋଗ କରୁଛନ୍ତି । ଶରତ କେଉଁଆଡେ ଚାଲିଯିବା ପରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି । ଶରତଙ୍କ ପତ୍ନୀ ବଡ଼ କଷ୍ଟରେ ପରିବାର ଚଳାଉଥିବା ବେଳେ ଏବେ ଦୁଇ ଝିଅଙ୍କ ଭବିଷ୍ୟତକୁ ନେଇ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଛନ୍ତି । ବଡ଼ ଝିଅ ଇଞ୍ଜିନିୟରିଂ କରୁଥିବା ବେଳେ ସାନଝିଅ କଲେଜରେ ପାଠ ପଢିବାକୁ ମନ ବଳାଇଥିବା ବେଳେ ଆର୍ଥିକ ସମସ୍ୟା ଯୋଗୁଁ କଲେଜରେ ଆଡ଼ମିସନ କରି ପାରୁନାହାଁନ୍ତି । ସ୍ୱାମୀ ଶରତ ନାୟକ ନିଖୋଜ ହେବା ପରେ ସେ ଆଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ତାଙ୍କ ଦୁଇ ଝିଅଙ୍କ ପାଠପଢା ନିମନ୍ତେ ଅର୍ଥ ବାଧକ ସାଜିଥିବାରୁ ସେ ସରକାରୀ ଓ ବେସରକାରୀ ସହାୟତା ଲୋଡ଼ିବା ସହ ତାଙ୍କ ନିଖୋଜ ସ୍ୱାମୀଙ୍କ ସନ୍ଧାନ ଲଗାଇବା ନିମନ୍ତେ ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି ।

## କ୍ରିୟାନୁଷ୍ଠାନ କମିଟିର ଗଣଧାରଣା ସ୍ଥଗିତ



**ତାଳଚେର,୧୮।୬/ଏନ୍‌ଏନ୍‌ଏସ୍:** ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା ଗଣଧାରଣାକୁ ସ୍ଥଗିତ ରଖାଯାଇଛି ବୋଲି କମିଟି ପକ୍ଷରୁ ଏକ ବୈଠକ ବସି ନିଷ୍ପତ୍ତି ନିଆଯାଇଛି । ଏନେଇ ତାଳଚେର ଉପଜିଲ୍ଲାପାଳଙ୍କ ଜରିଆରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତାଳଚେରରେ ପବିତ୍ର ମୋହନ ମେଡିକାଲ୍ କଲେଜରେ ରୋଗୀ ସେବା ସହିତ ଭେଷଜ ଶିକ୍ଷାଦାନ କରାଯିବା ନେଇ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା । ଜିଲ୍ଲା ପ୍ରଶାସନ କିମ୍ବା ମୁଖ୍ୟମନ୍ତ୍ରୀ କ୍ରିୟାନୁଷ୍ଠାନ କମିଟିଙ୍କ ସହିତ କୌଣସି ପ୍ରକାର ଆଲୋଚନା ନକରି ସ୍ୱଇଚ୍ଛାରେ ଧାରଣାସ୍ଥଳ ପବିତ୍ର ମୋହନ ମେଡିକାଲ୍ କଲେଜ ସମ୍ମୁଖରେ ୧୪୪ ଧାରା ଲଗାଇ ଧାରଣାକୁ ବନ୍ଦ କରିଛନ୍ତି । କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜିଠାରୁ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଗଣ ଧାରଣାକୁ ସ୍ଥଗିତ ରଖାଯାଇଛି ।ପରବର୍ତ୍ତୀ ସମୟରେ ଗଣଧାରଣା ସମ୍ବନ୍ଧରେ ସୂଚନା ପ୍ରଦାନ କରାଯିବ ବୋଲି କୁହାଯାଇଛି । ଆଜିର ଏହି ବୈଠକରେ କମିଟିର ସଭାପତି ପଦ୍ମ ଚରଣ ସାମଲ, ସଂପାଦକ ବିଜୟ ପ୍ରଧାନ, ସୁରେଶ ଚନ୍ଦ୍ର ନାୟକ, ମୁରଲୀଧର ସାହୁ, ଦିଗାମ୍ବର ଗଡନାୟକ, ଚୈତନ୍ୟ ପ୍ରଧାନ, ସୁକାନ୍ତ ଦାସ, ବିଭୂତି ଭୂଷଣ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଠିକାଦାର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ : ବିଧାୟକ

**ରସୁଲପୁର,୧୮।୬/ଏନ୍‌ଏନ୍‌ଏସ୍:** ରସୁଲପୁର ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ଅଧିବେଶନ ଅଧ୍ୟକ୍ଷ ଅରୁଣ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ଯାଜପୁର ସାଂସଦ ରବିନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ବ୍ଲକର ଉପାଧ୍ୟକ୍ଷ ଜୟଶ୍ରୀ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବିଡିଓ ସତ୍ୟାନନ୍ଦ ଦାସ ବୈଠକର ଆଭିମୁଖ୍ୟ ଓ ପୂର୍ବ ବୈଠକର ଗୃହୀତ ବିବରଣୀକୁ ପାଠ କରିଥିଲେ, ୨୦୨୪-୨୦୨୫ ଓ ୨୦୨୫-୨୦୨୬ ଆର୍ଥିକ ବର୍ଷରେ ସରକାରଙ୍କ ତରଫରୁ ଆସିଥିବା ବିଭିନ୍ନ ଅନୁଦାନର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା । ବୈଠକରେ ଉପସ୍ଥିତ ଥିବା ଜନପ୍ରତିନିଧି ଜିଲ୍ଲା ପରିଷଦସଦସ୍ୟ ଶିଶିର ମହାନ୍ତି କୁଆଁଖିଆ ବଢ଼ାରରେ ଲାଗିଥିବା ଷ୍ଟ୍ରିଟଲାଇଟ ଖୁଣ୍ଟକୁ ରାସ୍ତା କାମ କରୁଥିବା ଠିକାଦାର ରସୁଲପୁର ବିଡିଓଙ୍କ ବିନା ଅନୁମତିରେ ସ୍ଥାନୀୟ ବାହାଦଲପୁର ପଞ୍ଚାୟତର ସରପଞ୍ଚଙ୍କୁ ହସ୍ତାନ୍ତର କରାଯିବା ଏବଂ ଖୁଣ୍ଟର ସ୍ଥାୟୀତ୍ୱ ନେଇ ପ୍ରଶ୍ନ କରିଥିଲେ । ଏହି ପ୍ରଶ୍ନ ଶୁଣି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବିଡିଓ ଶ୍ରୀ ଦାସଙ୍କୁ ନିର୍ଦ୍ଦେଶ ଦେଲେ ଯଥାଶୀଘ୍ର ରାସ୍ତା କାମ କରୁଥିବା ଠିକାଦାର ଏବଂ ପଞ୍ଚାୟତ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଖୁଣ୍ଟସ୍ଥିତ ବ୍ଲକକୁ ସମର୍ପିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପରେ ବହୁ ଜନପ୍ରତିନିଧି ନିଜ ନିଜ ପଞ୍ଚାୟତରେ ରାସ୍ତା ଘାଟ, ସରକାରୀ ଜମି ଜବରଦଖଲ, ରାସନ କାର୍ଡରେ ନାମ ଅନ୍ତର୍ଭୁକ୍ତି ପରି ବିଭିନ୍ନ ସମସ୍ୟା ସବୁ ଉଠାଇଥିଲେ ଏବଂ ସେଗୁଡିକର ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ରସୁଲପୁର ତହସିଲଦାର ସିଦ୍ଧାର୍ଥ ବେହେରା, ଏବଂ ବ୍ଲକର ସମସ୍ତ ବିଭାଗର ଷ୍ଟାଫ୍ ଉପସ୍ଥିତ ଥିଲେ ।

## ତୁଳସୀ ମେଧା ସମ୍ମାନ-୨୦୨୫



**ପଙ୍ଗାମୁଣ୍ଡାଇ,୧୮।୬/ଏନ୍‌ଏନ୍‌ଏସ୍:** ପଙ୍ଗାମୁଣ୍ଡାଇ ଧୋୟାଞ୍ଚଳର ବିଶିଷ୍ଟ ସମାଜସେବିକା ଦିବଂଗତା ତୁଳସୀ ବିଶ୍ୱାଳଙ୍କ ସ୍ମୃତିରେ ଆଜି ତରଡିପାଳ ହାଇସ୍କୁଲ୍ ପଡିଆରେ ତୁଳସୀ ମେଧା ସମ୍ମାନ-୨୦୨୫ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଙ୍ଗାମୁଣ୍ଡାଇ ଧୋୟାଞ୍ଚଳର ମାଟ୍ରିକ ଏବଂ ଯୁକ୍ତଦୁଇ ପରୀକ୍ଷାରେ ସ୍କୁଲ୍ ଟପ୍ପର କିମ୍ବା ୭୫% ଅଧିକା ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷାବିତ ରାଜକୁମାର ବିଶ୍ୱାଳଙ୍କ ପୌରହିତ୍ୟ ଓ ଯୁବ ସମାଜସେବୀ ଅଧ୍ୟାପକ ଫିରୋଜ୍ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ତୁଳସୀ ମେଧା ସମ୍ମାନ ଉତ୍ସବରେ ପଙ୍ଗାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ତୁଳସୀ ମେଧା ସମ୍ମାନରେ ସମ୍ମାନିତ କରାଯିବା ଦ୍ୱାରା ସେମାନେ ଆଗକୁ ବଢିବା ପାଇଁ ପ୍ରୋତ୍ସାହନ ପାଇବେ । ଏକ ସୁନ୍ଦର ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ପ୍ରାକ୍ତନ ପ୍ରଧାନଶିକ୍ଷକ କବି ସଚିତ୍ର ବେହୁରା ମୁଖ୍ୟବକ୍ତା ଅଲପୁଆ ହାଇସ୍କୁଲ ଶିକ୍ଷୟତ୍ରୀ ସୁକାନ୍ତି ଶର୍ମା, ପ୍ରାକ୍ତନ ଶିକ୍ଷକ ସୁଶୀଲ ବିଶ୍ୱାଳ, ସମାଜସେବୀ ହିମାଂଶୁ ଶେଖର ବିଶ୍ୱାଳ, ବଳଭଦ୍ରପୁର ପଞ୍ଚାୟତ ସରପଞ୍ଚ ପ୍ରିୟବ୍ରତ ଓଝା, ଶାସନ ପଞ୍ଚାୟତ ସରପଞ୍ଚ ସଂଗ୍ରାମ କେଶରୀ ବାରିକ୍ ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗଦେଇ ପଙ୍ଗାମୁଣ୍ଡାଇ ଧୋୟାଞ୍ଚଳର ଟପ୍ପର ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲର ସୂର୍ଯ୍ୟବଂଶୀ ଦାସଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିଲେ । ଏଥି ସହିତ ଅଲପୁଆ ହାଇସ୍କୁଲର ଅଭିନାଶ ପଳେଇ, ତରଡ଼ିପାଳ ମାଳତୀ ଦେବୀ ବାଳିକା ହାଇସ୍କୁଲର ଶୁଭଶ୍ରୀ ପଣ୍ଡା,ତରଡିପାଳ ହାଇସ୍କୁଲର ପୁନମ ନାୟକ, ଦାଣ୍ଡିସାହି ଜୟହିନ୍ଦ୍ ହାଇସ୍କୁଲର ସ୍ୱାଗତିକା ପାଢ଼ୀ ରାଜଶ୍ରୀ ମଲ୍ଲିକ, ଗାୟତ୍ରୀ ସେଠୀ , ସ୍ୱେତା ମଲ୍ଲିକ, ଅମୃତମଣୋହି ବାଳିକା ହାଇସ୍କୁଲର ଜିନା ସେଠୀ ,ଅଣ୍ଡରା ବନ୍ଦେ ମାତରମ୍ ହାଇସ୍କୁଲର କ୍ରିତିକା ମଲ୍ଲିକ,ସିଂହଗାଁ ଧାନଖାଇ ହାଇସ୍କୁଲର ଚନ୍ଦନ ଜେନା, ସିଦ୍ଧବାଲି ଏସ୍ କେ ହାଇସ୍କୁଲର ପ୍ରତ୍ୟୁସ୍ କୁମାର ଦାସ, ଅଭୀଲିପ୍ସା ସାହୁ, ଅଭିଜିତ ଧଳ ସ୍ମୃତିରେଖା ବାରିକ୍, ଶିବାଙ୍ଗି ଶୁଭଦର୍ଶୀନୀ ତରାଇ,ବଲୁରିଆ ହାଇସ୍କୁଲର ଶୁଭମ୍ ରାଉତ ଦାଣ୍ଡିସାହି ବ୍ରାହ୍ମଣୀ ଉଚ୍ଚ ମାଧମିକ ବିଦ୍ୟାଳୟର ଅମ୍ରିତା ସେଠୀ ସୁବାଶିଷ ସାମଲ ,ଲିପ୍ସା ଜେନା ଅମ୍ରିତା ଅନନ୍ୟା ଦାସ୍ ଓ ତରଡ଼ିପାଳର ଗୋରଖ ପ୍ରସାଦ ଶର୍ମା ଙ୍କୁ ସମ୍ବର୍ଦ୍ଧିତ ସମ୍ମାନିତ ଓ ପୁରସ୍କୃତ କରିଥିଲେ ।ଶେଷରେ ପେଣ୍ଠପାଳ ପଞ୍ଚାୟତ ସମିତିସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

## ଡାଇରିଆ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନ କଲେ ବିଧାୟକ



**ଚାନ୍ଦୋଳ,୧୮।୬/ଏନ୍‌ଏନ୍‌ଏସ୍:** ସାରା ରାଜ୍ୟରେ ଏବେ ଡାଇରିଆର ଆତଙ୍କ ବଢ଼ିଚାଲିଥିବା ବେଳେ ଏହି ରୋଗ ଏବେ ଜିଲ୍ଲାକୁ ଜିଲ୍ଲା ବ୍ୟାପିବାରେ ଲାଗିଛି । ଡାଇରିଆରେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ନିର୍ବାଚନ ମଣ୍ଡଳୀର ଡେରାବିଶ ବ୍ଲକ୍ ଏଣ୍ଡର ପଞ୍ଚାୟତର ଶ୍ୟାମସୁନ୍ଦରୁର ଗ୍ରାମରେ ଗତ ଚାରିଦିନ ତଳେ ସଜନୀ ମଳିକ ନାମକ ମହିଳାଙ୍କ ମୃତ୍ୟୁ ହୋଇଯାଇଛି । ଏଥିସହିତ ଗ୍ରାମର ଅନ୍ୟ ୭ଜଣ ଡାଇରିଆରେ ଆକ୍ରାନ୍ତ ହୋଇଥିଲେ । ଏହି ଘଟଣାରେ ମଙ୍ଗଳବାର ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଏଣ୍ଡର ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗ୍ରାମରେ ପହଞ୍ଚି ମୃତକ ସଜନୀଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ । ଏଥିସହିତ ଅନ୍ୟ ଆକ୍ରାନ୍ତଙ୍କ ଘରକୁ ମଧ୍ୟ ଯାଇ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ଏଥିସହିତ ଏହି ଗ୍ରାମରେ ଖୋଲିଥିବା ଅସ୍ଥାୟୀ ଡାକ୍ତର ଖାନାରେ ପହଞ୍ଚିବା ସହିତ ସେଠାରେ ଉପସ୍ଥିତ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟାଧିକାରୀ ଡାକ୍ତର ଚିତରଞ୍ଜନ ବେହେରା ଓ ଅନ୍ୟ ମେଡ଼ିକାଲ୍ ଟିମ୍ ସହିତ ଆଲୋଚନା କରିଥିଲେ । ଶ୍ରୀ ମହାପାତ୍ର ଏହି ଅଞ୍ଚଳରେ ରହିଥିବା ସମସ୍ତ ପାନୀୟଜଳ ଉତ୍ସ ଯଥା ଟ୍ୟୁବ୍‌ୱେଲକୁ, ଓଭର ହେଡ୍ ଟାଙ୍କିରୁ ପାଇପ୍ ଯୋଗେ ପାଣି ଯୋଗାଣ ସମୟରେ ଏହାକୁ ବ୍ଲିଚିଂ ଓ ହାଲୋଜେନ୍ ଟ୍ୟାବ୍‌ଲେଟ୍ ଜରିଆରେ ବିଶୁଦ୍ଧିକରଣ କରିବାକୁ କହିଥିଲେ । ଏଥିସହିତ ଏହି ଅଞ୍ଚଳରେ ରହିଥିବା ସମସ୍ତ ଓଭରହେଡ୍ ଟ୍ୟାଙ୍କରୁ ଶିଉଳି ସଫା କରାଇବା ସହିତ ବିଶୁଦ୍ଧିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ତେବେ ଏହି ଅଞ୍ଚଳରେ ଯେପରି ଅନ୍ୟମାନେ ଡାଇରିଆରେ ଆକ୍ରାନ୍ତ ନହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦେବା ଓ ପଦକ୍ଷେପ ନେବାକୁ ବିଧାୟକ ସ୍ୱାସ୍ଥ୍ୟ ବିଭାଗ ଓ ପାନୀୟଜଳ ବିଭାଗର ଅଧିକାରୀମାନଙ୍କୁ କହିଥିଲେ ।

## ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ

# ଜିଲ୍ଲାର ବିକାଶ ଆହୁରି ଆଗକୁ ଯିବ:ମନ୍ତ୍ରୀ



**ଢେଙ୍କାନାଳ,୧୮।୬/ଏନ୍‌ଏନ୍‌ଏସ୍:** ମହିଷାପାଟ ସ୍ଥିତ ପଲ୍ଲିଶ୍ରୀ ମେଳା ପଡିଆରେ ଆଜି ଅପରାହ୍ନରେ ଜିଲ୍ଲାସ୍ତରୀୟ ବିକାଶ ମେଳାର ଉଦ୍‌ଯାପନ ସମାରୋହ ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗଦେଇ ଜିଲ୍ଲାର ବିକାଶ ଆହୁରି ଆଗକୁ ଯିବ ବୋଲି ମତବ୍ୟକ୍ତ କରିଥିଲେ। ସେ କହିଥିଲେ ଢେଙ୍କାନାଳରେ ଗତ ଏକ ବର୍ଷ ମଧ୍ୟରେ ନିରବଚ୍ଛିନ୍ନ ବିକାଶର ଧାରା ଚାଲୁ ରହିଛି । ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାରେ ନୂତନ ମେଡିକାଲ କଲେଜ ହେବା ନେଇ ଘୋଷଣା କରିଛନ୍ତି । ଏହାସହ ମହିମାଗାଦୀର ବିକାଶ ପାଇଁ ୧୭୧କୋଟି ଟଙ୍କାର ବ୍ୟୟ ବରାଦ ରାଜ୍ୟ ସରକାର କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ରାଜ୍ୟ ସରକାର ଗରିବ କଲ୍ୟାଣ ଯୋଜନା ଦିଗରେ କାର୍ଯ୍ୟ କରୁଛନ୍ତି । ଏହି ପ୍ରରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲାରେ ୧୫ ହଜାର ୧୪୪ ଜଣଙ୍କୁ ନୂତନ ରାସନ କାର୍ଡ ଦେବାକୁ ଲକ୍ଷ୍ୟ ରଖାଯାଇଛି । ଏହାସହିତ ଢେଙ୍କାନାଳ ଜିଲ୍ଲା ଧାନ ସଂଗ୍ରହ କ୍ଷେତ୍ରରେ ନୂତନ ରେକର୍ଡ କରିଛି । ଜିଲ୍ଲାରେ ଏହି ବର୍ଷ ୧୭ ଲକ୍ଷ ୨୫ ହଜାର ୧୯୫ କୁଇଂଟାଲ ଧାନ ସଂଗ୍ରହ କରାଯାଇଛି । ଏବଂ ସେଥି ମଧ୍ୟରୁ ୧୧ ଲକ୍ଷ ୭୩ ହଜାର କୁଇଂଟାଲ ଚାଉଳ ଉତ୍ପାଦନ କରି ଢେଙ୍କାନାଳ ଜିଲ୍ଲା ବଳକା ଜିଲ୍ଲା ଭାବେ ପରିଚୟ ସୃଷ୍ଟି କରିଛି । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ତଥା ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଢେଙ୍କାନାଳ ଜିଲ୍ଲା ଆଗାମୀ ଦିନରେ ଶିଳ୍ପ କ୍ଷେତ୍ରରେ ସମୃଦ୍ଧ ହେବ । ନିକଟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲା ପାଇଁ ୫୦ ହଜାର କୋଟିଟଙ୍କାର ନିବେଶ ପାଇଁ ଘୋଷଣା କରିଛନ୍ତି । ସେଥିମଧ୍ୟରୁ ୩୦ହଜାର କୋଟି କେବଳ ସୌର ଶକ୍ତି ଶିଳ୍ପ ଅଟେ । ଯାହାକି ଆଗାମୀ ଦିନରେ ଜିଲ୍ଲାକୁ ଏକ ସୌର ଶକ୍ତି ସମୃଦ୍ଧ ଜିଲ୍ଲା ଭାବେ ପରିଚୟ ଦେବ । ଏହା ସହିତ ଜିଲ୍ଲାର କ୍ରୀଡା ଭିତିଭୂମିର ବିକାଶ ପାଇଁ ୧୨୦ କୋଟି ଟଙ୍କା ବ୍ୟୟରେ ବାଜିରାଉତ ଆଞ୍ଚଳିକ କ୍ରୀଡା କେନ୍ଦ୍ର ବନମାଳିପ୍ରସାଦ ଠାରେ ପ୍ରତିଷ୍ଠା କରାଯିବ । ଏନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିଛନ୍ତି । ଏହାସହିତ ସେ କହିଥିଲେ ଏହି ବିକାଶ ମେଳା ଓ ଗାଁ ଗାଁ ରେ ଯେଉଁ ବିକାଶ ବାହାନ ବୁଲୁଛି ତାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି, ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଓ ଏଦିଗରେ ଜନସାଧାରଣ ମାନଙ୍କୁ ସଚେତନ କରାଇବା । ଜିଲ୍ଲାରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସୁଭଦ୍ରା ଯୋଜନାରେ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୯ ହଜାର ୩୯୬ ଜଣଙ୍କୁ ଓ ଦିତ୍ୱୀୟ ପର୍ଯ୍ୟାୟରେ ୩ ଲକ୍ଷ ୪ ହଜାର ୧୫୫ ଜଣଙ୍କୁ ଦିତ୍ୱୀୟ ପର୍ଯ୍ୟାୟରେ ୫ ହଜାର ଲେଖାଏଁ ଅର୍ଥରାଶି ସିଧା ସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ପଠାଯାଇଛି । ଏହି ବର୍ଷ ଜିଲ୍ଲାରେ ୧୭ ଲକ୍ଷ ୨୫ ହଜାର ୧୯୫ କୁଇଂଟାଲ ଧାନ ସଂଗ୍ରହ କରାଯାଇଛି ଯାହାକି ଏକ ରେକର୍ଡ ଅଟେ । ଯାହାକି ଜିଲ୍ଲାକୁ ଚାଉଳ ଉତ୍ପାଦନ କ୍ଷେତ୍ରରେ ଏକ ବଳକା ଜିଲ୍ଲା ଭାବେ ପରିଚୟ ଦେଇଛି । ଏହା ସହ ଚାଷୀ ମାନଙ୍କୁ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ଓ ଇନପୁଟ ସବସିଡ ବାବଦକୁ ୮୦୦ ଟଙ୍କା ମୋଟ ୩୧୦୦ ଟଙ୍କା ପ୍ରଦାନ କରାଯାଇଛି । ଏହାସହିତ ଜିଲ୍ଲାରେ ୧୫ ହଜାର ୧୪୪ ଜଣଙ୍କୁ ନୂତନ ରାସନ କାର୍ଡ ଦେବାକୁ ଲକ୍ଷ୍ୟ ରଖାଯାଇଛି । ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀମାନଙ୍କ ସାମାଜିକ, ଅର୍ଥନୈତିକ ସ୍ଥିତିରେ ଉନ୍ନତି ପାଇଁ ୭ ଟି ବ୍ଲକର ୧୧୨ଟି ଗ୍ରାମର ୨୯୧୩ ପରିବାରର ୧୦,୯୩୧ ଜଣ ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ କାମାକ୍ଷାନଗର ଠାରେ ଏକ ନୂତନ କେନ୍ଦ୍ରୀୟ ବିଦ୍ୟାଳୟର ଶୁଭାରମ୍ଭ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଶୁଭ ଉଦଘାଟନ ହେଇଯାଇଛି । ଏହା ସହିତ ଜିଲ୍ଲାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ୨୦୨୫ - ୨୫ ଆର୍ଥିକ ବର୍ଷ ପାଇଁ ୪ ଗୋଟି ବିଦ୍ୟାଳୟ ଓ ୨୫-୨୬ ଆର୍ଥିକ ବର୍ଷ ପାଇଁ ୬୨ଗୋଟି ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରାଯାଇଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ଜିଲ୍ଲାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏଥିସହିତ ଏଯାବତ ଜିଲ୍ଲାରେ ୨ ଲକ୍ଷରୁ ଅଧିକ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ କାର୍ଡ ଓ ୬ ହଜାରରୁ ଅଧିକ କାର୍ଡ ବଣ୍ଟନ କରାଯାଇଛି । ଏହି ଉଦଯାପନୀ ସମାରୋହରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ନିଜ ବକ୍ତବ୍ୟରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତୀରଞ୍ଜନ ସେଠି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗ୍ରୀଲ୍‌ତାଡି ସୁନା ରୁପା ଲୁଟିନେଲେ ଦୁର୍ବୃତ୍ତ

**ଢେଙ୍କାନାଳ,୧୮।୬/ଏନ୍‌ଏନ୍‌ଏସ୍:** ମଙ୍ଗଳବାର ବିଳମ୍ବିତ ରାତିରେ ଏକାଧିକ ଘରେ କଳାକନା ବୁଲାଇଦେଲେ ଦୁର୍ବୃତ୍ତ । କଣ୍ଟାନାଳୀ ବାଇପାସ୍‌ରେ ସୁଧାଂଶୁ ଧଳଙ୍କ ଘରୁ ୫ରକା ଭାଙ୍ଗି ସୁନା ଅଳଙ୍କାର ଚୋରି କରିନେଇଥିବା ବେଳେ ନିକଟରେ ଅନ୍ୟ ୨ଟି ଘରୁ ମଧ୍ୟ ଚୋରି ହୋଇଥିବା ଅଭିଯୋଗ ହୋଇଛି । ସୁଧାଂଶୁଙ୍କ ପରିବାର ଦୁଇ ତିନି ଦିନ ହେବ କୌଣସି କାମରେ ବାହାରକୁ ଯାଇଥିଲେ । ମଙ୍ଗଳବାର ରାତିରେ କିଛି ଦୁର୍ବୃତ୍ତ ତାଙ୍କ ଘର ପଛ ପାର୍ଶ୍ୱ ଗ୍ରୀଲ ତାଡି ଗଡରେଜ୍ ତାଲା ଭାଙ୍ଗି ସୁନା ଗହଣା ଲୁଟି ନେଇଛନ୍ତି ।

**AFFIDAVIT**

By virtue of an affidavit sworn before the EXECUTIVE MAGISTRATE, KEONJHAR, dated 10/06/2025 I, Kanaka Mahanta, W/o- Bhaskar Mahanta of vill- Barhapasi, Po- Tukudiha, Ps- Baria, Dist- Keonjhar, Pin-758032 Declare that I have changed my Son's name from Sekhar Kumar Mahanta to Arun Kumar Mahanta .Hence forth, he shall be known as **Arun Kumar Mahanta** for all purposes.

Kanaka Mahanta

**AFFIDAVIT**

By virtue of an affidavit sworn before Notary Public, Balliguda dated 13.06.2025, I Panesh Mallick, Son of Mahendra Mallick of Village- Tengeri, P.O- Parampanga, P.S- Balliguda, Dist- Kandhamal, PIN-762109, Odisha have changed the name of my minor son from "PRANCHIS MALLICK" to "JEMARA MALLICK", and henceforth he shall be known as "JEMARA MALLICK" for all purpose.

**AFFIDAVIT**

**By virtue of an affidavit sworn before the Executive Magistrate, Angul on dated 17.06.2025 I, Khirod Kumar Sahu S/O- Keshab Sahu permanent resident of Vill/PO- Paranga, P.S.- Nisha, Dist- Angul, Odisha - 759143 declare that I have changed the name of my minor daughter from Auroshree Sahoo (Old Name) to Ourashree Sahu (New Name). Henceforth, she shall be known as Ourashree Sahu (New Name) for all purposes.**

**Khirod Kumar Sahu**

NAAC ACCREDITED
**OFFICE OF THE PRINCIPAL-CUM-SECRETARY**
**MAHANGA WOMEN'S COLLEGE, PALLISAHI**
AT/PO-PALLISAHI, VIA-SUNGRA, DIST-CUTTACK, 754221
E-mail : mahangawomenscolege.pallisahi@gmail.com
Website : mwcpallisahi.org.com, Phone No.0671-2350519

Letter No.229 Dt.17.06.2025

**QUOTATION CALL NOTICE**

Sealed Quotations along with requisite documents are invited by the undersigned from GST registered firms / agencies and organization for procurement of I.T. Equipments like Desktop Computers, UPS System, Multifunction Printers (MFM), LED TVs (65-inch), wireless mice, cameras for virtual meeting and Internet facilities etc. The sealed quotations should reach in the office of the undersigned on or before 25.06.2025 by 4. p.m. positively. The authority reserves the right to accept or reject any or all quotations without assigning any reason thereof.

Sd/- Principal
Mahanga Women's College,
Pallisahi, Cuttack

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଫୁଲବାଣୀ
ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର
CAD-817
OFFICE OF THE PROJECT ADMINISTRATOR, ITDAPHULBANI
ST & SC Development Department Tel: (06842)254149
GOVERNMENT OF ODISHA E-Mail: itdaphulbani@gmail.com

**TENDER CALL NOTICE**

Bid reference No. PAITDA PLB_01of 2025-26 Date: 17.06.2025

The Project Administrator ITDA, Phulbani on behalf of Govt. of Odisha invites percentage rate of bids to be received in online mode only for the construction of 36 Nos. of Hostel building/kitchen & dinning/addl. Classroom/ check dams etc. The bidders have to participate in "online" bidding only. The web site for online bidding is www.tendersodisha.gov.in. The details of bid documents will be available in above website from 11.00 AM of 22.06.2025 to 05.00 PM of 01.07.2025. The bidders must process compatible Digital Signature Certificate (DSC) of Class-II or Class III Bids received online shall be opened at 11.00 AM on 03.07.2025 in the office of the Project Administrator, ITDA, Phulbani. Further details can be seen from the website www.tendersodisha.gov.in

| Sl. No. | Description | Critical dates | Time |
| --- | --- | --- | --- |
| 1 | Period of availability of Tender on line | 22.06.2025 to 01.07.2025 | 11.00Hr 17.00Hr |
| 2 | Last date& time of bidding on line | 01.07.2025 | 17.00Hr |
| 3 | Date and time of opening of Bid in on line | 03.07.2025 | 11.00Am |

Sd/- Project Administrator
I.T.D.A., Phulbani
OIPR-19069/11/0007/2526

## ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ



**କେନ୍ଦ୍ରାପଡ଼ା,୧୮।୬/ଏନ୍‌ଏନ୍‌ଏସ୍:** ବର୍ଷ ଏକ ଉପଲବ୍ଧି ଅନେକ । ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ବିଭିନ୍ନ ଉପଲବ୍ଧିକୁ ଲୋକଙ୍କ ପାଖକୁ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ ଗତ ୧୨ ତାରିଖ ଠାରୁ ଆୟୋଜିତ ହେଉଥିବା ବିକାଶ ମେଳା କାର୍ଯ୍ୟକ୍ରମର ଶେଷ ଦିନରେ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ତଥା ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଛନ୍ତି । ଆଜି ପୂର୍ବାହ୍ନରେ ମାଉସୀମା ମନ୍ଦିରରେ ନିକଟରେ ଆୟୋଜିତ ହେଉଥିବା ବିକାଶ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡା ବିଧାୟକ ଡି. ଦୁର୍ଗା ପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାୟର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ମଞ୍ଚାସୀନ ଥିଲେ । ବିକାଶମେଳା କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ପ୍ରସ୍ତୁତ କରିଥିବା ବର୍ଷକର ଶ୍ୱେତପତ୍ର ପୁସ୍ତକ ମନ୍ତ୍ରୀ ଉନ୍ମୋଚନ କରିଥିଲେ । କେନ୍ଦ୍ରସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଓ ଓଡିଶା ସରକାରଙ୍କ ୧ ବର୍ଷ ପୂର୍ତ୍ତି ପରେ ବିକାଶମେଳା ଜରିଆରେ ଲୋକଙ୍କ ପାଖକୁ ସଫଳତାର ଉପଲବ୍ଧି ଜଣେଇବାକୁ ଆସିଥିବା ମନ୍ତ୍ରୀ କହିଛନ୍ତି । ଡବଲ ଇଞ୍ଜିନ ସରକାର ଯାହା ପ୍ରତିଶ୍ରୁତି ଦେଇଛନ୍ତି ତାକୁ ଅକ୍ଷର ଅକ୍ଷରେ ପାଳନ କରିଛନ୍ତି । ବିକଶିତ ଭାରତ ଓ ବିକଶିତ ଓଡିଶା ଲକ୍ଷ୍ୟକୁ ପୁରଣ କରିବାପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ନାରୀ ସଶକ୍ତିକରଣ,ସାଂସ୍କୃତିକ ପର୍ଯ୍ୟଟନର ବିକାଶ, ଅତ୍ୟାଧୁନିକ ଖେଳ ପଡିଆ, ଜାତୀୟ ଶିକ୍ଷା ନୀତି ସମେତ ଅନ୍ୟ ସମସ୍ତ କ୍ଷେତ୍ରର ବିକାଶ ନିମନ୍ତେ ଓଡିଶା ସରକାର କାର୍ଯ୍ୟ କରୁଛନ୍ତି । ଆପଣମାନଙ୍କ ପାଇଁ ଡବଲ ଇଞ୍ଜିନ ସରକାର ଗଠନ ହେଇପାରିଛି । ଆମେ ଆପଣ ମାନଙ୍କୁ ପ୍ରତିଶ୍ରୁତି ଦେଇଛୁ । ବର୍ଷକ ଭିତରେ ଆମେ ପାଳନ କରିଛୁ । କିନ୍ତୁ ରାସ୍ତା ଲମ୍ବା ଅଛି ଆମକୁ ଆହୁରି ବହୁତ କାମ କରିବାକୁ ପଡିବ ସେଥିପାଇଁ ଆପଣମାନଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ । କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସରକାରଙ୍କ ତରଫରୁ ଅନେକ ପ୍ରକଳ୍ପ ହାତକୁ ନିଆଯାଉଛି । ଆମ ସରକାର କଥା ଦେଇ କଥା ରଖି ଲୋକଙ୍କ ହିତପାଇଁ କାମ କରେ । ଆମ ସରକାର ଲୋକଙ୍କ ସରକାର, ଆମେ ଲୋକଙ୍କ ପାଖକୁ ପହଞ୍ଚି ସମାଧାନର ବାଟ କାଢୁ ।

## ନିଟ୍ ପରୀକ୍ଷାରେ ଆଶୁତୋଷଙ୍କ ସଫଳତା

**ନାଉଗାଁ,୧୮।୬/ଏନ୍‌ଏନ୍‌ଏସ୍:** ନାଉଗାଁ ବ୍ଲକ୍ ଅନ୍ତର୍ଗତ ଘୋଡାଶ ପଞ୍ଚାୟତ ଓଡପଏଙ୍ଗା ଗ୍ରାମର ପ୍ରକାଶ ଦାଶ, ମା ପ୍ରିୟଦର୍ଶିନୀ ଦାଶଙ୍କ ପୁଅ ଆଶୁତୋଷ ଦାଶ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ୫୮୨ନମ୍ବର ରଖି ରାଙ୍କ୍ ୩୦୧୪ରେ ଉତ୍ତୀର୍ଣ୍ଣ ହୋଇ ଡାକ୍ତରୀ ପାଠ ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ଆଗାମୀ ଦିନରେ ଜଣେ ଭଲ ଡାକ୍ତର ହୋଇ ଅଞ୍ଚଳବାସୀଙ୍କ ସେବା କରିବେ ବୋଲି ସୁଚନା ଦେବା ସହିତ ତାଙ୍କର ଏହି କୃତକାର୍ଯ୍ୟ ପାଇଁ ତାଙ୍କ ବାପା,ମା'ଙ୍କର ପ୍ରଚେଷ୍ଟା ବୋଲି ସୁଚନା ଦେଇଛନ୍ତି । ଆସୁତୋଷଙ୍କର ଏହି ସଫଳତା ହାସଲ କରିବାପରେ ପରିବାର ତଥା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ।

## ତିନିଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ



**ଏରସମା,୧୮।୬/ଏନ୍‌ଏନ୍‌ଏସ୍:** ଅଗ୍ରଣୀ ବେତାର କେନ୍ଦ୍ର ରେଡିଓ ଆଉଟରିଚ୍ ପକ୍ଷରୁ ଆୟୋଜିତ ତିନିଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବ ଜିଲ୍ଲାର ଏରସମା ତିର୍ତ୍ତୋଲ ବ୍ଲକ ମଧ୍ୟରେ ଥିବା ଶ୍ରୀରାମପୁର ଗ୍ରାମର ପଞ୍ଚମୁଖୀ ହନୁମାନ ପଡିଆରେ ଅନୁଷ୍ଠିତ ହୋଇଥିଲା । ରଜ ମହୋତ୍ସବକୁ ଦେଖିବାକୁ ଶତାଧିକ ସ୍ଥାନୀୟ ଲୋକ ଭିଡ଼ ଲଗାଇଥିଲେ । ପାନ, ପୋଡପିଠା ଓ ରୁଚିକର ବ୍ୟଞ୍ଜନ ସହ ତାସ, କଉଡି ଖେଳ ଓ ରଜ ଗୀତରେ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକମାନେ ଉପଭୋଗ କରିଥିଲେ । ଛୋଟ ପିଲାମାନେ ଦୋଳି ଖେଳିବା ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ନେଇଥିଲେ । ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ଗୀତିନାଟ୍ୟ, ଓଡିଶୀ ଓ ସମ୍ବଲପୁରୀ ନୃତ୍ୟ, ପାରମ୍ପରିକ ଗୀତ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରି ଦର୍ଶକମାନଙ୍କ ମନୋରଞ୍ଜନ କରିଥିଲେ । ରେଡିଓ ଆଉଟରିଚର କେନ୍ଦ୍ର ନିର୍ଦ୍ଦେଶକ ସୁବ୍ରତ କୁମାର ପତି ଏହି ଅବସରରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଏହି ଅନନ୍ୟ ଉତ୍ସବକୁ ମିଳିତ ଭାବେ ପାଳନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ, 'ରେଡିଓ ଆଉଟରିଚ ସର୍ବଦା କଳା ଓ ସଂସ୍କୃତିର ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦେଇ ଏଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରିଛି, ଏହି ପରି ଉଦ୍ୟମ ଭବିଷ୍ୟତରେ ମଧ୍ୟ ଜାରି ରହିବ ।'

ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨,୨୩୯୦୦୧୪୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟ: https://oshb.org
CAD-823

**ବିଜ୍ଞାପନ**

ପତ୍ର ସଂଖ୍ୟା: ୧୧୧ ତା: ୦୨.୦୭.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ଗୃହ ନଂ-ଏଲ.ଆଇ.ଜି-୯୬୧ (LIG-961), ଦୁମୁଦୁମା, ୨ୟ ପର୍ଯ୍ୟାୟ, ଭୁବନେଶ୍ୱର, ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ପଞ୍ଚାନନ ପ୍ରଧାନ ପିତା-ଏ ପ୍ରଧାନ, ସା/ପୋ-ରାଉଡିଆ, ଥାନା-ଜଗତ୍‌ସିଂହପୁର, ଜିଲ୍ଲା-ଗଂଜାମଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ପଞ୍ଚାନନ ପ୍ରଧାନ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ବାବାଜୀ ଦେଓ, ପିତା-ଏ ଭିକାରି ଦେଓ, ସା-ମଙ୍ଗଳପୁର, ପୋ/ଥାନା-ବଳଙ୍ଗା, ଜିଲ୍ଲା-ପୁରୀଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବ ନାହିଁ ।

ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0687/2526

## ରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା



**ଚାନ୍ଦୋଲ,୧୮।୬/ଏନ୍‌ଏନ୍‌ଏସ୍:** ସାରା ରାଜ୍ୟରେ ଡାଇରିଆ ତାର କରାଳ କାୟା ବିସ୍ତାର କରି ମୁଣ୍ଡ ନେଇ ନେଇ ଚାଲିଛି । ରାଜ୍ୟର ଅଧିକାଂଶ ଜିଲ୍ଲାକୁ ବ୍ୟାପିଥିବା ବେଳେ ଡାକ୍ତର ଖାନାରେ ଏହି ରୋଗୀଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛ । ଗତ ଦୁଇଦିନ ତଳେ ଡେରାବିଶର ଏଣ୍ଡରରେ ଜଣେ ମହିଳାଙ୍କ ମୃତ୍ୟୁ ପରେ ପାଟକୁରା ନିର୍ବାଚନ ମଣ୍ଡଳୀର ଡେରାବିଶ ବ୍ଲକ୍‌ରେ ସ୍ୱାସ୍ଥ୍ୟସେବା ଭୁସୁଡ଼ି ପଡ଼ିଥିବା ଭଳି ଅନୁମେୟ ହେଉଛି । ଏ ନେଇ ମଙ୍ଗଳବାର ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଡେରାବିଶ ବ୍ଲକ୍ ଚାଟରାଚକଡ଼ା ପଞ୍ଚାୟତର କଲ୍ୟାଣ ମଣ୍ଡପରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିବା ବେଳେ ପାଟକୁରାର ଡେରାବିଶ ଅଞ୍ଚଳରେ ଭୁସୁଡ଼ି ପଡ଼ିଥିବା ସ୍ୱାସ୍ଥ୍ୟସେବାକୁ ନେଇ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଡାଇରିଆ ପ୍ରପିଡ଼ିତ ଅଞ୍ଚଳକୁ ନିଜେ ଗସ୍ତ କରନ୍ତୁ ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଅବଗତ ହୁଅନ୍ତୁ ବୋଲି କହିଥିଲେ । ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବାରେ ଗୁରୁତର ଅବହେଳା ହେଉଥିବା ଅଭିଯୋଗ ହୋଇଥିଲା । ତେବେ ବିଧାୟକ ଶ୍ରୀ ମହାପାତ୍ର ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଏହା ଅଧିନରେ ରହିଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ସମ୍ପର୍କରେ ସ୍ୱିକାର କରିବା ସହ ଏହି ଡାକ୍ତର ପଦବୀ ପୁରଣ ନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରିଥିବା ପ୍ରକାଶ କରିଥିଲେ । ତେବେ ବିଧାୟକ ଶ୍ରୀ ମହାପାତ୍ର ନିଜେ ଆଜି ଏହି ଅଞ୍ଚଳକୁ ଯାଇ ଲୋକମାନଙ୍କୁ ସଚେତନ କରାଇଛନ୍ତି ଓ ଲୋକମାନେ ଭୟଭୀତ ନହୋଇ ସତର୍କତା ଅବଲମ୍ବନ କଲେ ଏଥିରୁ ରକ୍ଷା ପାଇ ହେବ ବୋଲି କହିଥିଲେ ।

## ଜିଲ୍ଲା କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ



**ଜଗତସିଂହପୁର,୧୮।୬/ଏନ୍‌ଏନ୍‌ଏସ୍:** ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଙ୍କ ସଭାପତିତ୍ୱରେ ଆଦିକବି ଶାରଳା ଦାସ ସଂସ୍କୃତ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସମାବେଶରେ ପିସିସି ଉପସଭାପତି ତଥା ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ସମ୍ବିଧାନ ସୁରକ୍ଷା ନିମନ୍ତେ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ କୁମାର ସାହୁ,ପିସିସି ଉପ ସଭାପତି ତଥା ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର,ପୂର୍ବତନ ସାଂସଦ ରଞ୍ଜିବ ବିଶ୍ୱାଳ, ପିସିସି ସାଧାରଣ ସମ୍ପାଦକ ୟାସିର୍ ନବାଜ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇ. ନଳିନୀ କୁମାର ସ୍ୱାଇଁ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇ. ହିମାଂଶୁ ଭୁଷଣ ମଲ୍ଲିକ,ପାରାଦ୍ୱୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ, ଜଗତସିଂହପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତ୍ରୀ ପ୍ରତିମା ମଲ୍ଲିକ, ଜଗତସିଂହପୁରର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନାଉଗାଁ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କା, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ବରିଷ୍ଠ ଆଇନଜୀବି ଡ଼ ଶୁଶାନ୍ତ କୁମାର କାନୁନଗୋ, ପୂର୍ବତନ ପିସିସି ସମ୍ପାଦକ ଅଜୟ ସାହୁ, ପୂର୍ବତନ ପିସିସି ସମ୍ପାଦକ ମହମ୍ମଦ ଇମଦାଦ୍ , ପୂର୍ବତନ ପିସିସି ମୁଖପାତ୍ର ବିରେନ ଦଳେଇ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ,ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ ରଥ, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ଜିଲ୍ଲା ସଭାପତି ବେଦଦ୍ୟୁତି ପୃଷ୍ଟି, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ବିକ୍ରମ କେଶରୀ ପରିଡ଼ା,ଏରସମା ବ୍ଲକ୍ କଂଗ୍ରେସ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ଦାସ, ବରିଷ୍ଠ କଂଗ୍ରେସ ନେତା ସର୍ବେଶ୍ୱର ପଣ୍ଡା, ମହନୀ ଚରଣ ରାଉତ, ଇମତିୟାଜ ଅହମ୍ମଦ ଖାଁ, ଡ଼ ଜଗଦାନନ୍ଦ ବେହେରା, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ ନେତା ଇ.ଜ୍ଞାନ ରଞ୍ଜନ ଜେନା, ଅବନୀକାନ୍ତ ମହାରଣା, ପୂର୍ଣଚନ୍ଦ୍ର ସ୍ୱାଇଁ,ସମିର ଖୁଣ୍ଟିଆ, ଭାଗ୍ୟାଧର ଜେନା, ଅଶୋକ ଜେନା,ମିନୁ ଚୌଧୁରୀ,ରୁପଶ୍ରୀ ରାଗିଣୀ ସ୍ୱାଇଁ,ଦିଲ୍ଲିପ କୁମାର ମହାନ୍ତି, ପ୍ରମୋଦ ସାହୁ,ସୌମ୍ୟଜିତ ଦାଶ, ପ୍ରତାପ କୁମାର ମହାନ୍ତି, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ପ୍ରଣବ ମହାପାତ୍ର,ନାଥ କାଣ୍ତି, ଜ୍ଞାନ ରଞ୍ଜନ ପୃଷ୍ଟି, ବିଶ୍ୱଜିତ ପୋଥାଳ, ରବିନ୍ଦ୍ର ଆଚାର୍ଯ୍ୟ, ସ୍ୱରୁପ କାନୁନଗୋ, ହିଫଜୁର୍ ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇଥିଲେ ।

## ବଦଳୁନି ସାତଭାୟାବାସୀଙ୍କ ଭାଗ୍ୟ

# ଅସରାଏ ବର୍ଷାରେ ବଗପାଟିଆ ଥଇଥାନସ୍ଥଳୀ ବେହାଲ୍

**ରାଜନଗର,୧୮।୬/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକର ସାତଭାୟା ଥଇଥାନସ୍ଥଳୀ ବଗପାଟିଆର ଅବସ୍ଥା ବେହାଲ ହୋଇପଡିଛି । ବଙ୍ଗୋପସାଗର ଗ୍ରାସରୁ ରକ୍ଷା କରିବା ପାଇଁ ସରକାର ସାତଭାୟାବାସୀଙ୍କୁ ବଗପାଟିଆଠାରେ ଥଇଥାନ କରିଦେଲେ । ପ୍ରତି ପରିବାରଙ୍କୁ ଘରଡିହ ପାଇଁ ୧୦ଡିସିମିଲ ଲେଖାଏଁ ଜାଗା ଯୋଗାଇଦେବା ସହ ବିଜୁ ପକ୍କାଘର ଦେଇଥିଲେ ।ରାସ୍ତା, ବିଜୁଳି, ପାନୀୟଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ସରକାର ବିଭିନ୍ନସ୍ତରରୁ ପାଣ୍ଠି ଯୋଗାଇଦେଲେ । ସମୁଦ୍ରର କରାଳ ଗ୍ରାସରୁ ଲୋକମାନଙ୍କୁ ସୁରକ୍ଷା ଦେବାପାଇଁ ଦୁଇଟି ପର୍ଯ୍ୟାୟରେ ୫୭୧ ଓ ୧୪୮କୁ ମିଶାଇ ୭୧୯ପରିବାରଙ୍କୁ ଥଇଥାନ କରାଇଲେ । ପୂର୍ବରୁ ଏହି ଥଇଥାନସ୍ଥଳୀ ଟିଙ୍ଗୁଡିଘେରୀ ଥିଲା । ଅସରାଏ ବର୍ଷା ହେଲେ ଏହି ସ୍ଥାନଗୁଡିକରେ ବର୍ଷାଜଳ ଜମି ରହୁଥିଲା । ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ମାଟି ଫିଲିଂ ଆରମ୍ଭ କରାଯାଇ କିଛିଦିନ ପରେ ବନ୍ଦ କରିଦିଆଗଲା । ମାଟି ଫିଲିଂକାମ ଅଧାପନ୍ତରିଆ ଭାବେ ରହିଗଲା । ମାଟି ପୁରଣ ସମୟରେ ତିଆରି ହୋଇଥିବା ରାସ୍ତାଗୁଡିକ ବିପର୍ଯ୍ୟସ୍ତ ହୋଇପଡିଲା । ପରବର୍ତ୍ତି ସମୟରେ ସେଗୁଡିକୁ ମରାମତି କରାଗଲା ନାହିଁ । ଯାହାଫଳରେ ଅସରାଏ ବର୍ଷାରେ ରାସ୍ତାଗୁଡିକରେ ବର୍ଷାଜଳ ଜମି ରହିବା ସହ ଘରୁ ବାହାରିବା କଷ୍ଟକର ହେଉଛି । ଏହି ଥଇଥାନସ୍ଥଳୀର ୪,୫, ୬, ୭, ୮,୧୧,୧୩ ଓ ୧୪ ନମ୍ବର ରାସ୍ତା ପାଣିରେ ବୁଡି ରହିଥିବା ବେଳେ ୯,୧୦, ୧୫,୧୬ ଓ ୧୭ ପ୍ରଭୃତି ନମ୍ବର ରାସ୍ତାରେ ଅତ୍ୟଧିକ କାଦୁଅ ଯୋଗୁଁ ସ୍ଥାନୀୟ ଲୋକେ ଯିବା ଆସିବା କରିପାରୁ ନାହାଁନ୍ତି । ବ୍ଲକ୍ ପ୍ରଶାସନ ପକ୍ଷରୁ ଜଳନିଷ୍କାସନ ପାଇଁ କେତେକ ରାସ୍ତାରେ ପାଇପ୍ ବସାଯାଇଥିଲେ ମଧ୍ୟ ଅଧିକାଂଶ ରାସ୍ତାରେ ପାଇପ ବସାଯାଇନାହିଁ । ଫଳରେ ଜଳ ନିଷ୍କାସନ ହୋଇନପାରି ବର୍ଷାଜଳ ଜମି ରହୁଛି । ଘରୁ ବାହାରିବା କଷ୍ଟକର ହେଉଛି । ସବୁଠାରୁ ବଡକଥା ହେଲା, ଡ୍ରେନେଜ୍ ଡିଭିଜନ ପକ୍ଷରୁ ଥଇଥାନସ୍ଥଳୀରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ ସରିଛି । ମାତ୍ର ଥଇଥାନସ୍ଥଳୀ ମଧ୍ୟରୁ ଏହି ମୁଖ୍ୟ ଡ୍ରେନ୍‌କୁ ବର୍ଷାଜଳ ଆସିବା ପାଇଁ କୌଣସି ଡ୍ରେନ୍ ନିର୍ମାଣ କରାଗଲା ନାହିଁ ।ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ଯୋଗୁଁ କାମ ହୋଇନଥିବା ସ୍ଥାନୀୟ ସରପଞ୍ଚ ପ୍ରସନ୍ନ କୁମାର ପରିଡା ଅଭିଯୋଗ କରିଛନ୍ତି ।

OFFICE OF THE MUNICIPAL COUNCIL, JATNI
PHONE-0674-2490826, MAIL-MUNICIPALITYJATNI@GMAIL.COM

No.3727 Dt.17.06.025

**"E" PROCUREMENT NOTICE**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1. Tender Reference No : EO/JMC/084/2025-26
2. Tender I.D No. : 2025_ORULB_ 114410_pack1
3. Name of the Work : Civil Construction works as mentioned in website
4. No. of works : 13 nos
5. Estimated Cost : on quotated value as per dtcn
6. Period of Completion : 30 days
7. Date and Time of Bidding : From 19.06.2025, 11:00 A.M to 29.06.2025, 05:00 P.M
8. Last date and time for receipt Of bids in the portal : Dt.29.06.2025 up to 05:00 P.M
9. Bids received online shall be opened on : Dt.30.06.2025 at 11.00 A.M
10. Name and address of the Officer inviting Bid : Executive Officer, Jatni Municipality

Further details can be seen from the procurement portal i.e. www.tendersorissa.gov.in

Sd/-Executive Officer
Jatni Municipality
OIPR-13041/11/0037/2526 C-541

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**DRAINAGE DIVISION, PURI-752003**
**e-Procurement Notice No.-SEDD-PURI-03/2025-26**
**e-mail Id :- eeddpuri@gmail.com**
A-311

1. **Name of works : 1.** De-Congestion and renovation at strategic location of Daya River, Makara River (RD 0.00Km to 10.00km) and Makara River Right in Kanas Block under Doab-XV. **2.** De-Congestion and renovation at strategic location Tarkaja-kanjia drain to Jamunakuda bridge of Ratnachira River and 19 nos of link drains of Luna-Ratnachira drainage system under Doab-VII in Satyabadi Block. **3.** De-Congestion and renovation at strategic location Jamunakuda bridge to Ghatakudi Bridge of Ratnachira river (from RD 16.39km to RD 0.00Km), U/S portion of Gobardhanapur Barrage of Bhargavi river (from RD 79.60km to RD 66.60Km) and Kurunti drainage channel (from RD 11.50km to RD 3.50km) under Brahmagiri Constituency, DOAB-VII. **4.** De-Congestion and renovation at strategic location of Posal to Machhapada (RD 0.00Km to RD 12.300Km), Tarakaj to Kanjia (RD 0.00Km to RD 17.500Km), Dahispatna to Amalanga (RD 00Km to RD 17.70Km.), DC in between Delanga Disty. and Buali Minor (RD 00km to RD 7.90km), Luna River (RD 11.00Km to RD 17.00Km), Tara to Munida (RD 0.00Km to 7.00Km), Baragarh to Teisipur (RD 0.00Km to 8.50Km) under Pipili Constituency, Doab-VII. **5.** De-Congestion and renovation at strategic location of various bridge points of Kadua DC, Mugei DC and its link drains, DC-11 and DC-14 and link drains of Dhanua DC
2. Total No. of Works : **5 nos. of individual packages.**
3. Tender Cost of the Work : **Rs 26.51 lakh to Rs.61.87 lakh**
4. Bid Identification No. : **DDP – 22/2025-26 to 26/2025-26**
5. Period of Completion : **02 (Two)** calendar months
6. Availability of Tender On-Line : **21.06.2025** from 11.00 Hours to **05.07.2025** up to 17.30 Hours.
7. Receipt of Bids in the Portal : **21.06.2025** from 11.00 Hours to **05.07.2025** up to 17.30 Hours.
8. Date of opening of Technical Bid : **08.07.2025** at 11.30 Hours in the O/o the Superintending Engineer, Drainage Division, Puri.
9. Date of opening of Financial Bid : **15.07.2025** at 11.30 Hours in the O/o the Superintending Engineer, Drainage Division, Puri (for Sl. No. 3 & 4)
10. Date of Lottery (if Required) : **21.07.2025** at 11.30 Hours in the O/o the Superintending Engineer, Drainage Division, Puri.
11. Procurement Officer : Superintending Engineer, Drainage Division, Puri
12. Class of Contractor : **'C & B' Class** Tenders will be accepted **if registered under CDMS portal only** as per codal provision. Registration in any other manner will be cancelled.

The bidders have to participate in on-line bidding only.
Further details can be seen from the Govt. web site **www.tendersorissa.gov.in**
Any addendum/ Corrigendum/ Cancellation of tender can also be seen in the same website.

**Superintending Engineer**
**Drainage Division, Puri.**
OIPR-32357/11/0001/2526

## ମଦବେପାରୀଙ୍କ ଠାରୁ ଲାଞ୍ଚ ନେବା ମହଙ୍ଗା ପଡ଼ିଲା

# ଭିଜିଲାନ୍ସ ଜାଲରେ ଅବକାରୀ ଅଧିକାରୀ

**ଟାଙ୍ଗୀ,୧୮।୬/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଏକ୍ସାଇଜ୍ ଷ୍ଟେସନ୍ ଦାୟିତ୍ୱରେ ଥିବା ଅବକାରୀ ବିଭାଗର ସବ୍ ଇନ୍ସପେକ୍ଟର ଅମରେନ୍ଦ୍ର ଶତପଥୀ ଜଣେ ଲାଇସେନ୍ସପ୍ରାପ୍ତ ମଦ ବିକ୍ରେତାଙ୍କ ବିରୁଦ୍ଧରେ କୌଣସି ମାମଲା ଆରମ୍ଭ ନକରିବା ଏବଂ ତାଙ୍କୁ ସୁରୁଖୁରୁରେ ତାଙ୍କ ବ୍ୟବସାୟ ଚଳାଇବାକୁ ଦେବା ବଦଳରେ ତାଙ୍କଠାରୁ ୮ହଜାର ଟଙ୍କା ଲାଞ୍ଚ ଦାବି କରି ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଜଣାପଡ଼ିଛି। ଅବକାରୀ ବିଭାଗର ଏସ୍ଆଇ ଶ୍ରୀ ଶତପଥୀ ଉପରୋକ୍ତ ବିକ୍ରେତାଙ୍କଠାରୁ ମାସିକ ୮ହଜାର ଟଙ୍କା ଲାଞ୍ଚ ଦାବି କରୁଥିଲେ। ଯଦି ଏହା ନ ଦିଆଯାଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଦେଉଥିଲେ। ଏହା ଉପରେ ବିକ୍ରେତା ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚି ତାଙ୍କ ଲାଇସେନ୍ସପ୍ରାପ୍ତ ବ୍ୟବସାୟରେ ଅବକାରୀ ବିଭାଗ ଏସ୍ଆଇ ଶ୍ରୀ ଶତପଥୀଙ୍କ ଦ୍ୱାରା ହେଉଥିବା ହଇରାଣ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହାପରେ ଏକ ଭିଜିଲାନ୍ସ ଟିମ୍ ଶ୍ରୀ ଶତପଥୀଙ୍କୁ ୮ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗିରଫ କରିଥିଲା। ଅଭିଯୁକ୍ତ ଅବକାରୀ ବିଭାଗ ଏସ୍ଆଇ ଶ୍ରୀ ଶତପଥୀଙ୍କ ନିକଟରୁ ସମସ୍ତ ଲାଞ୍ଚଟଙ୍କା ଉଦ୍ଧାର ପରେ ଜବତ କରାଯାଇଛି। ପରେ ଡିଏ ଦୃଷ୍ଟିକୋଣରୁ ଶ୍ରୀ ଶତପଥୀଙ୍କ ସହ ଜଡିତ ତିନୋଟି ସ୍ଥାନରେ ଏକକାଳୀନ ସନ୍ଧାନ ଚାଲିଛି। ଏ ନେଇ, ଟାଙ୍ଗୀ ଏକ୍ସାଇଜ୍ ଷ୍ଟେସନ୍ ଦାୟିତ୍ୱରେ ଥିବା ଅଭିଯୁକ୍ତ ଅମରେନ୍ଦ୍ର ଶତପଥୀ, ଏସ୍ଆଇଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ପିଏସ୍ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି।

# ପୁରୀରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ



**ପୁରୀ,୧୮।୬/ଏନ୍ଏନ୍ଏସ୍:** ପ୍ରାକୃତିକ ବିପର୍ଯ୍ୟୟ ଅପ୍ରତ୍ୟାଶିତ ଭାବେ ହିଁ ସଂଗଠିତ ହୋଇଥାଏ। ଏହା କୌଣସି ସମୟରେ ମଧ୍ୟ ହୋଇପାରେ। ପ୍ରାକୃତିକ ବିପର୍ଯ୍ୟୟ କୁ ରୋକା ଯାଇ ପାରିବ ନାହିଁ। କିନ୍ତୁ ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନଜୀବନ ହାନି ଓ କ୍ଷୟକ୍ଷତିକୁ ରୋକିବା ସହ ବିପର୍ଯ୍ୟୟକୁ ପ୍ରଶମିତ କରିବାରେ ସହାୟକ ହୋଇଥାଏ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ଏକ ଟେବୁଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପୁରୀ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବେ ପରିଗଣିତ। ବିଶେଷକରି ବନ୍ୟା, ବାତ୍ୟା ଚିର ସହଚର ହୋଇ ଥିବାରୁ ଏଥିପାଇଁ ସମସ୍ତେ ଅଭିଜ୍ଞତା ଓ ଅନୁଭବ ଆଧାରରେ ସତର୍କ ରହିବାକୁ ସେ ମତ ଦେଇଥିଲେ। ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବା, ନିୟମିତ ସତର୍କତା ସୂଚନା ଉପରେ ଦୃଷ୍ଟି ରଖିବା, ସେହି ଆଧାରରେ ଲୋକମାନଙ୍କୁ ସଚେତନ କରାଇବା, ବିପର୍ଯ୍ୟୟ ପରିଚାଳନା ମାର୍ଗଦର୍ଶିକାକୁ ପାଳନ କରିବା, ଲୋକପ୍ରତିନିଧି, ସ୍ୱେଚ୍ଛାସେବୀ ଓ ସାଧାରଣ ଲୋକମାନଙ୍କ ସହ ଯୋଗାଯୋଗରେ ରହିବା ଉପରେ ଆଲୋକପାତ କରାଯାଇଥିଲା। ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଓ ଟେବୁଲ ଟପ ଏକ୍ସରସାଇଜର ରାଜ୍ୟ ପ୍ରତିନିଧି ନବକିଶୋର ସିଂ ଯୋଗ ଦେଇ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଓ ଟେବୁଲ ଟପ ଏକ୍ସରସାଇଜର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ମତ ଦେବା ସହ ଏହି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସର ସଫଳତା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ। ଏଥିରେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀର ପ୍ରତିନିଧିମାନେ ଯୋଗଦେଇ ସୃଷ୍ଟି ହେଉଥିବା ବିଭିନ୍ନ ବିପର୍ଯ୍ୟୟର ମୁକାବିଲା ପାଇଁ ଗ୍ରହଣ କରିବାକୁ ଥିବା ପଦକ୍ଷେପ ସମ୍ପର୍କରେ ବିଶଦ ଭାବେ ଅବଗତ କରାଇଥିଲେ। ଏତଦ୍ଭିନ୍ନ ଦୈନନ୍ଦିନ ଜୀବନରେ ଘଟୁଥିବା ଛୋଟବଡ଼ ଦୁର୍ଘଟଣାକୁ କିପରି ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିମାପଡ଼ା ବିଡିଓ ଡଃ ଅଭିଜିତ ଷଡ଼ଙ୍ଗୀ, ଜରୁରୀ ବିଭାଗର ସହକାରୀ ଜିଲ୍ଲାପାଳ ପଞ୍ଚାନନ ପରିଜା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଆଜି ମଧ୍ୟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ୧୨୯ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ଏହିପରି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସର ଆୟୋଜନ କରାଯିବ। ଜରୁରୀ ବିଭାଗ ଡିପିଓ ସୁକାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାରୁ

## ଡବଲ୍ ଇଞ୍ଜିନ୍...

ସମ୍ମାନର କଥା ଆସେ ଏଇ ମୟୂରଭଞ୍ଜ ମାଟିର ଜଣେ ସାଧାରଣ ପରିବାରର ଝିଅ ବହୁ ବାଧାବିଘ୍ନ ସତ୍ତ୍ୱେ ଆଜି ଦେଶରା ପ୍ରଥମ ନାଗରିକ, ମହାମହିମ ରାଷ୍ଟ୍ରପତି ପଦରେ ଦେଶକୁ ଗୌରବାନ୍ୱିତ କରୁଛନ୍ତି। କେବଳ ମୟୂରଭଞ୍ଜ ନୁହେଁ ସାରା ଦେଶର ଜନଜାତି ଝିଅ, ପ୍ରତ୍ୟେକ ମହିଳାଙ୍କ ପାଇଁ ପ୍ରାରଣାର ଉତ୍ସ। ଭାରତୀୟ ସଂସ୍କୃତି ଓ ପରମ୍ପରା ଜନଜାତିଙ୍କ ବିନା କଳ୍ପନା କରିବା ଅସମ୍ଭବ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିକ୍ଷାକୁ ସୁଦୂର ପ୍ରସାରି କରିବା ନିମନ୍ତେ ମାଧମିକ ଏବଂ ଉଚ୍ଚ ମାଧମିକ ସ୍ତରରେ ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାଟିକୁ ଆରମ୍ଭ ହୋଇଛି। ଆବାସିକ ବିଦ୍ୟାଳୟଗୁଡ଼ିକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରଣିତ କରିବା ଲକ୍ଷ୍ୟରେ ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ଆଶ୍ରମ ବିଦ୍ୟାଳୟ ଯୋଜନା ନିମନ୍ତେ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। 'ବିକଶିତ ଓଡ଼ିଶା, ବିକଶିତ ଭାରତ'ର ସାରଥି କରିବା ଉଦ୍ଦେଶ୍ୟରେ ରାଜ୍ୟରେ ପିଏମ୍-ଜନମନ ଯୋଜନାର ପ୍ରଚାରପ୍ରସାର କରାଯାଉଛି। ଏହି ଅଭିଯାନ ରାଜ୍ୟର ୧୪ ଜିଲ୍ଲାର ୧୬୭୯ ଗ୍ରାମରେ ବାସ କରୁଥିବା ୨,୯୪,୭୧୨ ଜଣ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜି)ଙ୍କ ନିକଟରେ ପହଞ୍ଚିବ। ରାଜ୍ୟ ସରକାର ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ନିମନ୍ତେ ଯଥାକ୍ରମେ ୧୦୦ କୋଟି ଓ ୫୦ କୋଟି ଟଙ୍କା ବ୍ୟୟବରାଦରେ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଆମ ସରକାର ଏକ ରଣକୌଶଳ ପ୍ରସ୍ତୁତ କରିଛନ୍ତି। ଆଦିବାସୀ ସଶକ୍ତିକରଣ ଆମ ପାଇଁ କେବଳ ଏକ ସ୍ଲୋଗାନ୍ କିମ୍ବା ଭୋଟ ପାଇଁ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ନୁହେଁ। ଏହା ଆମ ସରକାରଙ୍କ ଆପଣଙ୍କ ପାଇଁ ପ୍ରତିବଦ୍ଧତା ବୋଲି ସେ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଗଣଶିକ୍ଷା ତଥା ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ, ନିତ୍ୟାନନ୍ଦ ଗଣ୍ଡ ପ୍ରତ୍ୟେକ ଆଦିବାସୀ ପରିବାରରେ ଶିକ୍ଷାର ପ୍ରସାର ହିଁ ଆଦିବାସୀ ସମାଜର ବିକାଶ ବୋଲି କହିଥିଲା ବେଳେ ଗରିବ, ଅବହେଳିତ ଆଦିବାସୀ ଭାଇଭଉଣୀଙ୍କ ସମସ୍ତ ମୌଳିକ ଆବଶ୍ୟକତା ପୂର୍ଣ୍ଣ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରକାଶ କରିଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆମ ସଂସ୍କୃତିର ମୂଳପିଣ୍ଡ ଆମ ଆଦିମ ଅଧିବାସୀ ବୋଲି ପ୍ରକାଶ କରିଥିଲେ। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଥିଲେ, ଆଦିବାସୀଙ୍କ ଉନ୍ନତିର କେବଳ ଆମ ସଂସ୍କୃତିର ବିକାଶ ନୁହେଁ ବରଂ ଆମ ପର୍ଯ୍ୟାବରଣର ବିକାଶ। ଉକ୍ତ କାର୍ଯ୍ୟକ୍ରମରେ ଆଦିବାସୀ ଲୋକକଳା, ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୁରଭଞ୍ଜ ସାଂସଦ ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଢ଼େଇ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ସାରସକଣା ବିଧାୟକ ଭାଦବ ହାଂସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ଜଲେନ୍ ମୁର୍ମୁ, ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଲି ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳି ସ୍ୱାଗତଭାଷଣ ଦେଇଥିବା ବେଳେ, ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗ ନିର୍ଦ୍ଦେଶିକା ପୋମା ଟୁଡୁ ଧନ୍ୟବାଦ ଦେଇଥିଲେ।

## ଦ୍ୱନ୍ଦ୍ୱରେ ଡୋନାଲ୍ଡ...

ନିଶ୍ଚିତ ହେବାକୁ ଚାହୁଁଛି। ତେବେ ଏଥିପାଇଁ ଆମେରିକାକୁ ସିଧାସଳଖ ଯୁଦ୍ଧକୁ ଓହ୍ଲାଇବାକୁ ହେବ। ଏପରି ହେଲେ ଟ୍ରମ୍ପ ନିଜକୁ ଯେଉଁ ଶାନ୍ତି ପ୍ରତିଷ୍ଠାତା ବା ଅନ୍ତର୍ଜାତୀୟ ବିବାଦରେ ମଧ୍ୟସ୍ଥତା ବୋଲି ଦର୍ଶାଇବାକୁ ଚେଷ୍ଟା କରୁଛନ୍ତି ସେସବୁ ନଷ୍ଟ ହୋଇଯିବ। ଫଳରେ ଟ୍ରମ୍ପ ଏବେ ଇରାନ୍ ଉପରେ ଆକ୍ରମଣ କରିବା ନକରିବା ନେଇ ଦ୍ୱନ୍ଦ୍ୱରେ ପଡିଛନ୍ତି। ପ୍ରକାଶ, ଟ୍ରମ୍ପ ନିଜେ ମଧ୍ୟ ନିଜର ଏପ୍ରକାର ସନ୍ଦିହାନ ପରିସ୍ଥିତି ସମ୍ପର୍କରେ କହିଛନ୍ତି। ତେବେ ଟ୍ରମ୍ପଙ୍କ ଏପ୍ରକାର ବୟାନ୍ ଆସିବାର କିଛି ଘଣ୍ଟା ପୂର୍ବରୁ, ଇରାନର ସର୍ବୋଚ୍ଚ ନେତା ଖାମେନେଇ କହିଥିଲେ ଯେ ଇରାନ 'କେବେବି ଆତ୍ମସମର୍ପଣ କରିବ ନାହିଁ। ଇରାନୀ ରାଷ୍ଟ୍ର ଏପରି ଧମକ ଦ୍ୱାରା ଭୟଭୀତ ନୁହେଁ।

ଇସ୍ରାଏଲ ପୂର୍ବରୁ ଇରାନର ଅନେକ ପରମାଣୁ ସୁବିଧାକୁ ଟାର୍ଗେଟ କରି ନଷ୍ଟ କରିସାରିଛି ଯେଉଁଠାରେ ତେହେରାନ ଉନ୍ନତ ସ୍ତରରେ ୟୁରାନିୟମ ସମୃଦ୍ଧ କରୁଥିଲା, କିଛି ସୁବିଧା ଅଛି ଯାହା ଗଭୀର ଭୂତଳ କିମ୍ବା ପାହାଡ଼ରେ ଗୁମ୍ଫା ଭିତରେ ଅଛି। ଏଥିପାଇଁ ଇସ୍ରାଏଲକୁ ଏକ ବିଶେଷ ପ୍ରକାରର ଅସ୍ତ୍ର ଆବଶ୍ୟକ ଯାହା କେବଳ ଆମେରିକା ପାଖରେ ଅଛି। ଏହି ଅସ୍ତ୍ର ହେଉଛି ମାସିଭ୍ ଅର୍ଡନାନ୍ସ ପେନେଟ୍ରେଟର୍ ବା ଏମ୍ଓପି, ଯାହାକୁ ଆନୁଷ୍ଠାନିକ ଭାବରେ ଜିବିୟୁ -୫୭ ଏ/ବି ଭାବରେ ଜଣାଶୁଣା ଏବଂ କେତେକାଂଶରେ ଏହାକୁ 'ବଙ୍କର୍ ବଷ୍ଟର' ବୋଲି ମଧ୍ୟ କୁହାଯାଏ। ଏହା ଆମେରିକାର ସବୁଠାରୁ ଶକ୍ତିଶାଳୀ ଅଣ-ପରମାଣୁ ବୋମା। ପ୍ରାୟ ୧୪,୦୦୦ କିଲୋଗ୍ରାମ ଓଜନର, ଏହି ଅସ୍ତ୍ରକୁ ଭୂତଳ ବଙ୍କର୍ ଏବଂ ପରମାଣୁ ସୁବିଧା ଭଳି କଠିନ ଏବଂ ଗଭୀର ପୋତା ହୋଇଥିବା ଲକ୍ଷ୍ୟଗୁଡ଼ିକୁ ନଷ୍ଟ କରିବା ପାଇଁ ବିଶେଷ ଭାବରେ ବିକଶିତ କରାଯାଇଥିଲା। ବୋଇଂ ଦ୍ୱାରା ଡିଜାଇନ୍ କରାଯାଇଥିବା, ଏମ୍ଓପି ଏକ ଉଚ୍ଚ-ଶକ୍ତିଶାଳୀ ଇସ୍ପାତ ମିଶ୍ରିତ ଆବରଣ ସହିତ ନିର୍ମିତ ଯାହା ପଥର ଏବଂ ପ୍ରବଳିତ କଂକ୍ରିଟ୍ ମାଧ୍ୟମରେ ଗଭୀର ପ୍ରବେଶରୁ ବଞ୍ଚିପାରେ। ଏହା ପ୍ରାୟ ୨,୪୦୦ କିଲୋଗ୍ରାମର ଏକ ଶକ୍ତିଶାଳୀ ବିସ୍ଫୋରକ ପେଲୋଡ୍ ବହନ କରେ, ଯାହା ଏହାକୁ ଏକ ବିଳମ୍ବିତ-କ୍ରିୟା ବିସ୍ଫୋରଣ ପ୍ରଣାଳୀ ସହିତ ଅତ୍ୟନ୍ତ ଗଭୀରସ୍ତରରେ ପୋତା ହୋଇଥିବା ଲକ୍ଷ୍ୟଗୁଡ଼ିକୁ ନଷ୍ଟ କରିବାରେ ସଫଳ ହୋଇଥାଏ।

## ମୁମ୍ବାଇ ଯିବେ ନବୀନ...

ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ସୂଚନାନୁସାରେ ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲ୍‌ରେ ସର୍ଭିକାଲ୍ ଆର୍ଥ୍ରାଇଟିସ୍ ସମସ୍ୟା ନେଇ ତାଙ୍କର ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଯିବ। ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, 'ମୁଁ ଶୀଘ୍ର ସୁସ୍ଥହୋଇ ଫେରି ଆସିବି। ଓଡ଼ିଶାର ସମସ୍ତଙ୍କ ସେବା ଜାରି ରଖିବି।' ତେବେ ଏହି ଖବର ପ୍ରଚାର ହେବା ପରେ ନବୀନଙ୍କ ସମର୍ଥକ ଓ ଦଳର ନେତା ଓ କର୍ମୀମାନେ ନବୀନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ୭ ଦିନ ଯାଏ...

ସେହିପରି ବରଗଡ଼, ସୋନପୁର, ଦେବଗଡ଼, ଅନୁଗୁଳ, ମୟୂରଭଞ୍ଜରେ ମଧ୍ୟ ପ୍ରବଳରୁ ପ୍ରବଳ ବର୍ଷା ପବନ ସହ ପାଗ କୋହଲା ଓ ମେଘୁଆ ରହିବ। ଏପରିକି ବିଜୁଳି ଘଡ଼ଘଡ଼ି ସହ ପାଗ ସାଧାରଣତଃ ଥଣ୍ଡା ରହିବା ସହ ପବନ ମଧ୍ୟ ଘଣ୍ଟା ପ୍ରତି ୩୦ରୁ ୪୦କିମି ବେଗରେ ବହିବାର ସମ୍ଭାବନା ରହିଛି। ସେହିପରି ୨୦ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା ମଧ୍ୟ ବର୍ଷା ନେଇ ୟେଲୋ ଆଲର୍ଟ ଜାରି କରିଛି ବିଭାଗ। ୨୩ ତାରିଖ ଆଡ଼କୁ ବର୍ଷା କମିବ ଏବଂ ୨୪ତାରିଖରେ ବର୍ଷା ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି। ବର୍ଷାର ପ୍ରଭାବରେ କିଛି କିଛି ସ୍ଥାନରେ ବିଶେଷ କରି ଖାଲୁଆ ଅଞ୍ଚଳ ଓ ଅନେକ ସ୍ଥାନରେ କୃତ୍ରିମ ବନ୍ୟା ପାଣି ଭଳି ସ୍ଥିତି ମଧ୍ୟ ଉପୁଜିପାରେ। ଏନେଇ ଆସନ୍ତା ୧୯ ତାରିଖ ଯାଏ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଯିବାକୁ ବାରଣ କରିଛି ପାଣିପାଗ ବିଭାଗ।

# ବିକାଶମେଳାରେ ୧୭୫ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



**ଖୋର୍ଦ୍ଧା,୧୮।୧/ଏନ୍ଏନ୍ଏସ୍:** ଆଜି ପୂର୍ବାହ୍ନରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ମିଳିତ ଆନୁକୂଲ୍ୟରେ ହାବେଳୀ ପଡିଆଠାରେ ବିକାଶ ମେଳା-୨୦୨୫, ଜିଲ୍ଲାସ୍ତରୀୟ ପୁରସ୍କାର ବିତରଣ ଉତ୍ସବ, ଭିଜନ ଓଡ଼ିଶା ୨୦୩୬, ବିକଶିତ ଭାରତ ୨୦୪୭ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଯୋଗଦେଇ ସଭାକୁ ଉଦ୍ଘାଟନ କରିବା ସହ ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ରାଷ୍ଟ୍ର ଗସ୍ତ କରି ଅପରେସନ ସିନ୍ଦୂର ବାର୍ତ୍ତା ପହଞ୍ଚାଇବା ସମୟରେ ଭାରତର ଶୈକ୍ଷିକ ଓ ନମ୍ରତା ଭାବ ବିଶ୍ୱ ବିଦିତ ବୋଲି ଉଦବୋଧନ ରଖିଥିଲେ। ସେ ଆହୁରି ମଧ କହିଥିଲେ ଖୋର୍ଦ୍ଧା ଜିଲ୍ଲାରେ ୨୨୬୫୭ ପିଲା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେଇଥିବା ବେଳେ ତନ୍ମଧରୁ ୧୭୫ଜଣ ଏ୧ ଗ୍ରେଡ ଅର୍ଥାତ୍ ୦.୫୬ ପ୍ରତିଶତ ପିଲା ପାଇଥିବା ଅତି ଖୁସିର କଥା। ଏହି ପିଲାମାନେ ରୋଲ ମଡେଲ ସାଜି ଅନ୍ୟ ପିଲାମାନଙ୍କୁ ପ୍ରେରଣା ଦେବାସହ କଠିନ ପରିଶ୍ରମ, ଅଧ୍ୟବସାୟ ସେମାନଙ୍କୁ ଏ୧ ଗ୍ରେଡ ଉର୍ଦ୍ଧ୍ୱକୁ ନେଇ ସେମାନଙ୍କୁ ଦେଶ ବିଦେଶରେ ପରିଚିତ କରିବାସହ, ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, ଶିକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ, ରାଜ୍ୟ ଓ ରାଷ୍ଟ୍ରର ଟେକ ରଖିବେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ଷଡ଼ଙ୍ଗୀ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସନ୍ନିକଟ ଠାରେ ନୂତନ ଲାଇବ୍ରେରୀ ଗୃହ ଓ କୋଚିଙ୍ଗ କେନ୍ଦ୍ରର ଶୁଭ ଶିଳାନ୍ୟାସ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣା, ମୁଖ୍ୟଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ କୁମାର ଦଳାଇ, ଖୋର୍ଦ୍ଧା ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରସନ୍ନ କ୍ଷୀରାବ୍ଧି ତନୟା ସାହୁ, ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିବା ସହ ଭୁବନେଶ୍ୱର ମହାନଗର ନିଗମ ଏବଂ ଖୋର୍ଦ୍ଧା ଜିଲ୍ଲା ଟପ୍ପର ସୌରଜିତ ପ୍ରଧାନ, ବାଲି ପାଟଣା ବ୍ଲକ୍ ଟପ୍ପର ବିଷ୍ଣୁ ପ୍ରସାଦ ଜେନା, ବାଲିଅନ୍ତା ବ୍ଲକ ଟପ୍ପର ବିଶ୍ୱଜିତ୍ ସିଂହ, ବେଗୁନିଆ ବ୍ଲକ୍ ଟପ୍ପର ରୂପାଲି ରାଉତରାୟ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ସୌମ୍ୟାଶ୍ରି ଦାଶ, ଖୋର୍ଦ୍ଧା ବ୍ଲକ ଟପ୍ପର ଜ୍ୟୋତିର୍ମୟୀ ଛୁଆଲସିଂହ, ଦେବୀ ପ୍ରସାଦ ସାହୁ, ବାଣପୁର ବ୍ଲକ ଟପ୍ପର ଚନ୍ଦନ ସ୍ୱାଇଁ, ଟାଙ୍ଗୀ ବ୍ଲକ ଟପ୍ପର ସାଇ ପ୍ରଜ୍ଞା ସାହୁ, ବୋଲଗଡ଼ ବ୍ଲକ୍ ଟପ୍ପର ଅଂଶୁମାନ ବେହେରା, ଜଟଣୀ ବ୍ଲକ୍ ଟପ୍ପର ଅଙ୍କିତା ମହାକୁଡ଼ ଓ ଚିଲିକା ବ୍ଲକ ଟପ୍ପର ଅନନ୍ୟା ନରେନ୍ଦ୍ର ସିଂହ ବର୍ମାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଅତିଥି ଓ ଅତିଥିମାନେ ପିଲାମାନଙ୍କ ମତାମତ ସମ୍ବର୍ଦ୍ଧିତ ପୁସ୍ତିକା 'ଆମ ତାରକା, ସଫଳତାର କଥା'ଉନ୍ମୋଚନ କରିଥିଲେ।

ସେହିପରି କାର୍ଯ୍ୟକ୍ରମ ସହ ପ୍ରାୟୋଜକ ସଂସ୍ଥା ଓ ଅନୁଷ୍ଠାନ ସୂର୍ଯ୍ୟ ପ୍ରଭା ଫାଉଣ୍ଡେସନ ଓ ସାଇ ଇଣ୍ଟର ନାସନାଲ ସ୍କୁଲର ମୁଖ୍ୟଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା ଧନ୍ୟ ବାଦ ପ୍ରଦାନ କରିଥିଲେ। ସଭା କାର୍ଯ୍ୟ ପରିଚାଳନାରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ସଂଘ ସଭାପତି ପ୍ରସନ୍ନ କୁମାର ମହାପାତ୍ର, ଜିଲ୍ଲା କନିଷ୍ଠ ରେଡକ୍ରସ ଅଧିକାରୀ, ତୋଫାନ କୁମାର ରାଉତରାୟ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦିଲ୍ଲୀପ କୁମାର ମୋଦୀ, ବରିଷ୍ଠ ବିଜ୍ଞାନ ଶିକ୍ଷକ ଅଜୟ କୁମାର ବରାଡ, ଅନୁସୂଚିତ ଜାତି ଓ ଜନଜାତି ଜିଲ୍ଲା ସଂଯୋଜିକା ସୁନିତା ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ଓସ୍ତା ସମ୍ପାଦକ, ସୁଧାକର ମହାପାତ୍ର, ପ୍ରଧାନ ଶିକ୍ଷକ,ବି. ଜେ. ବି. ହାଇସ୍କୁଲ, ବିଷ୍ଣୁ ପ୍ରସାଦ ସେନାପତି, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ, ଖୋର୍ଦ୍ଧା, ଭରତ ଚନ୍ଦ୍ର ପ୍ରଧାନ, ସନ୍ଧ୍ୟା ବତୀ ଲେଙ୍କା, ବ୍ଲକ୍ ସାଧନ କେନ୍ଦ୍ର ସଂଯୋଜିକା, ସରୋଜ କୁମାର ସିଂ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା, ରଶ୍ମିବାଳା ପରିଡ଼ା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ରାଜ୍ୟ ଶିକ୍ଷକ ମହାସଂଘ ଉପସଭାପତି ତଥା ଖୋର୍ଦ୍ଧା ଜିଲ୍ଲା ସଭାପତି ଅଗାଧୁ ସେଠୀ ପ୍ରମୁଖ ଯୋଗଦେଇଥିଲେ।

## ସାଇକେଲରୁ ପଡ଼ି ବୃଦ୍ଧ ମୃତ

**କୋଣାର୍କ,୧୮।୬/ଏନ୍ଏନ୍ଏସ୍:** କୋଣାର୍କ ଏନ୍ଏସି ୪ନଂ ୱାର୍ଡ ବାଲିସାହିର ଶ୍ରୀଧର ବେହେରା(୫୮) ନାମକ ଜଣେ ବୃଦ୍ଧ ନିଜ ସାଇକେଲରୁ ପଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସେ ସାଇକେଲ୍ ଚଳାଇ ସୂର୍ଯ୍ୟମନ୍ଦିରକୁ କାର୍ଯ୍ୟରେ ଯୋଗଦେବାକୁ ଯାଉଥିଲାବେଳେ କୋଣାର୍କ ବଜାର ମେଡ଼ିକାଲ ଛକ ନିକଟ ମେଡ଼ିସିନ ଦୋକାନ ସମ୍ମୁଖରେ ହଠାତ ନିଜ ସାଇକେଲରୁ ଓଲଟି ପଡ଼ି ଚେତା ହରାଇଥିଲେ। ତୁରନ୍ତ ଉପସ୍ଥିତ ସ୍ଥାନୀୟ ଲୋକମାନେ ଶ୍ରୀଧରଙ୍କୁ ଉଠାଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ତୁରନ୍ତ ତାଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଜରୁରୀ କାଳୀନ ୧୦୮ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ କରିବାରୁ ବୃଦ୍ଧ ଶ୍ରୀଧରଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଏ ନେଇ କୋଣାର୍କ ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା କୋଣାର୍କ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।

## ମହାନଦୀ ସ୍ରୋତରେ ବୁଡ଼ି ଯାଉଥିବା ବୃଦ୍ଧା ଉଦ୍ଧାର

**କଣ୍ଟିଲୋ,୧୮।୬/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବଡ଼ବାଣପୁର ଗ୍ରାମପଞ୍ଚାୟତ ଅଧୀନସ୍ଥ ନୃସିଂହପୁର ପାଟଣା ଗ୍ରାମର ରୂପବତୀ ବେହେରା(୬୦) ମଙ୍ଗଳବାର ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କ ପଶ୍ଚିମ ପାର୍ଶ୍ୱ ମହାନଦୀ ପଥରବାଡ଼ ଘାଟକୁ ଗାଧୋଇବାକୁ ଯାଇଥିଲେ। ତେବେ ନଦୀର ସ୍ରୋତପାଣିରେ ଗୋଡ଼ ଖସିଯିବା ଫଳରେ ସେ ବୁଡ଼ିଯାଉଥିବା ଦେଖି କଣ୍ଟିଲୋ ହାଟମୁଣ୍ଡ ପାଟଣାର କୃଷ୍ଣଚନ୍ଦ୍ର ମହାରଣା ଓ କେଉଟସାହିର ମିଲୁ ବେହେରା ସଙ୍ଗେ ସଙ୍ଗେ ମୋଟର ଲଞ୍ଚ ନେଇ ବୃଦ୍ଧାଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି।

## କାର୍ ଧକ୍କାରେ ବାପା ଓ ୩ ପିଲା ଗୁରୁତର



**ଟାଙ୍ଗୀ,୧୮।୬/ଏନ୍ଏନ୍ଏସ୍:** ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ସର୍ଦ୍ଧଳା ନିକଟରେ ଏକ ବାଇକ୍‌କୁ କାର୍ ଧକ୍କାଦେବାରୁ ବାପା ଗୁରୁତର ହେବା ସହ ୩ଜଣ ପିଲା ଆହତ ହୋଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ ଓଡି.୦୫.ଡବ୍ଲୁ.୪୪୭୫ ଏହି ନଂ ବାଇକ ଯୋଗେ ସ୍ୱାମୀ ସ୍ତ୍ରୀ ଦୁଇଝିଅ ସହ ପୁଅକୁ ନେଇ ଟାଙ୍ଗୀ ଅଭିମୁଖେ ଯାଉଥିଲେ। ହେଲେ ସର୍ଦ୍ଧଳା ନିକଟରେ ପଛରୁ ଆସୁଥିବା ଏକ କାର ଧକ୍କା ଦେଇଥିଲା। ଫଳରେ ସ୍ତ୍ରୀ ଓ ୩ ପିଲା ବାଇକ୍‌ରୁ ଖସି ପଡ଼ିଥିବା ବେଳେ ବ୍ୟକ୍ତି ଜଣଙ୍କ ଗାଡ଼ିରେ ଘୋଷାଡି ହୋଇଯାଇଥିଲେ। ତୁରନ୍ତ ସ୍ଥାନୀୟ ଲୋକେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ରାଜପଥ ଆମ୍ବୁଲାନ୍ସ ମାଧ୍ୟମରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ତେବେ ଦୁର୍ଘଟଣା ଘଟାଇଥିବା କାର୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

## ସମବାୟ ସମିତି ସମ୍ପାଦକଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ

**ଖଣ୍ଡପଡ଼ା,୧୮।୬/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ୍ ବେଣାଗାଡ଼ିଆ ପଞ୍ଚାୟତ ଅଧୀନ ତେନ୍ତୁଳିପଲ୍ଲୀ ସେବା ସମବାୟ ସମିତିରେ କାର୍ଯ୍ୟରତ ସଂପାଦକଙ୍କ କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଆନ୍ଦୋଳନ ଦାନା ବାନ୍ଧୁଥିବା ଜଣାପଡ଼ିଛି। ସମିତି ସଂପାଦକ ହେମନ୍ତ କୁମାର ରାଉତ ମନଇଚ୍ଛା କାର୍ଯ୍ୟ କରିବା ସହ ବାରମ୍ବାର ବିନା କାରଣରେ ଅନୁପସ୍ଥିତ ରହୁଥିବା ଯୋଗୁଁ ସେବା ସମବାୟ ସମିତି ସୁପରିଚାଳନାରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଏପରିକି ସଂପାଦକଙ୍କ କାର୍ଯ୍ୟକଳାପ ସଂପର୍କରେ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଖଣ୍ଡପଡ଼ା ଶାଖା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳୁନଥିବା ବେଳେ ଉକ୍ତ ସମବାୟ ସମିତିର ସଭାନେତ୍ରୀ ସଂଯୁକ୍ତା ସ୍ୱାଇଁ ସଂପାଦକଙ୍କ କାର୍ଯ୍ୟକଳାପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡ଼ିଛି। ତେବେ ନିଲମ୍ବନ ଆଦେଶ ପରେ ବି ସଂପୃକ୍ତ ସଂପାଦକ ପୂର୍ବପରି କାର୍ଯ୍ୟ କରୁଥିବାରୁ ଏ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ ସମବାୟ ସମିତି ପରିଚାଳନା ପରିଷଦର ଅଜ୍ଞାତସାରରେ ସଂପାଦକ ଅନେକ କିଛି ବେନିୟମ କାର୍ଯ୍ୟ କରିଥିବା ନେଇ ଅଭିଯୋଗ ଉଠିଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷ ଅଭିଯୋଗର ତଦନ୍ତ ନକରି ସଂପାଦକଙ୍କୁ ଘଣ୍ଟ ଘୋଡ଼ାଉଥିବା ନେଇ ତେନ୍ତୁଳିଆପଲ୍ଲୀ ସେବା ସମବାୟ ସମିତିର ସଭାନେତ୍ରୀ, ପରିଚାଳନା ପରିଷଦର ସଦସ୍ୟ ଓ ସଦସ୍ୟାମାନେ ଅଭିଯୋଗ ଉଠାଇ ଏହାର ତଦନ୍ତ ନିମନ୍ତେ ଦାବି କରିଛନ୍ତି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ତେବେ ଉପରୋକ୍ତ ଅଭିଯୋଗର କୌଣସି ସତ୍ୟତା ନଥିବା ନେଇ ତେନ୍ତୁଳିଆପଲ୍ଲୀ ସେବା ସମବାୟ ସମିତିର ସଂପାଦକ ଶ୍ରୀ ରାଉତ ମତ ଦେଇଛନ୍ତି।

## ୭ମ ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଯାପିତ



**ସାଲେପୁର,୧୮।୬/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତର ହରିଡା ପଡିଆ ଠାରେ ରୋଟ୍ରାକ୍ଟ କ୍ଲବ ଅଫ୍ ବିରୂପା ଓ ବିଜୟାନନ୍ଦ ଯୁବ ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ୭ମ ଆଞ୍ଚଳିକ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ଆଞ୍ଚଳିକ ରଜ ମହୋତ୍ସବ କମିଟିର ସଭାପତି ଜ୍ୟୋତିର୍ମୟୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସାହିତ୍ୟିକ ତଥା କବି ମଙ୍ଗଳା ପ୍ରସାଦ ପ୍ରଧାନ ଯୋଗଦେଇ ଏହି କୃଷିଭିତ୍ତିକ ଗଣପର୍ବ ରଜ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ରୋଟାରୀଆନ୍ ସୁଜିତ କୁମାର ରାଉତ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ କବି ପରମାନନ୍ଦ ସ୍ୱାଇଁ, ଗୁଇନ୍ଦା ବିଭାଗ ର ପ୍ରାକ୍ତନ ଅଧିକାରୀ ଶଶୀ ଭୂଷଣ ପଣ୍ଡା ଓ ଗୋପୀନାଥପୁର ଗ୍ରାମର ସରପଞ୍ଚ ଦମୟନ୍ତୀ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଦୁଇଦିନ ଧରି ଚାଲିଥିବା କିଶୋରୀ ଓ ମହିଳାମାନଙ୍କ ମଧ୍ୟରେ ହୋଇଥିବା ପୁଚି, କୁଙ୍କୁମ ଲଗା, ଅଳତା ଲଗା, ନୃତ୍ୟ, ମ୍ୟୁଜିକ୍ ଚେୟାର, ହୁଳହୁଳି, ଶଙ୍ଖ ଫୁଙ୍କା, ରାମ୍ପ ସୋ , ଓଡ଼ିଆ ବୋହୂ ବେଶ,ପାନଭଙ୍ଗା ଇତ୍ୟାଦି ପ୍ରତିଯୋଗିତାରେ ବିଜେତା ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମାଜ ସେବୀକା ମନୋରମା ଖଟୁଆ, ସମାଜ ସେବୀକା ଝୁନି ପାତ୍ର, କଣ୍ଠଶିଳ୍ପୀ ଇପସିତା ପଣ୍ଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ବିଚାରକ ଭାବରେ କବି ଚିତ୍ତରଞ୍ଜନ ପଣ୍ଡା, ଅଧ୍ୟାପିକା ପୁଷ୍ପାଞ୍ଜଳି ପଣ୍ଡା, ପ୍ରଫୁଲ୍ଲ ନାୟକ ଓ ମାନସ ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ।ରଜ ମହୋତ୍ସବର ୨ୟ ଦିବସରେ ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ବିକାଶ ଚନ୍ଦ୍ର ଦାଶ, ରୋଟାରୀଆନ ସତ୍ୟ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।ବିଜୟାନନ୍ଦ ଯୁବ ପରିଷଦର ସମ୍ପାଦକ ବିଶ୍ୱରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଧନେଶ୍ୱର ସାହୁ ମଞ୍ଚ ସଂଚାଳନ କରିଥିଲେ। କାର୍ଯ୍ୟକ୍ରମକୁ ସଂପାଦିକା ଦେବଜାନୀ ଜେନା, ସୁଜାତା ପଣ୍ଡା, ସଂଘମିତ୍ରା ରାଉତ, ଚଞ୍ଚଳା ବେଉରା, ମାମିନା ଜେନା, କବିତା ବିଶ୍ୱାଳ, ପ୍ରିୟଦର୍ଶିନୀ ପ୍ରଧାନ, ଦୀପ୍ତିମୟୀ ମହାନ୍ତି, ରାଜଶ୍ରୀ ମହାନ୍ତି, କବିତା ପରିଡା, ଅମ୍ବିକା ଓଝା, ରୋଜାଲିନ ସ୍ୱାଇଁ, ରୋଟ୍ରାକ୍ଟ କ୍ଲବ ଅଫ୍ ବିରୂପା ତରଫରୁ ପ୍ରଶାନ୍ତ କୁମାର ମହାନ୍ତି, ମନୋରଞ୍ଜନ ସାହୁ, ରଞ୍ଜନ ବେହୁରା, ରାଜକିଶୋର ସାହୁ, ମନୋଜ ସାମଲ, ଜୟରାମ ସାମଲ, ସୁନିତା ସାମଲ, ମୋନାଲିସା ସ୍ୱାଇଁ, ଶର୍ମିଲି ସାହୁ, ଚନ୍ଦ୍ରଶେଖର ମହାନ୍ତି, ବିଶ୍ୱରଂଜନ ନାଥ, ଶୁଭମ ଶେଖର ପରିଡା, ପ୍ରଦୀପ ସ୍ୱାଇଁ, ଅମାତ୍ୟ ସାମଲ, ପ୍ରକାଶ ରାଉତ ଓ ରୀତିକ୍ ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ପ୍ରେରଣା

# ସୁଷମା ଦ୍ୱିବେଦୀ

ହିନ୍ଦୁ ଧର୍ମରେ ପୂଜା-ପାଠ, ଅନୁଷ୍ଠାନ ଓ ମନ୍ଦିରଗୁଡ଼ିକ ପାଇଁ ଅନେକ ନିୟମ ରହିଛି । ଏଥିମଧ୍ୟରୁ ଗୋଟିଏ ପ୍ରଥା ରହିଛି ଯେ କେବଳ ପୁରୁଷମାନେ ମନ୍ଦିରର ପୂଜକ ଭାବରେ ପୂଜା-ପାଠ କରିପାରିବେ । ଏହି ପୂଜକ ଦେବୀ-ଦେବତା ଓ ଭକ୍ତମାନଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରନ୍ତି ଯିଏ ଈଶ୍ୱରଙ୍କ ସହିତ ଭକ୍ତମାନଙ୍କୁ ଯୋଡ଼ିଥାନ୍ତି । ତେଣୁ ମନ୍ଦିରରେ କେବଳ ପୁରୁଷ ପୂଜକମାନଙ୍କୁ ଆମେମାନେ ଦେଖିଥିବା । ପୂଜା ଠାରୁ ଆରମ୍ଭ କରି ଅନ୍ୟ କର୍ମ, ଅନୁଷ୍ଠାନଗୁଡ଼ିକରେ କେବଳ ପୁରୁଷ ପୂଜକମାନେ ହିଁ ଭାଗ ନେଇଥାନ୍ତି କିନ୍ତୁ ଏହି ଭୂମିକାରେ ବହୁତ କମ୍ ମହିଳାଙ୍କୁ ଦେଖିବାକୁ ମିଳିଥାଏ । ଏହି ପରମ୍ପରା ପ୍ରାଚୀନ କାଳରୁ ରହି ଆସିଛି । କିନ୍ତୁ ଏହା ପଛରେ ରହିଛି ଧାର୍ମିକ, ସାଂସ୍କୃତିକ ଓ ସାମାଜିକ କାରଣ । ପ୍ରାଚୀନ କାଳରୁ କିଛି ନିୟମ ଓ ବିଧିଗୁଡ଼ିକୁ ନିର୍ଦ୍ଧାରଣ କରାଯାଇଥିଲା । ଏହି ନିୟମଗୁଡ଼ିକ ମଧ୍ୟରେ ରହିଛି ଯଜ୍ଞ, ଅନୁଷ୍ଠାନ ଓ ଦେବୀ-ଦେବତାଙ୍କ ଆରାଧନା ଯେଉଁଗୁଡ଼ିକ ପୁରୁଷମାନଙ୍କ ଦ୍ୱାରା କରାଯିବା ପାଇଁ ଅଧିକ ଉପଯୁକ୍ତ ବୋଲି ମନେ କରାଯାଏ । ଶାସ୍ତ୍ରଗୁଡ଼ିକରେ ମହିଳାମାନଙ୍କ ମାସିକଧର୍ମ ଚକ୍ରକୁ ପୂଜା ଓ ଧାର୍ମିକ କାର୍ଯ୍ୟଗୁଡ଼ିକ ସମୟରେ ବାଧକ ଭାବରେ ଗ୍ରହଣ କରାଯାଇଛି । ଏହାକୁ ଧ୍ୟାନରେ ରଖି ପୂଜା ଓ ଧାର୍ମିକ ଗତିବିଧିଗୁଡ଼ିକ ଠାରୁ ମହିଳାମାନଙ୍କୁ ଦୂରେଇ ରଖାଯାଇଥାଏ । କିନ୍ତୁ ବିଗତ ବର୍ଷଗୁଡ଼ିକରେ ସମାଜରେ ପରିବର୍ତ୍ତନ ହୋଇଛି । ମହିଳାମାନେ ପୂର୍ବାପେକ୍ଷା ସଶକ୍ତ, ମଜଭୁତ ଓ ମନଖୋଲି କଥା କହିବାରେ ସକ୍ଷମ ହୋଇ ସବୁ କ୍ଷେତ୍ରରେ ନିଜକୁ ପ୍ରମାଣିତ କରିସାରିଛନ୍ତି । ଏପରିକି ବିବାହ ଆଦି ଅନୁଷ୍ଠାନଗୁଡ଼ିକରେ ମହିଳା ପୂଜକମାନଙ୍କୁ ଦେଖିବାକୁ ମିଳୁଛି । ଏହିପରି ଜଣେ ମହିଳା ପୂଜକ ହେଉଛନ୍ତି କାନାଡ଼ାରେ ଜନ୍ମଗ୍ରହଣ କରିଥିବା ଭାରତୀୟ ମୂଳର ସୁଷମା ଦ୍ୱିବେଦୀ ।





ପୂର୍ବରୁ ମହିଳାମାନେ ଘରର ଦାୟିତ୍ୱ ନେଇ ବ୍ୟସ୍ତ ରହୁଥିଲେ ଓ ବାହାରର କୌଣସି ଦାୟିତ୍ୱ ନେବାରେ ସେମାନେ ଅସମର୍ଥ ଥିଲେ । ସେବେଠାରୁ ପୁରୁଷମାନଙ୍କୁ ବାହାରର କାମଗୁଡ଼ିକୁ ସମ୍ଭାଳିବାର ଦାୟିତ୍ୱ ଦିଆଯାଉଥିଲା । ଏହି କ୍ରମରେ ପୁରୁଷମାନଙ୍କୁ ଧାର୍ମିକ ଅନୁଷ୍ଠାନଗୁଡ଼ିକରେ ପୂଜାପାଠ କରିବାର ଦାୟିତ୍ୱ ଦିଆଯାଉଥିଲା । ଆମେରିକାରେ ମଧ୍ୟ କେବଳ ପୁରୁଷ ପୂଜାରୀମାନେ ଏହିପରି ଧାର୍ମିକ କର୍ମଗୁଡ଼ିକୁ କରିଥାନ୍ତି । ହିନ୍ଦୁ ଧାର୍ମିକ ସଂସ୍କାର ଓ ବିବାହ ସମାରୋହରେ ପୂଜା କରୁଥିବା ପ୍ରଥମ ଆମେରିକାନ୍ ମହିଳା ପୂଜକ ହେବାର ଗୌରବ ପ୍ରାପ୍ତ କରିଛନ୍ତି ସୁଷମା ଦ୍ୱିବେଦୀ । ଆମେରିକାରେ ବସବାସ କରୁଥିବା ସୁଷମା ନ୍ୟୁୟର୍କ ଓ ଅନ୍ୟ ସ୍ଥାନଗୁଡ଼ିକରେ ବିବାହ ଓ ଅନ୍ୟ ହିନ୍ଦୁ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ପରିଚାଳନା କରିବା ବିଷୟରେ ଚିନ୍ତା କଲେ । ସେ ସମୟରେ ତାଙ୍କ ଜେଜେମା'ଙ୍କ ପରାମର୍ଶରେ ଆବଶ୍ୟକ ହେବ ବୋଲି ଅନୁଭବ କରିଥିଲେ ସୁଷମା । ଏହି ନିଷ୍ପତ୍ତିରେ ତାଙ୍କ ଜେଜେମା' ମଧ୍ୟ ଖୁସି ଥିଲେ । ସୁଷମାଙ୍କୁ ତାଙ୍କ ଜେଜେ ଓ ଜେଜେମା' ଧର୍ମ ଉପରେ ଜ୍ଞାନ ଦେଇଥିଲେ । ଜେଜେମା'ଙ୍କ ସହିତ ମିଶି ସବୁ ଗ୍ରନ୍ଥଗୁଡ଼ିକୁ ସୁଷମା ପଢ଼ିଥିଲେ ଓ ଏପରି ମନ୍ତ୍ରସବୁ ବାହାର କରିଥିଲେ ଯେଉଁଗୁଡ଼ିକ ଜେଣ୍ଡର୍ ନ୍ୟୁଟ୍ରାଲ୍ ହୋଇଥିବ । ଅର୍ଥାତ ଯେଉଁ ମନ୍ତ୍ରଗୁଡ଼ିକ ଜାତି, ଲିଙ୍ଗ, ସମ୍ପ୍ରଦାୟ ଠାରୁ ଊର୍ଦ୍ଧ୍ୱରେ ରହି ଆଶୀର୍ବାଦ ହୋଇପାରିବେ । ଏଥିପାଇଁ ସୁଷମା ସମଲିଙ୍ଗୀଙ୍କ ଠାରୁ ଆରମ୍ଭ କରି ପ୍ରତି ଜାତି, ସମ୍ପ୍ରଦାୟ, ରଙ୍ଗର ଭେଦଭାବ ନ ରଖି ପୂଜା-ଅନୁଷ୍ଠାନଗୁଡ଼ିକୁ କରନ୍ତି ।

ସୁଷମାଙ୍କର ସମ୍ପର୍କ ରହିଛି ଉତ୍ତରପ୍ରଦେଶ ସହିତ । ହିନ୍ଦୀ ଓ ସଂସ୍କୃତ ଭାଷାରେ ସେ ବେଶ୍ ପାରଙ୍ଗମ । ସୁଷମାଙ୍କ ଜେଜେ ଓ ଜେଜେମା' କାନାଡ଼ାର ମଣ୍ଟ୍ରିଅଲରେ ଏକ ହିନ୍ଦୁ ମନ୍ଦିରର ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ପିଲାଟି ଦିନରୁ ଏହି ମନ୍ଦିର ପ୍ରତି ସୁଷମା ଆକର୍ଷିତ ହୋଇଥିଲେ । ଏହି ମନ୍ଦିର ଜରିଆରେ ସେ ଜାଣିଲେ ଯେ ହିନ୍ଦୁ ଧର୍ମ ବହୁତ ଅଲଗା ଓ ଏଥିରେ ଭିନ୍ନ ଭିନ୍ନ ବିଚାରଧାରାର ଲୋକମାନେ ରହନ୍ତି । ସେହିଠାରୁ ସେ ଜଣେ ଏପରି ପୂଜିକା ହେବା ପାଇଁ ଚିନ୍ତା କଲେ ଯିଏ କୌଣସି ପ୍ରକାରର ଭେଦଭାବ ନକରି ପ୍ରତି ଜାତି ଓ ସମ୍ପ୍ରଦାୟର ଲୋକମାନଙ୍କୁ ସମାନ ଭାବରେ ଦେଖୁଥିବ । ଏହାପରେ ସୁଷମା ଜେଜେମା'ଙ୍କ ସହିତ ବସି ବିଭିନ୍ନ ଧର୍ମ ଗ୍ରନ୍ଥଗୁଡ଼ିକର ଅଧ୍ୟୟନ କରି ସେଥିରୁ କିଛି ମନ୍ତ୍ରକୁ ଅଲଗା କଲେ ଯେଉଁଗୁଡ଼ିକ ସମସ୍ତଙ୍କ ପାଇଁ ଉଚିତ୍ ଥିଲା । ସୁଷମାଙ୍କ ମଧ୍ୟରେ କେଉଁଠି ନା କେଉଁଠି ଧାର୍ମିକ ପ୍ରବୃତ୍ତି ପିଲାଦିନରୁ ରହିଥିଲା । ୨୦୧୭ରେ ସୁଷମା 'ପର୍ପଲ୍ ପଣ୍ଡିତ' ନାମକ ଏକ ପ୍ରୋଜେକ୍ଟ ଆରମ୍ଭ କରିଥିଲେ । ଦକ୍ଷିଣ ଏସିଆରେ ରହୁଥିବା 'ଗେ' ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ପର୍ପଲ୍ ରଙ୍ଗକୁ ସୁଷମା ନିଜର ଧାର୍ମିକ ସଂସ୍ଥାର ନାମ ପାଇଁ ଚୟନ କରିଥିଲେ । ପାରମ୍ପରିକ ହିନ୍ଦୁ ବିବାହ ସମାରୋହ ୨-୩ ଘଣ୍ଟା ପର୍ଯ୍ୟନ୍ତ ଚାଲେ । ସେହି ପରିସ୍ଥିତିରେ ସବୁ ପ୍ରକାରର ଧାର୍ମିକ ସେବା ପ୍ରଦାନ କରୁଥିବା ଏହି ସୁପର ସଂସ୍ଥାପିକା ସୁଷମା କେବଳ ୩୫ ମିନିଟ୍ ମଧ୍ୟରେ ଏକ୍ସପ୍ରେସ୍ ହିନ୍ଦୁ ବିବାହ ଅନୁଷ୍ଠିତ କରାଇ ଥାଆନ୍ତି । ଏହିଭଳି ଭାବରେ ପୁରୁଷମାନେ ମଧ୍ୟ ବିବାହ ହୋଇଥିଲେ । ସେବେ ବି ଜଣେ ପୂଜକଙ୍କ ବିଷୟରେ ଆମେ ଚିନ୍ତା କରନ୍ତି ହଳଦିଆ କିମ୍ବା ଧଳା ଧୋତି, ପଞ୍ଜାବୀ ପିନ୍ଧିଥିବା ଜଣେ ବ୍ୟକ୍ତିଙ୍କ ଛବି ମନକୁ ଆସିଯାଏ । କିନ୍ତୁ ସୁଷମା ଦ୍ୱିବେଦୀଙ୍କ ବ୍ୟକ୍ତିତ୍ୱ ଏହାଠାରୁ ବହୁତ ଅଲଗା । ଇନ୍‌ଷ୍ଟାଗ୍ରାମରେ ସୁଷମାଙ୍କ ପ୍ରୋଫାଇଲ୍‌ରେ ତାଙ୍କର ଆଧୁନିକ ଚିନ୍ତାଧାରା ଓ ଜୀବନଶୈଳୀ ବିଷୟରେ ଜଣାପଡ଼େ । ଏକ ସାକ୍ଷାତକାରରେ ସୁଷମା କହିଛନ୍ତି ଯେ କୌଣସି ହିନ୍ଦୁ ବିବାହ କରିବା ପୂର୍ବରୁ ସେ ତାଙ୍କ ଜେଜେମା'ଙ୍କ ଠାରୁ ଏକ ସୁନା ମୁଦି ନେଇ ପିନ୍ଧିଥାନ୍ତି । ଏହାକୁ ପିନ୍ଧିବା ଦ୍ୱାରା ଜଣେ ବ୍ରାହ୍ମଣ ଓ ଭାରତୀୟ ହେବାର ସେ ଅନୁଭବ ପାଆନ୍ତି ବୋଲି ସୁଷମା କହନ୍ତି । ୪୦ ବର୍ଷୀୟା ସୁଷମା ଅର୍ଗାନିକ୍ ଫୁଡ୍ କମ୍ପାନୀ 'ଡେଲୀ ହାର୍ଭେଷ୍ଟ'ରେ ଉପ-ସଭାପତି ଭାବରେ କାର୍ଯ୍ୟ କରୁଛନ୍ତି । ତାଙ୍କ ପତି ୱେଲ୍‌ଥ ମ୍ୟାନେଜମେଣ୍ଟ କମ୍ପାନୀର ଜଣେ ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଅଫିସର୍ । ପତି ଓ ଦୁଇଟି ସନ୍ତାନଙ୍କ ସହିତ ଫଟୋଗୁଡ଼ିକରୁ ଜଣାପଡ଼େ ଯେ ସୁଷମା ନିଜ ଜୀବନକୁ ଭରପୂର ଆନନ୍ଦର ସହିତ ଉପଭୋଗ କରୁଛନ୍ତି । ସୁଷମାଙ୍କୁ ନାରୀ ସଶକ୍ତିକରଣର ଜଣେ ଉଦାହରଣ ବୋଲି କହିପାରିବା । ତେବେ ସମଲିଙ୍ଗୀଙ୍କର ବିବାହ ହେଉ ବା ଅନ୍ୟ ସମ୍ପ୍ରଦାୟର କିମ୍ବା କୌଣସି ଧାର୍ମିକ ଅନୁଷ୍ଠାନ ପାଇଁ ହେଉ ସୁଷମାଙ୍କ କାମ ଏକ ପରିବର୍ତ୍ତନୀୟ ସମାଜ ଓ ପ୍ରୋଗ୍ରେସିଭ୍ ଚିନ୍ତାଧାରାର ଫଳାଫଳ । ସୁଷମାଙ୍କ ଏହି ପଦକ୍ଷେପ ସମାଜରେ ଏକ ବଡ଼ ପରିବର୍ତ୍ତନ ଆଣିଛି ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନ ଏହି ପଦକ୍ଷେପ ଜରିଆରେ ସୁଷମା ହିନ୍ଦୁ ଧର୍ମରେ ହେଉଥିବା ପରିବର୍ତ୍ତନର ପ୍ରତୀକ ହୋଇସାରିଲେଣି । ହିନ୍ଦୁ ଧର୍ମରେ ମହିଳାମାନେ ଆଗକୁ ଆସି ନେତୃତ୍ୱ ନେବାର ଭୂମିକା ଗ୍ରହଣ କରୁଛନ୍ତି ଓ ଏହି ସାମ୍ପ୍ରଦାୟିକ ଗତିବିଧି ଓ ସାଂଗଠନିକ ଭୂମିକାଗୁଡ଼ିକ ବ୍ୟତୀତ ଆଗାମୀ ପିଢ଼ି ପାଇଁ ଜ୍ଞାନର ସଂପ୍ରେଷଣ କରିଆ ହୋଇପାରିଛନ୍ତି ସୁଷମା । ଆମେରିକାରେ ସୁଷମା



ଦ୍ୱିବେଦୀ ଯାହା ହାସଲ କରିଛନ୍ତି ସେସବୁ ପାଇବା ସହଜ ନୁହେଁ । ବର୍ତ୍ତମାନ ମହିଳାମାନେ ଭିନ୍ନ ଭିନ୍ନ ଉପାୟରେ ନିଜ ପାଇଁ ଅଲଗା ସ୍ଥାନ ତିଆରି କରୁଛନ୍ତି । ସମୟ ସହିତ ପରମ୍ପରାଗୁଡ଼ିକରେ ପରିବର୍ତ୍ତନ ହେବା ନିଶ୍ଚିତ ଘଟଣା । ତେବେ ହିନ୍ଦୁ ଧର୍ମରେ ହେଉଥିବା ପୂଜା ଓ ଅନୁଷ୍ଠାନର ଦାୟିତ୍ୱ ଶହ ଶହ ବର୍ଷ ହେଲାଣି ପୁରୁଷ ପୂଜକମାନେ ତୁଲାଉଥିଲେ । କିନ୍ତୁ ଏହି ଚଳନରେ ପରିବର୍ତ୍ତନ ହେଉଛି । ଆମେରିକା ପରି ଦେଶରେ ମଧ୍ୟ ଏପରି ଚଳନ ଥିଲା କିନ୍ତୁ ଭାରତବଂଶୀ ସୁଷମା ଦ୍ୱିବେଦୀ ଏହି ଚଳନରେ ପରିବର୍ତ୍ତନ ଆଣି ନାରୀମାନଙ୍କ ପାଇଁ ଏକ ନୂଆ ରାସ୍ତା ଖୋଲିଦେଇଛନ୍ତି ।

ସ୍ୱାସ୍ଥ୍ୟ

# ନୂଆ ମା'ମାନଙ୍କ ପାଇଁ

ମା' ହେବାର ସୌଭାଗ୍ୟ ପ୍ରାପ୍ତ କରିବା ପ୍ରତି ମହିଳାଙ୍କ ଜୀବନରେ ଏକ ସୁନ୍ଦର ଅନୁଭବ ଆଣିଦିଏ । କିନ୍ତୁ ଏହା ପୁନର୍ଜନ୍ମ ପାଇବା ସହିତ ସମାନ । ପ୍ରସବ ପରେ ସେଥିରୁ ରିକଭର ହେବା ପାଇଁ ନୂଆ ମା'ମାନଙ୍କୁ ବିଶେଷ ପ୍ରକାରର ଯତ୍ନର ଆବଶ୍ୟକ ହୁଏ । କାରଣ ପ୍ରସବ ପରେ ବ୍ଲିଡିଂ କାରଣରୁ ମହିଳାମାନେ ଖୁବ୍ ଦୁର୍ବଳ ହୋଇଯାଆନ୍ତି । ତେଣୁ ମା'ର ସ୍ୱାସ୍ଥ୍ୟ ଠିକ୍ ରହିଲେ ସେ ଶିଶୁର ଯତ୍ନ ଠିକ୍ ଭାବରେ ନେଇପାରିବ ଓ ବ୍ରେଷ୍ଟ ଫିଡିଂ ମଧ୍ୟ ସଠିକ୍ ଭାବରେ କରାଇ ପାରିବ । ଆଈମା' କାଳରୁ ମେବା ଓ ଗୋନ୍ଦରେ ତିଆରି ଲଡ୍ଡୁ କରି ନୂଆ ମା'ହୋଇଥିବା ମହିଳାମାନଙ୍କୁ ଦିଆଯିବାର ଏକ ସାଧାରଣ ପରମ୍ପରା ରହିଛି । ଗୋନ୍ଦ ଏକ ଖାଦ୍ୟ ପଦାର୍ଥ ଯାହାକୁ ମୁଖ୍ୟତଃ ଶୀତଦିନେ ଲୋକମାନେ ଖାଆନ୍ତି । ଏଥିରୁ ତିଆରି ହେଉଥିବା ଲଡ୍ଡୁ ଶରୀରକୁ ଶକ୍ତି ଯୋଗାଏ ଓ ପ୍ରସବ ପରବର୍ତ୍ତୀ କଷ୍ଟରୁ ମୁକ୍ତି ଦିଏ । ଏହା ସହିତ ଶିଶୁମାନଙ୍କୁ ମା' କ୍ଷୀର ଜରିଆରେ ଜରୁରୀ ପୋଷକ ତତ୍ତ୍ୱ ମିଳେ । ତେବେ ଭାରତୀୟ ଖାଦ୍ୟପେୟରେ ଭରପୂର ମାତ୍ରାରେ ପୋଷକ ତତ୍ତ୍ୱ ଥାଏ । ନୂଆ ମା'ମାନଙ୍କ ପାଇଁ ମଧ୍ୟ ଘରେ କେତେ ପ୍ରକାରର ଖାଦ୍ୟପେୟ ପ୍ରସ୍ତୁତ କରାଯାଏ । ଏହାଦ୍ୱାରା ମା'ମାନଙ୍କର ମୁଡ୍ ଠିକ୍ ରହେ ଯେଉଁ କାରଣରୁ ପୋଷ୍ଟପାର୍ଟମ୍ ଡିପ୍ରେସନ୍‌ରୁ ସେମାନଙ୍କୁ ମୁକ୍ତି ମିଳେ ।



## ଲଡ୍ଡୁ ତିଆରି କରିବାର ପ୍ରଣାଳୀ

**ଆବଶ୍ୟକ ସାମଗ୍ରୀ**-ଆଲମଣ୍ଡ, କାଜୁ, ଖଜୁରି, କିସ୍‌ମିସ୍, ଅଖରୋଟ, ମଗଜର ବୀଜ -୧୦୦ ଗ୍ରାମ ଲେଖାଏଁ, କଦ୍ଦୁକଷ ହୋଇଥିବା ନଡ଼ିଆ ଓ ପିସ୍ତା-ସମାନ ପରିମାଣର । ପୋସ୍ତ-୫୦ ଗ୍ରାମ, ୧୦ଟି ଛୋଟ ଗୁଜୁରାତିର ପାଉଡର୍, ଲବଙ୍ଗ-୮ଟି, ଦେଶୀ ଘିଅ, ଜିରା-୩୦ ଗ୍ରାମ, ଗୋନ୍ଦ-୧୦୦ ଗ୍ରାମ, ଗୁଡ଼-୭୫୦ ଗ୍ରାମ ।

**ପ୍ରଣାଳୀ**- ପ୍ରଥମେ ଗୁଡ଼କୁ ଖଣ୍ଡ ଖଣ୍ଡ କରିଦେବେ ଓ ମେବାକୁ କାଟି ପ୍ରସ୍ତୁତ କରନ୍ତୁ । ଏହାପରେ କଡ଼େଇରେ ଦେଶୀ ଘିଅ ଢ଼ାଳି ଏଥିରେ ଗୋନ୍ଦକୁ ପକାଇ ଭାଜିବା ପରେ କ୍ରଶ୍ କରିବେ । ବାକିଥିବା ଘିଅରେ ନଟ୍ସ ପକାଇ ଭାଜନ୍ତୁ । ଭାଜିହେବା ପରେ ନଟ୍ସକୁ ପ୍ଲେଟ୍‌ରେ କାଢ଼ିଦେବେ । ଏହାପରେ କଦ୍ଦୁକଷ କରିଥିବା ନଡ଼ିଆକୁ ବି ରୋଷ୍ଟ କରିବେ ଓ ପୋସ୍ତକୁ ବି ଭାଜିବେ । ଏବେ ଗୁଡ଼କୁ ତରଳେଇବା ପରେ ଏଥିରେ ସବୁ ସାମଗ୍ରୀକୁ ପକାଇ ମିଶେଇ ଦିଅନ୍ତୁ । ଜିରାକୁ ଘିଅରେ ଭାଜି ଏଥିରେ ମିଶେଇବାକୁ ହେବ । ଏହି ମିଶ୍ରଣ ଗରମ ଥିବାବେଳେ ସେଥିରେ ଲଡ୍ଡୁ ତିଆରି କରନ୍ତୁ । ଏହି ଲଡ୍ଡୁ ୧-୨ ମାସ ପର୍ଯ୍ୟନ୍ତ ଖରାପ ହେବ ନାହିଁ । ଏଥିପାଇଁ ଏୟାର୍‌ଟାଇଟ୍ ଜାର୍‌ରେ ରଖିବେ ଯେପରି ସେଥିରେ ଆର୍ଦ୍ରତା ଅଂଶ ରହିବ ନାହିଁ । ପ୍ରତିଦିନ ଏହି ଲଡ୍ଡୁରୁ ଗୋଟିଏ ଲେଖାଏଁ କ୍ଷୀର ସହିତ ନୂଆ ମା' ହୋଇଥିବା ମହିଳାମାନଙ୍କୁ ଖାଇବାକୁ ଦିଅନ୍ତୁ । ଏହା ଶରୀରକୁ ଶକ୍ତି ଯୋଗେଇବା ସହିତ ନବଜାତକକୁ ଫିଡିଂ କରେଇବାରେ ମଧ୍ୟ ସହାୟକ ହେବ ।

ସୌନ୍ଦର୍ଯ୍ୟ

# ପିଆଜ ଓ ରୋଜମେରୀକୁ ଛାଡ଼ନ୍ତୁ ଲଗାନ୍ତୁ ଦୁବ ଘାସର ପେଷ୍ଟ

ଆଜିର ସମୟରେ କେଶ ଝଡ଼ିବା ଏକ ସାଧାରଣ ସମସ୍ୟା ହୋଇଗଲାଣି । ବିଶେଷ କରି ମହିଳାମାନେ କେଶ ଝଡ଼ିବା ସମସ୍ୟାକୁ ନେଇ ବେଶ୍ ଚିନ୍ତିତ ଥାଆନ୍ତି । ଏଥିପାଇଁ ସେମାନେ କେତେ ପ୍ରକାରର ଘରୋଇ ଓ ବଜାରର ଉତ୍ପାଦଗୁଡ଼ିକୁ ଆପଣାଇ ଥାଆନ୍ତି ଯେପରି-ପିଆଜ, ରୋଜମେରୀ ଓ ଦାମୀ ପ୍ରଡକ୍ଟ୍ସ । କିନ୍ତୁ ଆପଣ ଜାଣିଛନ୍ତି କି ପାର୍କମାନଙ୍କରେ ଉଠିଥିବା ସାଧାରଣ ଦୁବ ଘାସରୁ ତିଆରି ପେଷ୍ଟ ଆପଣଙ୍କ କେଶ ଝଡ଼ିବା ପରି ଏକ ବଡ଼ ସମସ୍ୟାର ସମାଧାନ କରିପାରିବ ବୋଲି । ଏହି ପ୍ରାକୃତିକ ଓ ଶସ୍ତା ଉପାୟ କେବଳ କେଶର ମୂଳକୁ ମଜଭୁତ କରେ ତାହା ନୁହେଁ ନୂଆ କେଶର ଗ୍ରୋଥକୁ ମଧ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରେ । ଯଦି ଆପଣ କୌଣସି କେମିକାଲ୍‌ର ବ୍ୟବହାର ନକରି କେଶହାନି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଚାହୁଁଛନ୍ତି ତେବେ ଦୁବ ଘାସରୁ ତିଆରି ଏହି ଅନୋଖା ଓ ସହଜ ଉପାୟକୁ ଫଲୋ କରନ୍ତୁ ।

ଦୁବ ବା ଦୁର୍ବା ଘାସରେ ପୋଟାସିୟମ୍, ମ୍ୟାଗ୍ନେସିୟମ୍, ପ୍ରୋଟିନ୍, ଭିଟାମିନ୍-ଓ, ସି ସହିତ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଓ ଆଣ୍ଟି-ଅକ୍ସିଡେଣ୍ଟ ଗୁଣ ଭରପୂର ମାତ୍ରାରେ ଥାଏ । ଏଥିରେ ରହିଛି ଅନେକ ଔଷଧୀୟ ଗୁଣ ଯେଉଁଗୁଡ଼ିକ କେଶକୁ ସୁସ୍ଥ ରଖିବାରେ ସାହାଯ୍ୟ କରନ୍ତି ।



**କିପରି ବ୍ୟବହାର କରିବେ**-ତାଜା ଦୁବ ଘାସକୁ ଆଣି ତାହାକୁ ପରିଷ୍କାର ଭାବରେ ଧୋଇଦେବେ । ଏଥିରେ ଅଳ୍ପ ପାଣି ଦେଇ ମିକ୍ସିରେ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟକୁ ସ୍କାଲ୍‌ପ ଓ କେଶମୂଳରେ ହାଲୁକା ହାତରେ ୫-୧୦ ମିନିଟ୍ ପର୍ଯ୍ୟନ୍ତ ମାଲିସ୍ କରିବେ ଯେପରି ସ୍କାଲ୍‌ପରେ ଏହା ଭେଦିଯିବ । ୨୦-୩୦ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ଅଳ୍ପ ଉଷୁମ ପାଣିରେ କେଶ ଧୋଇବେ । ଖୁବ୍ ଭଲ ପରିଣାମ ପାଇବା ପାଇଁ ଏହି ଉପାୟକୁ ସପ୍ତାହରେ ୨-୩ ଥର କରନ୍ତୁ ।

---ଅଧିକ ପ୍ରଭାବ ପାଇବା ପାଇଁ ଅଳ୍ପ ନଡ଼ିଆ ତେଲ କିମ୍ବା ଏଲୋଭେରା ଜେଲ୍ ମଧ୍ୟ ଏହି ପେଷ୍ଟ ସହିତ ମିଶେଇ ପାରିବେ । ଏହାର ନିୟମିତ ଉପଯୋଗ ଦ୍ୱାରା ଘନ, ମଜଭୁତ ଓ ସୁସ୍ଥ କେଶ ପାଇବେ । ଦୁବ ଘାସର ଏହି ପ୍ରାକୃତିକ ଉପାୟ କେଶକୁ କେବଳ ଯେ ପୋଷଣ ଦିଏ ତାହା ନୁହେଁ କେଶ ଝଡ଼ିବା ଓ ଛିଣ୍ଡିଯିବା ପରି ସମସ୍ୟାରୁ ମଧ୍ୟ ମୁକ୍ତି ଦେବ । ଦୁବ ଘାସର ପେଷ୍ଟ ଏକ ସରଳ ଓ ପ୍ରଭାବୀ ଉପାୟ ।

# ଖାଦ୍ୟଶାଳ

ରୋଷେଇ କରିବା ଏକ କଳା ଯେଉଁଥିରେ ଆବଶ୍ୟକ ହୁଏ ଧୈର୍ଯ୍ୟ ଓ ଧ୍ୟାନ ଯେଉଁଥି ପାଇଁ ଖାଦ୍ୟ ପ୍ରସ୍ତୁତି ଖୁବ୍ ଭଲ ଭାବରେ ହୋଇଥାଏ । ପ୍ରାୟତଃ ଲୋକମାନେ ରୋଷେଇ କରିବା ସମୟରେ କୌଣସି ପ୍ରକାରର ଭୁଲ୍ ହୋଇଯିବା ପାଇଁ ଭୟ କରନ୍ତି । ସେମାନଙ୍କୁ ଲାଗେ ଯଦି ଖାଦ୍ୟ ପୋଡ଼ିଯାଏ ବା କଞ୍ଚା ରହିଯାଏ ତେବେ ସ୍ୱାଦ ହ୍ରାସ ପାଇବ । କିନ୍ତୁ ଏହା ସେତେ କଷ୍ଟକର କାର୍ଯ୍ୟ ନୁହେଁ ଯେତିକି ସେମାନେ ଅନୁଭବ କରନ୍ତି । ତେଣୁ ଏହିସବୁ ଭୁଲ୍‌କୁ କିପରି ସୁଧାରି ପାରିବେ ସେଥିପାଇଁ ବିଶେଷଜ୍ଞମାନେ କିଛି ଟିପ୍ସ ଦେଇଛନ୍ତି ଯାହା ସାହାଯ୍ୟରେ ଛୋଟ ବଡ଼ ଭୁଲ୍‌କୁ ସୁଧାରି ହେବ । ଯଦି ରୋଷେଇ କରିବା କ୍ଷେତ୍ରରେ ଆପଣ ନୂଆ ତେବେ ନିମ୍ନରେ କିଛି ଟିପ୍ସ ଦିଆଗଲା ଯେଉଁଗୁଡ଼ିକ ଆପଣଙ୍କ କାମରେ ଆସିବ ।

## ଟିପ୍ସ ଓ ଟ୍ରିକ୍ସ







◆ଛେନା ବାହାର କରିବା ସମୟରେ ସେଥିରୁ ବାହାରୁଥିବା ପାଣିକୁ ଫୋପାଡ଼ିବେ ନାହିଁ । ରୁଟି କିମ୍ବା ପରଟା ପାଇଁ ଅଟା ଦଳିବା କାମରେ ତାକୁ ବ୍ୟବହାର କରିପାରିବେ । ଏହି ପାଣିରେ ଅଟା ଦଳିଲେ ରୁଟି ଓ ପରଟା ସ୍ୱାଦିଷ୍ଟ ହୋଇଥାଏ ।

◆ପୁରୁଣା ଓ ବାସି ବ୍ରେଡ୍‌କୁ ପେଷି ଏୟାରଟାଇଟ୍ ଡ଼ବାରେ ରଖନ୍ତୁ । ପରେ କଟଲେଟ୍ ବା କବାବ୍‌ରେ ଏହାର ବ୍ୟବହାର କରିପାରିବେ ।


◆ପୁରିକୁ ବେଲି ଛାଣିବା ପୂର୍ବରୁ ୧୦ ମିନିଟ୍ ପାଇଁ ଫ୍ରିଜରେ ରଖିଲେ ଛାଣିବା ବେଳେ ତେଲ ଅଧିକ ଟାଣିବ ନାହିଁ ।

◆ଫ୍ରେଞ୍ଚ ଫ୍ରାଇଜ୍ ତିଆରି କରିବା ପାଇଁ ଆଳୁକୁ କାଟି ୨-୩ ମିନିଟ୍ ପାଇଁ ଫୁଟେଇ ଦିଅନ୍ତୁ । ପାଣିରୁ ବାହାର କରି ଟିସୁ ପେପର୍‌ରେ କିଛି ସମୟ ପାଇଁ ରଖିଲେ ପାଣି ଶୁଖିଯିବ । ଏଥିରେ କର୍ଣ୍ଣଫ୍ଲୋର୍‌ର ଡଷ୍ଟ କରି ଡ଼ବାରେ ଭରି ଫ୍ରିଜରରେ ରଖି ଦିଅନ୍ତୁ । ଆବଶ୍ୟକ ପଡ଼ିଲେ ତୁରନ୍ତ ବାହାର କରି ଛାଣିବେ ।

◆୧୦-୧୨ଟି ରସୁଣ କଳିକୁ କାଟି ତାକୁ ତେଲରେ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜିବେ । ଏଥିରୁ ପାଣିକୁ ବାହାର କରି ଦହିରେ ଲୁଣ, ଚିଲି ଫ୍ଲେକ୍ସ ଓ ଧଣିଆ ପତ୍ରକୁ କାଟି ମିଶାଇ ସ୍ୟାଣ୍ଡଉିଚ୍ ସ୍ପ୍ରେଡ୍ ଓ ଡିପ୍ ପ୍ରସ୍ତୁତ କରିପାରିବେ ।

◆ଭେଣ୍ଡି ତିଆରି କରିବା ସମୟରେ ଯଦି ଚିପ୍‌ଚିପା ହୋଇଯାଉଛି ତେବେ ସେଥିରେ କିଛି ବୁନ୍ଦ ଲେମ୍ବୁ ରସ ପକାଇଲେ ଭେଣ୍ଡିରୁ ଚିପ୍‌ଚିପାପଣ ଦୂର ହୋଇଯିବ । ଏହା ବ୍ୟତୀତ ଏକ ଚାମଚ ଭଜା ବେସନ ବି ପକାଇ ପାରିବେ । ଏଥିରେ ଭେଣ୍ଡି କ୍ରିସ୍ପି ହୋଇଯିବ ।

# ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ**: ଦିନଟି ସୁଖଦ ଓ ଶାନ୍ଦାର ରହିବ । ମାଙ୍ଗଳିକ କାର୍ଯ୍ୟର ଯୋଗ ରହିଛି । ଅଟକିଥିବା କାମ ପୂରା ହେବ । ମନ ପ୍ରସନ୍ନ ରହିବ । ବ୍ୟାପାର-ବ୍ୟବସାୟରେ ଆର୍ଥିକ ଉନ୍ନତି ଦେଖିବାକୁ ମିଳିବ ।

**ବୃଷ**: ସ୍ୱାସ୍ଥ୍ୟ ଉପରେ ଆଜି ଧ୍ୟାନ ଦେବେ । ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ଚୟନ କରାଯିବ । କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ । ବ୍ୟର୍ଥ ବାଦବିବାଦରୁ ଦୂରରେ ରୁହନ୍ତୁ । ନିବେଶ କରିବା ଲାଭଦାୟକ ରହିବ ।

**ମିଥୁନ**: ବ୍ୟର୍ଥ କାର୍ଯ୍ୟରେ ଫସି ରହିବେ । ସମୟ ଓ ଧନ ବ୍ୟୟ ହେବ । ଆଜି କ୍ରୋଧିତ ହେବା ଆପଣଙ୍କ ପାଇଁ ଭଲ ନୁହେଁ । କିଛି କଥାକୁ ଅଣଦେଖା କରିଲେ ଭଲ । କାର୍ଯ୍ୟକ୍ଷେତ୍ରରେ ପରିବର୍ତ୍ତନ କରନ୍ତୁ ନାହିଁ ।

**କର୍କଟ**: ଦିନଟି ଆଜି ସେତେ ଶୁଭ ନୁହେଁ । ବିବାଦ ଠାରୁ ଦୂରରେ ରୁହନ୍ତୁ । ପ୍ରଶାସନିକ କ୍ଷେତ୍ରରେ ମତଭେଦ ବୃଦ୍ଧି ହେବ । କାର୍ଯ୍ୟକ୍ଷେତ୍ରରେ ଶତ୍ରୁବର୍ଗ ଚିନ୍ତିତ ରହିବେ । ପାରିବାରିକ ସ୍ଥିତି ଠିକ୍ ରହିବ ।

**ସିଂହ**: ଦିନଟି ଖୁସିରେ ଭରି ରହିବ । ନୂଆ ଅତିଥିଙ୍କ ଆଗମନ ହୋଇପାରେ । ମାଙ୍ଗଳିକ କାର୍ଯ୍ୟର ଯୋଗ ରହିଛି । ଧାର୍ମିକ ଯାତ୍ରାରେ ଯାଇପାରନ୍ତି । ବ୍ୟାପାର କ୍ଷେତ୍ରରେ ଲାଭ ଯୋଗ ରହିଛି ।

**କନ୍ୟା**: କିଛି ନୂଆ କାମର ଆରମ୍ଭ ଆପଣଙ୍କ ପାଇଁ ଶୁଭ । କାର୍ଯ୍ୟକ୍ଷେତ୍ରରେ ନୂଆ ସହଯୋଗୀ ମିଳିଯିବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପରିବାର ଲୋକଙ୍କ ସହଯୋଗ ପାଇବେ । ପୁରୁଣା କରଜରୁ ମୁକ୍ତ ହେବେ ।

**ତୁଳା**: ଆଜି କିଛି ସମସ୍ୟା ଆସିପାରେ । ଏଥିପାଇଁ ଚିନ୍ତିତ ରହିବେ । କାର୍ଯ୍ୟ ଯୋଗୁ ଲମ୍ବା ଯାତ୍ରା କରିପାରନ୍ତି । ସ୍ୱାସ୍ଥ୍ୟର ଧ୍ୟାନ ନିଅନ୍ତୁ । ପାଣିପାଗ ଯୋଗୁ ସ୍ୱାସ୍ଥ୍ୟହାନି ହୋଇପାରେ । ପତ୍ନୀଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇପାରେ ।

**ବିଛା**: ଦିନଟି ଠିକ୍‌ଠାକ୍ ବିତିବ । ବାଣୀ ଉପରେ ସଂଯମ ରଖନ୍ତୁ । ନୂଆ କାମ ଆରମ୍ଭ କରିବାକୁ ଚାହୁଁଥିଲେ ସେୟାର କରନ୍ତୁ ନାହିଁ । ପାରିବାରିକ ବିବାଦର ସମାଧାନ କରିପାରିବେ । ଆଇନ କାମରୁ ଦୂରରେ ରହିଲେ ଭଲ ।

**ଧନୁ**: ଦିନଟି ଆପଣଙ୍କ ପାଇଁ ଉତ୍ତମ । ନୂଆ କାମ ଆରମ୍ଭ କଲେ ସଫଳ ହେବେ । ପୁରୁଣା ଓ ପ୍ରସିଦ୍ଧ ବ୍ୟକ୍ତିଙ୍କ ସହିତ ସାକ୍ଷାତ ହେବ । ଅଟକିଥିବା କାମ ପୂରା ହେବ । ବଡ଼ ନିଷ୍ପତ୍ତି ପରିବାରର ହିତରେ ଯିବ ।

**ମକର**: ବ୍ୟର୍ଥ କାମରେ ଫସି ରହିବେ । ବାଦବିବାଦ ହେବ । ବିରୋଧୀଙ୍କ ଷଡ଼ଯନ୍ତ୍ରର ଶିକାର ହେବେ । ବ୍ୟାପାର-ବ୍ୟବସାୟରେ ହାନି ହେବ । ପାର୍ଟନରଙ୍କ ସହିତ ମତଭେଦ ବଢ଼ିବ ।

**କୁମ୍ଭ**: ଦିନଟି ସମସ୍ୟାରେ ଭରି ରହିବ । କୋର୍ଟ କଚେରିର ବିବାଦରେ ଫସିପାରନ୍ତି । ବ୍ୟାପାରରେ ବଡ଼ ନିବେଶ ନକଲେ ଭଲ । ମତଭେଦ ବୃଦ୍ଧି ପାଇବ । ବାଣୀରେ ସଂଯମ ରଖନ୍ତୁ ।

**ମୀନ**: ମିତ୍ରଙ୍କ ସହିତ ଧାର୍ମିକ ଯାତ୍ରାରେ ଯାଇପାରନ୍ତି । ଜିନିଷପତ୍ରକୁ ଦାୟିତ୍ୱରେ ରଖିବେ । ନହେଲେ କ୍ଷତି ଉଠାଇ ପାରନ୍ତି । ବ୍ୟାପାର-ବ୍ୟବସାୟରେ ନୂଆ କାମର ଆରମ୍ଭ ହୋଇପାରେ । ଚାକିରି କ୍ଷେତ୍ରରେ ସହଯୋଗ ମିଳିବ ।

**୫ରେ କବି ଚନ୍ଦ୍ରକୁମାର ମହାନ୍ତି ସ୍ମୃତି ଉତ୍ସବ**

## ୨୦୨୫ ପାଇଁ 'ଚନ୍ଦ୍ରକୁମାର ମହାନ୍ତି କବିତା ପୁରସ୍କାର' ପାଇବେ ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

**ବାଲେଶ୍ୱର,୧୮/୬/ଏନ୍ଏନ୍ଏସ୍:** କବି ଚନ୍ଦ୍ର କୁମାର ମହାନ୍ତି ସ୍ମୃତି କମିଟି ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରା ଯାଉଥିବା 'ଚନ୍ଦ୍ର କୁମାର ମହାନ୍ତି କବିତା ପୁରସ୍କାର' ୨୦୨୫ ପାଇଁ କବି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର (ଜନ୍ମ ୧୯୮୨)ପାଇବେ ବୋଲି ସ୍ମୃତି କମିଟି ପକ୍ଷରୁ ଆଜି ଏକ ପ୍ରେସ୍ ବିବୃତ୍ତିରେ ଘୋଷଣା କରାଯାଇଛି। ବାଲେଶ୍ୱରର ବିଶିଷ୍ଟ କବି ଚନ୍ଦ୍ର କୁମାର ମହାନ୍ତିଙ୍କ ସ୍ମୃତିରକ୍ଷା ନିମନ୍ତେ ଗଠିତ 'ଚନ୍ଦ୍ର କୁମାର ମହାନ୍ତି ସ୍ମୃତି କମିଟି' ପକ୍ଷରୁ ୨୦୧୭ରୁ ଆରମ୍ଭ ହୋଇଥିବା ଏହି ସ୍ମୃତି ଉତ୍ସବ ଅବସରରେ ପ୍ରତିବର୍ଷ ୪୫ ରୁ ୫୦ ବର୍ଷ ବୟସ ସୀମା ମଧ୍ୟରେ ଜଣେ ଓଡ଼ିଆ କବିଙ୍କୁ ଚୟନ କରାଯାଇ ସମ୍ମାନିତ କରାଯିବାକୁ



ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ପାଇଁ ମନୋନୀତ ହୋଇଥିବା କବି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ୮ଟି କବିତା ପୁସ୍ତକ ଓ ଗୋଟିଏ ପତ୍ର ଉପନ୍ୟାସର ସ୍ରଷ୍ଟା ହୋଇଥିବା ବେଳେ ଓଡ଼ିଆ କବିତା କ୍ଷେତ୍ରରେ ସେ ବେଶ୍ ପରିଚିତ ଏବଂ ନିରବଚ୍ଛିନ୍ନ ଭାବେ କବିତା ସର୍ଜନାରେ ସକ୍ରିୟ ଅଛନ୍ତି। ସ୍ମୃତି କମିଟି ପକ୍ଷରୁ ଆଗାମୀ ଜୁଲାଇ ୫ ତାରିଖ ରବିବାର ସଂଧ୍ୟା ୬ଟାରେ ଷ୍ଟେସନ କ୍ଲବ ସଭାଗୃହରେ ଆୟୋଜିତ ହେଉଥିବା ୯ମ ବାର୍ଷିକ ଚନ୍ଦ୍ର କୁମାର ମହାନ୍ତି ସ୍ମୃତି ଉତ୍ସବ ପାଳନ ପରିପ୍ରେକ୍ଷୀରେ ବିଜୟୀ ପ୍ରତିଭାଙ୍କୁ ମାନପତ୍ର ଓ ଉପଢୌକନ ଅର୍ପଣ କରି ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ମୃତି କମିଟି ପକ୍ଷରୁ କୃଷ୍ଣ କୁମାର ମହାନ୍ତି ଏବଂ ଉତ୍ପଳ ମହାନ୍ତି ଜଣାଇଛନ୍ତି। ଏହି ସ୍ମୃତି ଉତ୍ସବରେ ବିଶିଷ୍ଟ କବି ବିପିନ ନାୟକ ଏବଂ ସୁଖ୍ୟାତ କବି କେ. ଶ୍ୟାମବାବୁ ଦୋରା ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଅଧ୍ୟକ୍ଷତା କରିବେ ସଭାପତି ସୁବାସ ଚନ୍ଦ୍ର ପାତ୍ର।

## ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ

**ସୋର,୧୮/୬/ଏନ୍ଏନ୍ଏସ୍:** ସୋରରେ ମାଛ ଦୋକାନରୁ ଆରମ୍ଭ କରି ହୋଟେଲ ଓ ଫାଷ୍ଟଫୁଡ ଦୋକାନମାନଙ୍କରେ ବ୍ୟାପକ ଅନିୟମିତତା ହେବା ସହିତ ଲୋକେ ଖାଦ୍ୟ ବଦଳରେ ଜହର ଖାଉଥିବା ନେଇ ବାରମ୍ବାର ଖବର ପ୍ରକାଶିତ ହେବା ପରେ ଆଜି ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ବାଲେଶ୍ୱର ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ ତରଫରୁ ସୋରର ବିଭିନ୍ନ ହୋଟେଲ ଓ ଫାଷ୍ଟଫୁଡ ଦୋକାନଗୁଡ଼ିକରେ ଚଢ଼ଉ କରାଯାଇ ୧୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସୂଚନା ଅନୁସାରେ ଆଜି ମଧ୍ୟାହ୍ନରେ ବାଲେଶ୍ୱର ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ଅନୁଶ୍ରୀ ଖଟୁଆ, ସାନିଟାରୀ ଇନ୍ସପେକ୍ଟର ଗଦାଧର ବେହେରା, ଫୁଡ୍ ସେଫ୍ଟି ଟିମ୍ ଏବଂ ଅନ୍ୟ କର୍ମଚାରୀମାନଙ୍କ ସହଯୋଗରେ ସୋର ଉତ୍ତରେଶ୍ୱର ଉଡ଼ନ୍ତା ରେଳ ପୋଲ ତଳେ ଥିବା ସମସ୍ତ ଫାଷ୍ଟଫୁଡ ଦୋକାନ, ଜାତୀୟ ରାଜପଥ କଡ଼ରେ ଥିବା ହୋଟେଲ ଚିଲ୍ଲୀ ସ୍ପାଇସ୍, ଜଗା ବଳିଆ, କନକଦୁର୍ଗା ଓ ଦରବାର ପ୍ରମୁଖ ହୋଟେଲରେ ଚଢ଼ଉ କରି ବାସି ଖାଦ୍ୟ, କୃତ୍ରିମ ରଙ୍ଗ ଓ ରାସାୟନିକ ପଦାର୍ଥ ବ୍ୟବହାର କରାଯାଉଥିବା ଜାଣିବାକୁ ପାଇ ୧୮ ହଜାର ଟଙ୍କା ଜରିମାନା ଆଦାୟ ସହିତ ଚେତାବନୀ ଦେଇଥିଲେ। ବାସିଖାଦ୍ୟ ରଖିବା ପାଇଁ ଚିଲ୍ଲୀ ସ୍ପାଇସ୍ ହୋଟେଲରୁ ସବୁଠୁ ଅଧିକ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଆଗାମୀ ଦିନରେ ଏହି ଚଢ଼ଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

## ମିଲେଟ୍ ସଚେତନତା ରଥ ଶୁଭାରମ୍ଭ

**କେନ୍ଦୁଝର,୧୮/୬/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ମିଲେଟ୍ 'ସଚେତନତା ରଥ'ର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପର୍ଶୁରାମ ବେହେରା, ଜିଲ୍ଲା କୃଷି ଅଧିକାରୀ, ସଦର ବିଶ୍ୱଜୟୀ ମିଶ୍ର ଏବଂ ଯୋଜନା ଅଧିକାରୀ ସୁମନସ୍ମିତା ତରାଇଙ୍କ ଦ୍ୱାରା ମୁଖ୍ୟ ଜିଲ୍ଲା କୃଷି କାର୍ଯ୍ୟାଳୟ କେନ୍ଦୁଝରଠାରେ ଶୁଭାରମ୍ଭ



ହୋଇଛି। ଏହି ସୁସଜ୍ଜିତ ରଥ ବୁଧବାର ଦିନଠାରୁ ଆଗାମୀ ୩ ଦିନ ପାଇଁ କେନ୍ଦୁଝରର ୧୧ଟି ବ୍ଲକର ସମସ୍ତ ପଞ୍ଚାୟତ, ଗ୍ରାମାଞ୍ଚଳରେ ଶ୍ରୀ ଅନ୍ନର ଉପଯୋଗୀତା ଏବଂ ଖରିଫ୍ ୨୦୨୫ ସମ୍ବନ୍ଧରେ ପ୍ରଚାର ଓ ପ୍ରସାରରେ ନିୟୋଜିତ ରହିବ। ଏଥି ସହିତ ମୁଖ୍ୟ ଜିଲ୍ଲା କାର୍ଯ୍ୟାଳୟ କେନ୍ଦୁଝରଠାରେ ମିଲେଟ୍ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି।

## କାନ୍ତକବିଙ୍କ ଜନ୍ମ ମାଟି 'ତାଳପଦା' ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ୍

**ତିହିଡ଼ି,୧୮/୬/ଏନ୍ଏନ୍ଏସ୍:** ପ୍ରାଦେଶିକ ସଂଗୀତ ବନ୍ଦେ ଉତ୍କଳ ଜନନୀର ରଚୟିତା ଓଡ଼ିଶାର ବରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜନ୍ମ ମାଟି ତିହିଡ଼ି ବ୍ଲକ ଅଧୀନ ତାଳପଦା ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ ହେବ। ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ଅଭାସୀ ସଭା ମାଧ୍ୟମରେ ଏହି ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ବୁଧବାର ପୂର୍ବାହ୍ନରେ ତାଳପଦା ଗ୍ରାମ ସ୍ଥିତ କାନ୍ତକବିଙ୍କ ସ୍ମୃତି ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ବିଡିଓ ନିରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୨୦ ତାରିଖରେ ରାଜ୍ୟରେ ଉଦ୍‌ଘାଟନ ହେବାକୁ ଥିବା ବରପୁତ୍ର ଗ୍ରାମରେ ତାଳପଦା ସାମିଲ ହେବ। ପ୍ରଧାନମନ୍ତ୍ରୀଙ୍କ ଏହି ଆଭାସୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ତାଳପଦା ଗ୍ରାମରେ ଏକ ସଭାର ଆୟୋଜନ ପାଇଁ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ମିଶ୍ର, କାନ୍ତକବି ସ୍ମୃତି ପରିଷଦ ସଭାପତି ଚିନ୍ତାମଣି ଦାସ, ସମ୍ପାଦକ ବାଣୀକଲ୍ୟାଣ ମହାପାତ୍ର, କାନ୍ତକବି ମଣ୍ଡଳ ସଭାପତି ସରୋଜ ନାୟକ, ତାପସ ବେହେରା, ଯଜ୍ଞଦତ୍ତ ପତି ଓ ଧନେଶ୍ୱର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# କୁପୋଷଣ ଦୂର ପାଇଁ ଇନ୍ଦ୍ରଧନୁ କାର୍ଯ୍ୟକ୍ରମ

**କେନ୍ଦୁଝର,୧୮/୬/ଏନ୍ଏନ୍ଏସ୍:** କେନ୍ଦୁଝର ସେଲ୍ ଅଡିଟୋରିୟମଠାରେ କେନ୍ଦ୍ରୀୟ କନ୍ଦ ଫସଲ ଅନୁସନ୍ଧାନ ସଂସ୍ଥା, ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର, କିଟ୍ ଭୁବନେଶ୍ୱର, କିସ୍ ଭୁବନେଶ୍ୱର, ନାଇଜର ଭୁବନେଶ୍ୱର, ଉଦ୍ୟାନ ବିଭାଗ କେନ୍ଦୁଝର ଏବଂ ଡିଏମ୍ଏଫ୍ କେନ୍ଦୁଝର ଆନୁକୂଲ୍ୟରେ ଅନୁସୂଚିତ ଜୁଆଙ୍ଗ ଜନଜାତି ଶିଶୁମାନଙ୍କର କୁପୋଷଣ ଦୂର କରିବା ନିମନ୍ତେ ଇନ୍ଦ୍ରଧନୁ ପୁଷ୍ଟିଯୁକ୍ତ ଖାଦ୍ୟ ପାଇଁ ଏକ ଜାତୀୟ ନୀତି ନିର୍ଦ୍ଧାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ସିଜିଏମ୍ ସଞ୍ଜୟ କୁମାର ତାଲୁକଦାର ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।



ବିଶିଷ୍ଟ ଅତିଥି ଭାବେ ଜାତୀୟ କନ୍ଦ ଫସଲ ଅନୁସନ୍ଧାନ ସଂସ୍ଥା, ଥିରୁବନ୍ତପୁରମ୍‌ର ନିର୍ଦ୍ଦେଶକ ଡ. ଜି. ବୈଜୁ ଜିଲ୍ଲାରେ କୁପୋଷଣ ଦୂର କରିବା ପାଇଁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି କହିଥିଲେ। ଆଦିବାସୀ ଅଧ୍ୟୁଷିତ ବାଂଶପାଳ, ତେଲକୋଇ, ହରିଚନ୍ଦନପୁର ବ୍ଲକ ସମେତ ଅନ୍ୟ ବ୍ଲକ ଅଞ୍ଚଳରେ କୁପୋଷଣ ଦୂର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଶେଷ କରି ଜୁଆଙ୍ଗ ଜନଜାତି ବସବାସ କରୁଥିବା ଅଞ୍ଚଳରେ ଅଧିକ ଦୃଷ୍ଟି ଦିଆଯିବ। ଏଥିପାଇଁ କେନ୍ଦୁଝରରେ ଖୁବ୍ ଶୀଘ୍ର ଟେକନୋ ଇନକୁଭେସନ ସେଣ୍ଟର୍ (ଟିଆଇସି) ସେଣ୍ଟର୍ ସ୍ଥାପନ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ସିଟିସିଆର୍ଆଇର ପ୍ରମୁଖ ବୈଜ୍ଞାନିକ ଡ଼. ପି. ଶିବକୁମାର ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ,ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା,ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ବିଭିନ୍ନ ଅଞ୍ଚଳର କୃଷକମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସିଟିସିଆର୍ଆଇର ମୁଖ୍ୟ ନିର୍ଦ୍ଦେଶକ ଶିଶୁର କୁପୋଷଣ ଦୂର କରିବା ପାଇଁ ହାତକୁ ନିଆଯାଇଥିବା ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ କୃଷକ ବନ୍ଧୁ, ଅଙ୍ଗନବାଡି କର୍ମୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ମିଳିତ ଭାବେ ସୁଚିନ୍ତିତ ପଦକ୍ଷେପ ନେବାକୁ ଆହ୍ୱାନ ଜଣାଇଥିଲେ। ସିଟିସିଆର୍ଇର ଓଡ଼ିଶା ମୁଖ୍ୟ ଡ଼ା. ନେଦମ ଚେରିଅନ କହିଥିଲେ ଯେ ଆମେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁର କୁପୋଷଣ ଦୂର କରିବା ପାଇଁ ଆବଶ୍ୟକ ବୈଷୟିକ ପରାମର୍ଶ, କ୍ଷେତ୍ର ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରାଯିବ।

## ଉତ୍କଳ ବାଳାଶ୍ରମରେ ଖଟା ପଖାଳ ଖାଇ ୨୨ ଅସୁସ୍ଥ

**ବାଲେଶ୍ୱର,୧୮/୬/ଏନ୍ଏନ୍ଏସ୍:** ବାଲେଶ୍ୱର ସହର ସହଦେବଖୁଣ୍ଟାସ୍ଥିତ ଉତ୍କଳ ବାଳାଶ୍ରମରେ ଛାତ୍ରଙ୍କଠାରେ ଜ୍ୱର, ଝାଡ଼ା, ବାନ୍ତି ଲକ୍ଷଣ ପ୍ରକାଶ ପାଇଛି। ଗତ ସୋମବାର ରାତିରେ ଖଟା ପଖାଳ ଖାଇବା ଦ୍ୱାରା ଏପରି ଅବସ୍ଥା ହୋଇଛି ବୋଲି ଚିକିତ୍ସାଧୀନ ଛାତ୍ରମାନେ କହିଛନ୍ତି। ଫଳରେ ୨୨ ଜଣ ପିଲା ଅସୁସ୍ଥ ହୋଇ ଫକୀର ମୋହନ ମେଡ଼ିକାଲ କଲେଜରେ ବୁଧବାର ସକାଳେ ଭର୍ତ୍ତି ହୋଇଛନ୍ତି। ତନ୍ମଧ୍ୟରୁ ୧୨ ଜଣ ପିଲାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ବାକି ୧୦ ଜଣ ପିଲା ବର୍ତ୍ତମାନ ଚିକିତ୍ସାଧିନ ଅଛନ୍ତି।

ସୂଚନା ଅନୁସାରେ ଅସୁସ୍ଥ ପିଲାମାନେ ଗତ ସୋମବାର ରାତିରେ ଖଟା ପଖାଳ ଖାଇଥିଲେ ବୋଲି ଜନୈକ ଛାତ୍ର କହିଛନ୍ତି। ସେହି କାରଣରୁ ମଙ୍ଗଳବାର କିଛି ପିଲାଙ୍କୁ ଜ୍ୱର, ବାନ୍ତି ଏବଂ ଝାଡ଼ା ହୋଇଥିଲା। ପରେ ବାଳାଶ୍ରମ କର୍ତ୍ତୃପକ୍ଷ ପିଲାଙ୍କୁ ମଙ୍ଗଳବାର ସହଦେବ ଖୁଣ୍ଟା ଅର୍ବାନ ଡାକ୍ତରଖାନାରେ ଦେଖାଇ ମେଡ଼ିସିନ ଆଣିଥିଲେ। ପରେ ୨୨ ଜଣ ପିଲାଙ୍କୁ ଚିକିତ୍ସା ପାଇଁ ବୁଧବାର ଫକୀର ମୋହନ ମେଡ଼ିକାଲ କଲେଜରେ ଭର୍ତ୍ତି କରିଥିଲେ। ଏଠାରେ ପ୍ରଶ୍ନ ଉଠିଛି ଯେ ସୋମବାର ମଧ୍ୟାହ୍ନରେ ରନ୍ଧା ଯାଇଥିବା ଭାତ ରାତିକୁ ଆଦୌ ଖଟା ହେବ ନାହିଁ। ଏହା ନିଶ୍ଚିତ ଭାବେ ରବିବାର ରନ୍ଧା ଭାତ ବୋଲି ସନ୍ଦେହ ପ୍ରକାଶ ପାଉଥିବାର ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ୨୨ ପିଲାଙ୍କ ମଧ୍ୟରୁ ୧୨ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ବାକି ପିଲାଙ୍କ ମଧ୍ୟରୁ ୯ ଜଣ ଶିଶୁ ବିଭାଗରେ ଚିକିତ୍ସିତ ହେଉଥିଲାବେଳେ ଜଣେ ପିଲା ଭେଷଜ ବିଭାଗରେ ଚିକିତ୍ସିତ ହେଉଛି। ଏ ନେଇ ମେଡିକାଲ କଲେଜର ଜନୈକା ଡାକ୍ତରଙ୍କ ମୁତାବକ ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏ ନେଇ ବାଳାଶ୍ରମର ଅଧ୍ୟକ୍ଷ ସୁବ୍ରତ ମହାପାତ୍ରଙ୍କୁ ପଚାରିବାରେ ଅସୁସ୍ଥ ପିଲାମାନଙ୍କୁ ମଙ୍ଗଳବାର ସହଦେବଖୁଣ୍ଟା ଅର୍ବାନ୍ ହସ୍ପିଟାଲରେ ଦେଖାଇ ମେଡ଼ିସିନ୍ ଅଣା ଯାଇଥିଲା। ପରେ ଅଧିକ ଅସୁସ୍ଥତା ଆଶଙ୍କା କରାଯାଇ ସେମାନଙ୍କୁ ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଖଟା ପଖାଳ ବିଷୟରେ ତଦନ୍ତ କରିବି। ଯିଏ ବି ଦୋଷୀ ବାହାରିବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପର ପକ୍ଷେ କିଛି ପିଲା ଘରୁ ବାଳାଶ୍ରମକୁ ଫେରିଛନ୍ତି। ଘର ଖାଦ୍ୟପେୟରୁ କିଛି ଘଟିଥିଲେ ତାହାର ମଧ୍ୟ ତଦନ୍ତ ହେବ। ତେଣୁ ଘଟଣାଟିକୁ ତଦନ୍ତ ପୂର୍ବକ ଭବିଷ୍ୟତ ନେଇ ବାଳାଶ୍ରମ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## 'ନିଶା ନୁହଁ ଜୀବନ' ସଚେତନତା କାର୍ଯ୍ୟକ୍ରମ

**ସୋର,୧୮/୬/ଏନ୍ଏନ୍ଏସ୍:** ଅବକାରୀ ବିଭାଗ ପକ୍ଷରୁ ନିଶା ନୁହଁ ଜୀବନ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି ଅବସରରେ ସୋର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଆଜି ସୋର ଭାରପ୍ରାପ୍ତ ଅବକାରୀ ଥାନାଧିକାରୀ ସୁରଜ କୁମାର ଟିଗାଙ୍କ ନେତୃତ୍ୱରେ ଏଆଇ କେଶବ ଚନ୍ଦ୍ର ଦାସ, ଏଏସ୍ଆଇ ବସନ୍ତ ବାରିକ, କନଷ୍ଟେବଲ ଶଶିକାନ୍ତ ସାହୁ ଓ କାଜଲ ପ୍ରୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ଏକ ପାଲା ଦଳ ସହାୟତାରେ ସୋର ବ୍ଲକ ତେଣ୍ଟଇ,ବାଗୁଡ଼ି ଓ ମୁଳିସିଂରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ଲୋକମାନେ କିପରି ନିଶା ସେବନ ନକରିବେ ଓ ଚୋରାରେ ମଦ ବିକ୍ରି ନକରିବେ ସେହି ବାବଦରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଅନ୍ୟ ସମସ୍ତ ପଞ୍ଚାୟତରେ ଏହି ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

## ବିଭିନ୍ନ ଦୋକାନରେ ଖାଦ୍ୟର ମାନ ଯାଞ୍ଚ୍

**ତିହିଡ଼ି,୧୮/୬/ଏନ୍ଏନ୍ଏସ୍:** ସମ୍ଭାବ୍ୟ ହଇଜାକୁ ଲକ୍ଷ୍ୟ କରି ତିହିଡ଼ି ବଜାରରେ ଥିବା ବିଭିନ୍ନ ସ୍ଥାୟୀ ଓ ଉଠା ଦୋକାନରେ ବୁଧବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ଖାଦ୍ୟର ମାନ ଯାଞ୍ଚ୍ କରାଯାଇଛି। ବଜାରରେ ଥିବା ହୋଟେଲ, ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ୍, ସମେତ ଚାଟ୍, ଗୁପ୍‌ଚୁପ୍ ଇତ୍ୟାଦି ଉଠା ଦୋକାନରେ ଥିବା ସମସ୍ତ ଖାଦ୍ୟ ପଦାର୍ଥକୁ ପ୍ରଶାସନ ଯାଞ୍ଚ କରିଥିଲା। ଯାଞ୍ଚ୍ ବେଳେ ଦୋକାନୀ ମାନଙ୍କୁ ବାସି ଖାଦ୍ୟ ନରଖିବା ପାଇଁ ସତର୍କ କରାଯାଇଥିଲା। ଏଥି ସହିତ ଦୋକାନର ବାସନକୁସନ, ପରିବେଶକୁ ସ୍ୱଚ୍ଛ ରଖିବା ସହିତ ହାତୁଧୁଆ ସ୍ଥାନ ପରିଷ୍କାର ରଖିବା, ଦୋକାନ ପାର୍ଶ୍ୱରେ ଯାଇଥିବା ନାଳ ନର୍ଦ୍ଦମାରେ ବ୍ଲିଚିଂ ଏବଂ ଫିନାଇଲ୍ ପକାଇବା, ଦୋକାନର ଚତୁଃପାର୍ଶ୍ୱକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ପ୍ରଶାସନ ପକ୍ଷରୁ ତାଗିଦ୍ କରାଯାଇଥିଲା। କେତେକ ଦୋକାନରେ ଥିବା ବାସି ଖାଦ୍ୟକୁ ମଧ୍ୟ ପ୍ରଶାସନ ନଷ୍ଟ କରିଦେଇଛି। ଆଗାମୀ ଦିନରେ କେହି ଦୋକାନୀ ବାସି ଖାଦ୍ୟ ରଖିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସତର୍କ କରାଇ ଦିଆଯାଇଥିଲା।



ଏହି ଯାଞ୍ଚ ପ୍ରକ୍ରିୟାରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ନିରଞ୍ଜନ ବାରିକ, ଏବିଡିଓ ମାନସ କୁମାର ଜେନା, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ଏମ୍ଆଇ ପ୍ରିତେଶ ସାମଲ, ଜୀବିକା ମିଶନ ବିପିଏମ୍ ରଶ୍ମିତା ନାୟକ, ପୁଲିସ ଏଏସ୍ଆଇ ପାର୍ଥ ବେହେରା, ସ୍ୱାସ୍ଥ୍ୟକେନ୍ଦ୍ର ସୁପରଭାଇଜର୍ ଅମରେନ୍ଦ୍ର ପୃଷ୍ଟି, ଅଙ୍ଗନୱାଡ଼ି ସୁପର ଭାଇଜର ପଦ୍ମାଳୟା ମହାନ୍ତି ପ୍ରମୁଖ ସାମିଲ ଥିଲେ।

## ଯୋଗ ସପ୍ତାହ ଉଦ୍‌ଘାଟିତ

**ଯୋଡ଼ା,୧୮/୬/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲାର ସୀମାନ୍ତ ଅଞ୍ଚଳ ତଥା କୋଇଡା ବ୍ଲକ ଅନ୍ତର୍ଗତ ଓରାଘାଟ ଆଇରନ ଖଣି ମେସର୍ସ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ସୀତାରାମ ରୁଙ୍ଗଟା ରିକ୍ରିଏସନ୍ କ୍ଲବ୍‌ରେ ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ଯୋଗ ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀର ସିଜିଏମ୍ ସୁଭାଷ ଚନ୍ଦ୍ର ପ୍ରଧାନ ,ଅତିରିକ୍ତ ଜିଏମ୍ ରଞ୍ଜିତ କୁମାର, ଏଜିଏମ୍ (ମେକାନିକାଲ) ମୁକ୍ତିକାନ୍ତ ପଣ୍ଡା, ଭୂତତ୍ତ୍ୱ ବିଭାଗ ସିନିୟର ମ୍ୟାନେଜର୍ ବି. ଡି. ସାହୁ ,ପୋର୍ଶନେଲ ବିଭାଗର ପ୍ରବନ୍ଧକ ସମୀର ରଞ୍ଜନ ଦାସ ଓ ରାମେଶ୍ୱର ପାଇକରାଏଙ୍କ ନେତୃତ୍ୱରେ ଏହା ହୋଇଥିଲା। ଆସନ୍ତା ୨୧ ତାରିଖ ଏହା ଉଦ୍‌ଯାପିତ ହେବ ବୋଲି କାର୍ଯ୍ୟକ୍ରମ ରହିଛି ବୋଲି କମ୍ପାନୀ ତରଫରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କମ୍ପାନୀର ସମସ୍ତ କର୍ମଚାରୀ ଏବଂ



ଅଧିକାରୀ ବେଶ୍ ଉତ୍ସାହର ସହ ଯୋଗ କରିବାର ଦେଖିବାକୁ ମିଳିଥିଲା। ଏହି ଅବସରରେ କମ୍ପାନୀର ପ୍ରବନ୍ଧକ ସମୀର ରଞ୍ଜନ ଦାସ ସମସ୍ତଙ୍କୁ ନିୟମିତ ଭାବେ ଯୋଗ କରିବା ସହ ଶରୀରକୁ ସୁସ୍ଥ ରଖିବା ପାଇଁ ଶପଥ କରାଇଥିଲେ।

## ୧୫ ହଜାର ସଦସ୍ୟତା କରିବ ଏବିଭିପି

**ଭଦ୍ରକ,୧୮/୬/ଏନ୍ଏନ୍ଏସ୍:** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଚଳିତ ଶିକ୍ଷାବର୍ଷରେ ନୂତନ ବିଦ୍ୟାର୍ଥୀମାନଙ୍କୁ ବିଦ୍ୟାର୍ଥୀ ପରିଷଦ ସହିତ ଯୋଡିବା ଏବଂ ରାଷ୍ଟ୍ରୀୟ ପୁନଃନିର୍ମାଣ ପାଇଁ ସଂକଳ୍ପ ବଦ୍ଧ ହୋଇ କାର୍ଯ୍ୟକରିବାର ଲକ୍ଷ୍ୟ ନେଇ ଏବିଭିପି ପ୍ରତି ଶିକ୍ଷା ବର୍ଷରେ ସଦସ୍ୟତା ଅଭିଯାନ ଆରମ୍ଭ କରିଥାଏ। ଚଳିତ ଶିକ୍ଷା ବର୍ଷ ଏବିଭିପି, ଭଦ୍ରକ ଜିଲ୍ଲା ୧୫ ହଜାର ସଦସ୍ୟତାର ଲକ୍ଷ୍ୟ ନେଇଛି। ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ ପାଖରେ ଏବିଭିପି ପହଞ୍ଚି ସଦସ୍ୟତା ଆରମ୍ଭ କରିବାର ଲକ୍ଷ୍ୟ ରଖିଛି। ଆଜିଠାରୁ ସଦସ୍ୟତା ଅଭିଯାନ ଜାରି ରହିବ। ବିଭିନ୍ନ କ୍ଷେତ୍ରରେ ରୁଚି ରଖୁଥିବା ଛାତ୍ରଛାତ୍ରୀମାନଙ୍କୁ ଯୋଡ଼ିବା ପାଇଁ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ କାର୍ଯ୍ୟକ୍ରମ ଆରମ୍ଭ କରି ସାରିଲାଣି। ସେହିପରି ଓଡ଼ିଶାରେ ଦୀର୍ଘ ୭ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ଥିବାରୁ କ୍ୟାମ୍ପସରେ ଅନେକ ସମସ୍ୟା ରହିଛି। ଯାହାକି ଏବିଭିପି ଏବଂ ଛାତ୍ର ନେତୃତ୍ୱଙ୍କ ମାଧ୍ୟମରେ ଏହା ସମାଧାନ ହୋଇପାରିବ।

ଆଜି ସହରର ସୀତାରାମ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସହ ସମ୍ପାଦକ ଶୁଭ୍ର ସମ୍ବିତ ନାୟକ କହିଛନ୍ତି ଯେ ଏବିଭିପି ପ୍ରତ୍ୟେକ କ୍ୟାମ୍ପସ୍‌ରେ ହେଲ୍ପ ଡେସ୍କ, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହିତ କ୍ୟାମ୍ପସ୍‌ରେ ଥିବା ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡ଼ି ସାରିଲାଣି। ଛାତ୍ରଛାତ୍ରୀଙ୍କ ମନରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍କଣ୍ଠା ମଧ୍ୟ ଦେଖିବାକୁ ମିଳୁଛି। ବ୍ୟକ୍ତିତ୍ୱ ବିକାଶ ପାଇଁ ଛାତ୍ର ସଂସଦ ନିର୍ବାଚନ ହେବାର ଆବଶ୍ୟକତା ଅଛି ଏବଂ ଛାତ୍ର ସଂସଦ ନିର୍ବାଚନ ହେଲେ କ୍ୟାମ୍ପସରେ ଥିବା ସମସ୍ୟାର ସମାଧାନର ବାଟ ଫିଟିବ। ଏହି ପ୍ରେସ ବାର୍ତ୍ତାରେ ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ସହ ପ୍ରମୁଖ ଜ୍ୟୋତି ପ୍ରକାଶ ସାହୁ, ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ସହ ସଂଯୋଜକ ପୂଜାରାଣୀ ମଲ୍ଲିକ, ପ୍ରାନ୍ତ ସବିଷ୍କାର ସହ ସଂଯୋଜକ ଦେବୀ ପ୍ରସାଦ ଦାଶ ମଞ୍ଚାସିନ ଥିଲେ। ଜିଲ୍ଲାରେ ରାଜ୍ୟ ସରକାର ଘୋଷଣା କରିଥିବା ସରକାରୀ ମେଡିକାଲ କଲେଜ ଏବଂ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏବିଭିପି ପକ୍ଷରୁ କୃତଜ୍ଞତା ପ୍ରକାଶ କରାଯାଇଛି। ଏହି ଅବସରରେ ବିଦ୍ୟାର୍ଥୀ ପରିଷଦର ସଦସ୍ୟତା ପୋଷ୍ଟର ଉନ୍ମୋଚନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହ ପ୍ରମୁଖ ଶିକ୍ଷାବିତ୍ ଡ. ବସନ୍ତ କୁମାର ଦୀକ୍ଷିତ, ସହ ସଂଯୋଜକ ଅଭିଲାଷ ତ୍ରିପାଠୀ, ବିଭାଗ ଏସଏଫଏସ ସଂଯୋଜିକା ମାଧୁରୀ ରାଉତ, ଶୁଭମ ରାଉତ, କାହ୍ନା ଜେନା, ରଞ୍ଜୁଲତା ପୁଟିଆ ଉପସ୍ଥିତ ଥିଲେ ।

# ଓଡ଼ିଶା ଭିଜନ୍ ପାଇଁ ପରାମର୍ଶ କର୍ମଶାଳା



**ବାଲେଶ୍ୱର,୧୮/୬/ଏନ୍ଏନ୍ଏସ୍:** ଜିଲ୍ଲାସ୍ତରୀୟ ଓଡ଼ିଶା ଭିଜନ ୨୦୩୬ ଓ ବିକଶିତ ଭାରତ ୨୦୪୭ ନିମନ୍ତେ ଏକ ପରାମର୍ଶ କର୍ମଶାଳା ବୁଧବାର ୧୧ଟାରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଡ଼ିଟୋରିୟମ୍‌ରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଶ୍ରୀ ବିକାଶ ବାଲେଶ୍ୱର ଜିଲ୍ଲାର ଶିକ୍ଷା, ଶିଳ୍ପ, କଳା, ଇତିହାସ ବର୍ଣ୍ଣନା କରିବା ସହ ସାମଗ୍ରିକ ବିକାଶ ପାଇଁ ଜିଲ୍ଲାବାସୀଙ୍କୁ ଅଂଶଗ୍ରହଣ କରିବାକୁ ଆହ୍ୱାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ହେମନ୍ତ ସିଂ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡ଼. ମଧୁସ୍ମିତା ସାମନ୍ତରାୟ, ବାଲେଶ୍ୱର ଚେମ୍ବର ଅଫ୍ କମର୍ସର ଅଧ୍ୟକ୍ଷ ସଞ୍ଜୟ କୁମାର ଦାସ, ନୋସିର ଅଧ୍ୟକ୍ଷ ପି. କେ. ଦାବେ ଓ ଫକୀର ମୋହନ ମେଡିକାଲ କଲେଜର ଡିନ୍ ଶ୍ରୀ ଜେ.ଏନ. ବେହେରା ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଡ଼. ମଧୁସ୍ମିତା ସାମନ୍ତରାୟ ପରିଚାଳନା କରିବା ସଙ୍ଗେ ସଙ୍ଗେ ଜିଲ୍ଲାର ଦୃଷ୍ଟିପତ୍ର ପ୍ରସ୍ତୁତି ଏକ ବିସ୍ତୃତ ପାୱାରପଏଣ୍ଟ ଉପସ୍ଥାପନ କରିଥିଲେ। ମାନ୍ୟବର ବିଧାୟକ, ନୀଳଗିରି, ଶ୍ରୀ ସନ୍ତୋଷ ଖଟୁଆ, କ୍ରିୟାନ୍ୱୟନ ଗତିଶୀଳତା ଉପରେ ଗୁରୁତ୍ୱାରୋପ କରିବା ସଙ୍ଗେ ସଙ୍ଗେ ଆଲୋଚିତ ଧାରଣାମାନଙ୍କୁ ପ୍ରୟୋଗରେ ଆଣିବା ପାଇଁ ପ୍ରଶାସନିକ କାର୍ଯ୍ୟନିର୍ବାହୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲିବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ସଦର ବିଧାୟକ ଶ୍ରୀ ଦତ୍ତ ଏହି କର୍ମଶାଳାରେ ଇଉ୍‌କୋର ବାଲେଶ୍ୱର ଜିଲ୍ଲାର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅବିହିତ କରିଥିଲେ। ବାଲେଶ୍ୱର ଧାନ, ମୀନ, ପାନର ଗନ୍ତଘର। ଏଥିରେ ସାମୁହିକ ବିକାଶ ପାଇଁ ଅର୍ଥନୀତିର ବିକାଶ ନିମନ୍ତେ କୃଷି ସମେତ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରେ ସାମଗ୍ରିକ ଉନ୍ନତି ନିମନ୍ତେ ସାମୁହିକ ପ୍ରଚେଷ୍ଟା ଉପରେ ଗୁରୁତ୍ୱାରୋପ କରିବା ସହ କାର୍ଯ୍ୟନିର୍ବାହୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମଞ୍ଚାସୀନ ଅତିଥିମାନେ ମତ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ବିକଶିତ ଓଡ଼ିଶାରେ ବିକଶିତ ବାଲେଶ୍ୱର ଜିଲ୍ଲା ନିମନ୍ତେ ବିଭିନ୍ନ ବିଭାଗରେ ବିଭାଗୀୟ ପଦାଧିକାରୀ ମାନଙ୍କର ସାମଗ୍ରିକ ଉନ୍ନତି ନିମନ୍ତେ ଦୃଢ଼ ପରିକର ଭାବରେ କାର୍ଯ୍ୟ ତୁଲାଇବା ନିମନ୍ତେ ଆହ୍ୱାନ ଦେଇ ଥିଲେ। କାର୍ଯ୍ୟକ୍ରମରେ ଉଦ୍ୟୋଗ ଜଗତ, ଷ୍ଟାର୍ଟ-ଅପ୍, ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା, ଏନଜିଓ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅବୈଧ ନିର୍ମାଣ ଉପରେ ପୁଣି ବୁଲିଲା ବୁଲ୍‌ଡୋଜର୍

**ଯୋଡ଼ା,୧୮/୬/ଏନ୍ଏନ୍ଏସ୍:** ବଡ଼ବିଲ ତହସିଲ ଯୋଡ଼ା ବ୍ଲକ ବିଲେଇପଦାଠାରେ ଜବରଦଖଲ ଭାବେ ନିର୍ମାଣଧୀନ ଥିବା ଜଣେ ବ୍ୟକ୍ତିଙ୍କ ପକ୍କା ଘରକୁ ବୁଲଡୋଜର ଲଗେଇ ଭାଙ୍ଗି ଦିଆଯାଇଛି। ବଡ଼ବିଲ ତହସିଲ ଅନ୍ତର୍ଗତ ବିଲେଇପଦା ଖାତା ନଂ ୧୧୧/ପ୍ଲଟ ନଂ ୬୬୮ ରେ ଥିବା ୧୮.୦୩୦ ଏକର ଜଙ୍ଗଲ ଜମି ମଧ୍ୟରୁ ୦.୦୫୦ ଏକର ଜମିକୁ ଶୁକଲାଲ ହନହାଗା ନାମକ ଜଣେ ବ୍ୟକ୍ତି ଜବରଦଖଲ କରି ଏକ ଘର ନିର୍ମାଣ କରୁଥିଲେ। ତେବେ ବଡ଼ବିଲ ତହସିଲ



ପକ୍ଷରୁ ତାଙ୍କୁ ଜାଗା ଖାଲିକରିବା ପାଇଁ ମାମଲା ନଂ ୨୩/୨୦୨୫-୨୬ରେ ଏକମାସ ସମୟ ଦିଆଯାଇଥିଲା। ଏକ ମାସ ପରେ ଖାଲି ନହେବାରୁ ଅଧିକ ସାତଦିନ ଓ ପରେ ଚବିଶ ଘଣ୍ଟିଆ ମହଲତ ଦିଆଯାଇ ଏହାକୁ ଭାଙ୍ଗି ଦିଆଯାଇଛି। ଏହି ନିର୍ମାଣ ନ ଭାଙ୍ଗିବା ପାଇଁ ବିଭିନ୍ନ ମହଲରୁ ଅନେକ ଚାପ ପ୍ରୟୋଗ କରାଯାଇଥିଲା। ଓପିଏଲଇ ଧାରା ୧୯୭୨ର ଉପ ଧାରା ୪ଓ ୬ ଅନୁଯାୟୀ ୧୮/୬ ତାରିଖ ସକାଳ ୮ ଟାରେ ଏହାକୁ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ସମୟରେ ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ ପ୍ରଧାନ, ଅତିରିକ୍ତ ତହସିଲଦାର ବିଶ୍ୱଜିତ ଦଳାଇ, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ ଏବଂ ଏକ ପ୍ଲାଟୁନ ପୁଲିସ ବଳ ନିୟୋଜିତ ରହିଥିଲେ।

## ଜଳ ବିଶୋଧନ ପାଇଁ ପକାଯାଉଛି ବ୍ଲିଚିଂ ପାଉଡର୍


**ସୋର,୧୮/୬/ଏନ୍ଏନ୍ଏସ୍:** ରାଜ୍ୟର ବିଭିନ୍ନ ଜିଲ୍ଲାରେ ବ୍ୟାପୁଥିବା ହଇଜାକୁ ଆଖି ଆଗରେ ରଖି ଜଳ ପରିମଳ ବିଭାଗ ସୋର ଉପଖଣ୍ଡ ପକ୍ଷରୁ ବିଭିନ୍ନ ବ୍ଲକରେ ଥିବା ନଳକୂପ ଓ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗୁଡିକର ଜଳ ବିଶୋଧନ ପାଇଁ ବ୍ଲିଚିଂ ପାଉଡର୍ ପକାଯାଉଛି। ବାଲେଶ୍ୱର ସର୍କଲ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସମୀର ଦେ, ନିର୍ବାହୀ ଯନ୍ତ୍ରୀ ରେବତୀ କୁଅଁର, ସୋର ଉପଖଣ୍ଡ ଅଧିକାରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସିମୁଳିଆ ବ୍ଲକ ଯନ୍ତ୍ରୀ କିଶୋର ଚନ୍ଦ୍ର ବେହେରା, ବାହାନଗା ବ୍ଲକର ରିତାଲି ବେହେରା, ପ୍ରୀତି ବାରିକ,ଖଇରାର ତପସ୍ୱୀନୀ ଦାସ,



ଔପଦାର ଭାଗୀରଥି ଦାସଙ୍କ ସହଯୋଗରେ ଚାରି ହଜାରରୁ ଉର୍ଦ୍ଧ୍ୱ ନଳକୂପ ଓ ୪୩୦ ରୁ ଉର୍ଦ୍ଧ୍ୱ ଜଳପ୍ରକଳ୍ପକୁ ବିଶୋଧନ କରାଯାଇ ଲୋକମାନଙ୍କ ଉଦ୍ଦେଶ୍ୟରେ ସେବା ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ବାକି ସମସ୍ତ ଜଳ ପ୍ରକଳ୍ପକୁ ବିଶୋଧନ କରାଯିବା ସହିତ ଯେତେ ଦିନ ପର୍ଯ୍ୟନ୍ତ ମହାମାରୀର ପ୍ରକୋପ ରହିବ ସେତେଦିନ ପର୍ଯ୍ୟନ୍ତ ଏହି ବିଶୋଧନ ପ୍ରକ୍ରିୟା ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଥି ପାଇଁ ସମସ୍ତଙ୍କ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ଉପଖଣ୍ଡ ଅଧିକାରିଣୀ ଶ୍ରୀମତୀ ପାଣିଗ୍ରାହୀ କହିଛନ୍ତି।

## ବର୍ଷକ ପୂର୍ବରୁ ମହିଳା ଟି-୨୦ ବିଶ୍ୱକପ୍ କାର୍ଯ୍ୟକ୍ରମ ଜାରି

# ଜୁନ୍ ୧୨ରୁ ଆରମ୍ଭ, ଜୁଲାଇ ୫ରେ ଫାଇନାଲ୍



**ଦୁବାଇ,୧୮।୬/ଏଜେନ୍ସି:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ବର୍ଷ ପୂର୍ବରୁ ବୁଧବାର ମହିଳା ଟି-୨୦ ବିଶ୍ୱକପ୍-୨୦୨୬ କାର୍ଯ୍ୟକ୍ରମ ଜାରି କରିଛି। ଏହି ଅନୁସାରେ ଟୁର୍ଣ୍ଣାମେଣ୍ଟ ଆସନ୍ତାବର୍ଷ ଜୁନ୍ ୧୨ରୁ ଆରମ୍ଭ ହୋଇ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ଟିମ୍ ଜୁନ୍ ୧୪ରେ ଏଜ୍‌ବାଷ୍ଟନ୍‌ରେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଅଭିଯାନ ଆରମ୍ଭ କରିବ। ଏହି ପଡ଼ିଆରେ ଜୁନ୍ ୧୨ରେ ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ୧୨ ଟିମ୍ ଭାଗନେବେ ଏବଂ ମୋଟ ୩୩ ମ୍ୟାଚ୍ ଅନୁଷ୍ଠିତ ହେବ। ୧୨ ଟିମ୍‌ଙ୍କୁ ଦୁଇଟି ଗ୍ରୁପ୍‌ରେ ବଣ୍ଟାଯାଇଛି। ଗ୍ରୁପ୍-ଏ'ରେ ଭାରତ, ପାକିସ୍ତାନ, ଅଷ୍ଟ୍ରେଲିଆ ଓ ସାଉଥ୍ ଆଫ୍ରିକା ଟିମ୍ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍-ବି'ରେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍ ଟିମ୍‌କୁ ସାମିଲ କରାଯାଇଛି। ଦୁଇ ଗ୍ରୁପ୍‌ର ବାକି ଦୁଇଟି ଟିମ୍ ଗ୍ଲୋବାଲ୍ କ୍ୱାଲିଫାୟରରୁ ମନୋନୀତ ହେବେ। ପ୍ରତ୍ୟେକ ଗ୍ରୁପ୍‌ର ଶୀର୍ଷ ଦୁଇଟି ଟିମ୍ ସେମିଫାଇନାଲ୍ ଖେଳିବେ। ଉଭୟ ସେମିଫାଇନାଲ୍ ଜୁନ୍ ୩୦ ଓ ଜୁଲାଇ ୨ ତାରିଖରେ ଓଭାଲ୍‌ରେ ହେବ। ଏହାପରେ ଫାଇନାଲ୍ ମ୍ୟାଚ୍ ଜୁଲାଇ ୫ ତାରିଖରେ ଲର୍ଡ୍ସରେ ଖେଳାଯିବ। ୨୪ ଦିନ ପର୍ଯ୍ୟନ୍ତ ଚାଲିଥିବାକୁ ଥିବା ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ଗୁଡ଼ିକ ସାତଟି ଭେନ୍ୟୁରେ ଆୟୋଜିତ ହେବ। ଏହି ଭେନ୍ୟୁଗୁଡ଼ିକ ହେଲା ଏଜ୍‌ବାଷ୍ଟନ୍, ହାମ୍ପଶାୟର୍ ବାଉଲ୍, ହେଡିଙ୍ଗ୍ଲେ, ଓଲ୍ଡ ଟ୍ରାଫୋର୍ଡ, ଦ ଓଭାଲ୍ କାଉଣ୍ଟି ଗ୍ରାଉଣ୍ଡ ଓ ଲର୍ଡ୍ସ।

**ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ**

# ଚତୁଃରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ ପାଇଁ ଭାରତୀୟ ଜୁନିୟର୍ ହକି ଟିମ୍‌ର ବର୍ଲିନ୍ ଯାତ୍ରା




**ନୂଆଦିଲ୍ଲୀ,୧୮।୬/ଏଜେନ୍ସି:** ଜୁନ୍ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଚତୁଃରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ ପାଇଁ ଭାରତୀୟ ଜୁନିୟର୍ ପୁରୁଷ ହକି ଟିମ୍ ବୁଧବାର ସକାଳେ ବର୍ଲିନ୍ ଅଭିମୁଖେ ଯାତ୍ରା କରିଛି। ଅରାଇଜିତ ସିଂହ ହୁଣ୍ଡାଲ୍‌ଙ୍କ ନେତୃତ୍ୱରେ ଟିମ୍ ଜୁନ୍ ୨୧ରେ ଆୟୋଜକ ଜର୍ମାନୀ ବିପକ୍ଷରେ ପ୍ରଥମ ପୁଲ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବ। ଏହାପରେ ଜୁନ୍ ୨୨ରେ ଅଷ୍ଟ୍ରେଲିଆ ଏବଂ ଜୁନ୍ ୨୪ରେ ସ୍ପେନ୍ ବିପକ୍ଷ ମ୍ୟାଚ୍ ଖେଳିବ। ପୁଲ୍ ପର୍ଯ୍ୟାୟରେ ଶ୍ରେଷ୍ଠ ଦୁଇଟି ଟିମ୍ ଶୀର୍ଷ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି ଶେଷ ଦୁଇଟି ଟିମ୍ ଜୁନ୍ ୨୫ରେ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ସମସ୍ତ ମ୍ୟାଚ୍ ବର୍ଲିନର ଟିସି ୧୮୯୯ ବ୍ଲାଉ ୱେଇସ୍‌ରେ ଅନୁଷ୍ଠିତ ହେବ।

ବର୍ଲିନ୍ ପ୍ରସ୍ଥାନ ପୂର୍ବରୁ କ୍ୟାପ୍ଟେନ୍ ହୁଣ୍ଡାଲ୍ କହିଛନ୍ତି ଏଫ୍‌ଆଇଏଚ୍ ଜୁନିୟର୍ ବିଶ୍ୱକପ୍ ୨୦୨୫ ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଆମ ଶକ୍ତିର ମୂଲ୍ୟାୟନ କରିବା ସହିତ ନୂତନ କମ୍ବିନେସନ୍ ଏବଂ ତ୍ରୁଟି ସୁଧାରିବା ପାଇଁ ଏକ ଉତ୍ତମ ସୁଯୋଗ। ଆମେ କେତେକ ଶକ୍ତିଶାଳୀ ଟିମ୍ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବାରୁ ଏହା ଆମର ଶକ୍ତି ପରୀକ୍ଷା ଏବଂ ଭିନ୍ନ ରଣନୀତି ପ୍ରସ୍ତୁତି ପାଇଁ କ୍ଷେତ୍ର ପ୍ରସ୍ତୁତ କରିବାରେ ସହାୟକ ହେବ। ଜୁନିୟର୍ ପୁରୁଷ ହକି ବିଶ୍ୱକପ୍ ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ଆୟୋଜିତ ହେବ। ଚତୁଃରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ ବିଶ୍ୱକପ୍ ପାଇଁ ଭାରତୀୟ ଟିମ୍‌ର ପ୍ରସ୍ତୁତି ମଞ୍ଚ ଭାବେ କାମ କରିବ।

# ବ୍ୟାଟିଂରେ ମାର୍କରମ୍‌ଙ୍କ ବଡ଼ ଲମ୍ଫ



**ଦୁବାଇ,୧୮।୬/ଏଜେନ୍ସି:** ପ୍ରଥମ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ୍ (ଡବ୍ଲ୍ୟୁସିଟି) ଟାଇଟଲ୍ ବିଜୟ ପରେ ସାଉଥ୍ ଆଫ୍ରିକୀୟ ଖେଳାଳି ସଦ୍ୟତମ ଆଇସିସି ପୁରୁଷ ଟେଷ୍ଟ ର୍‍ୟାଙ୍କିଙ୍ଗରେ ଜବରଦସ୍ତ ସୁଧାର କରିଛନ୍ତି।

ଡବ୍ଲ୍ୟୁସିଟି ଫାଇନାଲ୍‌ରେ ପ୍ଲେୟାର ଅଫ୍ ଦି ମ୍ୟାଚ୍ ହୋଇଥିବା ଏଡେନ୍ ମାର୍କରମ୍ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ସାତ ସ୍ଥାନ ଉପରକୁ ଉଠି ଏକାଦଶରେ ପହଞ୍ଚିଛନ୍ତି। ଏବେ ସେ ୧୦ମ ସ୍ଥାନରେ ଥିବା ନ୍ୟୁଜିଲ୍ୟାଣ୍ଡର ଡାରିଲ୍ ମିଚେଲଙ୍କଠାରୁ ମାତ୍ର ଦୁଇ ପଏଣ୍ଟ ଦୂରରେ ଅଛନ୍ତି। ଦ୍ୱିତୀୟ ଇନିଂସରେ ତାଙ୍କ ୨୦୭ ବଲ୍‌ରୁ ୧୩୬ ରନ୍ ଅଷ୍ଟ୍ରେଲିଆ ବିପକ୍ଷରେ ସାଉଥ୍ ଆଫ୍ରିକାକୁ ପାଞ୍ଚ ୱିକେଟ୍‌ରେ ବିଜୟୀ କରାଇଥିଲା, ଯାହା ୨୭ ବର୍ଷର ଆଇସିସି ଟ୍ରଫି ମରୁଡ଼ିର ଅନ୍ତ ଘଟାଇଥିଲା।

ସେହିପରି ବୋଲିଂ ଅବଦାନ ତାଙ୍କୁ ଅଲ୍‌ରାଉଣ୍ଡର୍ସ ର୍‍ୟାଙ୍କିଙ୍ଗରେ ଅବିଶ୍ୱସନୀୟ ୪୪ ସ୍ଥାନ ଉପରକୁ ଉଠିବାରେ ସହାୟତ ପ୍ରଦାନ କରିଛି। ମଧ୍ୟକ୍ରମ ବ୍ୟାଟର୍ ଡେଭିଡ୍ ବେଡିଂହାମ୍ ୧୭ଟି ସ୍ଥାନ ଉପରକୁ ଉଠି ୪୦ତମ ସ୍ଥାନରେ ପହଞ୍ଚିଥିବା ବେଳେ ଲୁଙ୍ଗି ଏନ୍‌ଗିଡି ଚମତ୍କାର ସ୍ପେଲ୍ ବଳରେ ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ସାତଟି ସ୍ଥାନର ଲାଭ ସହ ଯୁଗ୍ମ ୩୭ତମ ସ୍ଥାନରେ ପହଞ୍ଚିଛନ୍ତି।

ଫାଇନାଲ୍‌ରେ ନଅଟି ୱିକେଟ୍ ନେଇଥିବା କାଗିସୋ ରବାଡା ବୋଲିଂ ର୍‍ୟାଙ୍କିଙ୍ଗରେ ଦ୍ୱିତୀୟ ସ୍ଥାନ ବଜାୟ ରଖିଥିବା ବେଳେ ଭାରତର ଜସପ୍ରୀତ୍ ବୁମ୍ରା ୯୦୮ ପଏଣ୍ଟ ସହିତ ଶୀର୍ଷରେ କାଏମ୍ ରହିଛନ୍ତି। ପାଞ୍ଚଟି ୱିକେଟ୍ ସହ ଦ୍ୱିତୀୟ ଇନନିଂସ୍‌ରେ ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ଅଲ୍‌ରାଉଣ୍ଡର୍ସ ର୍‍ୟାଙ୍କିଙ୍ଗର ଶୀର୍ଷ ୧୦ରେ ପ୍ରବେଶ କରିଛନ୍ତି। ବ୍ୟୁ ୱେବଷ୍ଟର୍ ମଧ୍ୟ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ୧୩ଟି ସ୍ଥାନ ଉପରକୁ ଉଠିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଖେଳାଳିମାନେ ର୍‍ୟାଙ୍କିଙ୍ଗ୍‌ରେ ନିଜର ସ୍ଥାନ ବଜାୟ ରଖିଛନ୍ତି। ଯଶସ୍ୱୀ ଜୟସ୍ୱାଲ୍ ଏବଂ ଋଷଭ ପନ୍ତ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ଯଥାକ୍ରମେ ଚତୁର୍ଥ ଏବଂ ୮ମ ସ୍ଥାନରେ ରହିଛନ୍ତି। ରବୀନ୍ଦ୍ର ଜାଡେଜା ବୋଲିଂ ର୍‍ୟାଙ୍କିଙ୍ଗରେ ଷ୍ଟାର୍କଙ୍କ ସହିତ ମିଳିତ ଭାବରେ ୧୦ମ ସ୍ଥାନରେ ରହିଥିବା ବେଳେ ଅଲ୍‌ରାଉଣ୍ଡର୍ସ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷସ୍ଥାନ ବଜାୟ ରଖିଛନ୍ତି।

**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍**

## ବିସିସିଆଇକୁ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ

# କୋଚି ଟସ୍କର୍ସଙ୍କୁ ଦେବ ୫୩୮ କୋଟି

**ମୁମ୍ବାଇ,୧୮।୬/ଏଜେନ୍ସି:** ବମ୍ବେ ହାଇକୋର୍ଟରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ)କୁ ବଡ଼ ଝଟ୍‌କା ଲାଗିଛି। ନିଷ୍କ୍ରିୟ ଆଇପିଏଲ୍ ଟିମ୍ କୋଚି ଟସ୍କର୍ସ କେରଳକୁ ବୋର୍ଡ ୫୩୮ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ୨୦୧୫ର ଆର୍ବିଟ୍ରେସନ୍ ଟ୍ରିବ୍ୟୁନାଲ୍‌ଙ୍କ ନିଷ୍ପତ୍ତିକୁ ବଜାୟ ରଖିବା ସହିତ ପୂର୍ବତନ ଆଇପିଏଲ୍ ଫ୍ରାଞ୍ଚାଇଜି ବିପକ୍ଷରେ ବିସିସିଆଇର ଆବେଦନକୁ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଆର୍‌ଆଇ ଛାଗଲାଙ୍କ ବେଞ୍ଚ କହିଛନ୍ତି, ଆର୍ବିଟ୍ରେସନ୍ ଆଣ୍ଡ କନ୍‌ସିଲିଏସନ୍ ଆକ୍ଟର ଅଧିନିୟମ ୩୪ ଅନୁସାରେ କୋର୍ଟଙ୍କ ଭୂମିକା ସୀମିତ ହୋଇଥିବାରୁ କୋର୍ଟ ଏଥିରେ ହସ୍ତକ୍ଷେପ କରିପାରିବେ ନାହିଁ। ବିସିସିଆଇର ଆବେଦନ ଅଧିନିୟମ ୩୪ର ବିରୋଧ କରୁଛି। କୋଚି ଟସ୍କର୍ସ ଆବେଦନକାରୀଙ୍କୁ ପସନ୍ଦ ହୋଇନଥିବାରୁ କୋର୍ଟ ଏହି ନିଷ୍ପତ୍ତିକୁ ପରିବର୍ତ୍ତିତ କରିପାରିବେ ନାହିଁ।' ଫ୍ରାଞ୍ଚାଇଜିକୁ ୫୩୮ କୋଟି ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ବିସିସିଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୧୦ ବର୍ଷ ପର୍ବେ ୨୦୧୫ରେ ଟ୍ରିବ୍ୟୁନାଲ୍‌ର ଜଷ୍ଟିସ୍ ଆର୍‌ସି ଲାହୋଟି କୋଚି ଟସ୍କର୍ସ ଫ୍ରାଞ୍ଚାଇଜି ସପକ୍ଷରେ ନିଷ୍ପତ୍ତି ଶୁଣାଇଥିଲେ। ବିସିସିଆଇ ଏହି ନିଷ୍ପତ୍ତିକୁ ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। କୋଚି ଟସ୍କର୍ସ କେରଳକୁ ଆଇପିଏଲ୍‌ର ଏକ ନୂଆ ଟିମ୍ ଭାବେ ୨୦୧୧ରେ ସାମିଲ କରାଯାଇଥିଲା। ପ୍ରଥମେ ଏହି ଟିମ୍‌ର ମାଲିକାନା ରେଣ୍ଡେଭୁସ୍ ସ୍ପୋର୍ଟ୍ସ ୱାର୍ଲ୍ଡ (ଆର୍‌ଏସ୍‌ଡବ୍ଲ୍ୟୁ) ପାଖରେ ଥିଲା। ପରେ ଏହାକୁ କୋଚି କ୍ରିକେଟ୍ ପ୍ରାଇଭେଟ୍ ଲିମିଟେଡ୍ (କେସିପିଏଲ୍) ସମ୍ଭାଳିଥିଲା। ଟିମ୍ ଆଇପିଏଲ୍‌ର ୨୦୧୧ ସିଜନ୍‌ରେ ଅଂଶଗ୍ରହଣ କରିଥିଲା। କିନ୍ତୁ ଟିମ୍‌ର ମାଲିକମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ କନ୍ଦଳ ଯୋଗୁଁ ୧୦% ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିବାରେ ବିଫଳତା ଅଭିଯୋଗରେ ବିସିସିଆଇ ୨୦୧୧ ସେପ୍ଟେମ୍ବର ୧୯ ତାରିଖରେ ଚୁକ୍ତି ରଦ୍ଦ କରିଦେଇଥିଲା।

ବୋର୍ଡର ଏହି ନିଷ୍ପତ୍ତି ବିରୋଧରେ କେସିପିଏଲ୍ ଓ ଆର୍‌ଏସ୍‌ଡବ୍ଲ୍ୟୁ ଆର୍ବିଟ୍ରେସନ୍ (ମଧ୍ୟସ୍ଥତା) ପ୍ରକ୍ରିୟା ଆରମ୍ଭ କରିଥିଲେ। ଟ୍ରିବ୍ୟୁନାଲ୍ ୨୦୧୫ରେ ନିଷ୍ପତ୍ତି ଶୁଣାଇଥିଲେ ଯେ ବୋର୍ଡ ଚୁକ୍ତି ଉଲ୍ଲଂଘନ କରିବା ସହିତ ତ୍ରୁଟିପୂର୍ଣ୍ଣ ଉପାୟରେ ଗ୍ୟାରେଣ୍ଟି ଅର୍ଥ ଆଦାୟ କରିଛି। ଟ୍ରିବ୍ୟୁନାଲ୍ କହିଥିଲେ ଯେ ବିସିସିଆଇରୁ ଭୁଲ କାରଣରୁ କେସିପିଏଲ୍‌କୁ ୩୮୪ କୋଟି ଏବଂ ଆର୍‌ଏସ୍‌ଡବ୍ଲ୍ୟୁକୁ ୧୫୩ କୋଟି ଟଙ୍କା କ୍ଷତି ହୋଇଛି। ଅର୍ଥାତ୍ ସୁଧ ଏବଂ ଆଇଗତ ଖର୍ଚ୍ଚ ସମେତ ମୋଟ ୫୩୮ କୋଟି ଟଙ୍କା ଫ୍ରାଞ୍ଚାଇଜିକୁ ଫେରାଇବା ପାଇଁ ଟ୍ରିବ୍ୟୁନାଲ୍ ବିସିସିଆଇକୁ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ବିସିସିଆଇ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

## ଭାରତ - ଇଂଲଣ୍ଡ ଟେଷ୍ଟ ସିରିଜ୍: ପନ୍ତଙ୍କ ସୂଚନା

# ନଂ.୪ରେ ବ୍ୟାଟିଂ କରିବେ ଗିଲ୍

**ଲିଡ୍ସ,୧୮।୬/ଏଜେନ୍ସି:** ଭାରତୀୟ ଟିମ୍ ଇଂଲଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ୍‌ର ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଜୁନ୍ ୨୦ରୁ ଲିଡ୍ସରେ ଖେଳିବ। ଏହି ମ୍ୟାଚ୍ ପାଇଁ ଆୟୋଜକ ଟିମ୍ ନିଜ ଚୂଡ଼ାନ୍ତ ଏକାଦଶ ଘୋଷଣା କରିସାରିଥିବା ବେଳେ ଏବେ ଭାରତୀୟ ଚୂଡ଼ାନ୍ତ ଏକାଦଶ ଉପରେ ସମସ୍ତଙ୍କ ନଜର ରହିଛି। ଲିଡ୍ସ ଟେଷ୍ଟର ଦୁଇଦିନ ପୂର୍ବରୁ ବୁଧବାର ଅନୁଷ୍ଠିତ ପ୍ରେସ୍ କନ୍‌ଫରେନ୍ସରେ ଭାଇସ୍ କ୍ୟାପ୍ଟେନ୍ ଋଷଭ ପନ୍ତ କ୍ୟାପ୍ଟେନ୍ ଶୁଭମନ ଗିଲ୍‌ଙ୍କ ବ୍ୟାଟିଂ କ୍ରମକୁ ନେଇ ଏକ ବଡ଼ ଖୁଲାସା କରିଛନ୍ତି। ଗିଲ୍ ନଂ.୪ରେ ବ୍ୟାଟିଂ କରିବେ ବୋଲି ପନ୍ତ କହିଛନ୍ତି।



ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଟେଷ୍ଟ କ୍ରିକେଟ୍‌ରୁ ଅବସର ପରେ ଟିମ୍ ଇଣ୍ଡିଆର ଏହା ପ୍ରଥମ ସିରିଜ୍ ହୋଇଥିବା ବେଳେ ବ୍ୟାଟିଂ କ୍ରମ ଉପରେ ସମସ୍ତଙ୍କ ନଜର ରହିଛି। ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ସହ କେଏଲ୍ ରାହୁଲ ଓପନିଂ ଦାୟିତ୍ୱ ସମ୍ଭାଳିବାକୁ ଥିବାବେଳେ ନଂ.୪ ସ୍ଥାନରେ ଗିଲ୍ ଏବଂ ନଂ.୫ରେ ସ୍ୱୟଂ ଖେଳିବେ ବୋଲି ପନ୍ତ କହିଛନ୍ତି। ତେବେ ନଂ.୩ ସ୍ଥାନକୁ ନେଇ କରାଯାଇଥିବା ପ୍ରଶ୍ନର ଉତ୍ତରରେ ପନ୍ତ କହିଛନ୍ତି, ଏହି ସ୍ଥାନରେ କିଏ ବ୍ୟାଟିଂ କରିବେ ତାକୁ ନେଇ ଆଲୋଚନା ଚାଲିଛି ଏବଂ ବର୍ତ୍ତମାନ ସୁଦ୍ଧା ସ୍ଥିର ହୋଇନାହିଁ।

ଉଲ୍ଲେଖଯୋଗ୍ୟ, ଗିଲ୍ ବର୍ତ୍ତମାନ ପର୍ଯ୍ୟନ୍ତ ଟେଷ୍ଟ କ୍ୟାରିୟରରେ କେବେ ବି ନଂ.୪ ସ୍ଥାନରେ ବ୍ୟାଟିଂ କରିନାହାନ୍ତି। ଏପରି ସ୍ଥିତିରେ ଏହା ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ। ତେବେ ଲିଡ୍ସରେ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ କରୁଣ ନାୟର କିମ୍ବା ସାଇ ସୁଦର୍ଶନଙ୍କୁ ନଂ.୩ ସ୍ଥାନରେ ଖେଳିବା ସୁଯୋଗ ମିଳିପାରେ। କରୁଣ ନାୟର ଇଣ୍ଡିଆ-ଏ ଏବଂ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଖେଳାଯାଇଥିବା ଦୁଇଟି ଅନୌପଚାରିକ ଟେଷ୍ଟ ମ୍ୟାଚ୍‌ରେ ମଧ୍ୟ ନଂ.୩ ସ୍ଥାନରେ ବ୍ୟାଟିଂ କରିଥିଲେ। ଏହି ସ୍ଥାନରେ ସେ ଉନ୍ନତ ପ୍ରଦର୍ଶନ କରିବାରେ ସଫଳ ହେବା ସହିତ ଗୋଟିଏ ଦ୍ୱିଶତକ ମଧ୍ୟ ହାସଲ କରିଥିଲେ।

### ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ ଘୋଷିତ

**ଲିଡ୍ସ,୧୮।୬/ଏଜେନ୍ସି:** ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ ପାଇଁ ଇସିବି ଚୂଡ଼ାନ୍ତ ଏକାଦଶ ଜାରି କରିଛି। ବୁଧବାର ଜାରି ଲିଷ୍ଟରେ ଅଲ୍‌ରାଉଣ୍ଡର୍ କ୍ରିସ୍ ୱୋକ୍ସଙ୍କ ପ୍ରତ୍ୟାବର୍ତ୍ତନ ଘଟିଛି। ୱୋକ୍ସ ଗତବର୍ଷ ଡିସେମ୍ବର ପରେ କୌଣସି ଟେଷ୍ଟ ଖେଳିନାହାନ୍ତି। ସେହିପରି ବ୍ରାୟଡନ୍ କାର୍ସ ଘରୋଇ ଦର୍ଶକଙ୍କ ସାମ୍ନାରେ ପ୍ରଥମ ଥର ଟେଷ୍ଟ ମ୍ୟାଚ୍ ଖେଳିବେ। ସେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ଗସ୍ତରେ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚ୍ ପାଇଁ ଭାରତୀୟ ଚୂଡ଼ାନ୍ତ ଏକାଦଶ ଘୋଷିତ ହୋଇନଥିବା ବେଳେ ହର୍ଷିତ ରାଣାଙ୍କୁ ଭାରତୀୟ ଟେଷ୍ଟ ଟିମ୍‌ରେ ସାମିଲ କରାଯାଇଛି। ଟିମ୍ ମ୍ୟାନେଜମେଣ୍ଟ ହିସାବରେ ରାଣାଙ୍କ ଗତି ଓ ବାଉନ୍ସିଂ ବୋଲିଂ ଇଂଲିଶ୍ ପିଚ୍‌ରେ ସଫଳ ହୋଇପାରେ। ଏହି ମ୍ୟାଚ୍ ଲିଡ୍ସର ହେଡିଙ୍ଗ୍ଲେରେ ଜୁନ୍ ୨୦ରୁ ଖେଳାଯିବ। ଏହି ମ୍ୟାଚ୍ ସହିତ ଭାରତ ଓ ଇଂଲଣ୍ଡ ଟିମ୍ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ୨୦୨୫-୨୭ ସାଇକ୍ଲରେ ନିଜ ନିଜର ଅଭିଯାନ ଆରମ୍ଭ କରିବେ। ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ: ବେନ୍ ଷ୍ଟୋକ୍ସ (କ୍ୟାପ୍ଟେନ୍), ଜ୍ୟାକ୍ କ୍ରାଲି, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ଜେମି ସ୍ମିଥ (ୱିକେଟ୍‌କିପର), କ୍ରିସ୍ ୱୋକ୍ସ, ବ୍ରାୟଡନ୍ କାର୍ସ, ଜୋଶ୍ ଟଙ୍ଗ୍ ଓ ଶୋଏବ୍ ବଶୀର।


# ଚିକିତ୍ସା ପାଇଁ ଇଂଲଣ୍ଡ ଗଲେ ସୂର୍ଯ୍ୟକୁମାର

**ନୂଆଦିଲ୍ଲୀ,୧୮।୬/ଏଜେନ୍ସି:** ଭାରତୀୟ ଟି-୨୦ ଟିମ୍‌ର କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବ ସ୍ପୋର୍ଟ୍ସ ହାର୍ନିଆ ଚିକିତ୍ସା ପାଇଁ ଇଂଲଣ୍ଡ ଯାଇଛନ୍ତି। ସେଠାରେ ସେ ଆଘାତ ସମ୍ପର୍କରେ ବିଶେଷଜ୍ଞ ଡାକ୍ତରଙ୍କ ସହିତ ପରାମର୍ଶ କରିବେ। ଯଦି ଆବଶ୍ୟକ ହୁଏ, ତେବେ ସେଠାରେ ତାଙ୍କର ସର୍ଜରୀ ମଧ୍ୟ ହୋଇପାରେ। ସୂର୍ଯ୍ୟକୁମାରଙ୍କ ଏକ ନିକଟତମ ସୂତ୍ରରୁ ଜଣାପଡ଼ିଛି ୩୪ ବର୍ଷୀୟ କ୍ରିକେଟର ପେଟର ଡାହାଣପଟ ତଳ ଅଂଶରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ସୂର୍ଯ୍ୟ ଗତ ତିନିମାସ ହେବ ଯାତ୍ରା କରୁଥିବା ବେଳେ ସେ ଯନ୍ତ୍ରଣା ମଧ୍ୟରେ କେତେକ ମ୍ୟାଚ୍ ମଧ୍ୟ ଖେଳିଛନ୍ତି। ଅଗଷ୍ଟ-ସେପ୍ଟେମ୍ବର ପୂର୍ବରୁ କୌଣସି ଟି-୨୦ ମ୍ୟାଚ୍ ନଥିବାରୁ ସୂର୍ଯ୍ୟଙ୍କ ସ୍ପୋର୍ଟ୍ସ ହାର୍ନିଆର ଚିକିତ୍ସା ପାଇଁ ଏହା ପ୍ରକୃଷ୍ଟ ସମୟ। ବେଙ୍ଗାଲୁରୁର ସେଣ୍ଟର୍ ଅଫ୍ ଏକ୍ସେଲେନ୍ସିରେ ଏଥିରୁ ସୁସ୍ଥ ହେବାକୁ ସୂର୍ଯ୍ୟଙ୍କୁ ପର୍ଯ୍ୟାପ୍ତ ସମୟ ମଧ୍ୟ ମିଳିବ। ଭାରତୀୟ ଟିମ୍‌ର ଅଗଷ୍ଟ ମାସରେ ବାଂଲାଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଟିମ୍ ସେଠାରେ ଅଗଷ୍ଟ ୧୭ରୁ ତିନି ଦିନିକିଆ ଏବଂ ତିନି ଟି-୨୦ ମ୍ୟାଚ୍‌ର ସିରିଜ୍ ଖେଳିବ। ଟି-୨୦ ସିରିଜ୍ ଅଗଷ୍ଟ ୨୬ରୁ ଆରମ୍ଭ ହେବ।



## ବିଶ୍ୱ ପାରା-ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍

# କଙ୍ଗନା ରଣାୱତ୍ ବ୍ରାଣ୍ଡ ଆମ୍ବାସଡର୍



**ନୂଆଦିଲ୍ଲୀ,୧୮।୬/ଏଜେନ୍ସି:** ପ୍ରସିଦ୍ଧ ବଲିଉଡ୍ ଅଭିନେତ୍ରୀ ଏବଂ ସାଂସଦ କଙ୍ଗନା ରଣାୱତ୍‌ଙ୍କୁ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍ସିପ୍‌ର ବ୍ରାଣ୍ଡ ଆମ୍ବାସଡର୍ ନିଯୁକ୍ତ କରାଯାଇଛି। ଏହି ଦାୟିତ୍ୱ ମିଳିବା ପରେ କଙ୍ଗନା ଖୁସିବ୍ୟକ୍ତି କରିଛନ୍ତି। ଫେଶନ୍ ଏବଂ କ୍ୱିନ୍ ପରି ଫିଲ୍ମରେ ନିଜ ଅଭିନୟ ପାଇଁ ପ୍ରଶଂସା ସାଉଁଟିଥିବା ୩୯ ବର୍ଷୀୟା କଙ୍ଗନା ଭାରତୀୟ ପାରାଲିମ୍ପିକ୍ କମିଟି (ପିସିଆଇ) ଦ୍ୱାରା ଜାରି ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି - ଭାରତର ପାରା ଆଥ୍‌ଲେଟ୍‌ଙ୍କ ସମର୍ଥନ କରିବା ଏବଂ ସେମାନଙ୍କ ଅବିଶ୍ୱସନୀୟ ଉପଲବ୍ଧି ସମ୍ପର୍କରେ ସଚେତନତା ସୃଷ୍ଟିରେ ସହାୟତା କରିବାକୁ ନେଇ ନିଜକୁ ବହୁ ସମ୍ମାନିତ ଅନୁଭବ କରୁଛି। ଆମ ଚାମ୍ପିଅନ୍ ଖେଳାଳିଙ୍କ ପଛରେ ଛିଡ଼ା ହେବାକୁ ନେଇ ମୁଁ ଗର୍ବିତ। ଏହି ଅବସରରେ ପିସିଆଇ ଅଧ୍ୟକ୍ଷ ଦେବେନ୍ଦ୍ର ଝାଝାରିୟା କଙ୍ଗନାଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଭାରତୀୟ ଖେଳାଳିଙ୍କ ପ୍ରତି ତାଙ୍କ ଆବେଗ, ପ୍ରଭାବ ଏବଂ ପ୍ରତିବଦ୍ଧତା ତାଙ୍କୁ ନୂଆଦିଲ୍ଲୀ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍ (୨୦୨୫) ପାଇଁ ଜଣେ ଆଦର୍ଶ ଦୂତ ଭାବେ ପ୍ରତିପାଦିତ କରିଛି। ଏହି ପ୍ରମୁଖ ପ୍ରତିଯୋଗିତା ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଦେଶର ପାରା ଆଥ୍‌ଲେଟ୍ ଯୋଗଦେବ।




## ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍

# ଆର୍ଜେଣ୍ଟିନାଠାରୁ ୪-୧ରେ ହାରିଲା ଭାରତ

**ନୂଆଦିଲ୍ଲୀ,୧୮।୬/ଏଜେନ୍ସି:** ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍‌ରେ ଭାରତୀୟ ଟିମ୍‌ର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି ଏବଂ ମଙ୍ଗଳବାର ବିଶ୍ୱ ନଂ.୨ ଆର୍ଜେଣ୍ଟିନାଠାରୁ ଟିମ୍ ୧-୪ରେ ଶୋଚନୀୟ ଭାବେ ପରାଜିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ଭାରତୀୟ ମହିଳା ଟିମ୍‌ର ଏହା ଲଗାତାର ତୃତୀୟ ପରାଜୟ। ଲଣ୍ଡନରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ଏକମାତ୍ର ଗୋଲ୍‌ଟି ଦୀପିକା ୩୦ତମ ମିନିଟ୍‌ରେ କରିଥିଲେ। ଭିକ୍ଟୋରିଆ ଫଲାସ୍କୋ (୨୬ତମ ମିନିଟ୍) ମ୍ୟାଚ୍‌ର ପ୍ରଥମ ଗୋଲ୍ କରିଥିବା ବେଳେ ଅଗଷ୍ଟିନା ଗାରଜେଲାନୀ ହ୍ୟାଟ୍ରିକ୍ (୪୦, ୫୪ ଓ ୫୯ତମ ମିନିଟ୍) ଗୋଲ୍ କରି ମ୍ୟାଚ୍ ଭାରତ ହାତରୁ ଛଡ଼ାଇ ନେଇଛନ୍ତି।

ମ୍ୟାଚ୍ ପ୍ରାରମ୍ଭରୁ ଭାରତ ଉନ୍ନତ ତାଳମେଳ ସହ ଆର୍ଜେଣ୍ଟିନା ଡିଫେନ୍ସକୁ ଚାପରେ ରଖିଥିଲା। କିନ୍ତୁ ଦ୍ୱିତୀୟ କ୍ୱାର୍ଟର୍‌ରେ ଏହା ଦୁର୍ବଳ ହୋଇଯାଇଥିଲା। ପ୍ରଥମ କ୍ୱାର୍ଟର୍‌ରେ ସଲିମା ଟେଟେ ସୁନ୍ଦର ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଭାରତୀୟ ଖେଳାଳି ଏହାର ସଦୁପଯୋଗ କରିପାରି ନଥିଲେ। ଏହା ଅବସ୍ଥା ଦ୍ୱିତୀୟ କ୍ୱାର୍ଟର୍‌ରେ ମଧ୍ୟ ଜାରି ରହିଥିଲା। ମ୍ୟାଚ୍‌ର ୧୮ତମ ମିନିଟ୍‌ରେ ନବନୀତ କୌର୍ ବଲ୍ ଉପରେ ଚମତ୍କାର ନିୟନ୍ତ୍ରଣ ହାସଲ କରି ଆର୍ଜେଣ୍ଟିନା ହାଫ୍‌ରେ ଲାଲରେମସିୟାମୀଙ୍କୁ ପାସ୍ ଦେଇଥିଲେ। ଲାଲରେମସିୟାମୀ ବଲ୍ ବାଜିତ କୌର୍‌ଙ୍କ ଆଡ଼କୁ ପଠାଇଥିଲେ ମଧ୍ୟ ସେ ବଲ୍ ଉପରେ ନିୟନ୍ତ୍ରଣ ହାସଲ କରିନପାରିବାରୁ ଭାରତ ଆଉ ଏକ ସୁଯୋଗ ହାତଛଡ଼ା କରିଥିଲା। ଏହାପରେ ଫଲାସ୍କୋ ବାମପଟୁ ଚମତ୍କାର ଗୋଲ୍ କରି ଟିମ୍‌ର ଖାତା ଖୋଲିଥିଲେ। ଏହାପରେ ଭାରତ ପ୍ରତିଆକ୍ରମଣ କରିଥିଲା ଏବଂ ଦ୍ୱିତୀୟ କ୍ୱାର୍ଟର୍ ଶେଷ ପୂର୍ବରୁ ଦୀପିକା ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିବର୍ତ୍ତନ କରି ସ୍ଥିତି ସମାନ କରିଥିଲେ। ତୃତୀୟ କ୍ୱାର୍ଟର୍‌ରେ ଭାରତ ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ଗୋଲ୍ ସୁଯୋଗ ହାତଛଡ଼ା କରିଥିଲା। ମ୍ୟାଚ୍‌ର ୪୦ତମ ମିନିଟ୍‌ରେ ଆର୍ଜେଣ୍ଟିନାକୁ ମିଳିଥିବା ପେନାଲ୍ଟି କର୍ଣ୍ଣର୍‌କୁ ଅଗଷ୍ଟିନା ଗୋଲ୍‌ରେ ପରିବର୍ତ୍ତନ କରିଥିଲେ। ଚତୁର୍ଥ କ୍ୱାର୍ଟର୍‌ରେ ଆର୍ଜେଣ୍ଟିନା ସମ୍ପୂର୍ଣ୍ଣ ଭାବେ ଆଧିପତ୍ୟ ଜାହିର କରି ୪୮ତମ ମିନିଟ୍‌ରେ ଲଗାତାର ଦୁଇଟି ପେନାଲ୍ଟି କର୍ଣ୍ଣର୍ ହାସଲ କରିଥିଲା। ମାତ୍ର ଭାରତୀୟ ଡିଫେନ୍ସ ଲାଇନ୍ ଏହି ଉଦ୍ୟମକୁ ବିଫଳ କରିଦେଇଥିଲା। ଏହାପରେ ଅନ୍ତିମ ୬ ମିନିଟ୍ ମଧ୍ୟରେ ଦୁଇଟି ଗୋଲ୍ କରି ଭାରତର ପ୍ରତ୍ୟାବର୍ତ୍ତନର ସମସ୍ତ ରାସ୍ତା ବନ୍ଦ କରିଦେଇଥିଲେ। ଆର୍ଜେଣ୍ଟିନା ବିପକ୍ଷରେ ଭାରତ ନିଜର ଦ୍ୱିତୀୟ ମ୍ୟାଚ୍ ବୁଧବାର ଖେଳିବ।



Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra